୬୮ତମ ବର୍ଷ ୨୧ ଫେବ୍ରୁଆରୀ, ୨୦୨୫ ପ୍ରଥମ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ
ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି
ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

# ସୂଚୀପତ୍ର

[ନବଜ୍ୟୋତି • ଫେବ୍ରୁଆରୀ, ୨୦୨୫]


**ଯୋଗ-ଦର୍ଶନ**

| | | | |
|---|---|---|---|
| ଶ୍ରୀଅରବିନ୍ଦଙ୍କ ବାଣୀ | ... | ... | ୫ |
| ମାତୃବାଣୀ | ... | ... | ୬ |
| ଆମ ଯୋଗର ବୈଶିଷ୍ଟ୍ୟ | ... | ଶ୍ରୀଅରବିନ୍ଦ | ୯ |
| ପୃଥିବୀର ପରିବର୍ତ୍ତନରେ ଆମର କର୍ତ୍ତବ୍ୟ | ... | ଶ୍ରୀମା | ୧୦ |
| ଶ୍ରୀମା'ଙ୍କ ସମ୍ବନ୍ଧରେ ଶ୍ରୀଅରବିନ୍ଦ | ... | ... | ୧୧ |
| ଧମ୍ମପଦ (୯) (ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ) | ... | ... | ୧୨ |
| ଅହଂର ସ୍ୱରୂପ | ... | ଶ୍ରୀମା | ୧୭ |
| ଅହମିକା ଓ ଅହଂ | ... | ଶ୍ରୀମା | ୧୯ |
| ଶ୍ରୀମା'ଙ୍କ ପାଇଁ କର୍ମ ମାଧ୍ୟମରେ ସାଧନା | ... | ଶ୍ରୀଅରବିନ୍ଦ | ୨୨ |
| ଏକ ସ୍ୱପ୍ନ | ... | ଶ୍ରୀମା | ୨୪ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | |
|---|---|---|---|
| ବନ୍ଦେ ମାତରମ୍ | ... | ଶ୍ରୀଅରବିନ୍ଦ | ୨୫ |
| ଦୁର୍ଗମଃ ପଥସ୍ତତ୍ | ... | ଶ୍ରୀ ନଳିନୀକାନ୍ତ ଗୁପ୍ତ | ୨୮ |
| ବେଦରହସ୍ୟ - (ତୃତୀୟ ଭାଗ), ଅଗ୍ନିସୂକ୍ତମାଳା ଦ୍ୱିତୀୟ ସୂକ୍ତ ଅଗ୍ନିଙ୍କ ପ୍ରତି | ... | ଶ୍ରୀଅରବିନ୍ଦ | ୩୧ |
| ବିଚିତ୍ର ମାନବ ଚରିତ୍ର : ଦୁର୍ଯୋଗ ଏବଂ ସୁଯୋଗ (ଶ୍ରୀ ମନୋଜ ଦାସଙ୍କ ସହ ପ୍ରଶ୍ନୋତ୍ତର) | ... | ... | ୩୪ |
| କିଏ ତୁମେ ଅବତରି ଆସିଛ (କବିତା) | ... | ଶ୍ରୀଅରବିନ୍ଦ | ୪୦ |
| ସମାଧାନର ପଥ | ... | ଶ୍ରୀ ପ୍ରପତ୍ତି | ୪୧ |
| ବେଦ ଓ ମାନବ ନିୟତି | ... | ସତ୍‌ପ୍ରେମ | ୪୫ |

**ସାଧନା-ପରମ୍ପରା**

| | | | |
|---|---|---|---|
| ନିତ୍ୟ ବୃନ୍ଦାବନ (୨) | ... | ... | ୪୯ |

**ଅନ୍ତରାଳ ଜଗତ୍**

| | | | |
|---|---|---|---|
| ଶରୀରର ବାହାରକୁ ଚାଲିଯିବା | ... | ଶ୍ରୀମା | ୫୪ |

**ଶେଷ ପୃଷ୍ଠା :**

| | | | |
|---|---|---|---|
| ଦିବ୍ୟ ଉପସ୍ଥିତି | ... | ଶ୍ରୀ ବିଶ୍ୱମ୍ଭର ସାମନ୍ତ | ୫୬ |
| ଶ୍ରୀଅରବିନ୍ଦଙ୍କ ଜୀବନୀ ଆଧାରିତ କେତେକ ଫଟୋଚିତ୍ର | ... | ... | ୬୧ |


❖

# ଶ୍ରୀଅରବିନ୍ଦଙ୍କ ବାଣୀ

The ascent of the human soul to the supreme Spirit is that soul's highest aim and necessity, for that is the supreme reality; but there can be too the descent of the Spirit and its powers into the world and that would justify the existence of the material world also, give a meaning, a divine purpose to the creation and solve its riddle. East and West could be reconciled in the pursuit of the highest and largest ideal, Spirit embrace Matter and Matter find its own true reality and the hidden Reality in all things in the Spirit.

(CWSA, Vol. 36, p. 553) – Sri Aurobindo

ପରମ ଚୈତନ୍ୟକୁ ମାନବାତ୍ମାର ଆରୋହଣହିଁ ସେ ଆତ୍ମାର ସର୍ବୋଚ୍ଚ ଲକ୍ଷ୍ୟ ଏବଂ ପ୍ରୟୋଜନୀୟତା, ଯେହେତୁ ତାହାହିଁ ପରମ ବାସ୍ତବତା; କିନ୍ତୁ ସେ ମହାଚୈତନ୍ୟ ଏବଂ ତଦୀୟ ଶକ୍ତିରାଜିର ମଧ୍ୟ ଏ ପୃଥିବୀ ଭିତରକୁ ଅବତରଣ ଘଟିପାରେ ଏବଂ ତାହା ଏ ସ୍ଥୂଳ ପୃଥିବୀର ସ୍ଥିତିର ଯୌକ୍ତିକତା ବି ପ୍ରତିପାଦିତ କରିବ, ସୃଷ୍ଟିକୁ ଅର୍ଥପୂର୍ଣ୍ଣ କରିବ ଏବଂ ତାହାର ପ୍ରହେଳିକାର ସମାଧାନ କରିବ । ମହତ୍ତମ ଏବଂ ବୃହତ୍ତମ ଆଦର୍ଶର ସନ୍ଧାନରେ ପ୍ରାଚ୍ୟ ଏବଂ ପାଶ୍ଚାତ୍ୟ ମିଳିତ ହୋଇ ପାରିବେ, ଚୈତନ୍ୟ ଜଡ଼କୁ କରିବ ଆଶ୍ଲେଷ ଏବଂ ଜଡ଼ ଚୈତନ୍ୟ ଦ୍ୱାରାହିଁ ସବୁବସ୍ତୁରେ ନିହିତ ତା'ର ପ୍ରକୃତ ସତ୍ୟ ଏବଂ ସଂଗୁପ୍ତ ସତ୍ୟର ସନ୍ଧାନ ପାଇପାରିବ ।

— ଶ୍ରୀଅରବିନ୍ଦ



# ମାତୃବାଣୀ

I am **the Shakti of Sri Aurobindo alone**, and the Mother of all my children.

My Children are all **equally** part of my consciousness and of my being. When transformed and realised, all will have an equal right to manifest each one an aspect of myself and Sri Aurobindo.

It is the unity of all in the solidarity of a common manifestation that will allow the creation of the new and divine world upon the Earth. Each will bring his part, but no part will be complete except as a power in the solidarity of the whole.

(New Year Prayers and Messages, 1933 - 2000, p. 123) – The Mother

ମୁଁ **କେବଳ ଶ୍ରୀଅରବିନ୍ଦଙ୍କ ଶକ୍ତି** ଓ ମୋର ସମସ୍ତ ସନ୍ତାନମାନଙ୍କର ମାଆ ।

ମୋର ସନ୍ତାନମାନେ ସମସ୍ତେ **ସମାନ ଭାବରେ** ମୋର ଚେତନା ଓ ମୋର ସତ୍ତାର ଅଂଶ । ଯେତେବେଳେ ସେମାନେ ରୂପାନ୍ତରିତ ଓ ସିଦ୍ଧିପ୍ରାପ୍ତ ହୋଇଯିବେ, ସେତେବେଳେ ମୋର ତଥା ଶ୍ରୀଅରବିନ୍ଦଙ୍କର ଗୋଟିଏ ଗୋଟିଏ ଦିଗକୁ ଅଭିବ୍ୟକ୍ତ କରିବା ଲାଗି ସମସ୍ତଙ୍କର ସମାନ ଅଧିକାର ରହିବ ।

ଏକ ସାଧାରଣ ଅଭିବ୍ୟକ୍ତିର ସଂହତି ମଧ୍ୟରେ ସମସ୍ତଙ୍କର ଐକ୍ୟ ପୃଥିବୀପୃଷ୍ଠରେ ସେହି ନୂତନ ତଥା ଦିବ୍ୟ ଜଗତର ସୃଷ୍ଟିକୁ ସୁଯୋଗ ଦେବ । ପ୍ରତ୍ୟେକେ ନିଜ ନିଜର ଅଂଶଟିକୁ ଅଭିବ୍ୟକ୍ତ କରିବେ କିନ୍ତୁ ସମଗ୍ରର ସଂହତି ମଧ୍ୟରେ ଏକ ଶକ୍ତି ହେବା ବ୍ୟତୀତ ସ୍ୱତନ୍ତ୍ରଭାବେ କୌଣସି ଅଂଶ ପୂର୍ଣ୍ଣାଙ୍ଗ ହୋଇପାରିବ ନାହିଁ ।

— ଶ୍ରୀମା



# ଆମ ଯୋଗର ବୈଶିଷ୍ଟ୍ୟ

## ଶ୍ରୀଅରବିନ୍ଦ

ଏଠାରେ ଯେଉଁ ଯୋଗମାର୍ଗ ଅନୁସରଣ କରାଯାଉଛି, ଅନ୍ୟାନ୍ୟ ମାର୍ଗଠାରୁ ତାହାର ଏକ ଭିନ୍ନ ଲକ୍ଷ୍ୟ ରହିଛି – କାରଣ ଏହାର ଲକ୍ଷ୍ୟ କେବଳ ସାଧାରଣ ଅଜ୍ଞ ପାର୍ଥିବ ଚେତନା ଭିତରୁ ଦିବ୍ୟ ଚେତନା ଭିତରକୁ ଉଠିଯିବା ନୁହେଁ, ଏହାର ଲକ୍ଷ୍ୟ ହେଉଛି ସେହି ଦିବ୍ୟ ଚେତନାର ଅତିମାନସ ଶକ୍ତିକୁ ମନ, ପ୍ରାଣ ଓ ଶରୀର ଚେତନାର ଅଜ୍ଞାନ ଭିତରକୁ ଅବତରଣ କରାଇ ଆଣିବା ଓ ସେଗୁଡ଼ିକୁ ରୂପାନ୍ତରିତ କରିବା ଏବଂ ଏହିଠାରେହିଁ ଭଗବାନଙ୍କୁ ଅଭିବ୍ୟକ୍ତ କରିବା ଓ ଜଡ଼ ଭିତରେହିଁ ଦିବ୍ୟଜୀବନକୁ ରୂପାୟିତ କରିବା । ଏହା ଏକ ଅତ୍ୟନ୍ତ ଦୁରୂହ ଲକ୍ଷ୍ୟ ଓ ଦୁରୂହ ଯୋଗ; ଅନେକଙ୍କୁ ବା ଅଧିକାଂଶଙ୍କୁ ଏହା ଅସମ୍ଭବ ବୋଲି ମନେ ହେବ । ସାଧାରଣ ଅଜ୍ଞାନମୟ ପାର୍ଥିବ ଚେତନାର ସମସ୍ତ ପ୍ରତିଷ୍ଠିତ ଶକ୍ତି ଏହାର ବିରୋଧ କରନ୍ତି, ଏହାକୁ ଅସ୍ୱୀକାର କରନ୍ତି ଏବଂ ବାଧାବିଘ୍ନ ସୃଷ୍ଟି କରି ଏହାକୁ ପ୍ରତିହତ କରିବାକୁ ଚେଷ୍ଟା କରନ୍ତି; ଏବଂ ସାଧକ ସ୍ୱୟଂ ଦେଖି ପାରିବ ଯେ ତାହାର ନିଜର ମନ, ପ୍ରାଣ ଓ ଦେହ ଏପରିସବୁ ଜିଦ୍‌ଖୋର ବାଧା ପ୍ରତିବନ୍ଧକରେ ଭରା ଯାହା ଏହି ଲକ୍ଷ୍ୟର ଦିଗରେ ନାନା ବିଡ଼ମ୍ବନା ସୃଷ୍ଟି କରିଥାଏ । ତୁମେ ଯଦି ପୂର୍ଣ୍ଣ ପ୍ରାଣରେ ଏହି ଯୋଗର ଲକ୍ଷ୍ୟ ଓ ଆଦର୍ଶକୁ ଗ୍ରହଣ କରିପାର, ସମସ୍ତ ବାଧାବିଘ୍ନର ସମ୍ମୁଖୀନ ହୋଇପାର, ଅତୀତ ଓ ତାହାର ସମସ୍ତ ବନ୍ଧନକୁ ପଛରେ ଛାଡ଼ି ଆସିପାର ଏବଂ ଏହି ଦିବ୍ୟ ସମ୍ଭାବନାର ସିଦ୍ଧି ନିମନ୍ତେ ସବୁକିଛିକୁ ତ୍ୟାଗ କରିବା ପାଇଁ, ସବୁକିଛିକୁ ପଣ ଲଗାଇବା ପାଇଁ ପ୍ରସ୍ତୁତ ହୋଇପାର, ତା'ହେଲେ କେବଳ ନିଜ ଅନୁଭୂତି ଭିତର ଦେଇ ଏହା ପଛରେ ରହିଥିବା ଦିବ୍ୟ ସତ୍ୟକୁ ଆବିଷ୍କାର କରିବା ପାଇଁ ତୁମେ ଆଶା କରିପାର ।

ଏହି ଯୋଗର ସାଧନା କୌଣସି ଧରାବନ୍ଧା ମାନସିକ ଶିକ୍ଷା ବା ଧ୍ୟାନର କୌଣସି ବିଧିବଦ୍ଧ ପ୍ରଣାଳୀ, ମନ୍ତ୍ର ବା ଅନ୍ୟକିଛି ପଦ୍ଧତିକୁ ଅନୁସରଣ କରି ଆଗେଇ ଚାଲେ ନାହିଁ; ଏହା ଅଗ୍ରଗତି କରିଥାଏ ଅଭୀପ୍ସା ଦ୍ୱାରା, ଅନ୍ତର୍ମୁଖୀ ବା ଊର୍ଦ୍ଧ୍ୱାଭିମୁଖୀ ଏକାଗ୍ରତା ଓ ଆତ୍ମକେନ୍ଦ୍ରୀକରଣ ଦ୍ୱାରା, ଆମର ଊର୍ଦ୍ଧ୍ୱରେ ରହିଥିବା ଏକ ଦିବ୍ୟ ପ୍ରଭାବ ଓ ଦିବ୍ୟ ଶକ୍ତି ଓ ତା'ର କ୍ରିୟା ପ୍ରତି ଏବଂ ଆମ ହୃଦୟରେ ରହିଥିବା ଦିବ୍ୟ ଉପସ୍ଥିତି ପ୍ରତି ଏକ ଆତ୍ମ-ଉନ୍ମୀଳନ ଦ୍ୱାରା ଏବଂ ଏସବୁର ଯାହା ବିରୋଧୀ ଓ ପ୍ରତିକୂଳ ସେସମସ୍ତକୁ ପ୍ରତ୍ୟାଖ୍ୟାନ କରିବା ଦ୍ୱାରା । କେବଳ ବିଶ୍ୱାସ, ଅଭୀପ୍ସା ଓ ସମର୍ପଣ ଦ୍ୱାରାହିଁ ଏହି ଆତ୍ମ ଉନ୍ମୀଳନ ଆସିପାରେ ।

(Letters on Yoga, part - II, pp. 19 - 20)

# ପୃଥିବୀର ପରିବର୍ତ୍ତନରେ ଆମର କର୍ତ୍ତବ୍ୟ

## ଶ୍ରୀମା

***ପ୍ରଶ୍ନ :** ପୃଥିବୀର ବର୍ତ୍ତମାନ ଅବସ୍ଥାର ପରିବର୍ତ୍ତନ କରିବା ଦିଗରେ ସାହାଯ୍ୟ କରିବା ପାଇଁ ଜଣେ କ'ଣ କରିପାରେ ?*

**ଶ୍ରୀମା :** ପୃଥିବୀର ବାସ୍ତବ ଅବସ୍ଥାକୁ ଦେଖି ବହୁତ ଲୋକ ହତାଶ ଓ କାତର ହୋଇ ପଡ଼ନ୍ତି ଏବଂ ପ୍ରଶ୍ନ କରନ୍ତି, ''ଏ ପୃଥିବୀ ଏପରି ଭୟଙ୍କର ହୋଇଛି କାହିଁକି ?'' କିନ୍ତୁ ଏପରି ଦୁଃଖ କରିବାର କୌଣସି ମୂଲ୍ୟ ନାହିଁ, ବରଂ ଯାହା ଆବଶ୍ୟକ ତାହା ହେଲା ଏ ପୃଥିବୀର ପରିବର୍ତ୍ତନ, ଏ ବିଷୟରେ ଆମେ ସମସ୍ତେ ଏକମତ, କାରଣ ଏ ପୃଥିବୀ ଆମର କାହାରି ମନୋମତ ବା ରୁଚି ଉପଯୋଗୀ ନୁହେଁ । ପୃଥିବୀ ଯେପରି ହେବା ଉଚିତ, ଯେହେତୁ ଏହା ସେପରି ହୋଇ ନାହିଁ, ତେଣୁ ଆମର କର୍ତ୍ତବ୍ୟ ହେଉଛି ଏହାକୁ ଭିନ୍ନ ପ୍ରକାର କରି ଗଢ଼ିବା ଦିଗରେ କାର୍ଯ୍ୟ କରିବା ।

କିନ୍ତୁ କିପରି ଏ ଦିଗରେ ବ୍ୟକ୍ତିଗତଭାବେ କାର୍ଯ୍ୟ କରାଯାଇପାରେ ?

ସମସ୍ତଙ୍କ ସାଧ୍ୟର ସୀମା ଭିତରେ ଗୋଟିଏ ଉପାୟ ଅଛି ଏବଂ ତାହା ହେଉଛି ନିଜକୁ ପରିବର୍ତ୍ତିତ କରିବା । ତୁମେ ଯଦି ନିଜକୁ କହିପାର, ''ମୁଁ ନିଜେ କ'ଣ ତା' ମୁଁ ବିଶେଷ ଭଲଭାବେ ଜାଣି ନାହିଁ, କିନ୍ତୁ ଯେଉଁସବୁ ବିଷୟର ସମଷ୍ଟିକୁ ନେଇ ମୁଁ ଗଠିତ ତାହା ହିଁ ବୋଧହୁଏ ଏହି ସମଗ୍ର କର୍ମ ଭିତରୁ ମୋ ପାଇଁ ନିରୂପିତ ଅଂଶ ଏବଂ ଏହାକୁ ଯଦି ମୋ ପାରୁପର୍ଯ୍ୟନ୍ତ ଭଲଭାବେ କରିପାରେ, ତେବେ ବୋଧହୁଏ ତାହା ହିଁ ହେବ ଏ ଦିଗରେ ମୋର ଶ୍ରେଷ୍ଠ କାର୍ଯ୍ୟ'' – ତେବେ ଏହା ହେବ ଏକ ଅତି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟାରମ୍ଭ, ଖୁବ୍ ମହତ୍ । ଏହା ଅସାଧ୍ୟ ଗୁରୁଭାର ନୁହେଁ, ତୁମ ସାଧ୍ୟ ଓ ସମ୍ଭାବନାର ସୀମାର ବାହାରେ ମଧ୍ୟ ନୁହେଁ । କୁହାଯାଇପାରେ ଯେ ସର୍ବଦା ତୁମ ନିକଟରେ ତୁମର ଶକ୍ତି ଅନୁଯାୟୀ କର୍ମକ୍ଷେତ୍ର ରହିଛି ଯାହାକି ତୁମର ଆଗ୍ରହ ସୃଷ୍ଟି କଲା ପରି ବେଶ୍ ବହୁମୁଖୀ, ଜଟିଳ, ବ୍ୟାପକ ଓ ମହତ୍ । ଏହା ଏକ ଅଜଣା ରାଜ୍ୟ ଯାହା ଭିତରକୁ ନୂଆ ନୂଆ ଆବିଷ୍କାରର ଆଗ୍ରହ ସହ ପ୍ରବେଶ କରାଯାଇପାରେ ।

ତୁମେ ବୋଧହୁଏ ପଚାରିବ, ''କିନ୍ତୁ ତାହାହେଲେ ଏହା ତ ଅହଂଭାବ ।'' ଏହା ଅହଂଭାବ ହେବ ଯଦି ତୁମେ ଅହଂଭାବ ସହ ନିଜର ବ୍ୟକ୍ତିଗତ ଲାଭ ପାଇଁ କାର୍ଯ୍ୟ କର । ଉଦାହରଣସ୍ୱରୂପ ତୁମେ ଯଦି ନିଜର କ୍ଷମତାର୍ଜନ ପାଇଁ ଚେଷ୍ଟା କର, ଅନ୍ୟମାନଙ୍କୁ ଅକ୍ତିଆର କରିବାର ଉଦ୍ଦେଶ୍ୟ ସହ ଶକ୍ତିଶାଳୀ ହେବାକୁ ବା ତୁମ ଜୀବନକୁ ସୁଖସ୍ୱାଚ୍ଛନ୍ଦ୍ୟରେ ପରିପୂର୍ଣ୍ଣ କରିବାକୁ ଯତ୍ନ କର, ତେବେ ସେହି କ୍ଷେତ୍ରରେ ଏହା ନିଶ୍ଚୟ ଅହଂଭାବ ହେବ । ଏହାଛଡ଼ା, ଏହା ଦ୍ୱାରା ତୁମର କୌଣସି ଲାଭ ନାହିଁ । ତୁମେ ନିଜକୁ ପ୍ରବଞ୍ଚନା କରିବାକୁ ଆରମ୍ଭ କରିବ, ଦିନକୁ ଦିନ ବୃଦ୍ଧି ପାଉଥିବା ବିଭ୍ରାନ୍ତି ମଧ୍ୟରେ ଜୀବନ କଟାଇବ ଓ ଅଧିକରୁ ଅଧିକ ଅନ୍ଧକାର ମଧ୍ୟରେ ପଡ଼ିବା ହିଁ ସାର ହେବ । ଜଣେ ଯେପରି ବିଶ୍ୱାସ କରେ, ତାହାଠାରୁ ଅନେକ ଭଲଭାବେ ବିଷୟ ବସ୍ତୁ ସଙ୍ଗଠିତ ହୋଇଛି... । ଯାହା ଆବଶ୍ୟକ ତାହା ହେଉଛି ଭଗବତ୍ କର୍ମର ସିଦ୍ଧି ପାଇଁ ତୁମ ଅଭୀପ୍ସାର ପୂର୍ଣ୍ଣ ଆନ୍ତରିକତା ।

ତୁମେ ଯଦି ଏହିପରି ଭାବରେ ଆରମ୍ଭ କର ତେବେ ମୁଁ ଏହି ପ୍ରତିଶ୍ରୁତି ଦେଇପାରେ ଯେ ତୁମର ଯାତ୍ରା ଖୁବ୍ ଚିତ୍ତାକର୍ଷକ ହେବ ଏବଂ ତାହା ଦୀର୍ଘକାଳ ବ୍ୟାପୀ ଚାଲିଲେ ସୁଦ୍ଧା କ୍ଲାନ୍ତିକର ବୋଧ ହେବ ନାହିଁ । ତୁମର ଯଦି ଏକ ଦୃଢ଼ ସଂକଳ୍ପ ଓ ଅପରାଜେୟ ଅଧ୍ୟବସାୟ ଥାଏ, ଯଦି ସେହି ଅପରିହାର୍ଯ୍ୟ ପ୍ରସନ୍ନତା ଥାଏ ଯାହା ଫଳରେ ତୁମେ ଏକ ସ୍ମିତହାସ୍ୟ ସହ ସମସ୍ତ ପ୍ରକାର ଅସୁବିଧା ଓ ଭୁଲ୍‌ଭ୍ରାନ୍ତିର ସମ୍ମୁଖୀନ ହେବାକୁ ସମର୍ଥ ହେବ, ତେବେ ସମସ୍ତ ବିଷୟ ଖୁବ୍ ଭଲଭାବେ ଚାଲିବ ।

(ବୁଲେଟିନ୍, ନଭେମ୍ବର, ୧୯୫୭)

# ଶ୍ରୀମା'ଙ୍କ ସମ୍ବନ୍ଧରେ ଶ୍ରୀଅରବିନ୍ଦ

ଯେଉଁ ଅଦ୍ୱିତୀୟାଙ୍କୁ ମା ବୋଲି ଆମେମାନେ ପୂଜାକରୁ, ସେ ହେଲେ ବିଶ୍ୱସତ୍ତାର ଅଧିଷ୍ଠାତ୍ରୀ, ଭାଗବତୀ ଚିତ୍‌ଶକ୍ତି । ସେ ଏକ ଅଥଚ ସେ ଏପରି ବହୁରୂପୀ ଯେ ତାଙ୍କର ଗତି ଅନୁସରଣ କରି ଚାଲିବା ଅତି କ୍ଷିପ୍ର ମନ ବା ସର୍ବତୋଭାବେ ମୁକ୍ତ ଚରମ ବ୍ୟାପକ ବୁଦ୍ଧିପକ୍ଷେ ବି ଅସମ୍ଭବ । ମା ହେଲେ ପରମେଶ୍ୱରଙ୍କର ଚେତନା ଓ ଶକ୍ତି, ନିଜର ଯାବତୀୟ ସୃଷ୍ଟିର ବହୁ ଉର୍ଦ୍ଧ୍ୱରେ ସେ ।

ତାହାଛଡ଼ା ବ୍ୟକ୍ତିଗତ ସତ୍ତାରେ ସେ କରୁଣାବଶ ହୋଇ ଉତରି ଆସିଛନ୍ତି ଅଜ୍ଞାନ ମଧ୍ୟରେ ଯଦ୍ୱାରା ଅଜ୍ଞାନକୁ ଜ୍ୟୋତିଃ ଆଡ଼କୁ ନେଇ ଯାଇ ପାରନ୍ତି ଏବଂ ଆସିଛନ୍ତି ଏହି ମିଥ୍ୟା ଓ ପ୍ରମାଦକୁ ଯଦ୍ୱାରା ମିଥ୍ୟା ଓ ପ୍ରମାଦକୁ ସତ୍ୟରେ ପରିଣତ କରି ପାରନ୍ତି, ଆସିଛନ୍ତି ଏହି ମୃତ୍ୟୁ ମଧ୍ୟରେ ଯଦ୍ୱାରା ମୃତ୍ୟୁକୁ ଦେବଜୀବନରେ ରୂପାନ୍ତରିତ କରିପାରନ୍ତି; ଆସିଛନ୍ତି ଏହି ବିଶ୍ୱବେଦନା ଓ ତାହାର ଦୁରପନେୟ ଦୁଃଖଯନ୍ତ୍ରଣା ମଧ୍ୟରେ ଯଦ୍ୱାରା ତାଙ୍କର ପରମ ଆନନ୍ଦର ରୂପାନ୍ତରକାରୀ ଆବେଗରେ ବେଦନା-ଯନ୍ତ୍ରଣାର ଅବସାନ କରି ପାରନ୍ତି । ସେ ସନ୍ତାନମାନଙ୍କ ପ୍ରତି ଗଭୀର ଓ ବିପୁଳ ସ୍ନେହବଶରେ ଏହି ତମସାର ଆବରଣକୁ ପରିଧାନ କରିବାକୁ ସମ୍ମତ ହୋଇଛନ୍ତି; ଅଜ୍ଞାନ ଓ ମିଥ୍ୟାଶକ୍ତିରାଜିର ଆକ୍ରମଣ ଓ ସେସବୁର ପୀଡ଼ାଦାୟକ ପ୍ରଭାବକୁ କୃପା କରି ସହ୍ୟ କରିବାକୁ ସ୍ୱୀକୃତ ହୋଇଛନ୍ତି, ଜନ୍ମମୃତ୍ୟୁର ତୋରଣକୁ ପାର ହୋଇ ଚାଲିଆସିଛନ୍ତି, ସୃଷ୍ଟିର ଯେତେ ଦୁଃଖ-ଯନ୍ତ୍ରଣା ଓ ବେଦନା, ସମସ୍ତ ନିଜ ଉପରେ ଗ୍ରହଣ କରିଛନ୍ତି – କାରଣ ମନେ ହୁଏ ଏହାହିଁ ଏକମାତ୍ର ପନ୍ଥା, ଯଦ୍ୱାରା ସୃଷ୍ଟିକୁ ଦିବ୍ୟଜ୍ୟୋତିଃ, ଦିବ୍ୟାନନ୍ଦ ଓ ଦିବ୍ୟ ସତ୍ୟ ଏବଂ ଶାଶ୍ୱତ ଜୀବନ ମଧ୍ୟରେ ଉନ୍ନୀତ କରାଯାଇ ପାରେ ।

*

ଶ୍ରୀମା'ଙ୍କର ଅବତାର-ଗ୍ରହଣ ହେଉଛି ଏକ ସୁଯୋଗ, ଯଦ୍ୱାରା ପୃଥିବୀ-ଚେତନା ନିଜ ମଧ୍ୟରେ ଅତିମାନସ ଶକ୍ତିକୁ ଗ୍ରହଣ କରିପାରିବ ଏବଂ ପ୍ରଥମେ, ତାହା ସମ୍ଭବ ହେବା ପାଇଁ ଆବଶ୍ୟକ ହେଉଥିବା ରୂପାନ୍ତର ମଧ୍ୟଦେଇ ଯାଇ ପାରିବ । ପରେ ଅଧିକତର ରୂପାନ୍ତର ଅତିମାନସ ଦ୍ୱାରାହିଁ ହେବ ।

ସେହି ଏକହିଁ ମାତ୍ର ଦିବ୍ୟଶକ୍ତି ରହିଛି ଯାହା ବିଶ୍ୱଗତ ଓ ବ୍ୟକ୍ତିଗତ ଓ ଉଭୟର ଉର୍ଦ୍ଧ୍ୱରେହିଁ ରହିଥାଏ । ଦିବ୍ୟଜନନୀ ସେହି ସମସ୍ତ ଶକ୍ତିର ପ୍ରତୀକ । କିନ୍ତୁ ସେ ଏହି ପୃଥିବୀ ଉପରକୁ ଅବତରଣ କରି ଆସିଛନ୍ତି ଓ ଏଠାରେ କାର୍ଯ୍ୟ କରୁଛନ୍ତି ଅନ୍ୟ ଏକ ବିଶେଷ ଶକ୍ତିକୁ ପୃଥିବୀ ଉପରକୁ ଉତାରି ଆଣିବା ପାଇଁ, ଯାହା ଏପର୍ଯ୍ୟନ୍ତ ସ୍ଥୂଳ ଜଗତରେ ପ୍ରକଟ ହୋଇ ନାହିଁ; ଯଦ୍ୱାରା ଏଠାକାର ଜୀବନ ମଧ୍ୟରେ ଦେଖାଦେବ ରୂପାନ୍ତର । ତେଣୁ ତୁମେମାନେ ତାଙ୍କୁ ପରମଙ୍କ ଶକ୍ତି ରୂପରେ ଦେଖିବ, ଯିଏ ସେହି ଲକ୍ଷ୍ୟ ସିଦ୍ଧ କରିବା ପାଇଁ ଏଠାରେ କାର୍ଯ୍ୟ କରୁଛନ୍ତି, ସେହି ଶରୀର ଗ୍ରହଣ କରିଛନ୍ତି; କିନ୍ତୁ ତାଙ୍କର ସମଗ୍ର ଚେତନା ମଧ୍ୟରେ ସେ ଦିବ୍ୟଙ୍କର ସମସ୍ତ ବିଭାବ ସହିତ ଏକ ହୋଇ ରହିଛନ୍ତି ।

*

ମୋର ଓ ଶ୍ରୀମା'ଙ୍କର ଚେତନା ଏକ; ଏକହିଁ ଦିବ୍ୟ ଚେତନା ଦୁଇ ରୂପରେ ପ୍ରକଟିତ ହୋଇଛି । କାରଣ ତାହା ଲୀଳା ପାଇଁ ଆବଶ୍ୟକ । ତାଙ୍କର ଜ୍ଞାନ, ଶକ୍ତି ଓ ଚେତନା ବ୍ୟତିରେକେ କୌଣସିକିଛି କରାଯାଇ ନପାରେ; ଯଦି ପ୍ରକୃତରେ କାହାର ତାଙ୍କ ଚେତନାର ଅନୁଭୂତି ହୋଇଥାଏ – ତେବେ ତା'ର ଜାଣିବା ଉଚିତ ଯେ ମୁଁ ସେସବୁର ପଶ୍ଚାତରେ ରହିଛି, ଏବଂ ସେ ଯଦି ମୋତେ ଅନୁଭବ କରିପାରିବ, ଶ୍ରୀମା'ଙ୍କୁ ମଧ୍ୟ ଅନୁଭବ କରପାରିବ ।

ଶ୍ରୀମା'ଙ୍କ ଚେତନା ହେଉଛି ପରମଙ୍କ ଚେତନା ବା ଦିବ୍ୟଚେତନା; ଏବଂ ସେଥିରୁ ଯେଉଁ ଆଲୋକ ଆସୁଥାଏ ତାହା ହେଉଛି ଦିବ୍ୟସତ୍ୟର ଆଲୋକ । ଯଦି କେହି ଶ୍ରୀମା'ଙ୍କର ଆଲୋକକୁ ଗ୍ରହଣ କରେ, ସ୍ୱୀକାର କରେ ଏବଂ ସେଥିରେ ବାସ କରେ, ତେବେ ମାନସିକ, ପ୍ରାଣିକ ଓ ଶାରୀରିକ – ସମସ୍ତ ସ୍ତରରେ ସେ ଦିବ୍ୟସତ୍ୟକୁ ହୃଦୟଙ୍ଗମ କରିପାରିବ ।

*

ଏହା ହେଉଛି ପ୍ରକୃତିର ଦୁଇଟି ଦିଗ : ପୁରୁଷ ଏବଂ ପ୍ରକୃତି – ଜଣେ ଏକ ବିଶୁଦ୍ଧ ସଚେତନ ସତ୍ତା ଦିଗରେ ଆଗେଇ ନେଉଛନ୍ତି ଯାହା ସ୍ଥିର ଓ ନିଷ୍କ୍ରିୟ; ଅନ୍ୟଟି ହେଉଛନ୍ତି ଏକ ବିଶୁଦ୍ଧ ସଚେତନ ସତ୍ତା ଯାହା ସକ୍ରିୟ – ସେ ହେଲେ ଶ୍ରୀମା ।

# ଧମ୍ମପଦ

## (୯)

## (ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ)

[ଭାରତୀୟ ସଭ୍ୟତା ଓ ସଂସ୍କୃତିର ତିନୋଟି ସମୁଜ୍ଜ୍ୱଳ ରତ୍ନ ହେଲା ଉପନିଷଦ୍, ଗୀତା ଏବଂ ଧମ୍ମପଦ । ବୈଦିକ ଶାସ୍ତ୍ରରେ ଉପନିଷଦ୍‌ର ସ୍ଥାନ ଏବଂ ମହାଭାରତରେ ଗୀତାର ସ୍ଥାନ ଯେପରି, ବୌଦ୍ଧଗ୍ରନ୍ଥମାନଙ୍କ ମଧ୍ୟରେ ଧମ୍ମପଦର ସ୍ଥାନ ସେହିପରି । ଏହି ତିନି ମହାରତ୍ନହିଁ ଭାରତବର୍ଷକୁ ବିଶ୍ୱସମାଜରେ ଶ୍ରଦ୍ଧାର ଆସନରେ ବସାଇଛି ।

ବୌଦ୍ଧ ଧର୍ମଶାସ୍ତ୍ରର ତିନୋଟି ଭାଗ ଅଛି : ୧. ବିନୟପିଟକ (ନୀତି ଶାସ୍ତ୍ର), ୨. ସୁତ୍ତପିଟକ (ଗଳ୍ପ ଓ ନୀତି ଶାସ୍ତ୍ର), ୩. ଅଭିଧମ୍ମପିଟକ (ଦର୍ଶନ ଶାସ୍ତ୍ର) । ଏହି ତିନୋଟି ମହାଗ୍ରନ୍ଥ ଯଥାକ୍ରମେ ଉପାଲି, ଆନନ୍ଦ ଓ କାଶ୍ୟପ ନାମକ ବୁଦ୍ଧଙ୍କର ବିଶିଷ୍ଟ ଶିଷ୍ୟତ୍ରୟଙ୍କ ଦ୍ୱାରା ଉକ୍ତ ହୋଇଛି । ସୁତ୍ତପିଟକ ପାଞ୍ଚ ଭାଗରେ ବିଭକ୍ତ, ଯଥା : ଦୀଘ ନିକାୟ, ମଜ୍ଝିମ ନିକାୟ, ସଂୟୁତ୍ତ ନିକାୟ, ଅଙ୍ଗୁତ୍ତର ନିକାୟ ଓ ଖୁଦ୍ଦକ ନିକାୟ । କେତେଗୁଡ଼ିଏ ଛୋଟ ଛୋଟ ଗ୍ରନ୍ଥ ଖୁଦ୍ଦକ ନିକାୟର ଅନ୍ତର୍ଗତ । ଏହି ଖୁଦ୍ଦକ ନିକାୟର ଦ୍ୱିତୀୟ ଗ୍ରନ୍ଥ ହେଲା ଧମ୍ମପଦ । ଏହା ଛବିଶଟି ଅଧ୍ୟାୟରେ ବିଭକ୍ତ ଏବଂ ଏଥିରେ ୪୨୩ଟି ଶ୍ଳୋକ ଅଛି । ଅନ୍ୟାନ୍ୟ ପ୍ରାଚୀନ ବୌଦ୍ଧଶାସ୍ତ୍ର ପରି ଧମ୍ମପଦ ପାଲି ଭାଷାରେ ଲିଖିତ । ଗୌତମ ବୁଦ୍ଧଙ୍କ ଶିକ୍ଷାର ଶ୍ରେଷ୍ଠ ସଂପଦ ଏହାର ଅନ୍ତର୍ଭୁକ୍ତ ଏବଂ ଏହା ଭଗବଦ୍ ଗୀତା ତୁଲ୍ୟ ଅତ୍ୟନ୍ତ ଜନପ୍ରିୟ ।

'ଧମ୍ମପଦ' ଗ୍ରନ୍ଥଟି ଶ୍ରୀମା'ଙ୍କର ଗଭୀର ସମ୍ମାନ ଓ ଆଦର ଲାଭ କରିଛି । ୧୯୫୭ ମସିହା ଅଗଷ୍ଟ ମାସରୁ ୧୯୫୮ ମସିହା ସେପ୍‌ଟେମ୍ବର ମାସ ପର୍ଯ୍ୟନ୍ତ ପ୍ରତ୍ୟେକ ଶୁକ୍ରବାର ଦିନ ସନ୍ଧ୍ୟା କ୍ଲାସରେ ଶ୍ରୀମା ଧମ୍ମପଦର ପାଲି ଶ୍ଳୋକଗୁଡ଼ିକର ଫ୍ରେଞ୍ଚ ଅନୁବାଦ ସହ ତାହାର ବ୍ୟାଖ୍ୟା ପଢ଼ୁଥିଲେ । ମୂଳ ପାଲି ଶ୍ଳୋକଗୁଡ଼ିକର ଫ୍ରେଞ୍ଚ ଅନୁବାଦ କରିଛନ୍ତି ବୌଦ୍ଧ ସନ୍ନ୍ୟାସିନୀ ବିଦୁଷୀ ଫ୍ରେଞ୍ଚ ମହିଳା ମାଦାମ୍ କାର୍‌ପେଲେସ୍ (Madame Karpeles – ଭାରତୀଦି' ନାମରେ ପରିଚିତା) । ଶ୍ରୀମା ପ୍ରତ୍ୟେକଟି ମୂଳ ଶ୍ଳୋକର ଫ୍ରେଞ୍ଚ ଅନୁବାଦ ପଢ଼ି ତାହାର ସରଳ ବ୍ୟାଖ୍ୟା ଫ୍ରେଞ୍ଚ ଭାଷାରେ କରୁଥିଲେ ଏବଂ ବ୍ୟାଖ୍ୟା ପରେ ସେହିସବୁ ଶ୍ଳୋକଗୁଡ଼ିକର ସାରମର୍ମ ଉପରେ ଧ୍ୟାନ କରିବାକୁ କହୁଥିଲେ । ଏହି ବ୍ୟାଖ୍ୟା ସମ୍ବଳିତ 'ଧମ୍ମପଦ' ପୁସ୍ତକ ଫ୍ରେଞ୍ଚ ଭାଷାରେ ''Commentaries surle Dhammapada'' ନାମରେ ପ୍ରକାଶିତ ହୋଇଛି । ...

ଶ୍ରୀମା'ଙ୍କର ସରଳ, ସୁସ୍ପଷ୍ଟ, ମର୍ମସ୍ପର୍ଶୀ ଓ ଜ୍ଞାନଗର୍ଭକ ଭାଷ୍ୟ ପ୍ରତ୍ୟେକ ଚିନ୍ତାଶୀଳ ଭାରତବାସୀର ଗଭୀର ଅନୁଧ୍ୟାନର ବିଷୟ । ଶ୍ରୀମା'ଙ୍କର ବିଶ୍ୱଜନୀନ ଉପଦେଶ ସହିତ କୌଣସି ଧର୍ମର ସଂଘର୍ଷଣ ଅସମ୍ଭବ । ଏହା ଜଗତର କୌଣସି ଧର୍ମର ବିରୋଧୀ ନୁହେଁ । ... ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ 'ଧମ୍ମପଦ'ର ଅନୁବାଦ ଭାରତୀୟ ଭାଷାମାନଙ୍କ ମଧ୍ୟରେ ଏହାହିଁ ପ୍ରଥମ । ଆଶା କରୁ ଓଡ଼ିଶାର ପାଠକ ପାଠିକାମାନେ ଏହା ପାଠ କରି ବିଶେଷ ଉପକୃତ ହେବେ । – ସଂପାଦନା]

ପଞ୍ଚମ ଅଧ୍ୟାୟ

### ବାଲବଗ୍‌ଗୋ (ବାଲବର୍ଗ)

(୧)

ଦୀଘା ଜାଗରତୋ ରତ୍ତି ଦୀଘଂ ସନ୍ତସ୍‌ସ ୟୋଜନଂ ।
ଦୀଘୋ ବାଲାନଂ ସଂସାରୋ ସଦ୍ଧମ୍ମଂ ଅବିଜାନତଂ ॥

(Long is the night to him who is awake, long is a league to the weary. Long is the cycle of life to the senseless person who knows not the true Law.)

ନିଦ୍ରାହୀନର ରାତ୍ରି ଦୀର୍ଘ, ପଥଶ୍ରାନ୍ତର ଯୋଜନ ମାତ୍ର ପଥ ଦୀର୍ଘ, ସତ୍ୟ-ଧର୍ମର ଜ୍ଞାନରହିତ ମୂର୍ଖ ଲୋକ ପକ୍ଷରେ ସଂସାର ଦୀର୍ଘ ।

(୨)

ଚରଞ୍ଚେ ନାଧିଗଚ୍ଛେୟ୍ୟ ସେୟ୍ୟଂ ସଦିସମତ୍ତନୋ ।
ଏକଚରିୟଂଦଲ୍ହଂ କୟିରା ନତ୍ଥି ବାଲେ ସହାୟତା ।।

(If one does not find in his quest someone superior or even equal to himself, then he must resolutely go on all alone : no help can come from the senseless person.)

ଭ୍ରମଣ କାଳରେ ଶ୍ରେଷ୍ଠ କିଂବା ସଦୃଶର ସହିତ ସାକ୍ଷାତ୍ ନ ପାଇଲେ, ଦୃଢ଼ତାର ସହିତ ଏକାକୀ ଭ୍ରମଣ କରିବ । ମୂର୍ଖ ବ୍ୟକ୍ତିଠାରୁ କୌଣସି ସହାୟତା ମିଳେ ନାହିଁ ।

(୩)

ପୁତ୍ତା ମ'ତ୍ଥି ଧନମ୍ମ'ତ୍ଥି ଇତି ବାଲୋ ବିହଞ୍ଞତି ।
ଅତ୍ତା ହି ଅତ୍ତନୋ ନତ୍ଥି କୁତୋ ପୁତ୍ତା କୁତୋ ଧନଂ ।।

(I have sons, I have riches – so says the senseless man and worries himself. Even one's own self does not belong to oneself, how can then sons and riches so belong ?)

''ମୋର ପୁତ୍ର ଅଛି, ମୋର ଧନ ଅଛି''– ମୂର୍ଖ ବ୍ୟକ୍ତି ଏହିପରି କହେ ଏବଂ କ୍ଲେଶ ପାଏ । ମୁଁ ନିଜେ ନିଜର ପ୍ରଭୁ ନୁହେଁ, ପୁତ୍ର ଓ ଧନର ପ୍ରଭୁ ହେଲି କିପରି ?

(୪)

ୟୋ ବାଲୋ ମଞ୍ଞତୀ ବାଲ୍ୟଂ ପଣ୍ଡିତୋ ବାପି ତେନ ସୋ ।
ବାଲୋ ଚ ପଣ୍ଡିତମାନୀ, ସ ବେ ବାଲୋ'ତି ବୁଚ୍ଚତି ।।

(The senseless who recognises his senselessness is wise to that extent, but the senseless who considers himself wise is indeed senseless.)

ଯେଉଁ ମୂର୍ଖ ନିଜର ମୂର୍ଖତା ବିଷୟରେ ଜ୍ଞାନସମ୍ପନ୍ନ ସେ ଅନ୍ତତଃ ସେହି ପରିମାଣରେ ଜ୍ଞାନୀ; କିନ୍ତୁ ମୂର୍ଖ ଯଦି ପାଣ୍ଡିତ୍ୟର ଅଭିମାନ କରେ, ତେବେ ସେ ପ୍ରକୃତ ମୂର୍ଖ କଥିତ ହୁଏ ।

(୫)

ୟାବଜୀବମ୍ପି ଚେ ବାଲୋ ପଣ୍ଡିତଂ ପୟିରୁପାସତି ।
ନ ସୋ ଧମ୍ମଂ ବିଜାନାତି ଦବ୍ବୀ ସୂପରସଂ ୟଥା ।।

(The senseless person may serve a wise man throughout his life, but he will not know the Right Law, even as a ladle does not know the taste of the soup.)

ଯାବଜ୍ଜୀବନ ପଣ୍ଡିତଙ୍କୁ ପରିଚର୍ଯ୍ୟା କରି ମୂର୍ଖ **ସତ୍ୟଧର୍ମ**ର ଜ୍ଞାନ ଲାଭ କରେ ନାହିଁ, ଯେପରି ଦର୍ବୀ (ଡଙ୍କା) ସୂପରସ(ଝୋଳ)ର ସ୍ୱାଦ ଜାଣିପାରେ ନାହିଁ ।

(୬)

ମୁହୂତ୍ତମପି ଚେ ବିଞ୍ଞୂ ପଣ୍ଡିତଂ ପୟିରୁପାସତି ।
ଖିପ୍ପଂ ଧମ୍ମଂ ବିଜାନାତି ଜିହ୍ୱା ସୂପରସଂ ୟଥା ।।

(An intelligent person may serve the wise one just for a moment but he will immediately have the knowledge of the Right Law, even as the tongue has the taste of the soup.)

ବୁଦ୍ଧିମାନ୍ ବ୍ୟକ୍ତି ଯଦି ମୁହୂର୍ତ୍ତ ମାତ୍ର ପଣ୍ଡିତଙ୍କ ପରିଚର୍ଯ୍ୟା କରେ, ସେ ଅତି ଶୀଘ୍ର **ସତ୍ୟଧର୍ମ**ର ଜ୍ଞାନ ଲାଭ କରେ; ଜିହ୍ୱା ଯେପରି ଝୋଳର ସ୍ୱାଦ ଜାଣିପାରେ ।

(୭)

ଚରନ୍ତି ବାଲା ଦୁମ୍ମେଧା ଅମିତ୍ତେନେବ ଅତ୍ତନା ।
କରୋନ୍ତା ପାପକଂ କମ୍ମଂ ୟଂ ହୋତି କଟୁକପ୍ଫଲଂ ॥

(The senseless, wrong minded as he is, acts himself as his own enemy, he does wrong acts that bear bitter fruits.)

ମୂର୍ଖ, ଦୁର୍ମତି ଲୋକ ନିଜେ ନିଜର ଶତ୍ରୁ ରୂପେ କାର୍ଯ୍ୟ କରନ୍ତି, ସେ ତିକ୍ତ ଫଳପ୍ରସୂ ପାପ କର୍ମ କରନ୍ତି ।

(୮)

ନ ତଂ କମ୍ମଂ କତଂ ସାଧୁ ୟଂ କତ୍ୱା ଅନୁତପ୍ପତି ।
ୟସ୍ସ ଅସ୍ସୁମୁଖୋ ରୋଦଂ ବିପାକଂ ପଟିସେବତି ॥

(That act is not the right act by doing which you repent, the fruits of which you enjoy weeping and shedding tears.)

ଯେଉଁ କର୍ମ କରି ତୁମେ ଅନୁତାପ କର, ଯାହାର ଫଳ ରୋଦନ ଏବଂ ଅଶ୍ରୁ ବିମୋଚନ ସହ ଭୋଗ କରିବାକୁ ହୁଏ, ସେହି ଆଚରିତ କର୍ମ ସାଧୁ ନୁହେଁ ।

(୯)

ତଞ୍ଚ କମ୍ମଂ କତଂ ସାଧୁ ୟଂ କତ୍ୱା ନାନୁତପ୍ପତି ।
ୟସ୍ସ ପତୀତୋ ସୁମନୋ ବିପାକଂ ପଟିସେବତି ॥

(That act is the right act by doing which you do not repent, whose fruits you enjoy with a glad and happy mind.)

ଯେଉଁ କର୍ମ କରି ତୁମେ ଅନୁତପ୍ତ ହୁଅ ନାହିଁ, ଯାହାର ଫଳ ତୁମେ ଆନନ୍ଦ ଓ ପ୍ରସନ୍ନଚିତ୍ତ ସହ ଭୋଗ କର, ସେହି ଆଚରିତ କର୍ମ ସାଧୁ କର୍ମ ।

(୧୦)

ମଧୂ'ବ ମଞ୍ଞତି ବାଲୋ ୟାବ ପାପଂ ନ ପଚ୍ଚତି ।
ୟଦା ଚ ପଚ୍ଚତି ପାପଂ ଅଥ ବାଲୋ ଦୁକ୍ଖଂ ନିଗଚ୍ଛତି ॥

(So long as the evil bears no fruit, the senseless man finds it sweet as honey, he plunges into suffering as soon as the evil bears its fruits.)

ଯେତେବେଳ ପର୍ଯ୍ୟନ୍ତ ପାପ କର୍ମ ଫଳପ୍ରସୂ ନ ହୋଇଥାଏ, ତେତେବେଳ ଯାଏଁ ମୂର୍ଖ ପାପ କର୍ମକୁ ମହୁ ପରି ମିଷ୍ଟ ମନେକରେ; କିନ୍ତୁ ତାହା ଯେତେବେଳେ ଫଳ ପ୍ରସବ କରେ, ତେତେବେଳେ ମୂର୍ଖ ଦୁଃଖରେ ପତିତ ହୁଏ ।

(୧୧)

ମାସେ ମାସେ କୁସଗ୍ଗେନ ବାଲୋ ଭୁଞ୍ଜେଥ ଭୋଜନଂ ।
ନ ସୋ ସଂଖତଧମ୍ମାନଂ କଲଂ ଅଗ୍ଘତି ସୋଳସିଂ ॥

(Month after month the senseless person may take his food with the tip of a blade of grass, yet he will not be worth even a sixteenth part of those who have understood the Law.)

ମୂର୍ଖ ଲୋକ ମାସ ମାସ (ଧରି) କୁଶର ଅଗ୍ରଭାଗ ଦ୍ୱାରା ଆହାର ଗ୍ରହଣ କରିଲେ ସୁଦ୍ଧା ସେ ବିଜ୍ଞାତଧର୍ମା ବ୍ୟକ୍ତିମାନଙ୍କର ଷୋହଳ ଭାଗରୁ ଭାଗକର ଯୋଗ୍ୟ ହୁଏ ନାହିଁ ।

(୧୨)

ନ ହି ପାପଂ କତଂ କମ୍ମଂ ସଜ୍ଜୁ ଖୀରଂ 'ବ ମୁଚ୍ଚତି ।
ଡହନ୍ତଂ ବାଲମନ୍ୱେତି ଭସ୍ମଚ୍ଛନ୍ନୋ 'ବ ପାବକୋ ॥

(A wrong act done, even like fresh milk, does not at once turn sour, but it pursues the senseless man consuming him like a fire smouldering under ashes.)

ଆଚରିତ ପାପ କର୍ମ, ସଦ୍ୟ ଦୁଗ୍ଧ ହଠାତ୍ ଦଧିରେ ପରିଣତ ନହେଲା ପରି ସଙ୍ଗେ ସଙ୍ଗେ ବିକାରଗ୍ରସ୍ତ କରେ ନାହିଁ, କିନ୍ତୁ ତାହା ଭସ୍ମାଚ୍ଛନ୍ନ ଅଗ୍ନି ପରି ମୂର୍ଖ ଲୋକକୁ ଦହନ କରି କରି ତାହାର ଅନୁଗାମୀ ହୁଏ ।

(୧୩)

ୟାବଦେବ ଅନତ୍ଥାୟ ଞତ୍ତଂ ବାଲସ୍ସ ଜାୟତି ।
ହନ୍ତି ବାଲସ୍ସ ସୁକ୍କଂସଂ ମୁଦ୍ଧମସ୍ସ ବିପାତୟଂ ॥

(Whatever knowledge a senseless man gains serves only to bring calamity to him; turns his head and kills his brighter side.)

ମୂର୍ଖ ବ୍ୟକ୍ତି ଯାହାକିଛି ଜ୍ଞାନ ଲାଭ କରେ, ତାହା ତାହାର ବିପତ୍ତିର କାରଣ ହୁଏ; ତାହାର ମସ୍ତିଷ୍କକୁ ଭ୍ରଷ୍ଟ କରେ ଏବଂ ତାହାର ସୁମତିକୁ ନଷ୍ଟ କରେ ।

(୧୪)

ଅସତଂ ଭାବନମିଚ୍ଛେୟ୍ୟ ପୁରେକ୍ଖାରଞ୍ଚ ଭିକ୍ଖୁସୁ ।
ଆବାସେସୁ ଚ ଇସ୍ସରିୟଂ ପୂଜା ପରକୁଲେସୁ ଚ ॥

(The senseless man desires to realise the unreal, to be placed in front among the Adepts, he desires lordship at home and worship abroad.)

ମୂର୍ଖ ବ୍ୟକ୍ତି ମିଥ୍ୟାର ଉପଲବ୍ଧି ଇଚ୍ଛା କରେ, ଭିକ୍ଷୁମାନଙ୍କ ମଧ୍ୟରେ ଉଚ୍ଚ ସ୍ଥାନ, ବିହାର ବା ମଠମାନଙ୍କରେ ପ୍ରଭୁତ୍ୱ ଏବଂ ଅନ୍ୟଲୋକଙ୍କ ଠାରୁ ପୂଜା ପାଇବାର ଅଭିଳାଷ କରେ ।

(୧୫)

ମମେବ କତମଞ୍ଞନ୍ତୁ ଗିହୀ ପବ୍ବଜିତା ଉଭୋ ।
ମମେବାତିବସା ଅସ୍ସୁ କିଚ୍ଚାକିଚ୍ଚେସୁ କିସ୍ମିଚି ।
ଇତି ବାଲସ୍ସ ସଙ୍କପ୍ପୋ ଇଚ୍ଛା ମାନୋ ଚ ବଡ୍ଢତି ॥

("Those who are in the world and those who are outside it, both must applaud whatever I do, they must obey me"– thus the desire, thus the conceit of the senseless one goes on increasing.)

''ଗୃହୀ ଓ ଭିକ୍ଷୁ – ଉଭୟେ ମୋର କାର୍ଯ୍ୟର ଆଦର କରନ୍ତୁ, ସକଳ କର୍ମରେ ମୋର ବଶବର୍ତ୍ତୀ ହୁଅନ୍ତୁ''– ମୂର୍ଖ ବ୍ୟକ୍ତି ଏହିପରି ସଂକଳ୍ପ କରିବା ହେତୁ ତାହାର ଗର୍ବ ବର୍ଦ୍ଧିତ ହେବାକୁ ଲାଗେ ।

(୧୬)

ଅଞ୍ଞା ହି ଲାଭୂପନିସା ଅଞ୍ଞା ନିବ୍ବାନ-ଗାମିନୀ ।
ଏବମେତଂ ଅଭିଞ୍ଞାୟ ଭିକ୍ଖୂ ବୁଦ୍ଧସ୍ସ ସାବକୋ ॥
ସକ୍କାରଂ ନାଭିନନ୍ଦେୟ୍ୟ ବିବେକମନୁବ୍ରୂହୟେ ॥

(One way leads to gain, quite another towards Nirvana. The Bhikkhu, the disciple of the Buddha knows this and does not seek honour, he cultivates withdrawal.)

ଲାଭର ପଥ ଅଲଗା, ନିର୍ବାଣଗାମୀ ପଥ ଅଲଗା । ଏହିପରି ଭାବରେ ଏହା ଜାଣି, ବୁଦ୍ଧଶିଷ୍ୟ ଭିକ୍ଷୁ ସମ୍ମାନ ଆକାଙ୍କ୍ଷା କରନ୍ତି ନାହିଁ, ସେ ପ୍ରତ୍ୟାହାର ଅନୁଶୀଳନ କରନ୍ତି ।

**ଶ୍ରୀମା'ଙ୍କ ଭାଷ୍ୟ :**

ଏଠାରେ ପ୍ରତ୍ୟକ୍ଷ ଭାବରେ କପଟାଚାରୀଙ୍କ ବିଷୟରେ ଉଲ୍ଲେଖ କରାହୋଇଛି, ଯେଉଁମାନେ ବିଜ୍ଞତାର ଭାବଭଙ୍ଗୀ ଓ ବାହ୍ୟ ପ୍ରକାଶ ପ୍ରତି ଅନୁରାଗ ଦେଖାନ୍ତି, କିନ୍ତୁ ଆନ୍ତର ହୃଦୟରେ ଯାବତୀୟ କାମନା, ଉଚ୍ଚାକାଙ୍କ୍ଷା ଓ ଆସ୍ଫାଳନଯୁକ୍ତ ଭାବ ପୋଷଣ କରନ୍ତି ଏବଂ ଏହି ମହଦାକାଙ୍କ୍ଷା ଓ କାମନାଦିର ତର୍ପଣ ନିମିତ୍ତ ଜୀବନ ଅତିବାହିତ କରନ୍ତି । ତଭିନ୍ନ ଏକମାତ୍ର ଯେଉଁ ଉଦ୍ଦେଶ୍ୟରେ ଇହ-ଜୀବନ ଯାପନ ଉପଯୁକ୍ତ ତାହା ସେମାନେ ଗ୍ରହଣ କରନ୍ତି ନାହିଁ । ସେହି ଉଦ୍ଦେଶ୍ୟ ହେଲା, ସତ୍ୟଚେତନା ପ୍ରାପ୍ତି, ଭଗବାନଙ୍କଠାରେ ପୂର୍ଣ୍ଣ ଆତ୍ମ-ନିବେଦନ, ଯଥାର୍ଥ ଜ୍ଞାନ ଓ ଆତ୍ମ-ସମର୍ପଣଜନିତ ଶାନ୍ତି, ଜ୍ୟୋତିଃ ଓ ଆନନ୍ଦଲାଭ ।

ଏଠାରେ ସମୁଦାୟ ପାଠରେ 'ମୂର୍ଖ' (senseless) ଶବ୍ଦ ପରିବର୍ତ୍ତେ ଅହମିକା (Ego) ଶବ୍ଦକୁ ସମାନାର୍ଥକ ରୂପେ ବ୍ୟବହାର କରାଯାଇ ପାରେ । ଯେଉଁ ବ୍ୟକ୍ତି ନିଜ ଅହମିକାରେ, ନିଜର ଅହମିକା ନିମନ୍ତେ, ଅହମିକାର ତୁଷ୍ଟିସାଧନ ଆଶାରେ ଜୀବନ ଯାପନ କରେ ତାହାକୁ ମୂର୍ଖ ବୋଲାଯାଏ । ତୁମର ଲକ୍ଷ୍ୟପ୍ରାପ୍ତି ଆଶା କରିବା ବୃଥା, ଯଦି ତୁମେ ଅହମିକାକୁ ଅତିକ୍ରମ ନକର ଏବଂ ଯେପର୍ଯ୍ୟନ୍ତ ଏପରି ଏକ ଚେତନା ସ୍ତରରେ ଉପନୀତ ନ ହୁଅ, ଯେଉଁଠାରେ ଅହମିକାର ଅସ୍ତିତ୍ୱର କୌଣସି କାରଣ ନଥାଏ ।

ଏକ ସମୟରେ ଅହମିକା ବ୍ୟଷ୍ଟି-ଚେତନାର ଗଠନ ନିମିତ୍ତ ଅତ୍ୟାବଶ୍ୟକ ହୋଇଥାଇ ପାରେ, କିନ୍ତୁ ଅହମିକାରୁ ଯାବତୀୟ ବିଘ୍ନ, ଦୁଃଖ, କଷ୍ଟ ଏବଂ ବର୍ତ୍ତମାନ ଆମ୍ଭମାନଙ୍କୁ ବୋଧ ହେଉଥିବା ଯାବତୀୟ ବିରୁଦ୍ଧ ଓ ଅଭାଗବତ ଶକ୍ତିର ଉତ୍ପନ୍ନ ହୁଏ । କିନ୍ତୁ ଆନ୍ତର ବିଶୁଦ୍ଧିପ୍ରାପ୍ତି ଏବଂ ଅହମିକାରୁ ମୁକ୍ତି ସକାଶେ ଏହିସବୁ ଶକ୍ତିର ପ୍ରୟୋଜନ ଥିଲା । ସେହିସବୁ ସକ୍ରିୟ ଶକ୍ତିର ଫଳସ୍ୱରୂପ ଅହମିକା ଜାତ ହୁଏ ଏବଂ ଅହମିକା ସେଗୁଡ଼ିକର ବୃଦ୍ଧିର କାରଣ ଅଟେ । ଅହମିକାର ବିନାଶ ସହିତ ବିରୁଦ୍ଧ ଶକ୍ତିରାଜିର ବିନାଶ ଘଟେ, କାରଣ ଜଗତରେ ସେଗୁଡ଼ିକର ଅସ୍ତିତ୍ୱର ଆଉ କୌଣସି କାରଣ ନଥାଏ ।

ଆନ୍ତର ମୁକ୍ତି, ସଂପୂର୍ଣ୍ଣ ଆନ୍ତରିକତା, ପୂର୍ଣ୍ଣାଙ୍ଗ ଶୁଦ୍ଧିର ଫଳସ୍ୱରୂପ ଯାବତୀୟ ଦୁଃଖକ୍ଳେଶ ଦୂରୀଭୂତ ହୁଏ, କାରଣ ଚରମ ଲକ୍ଷ୍ୟପ୍ରାପ୍ତି ଉଦ୍ଦେଶ୍ୟରେ ଚେତନାର କ୍ରମୋନ୍ନତି ପାଇଁ ସେମାନଙ୍କର (ଦୁଃଖକ୍ଳେଶର) ଆଉ ଆବଶ୍ୟକତା ନ ଥାଏ ।

ସୁତରାଂ ସକଳ ଶକ୍ତି ପ୍ରୟୋଗ କରି ଆନ୍ତର ରୂପାନ୍ତର ନିମିତ୍ତ ସଚେଷ୍ଟ ହେବା ବିଜ୍ଞତାର କାର୍ଯ୍ୟ ହେବ । ଏହା ଫଳରେ ତୁମେ ସଂଗ୍ରାମରେ ଜୟୀ ହୋଇ ବାହାରି ଆସିବ ତଥା ସଂଗ୍ରାମ ଫଳପ୍ରସୂ ହେବାରୁ ତାହାର ଅସ୍ତିତ୍ୱର ଆଉ କୌଣସି କାରଣ ରହିବ ନାହିଁ ।

(କ୍ରମଶଃ)

("Mother's Commentary on the Dhammapada"
ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ ଧମ୍ମପଦ,
ପୃଷ୍ଠା : ୫୪ - ୬୧)

ଅନୁବାଦ : ଶ୍ରୀ ଲଳିତମୋହନ ଘୋଷ

ନିଷ୍ଠାପର ହୁଅ, ସର୍ବଦା ନିଷ୍ଠାପର, ଅଧିକରୁ ଅଧିକ ନିଷ୍ଠାପର ।

ନିଷ୍ଠାପରତା ପ୍ରତ୍ୟେକଙ୍କଠାରୁ ଦାବି କରେ ଯେ ପ୍ରତ୍ୟେକେ ତାଙ୍କର ସମସ୍ତ ଚିନ୍ତା, ସମସ୍ତ ଅନୁଭୂତି, ସମସ୍ତ ଭାବାବେଗ ଓ ସମସ୍ତ କର୍ମରେ ନିଜ ସତ୍ତାର କେନ୍ଦ୍ରୀୟ ସତ୍ୟ ବ୍ୟତୀତ ଅନ୍ୟ କିଛିକୁ ପ୍ରକାଶ କରିବେ ନାହିଁ ।

୪. ୪. ୧୯୫୦ — ଶ୍ରୀମା

# ଅହଂର ସ୍ୱରୂପ

## ଶ୍ରୀମା

*ପ୍ରଶ୍ନ : ମା', ଶ୍ରୀଅରବିନ୍ଦ ଏଠାରେ ଅହଂ-ବ୍ୟକ୍ତିତ୍ୱର ଗଠନ କଥା କହିଛନ୍ତି । ଏହାର ଅର୍ଥ ...?*

ଶ୍ରୀମା : ବ୍ୟକ୍ତିର ଅହଂ ରହିଛି ଏବଂ ସମଷ୍ଟିଗତ ଅହଂ ମଧ୍ୟ ରହିଛି । ଉଦାହରଣସ୍ୱରୂପ ଜାତୀୟତାର ଅହଂ ଏକ ସମଷ୍ଟିଗତ ଅହଂ । ଗୋଟିଏ ଗୋଷ୍ଠୀର ମଧ୍ୟ ଏକ ସମଷ୍ଟିଗତ ଅହଂ ରହିପାରେ । ଏହା ବଡ଼ ଆକାରର ହୋଇପାରେ ବା ଛୋଟ ଆକାରର ହୋଇପାରେ । ବ୍ୟକ୍ତିକ ଅହଂ ହେଉଛି ଏକ ନିର୍ଦ୍ଦିଷ୍ଟ ଲୋକର ଅହଂ । ଏହା ହେଉଛି ଅହଂର ଏକ କ୍ଷୁଦ୍ରତମ ରୂପ । ଅବଶ୍ୟ ଏକ ପ୍ରାଣିକ ଅହଂ ରହିଛି, ଏକ ମାନସିକ ଅହଂ ରହିଛି, ଏକ ଦୈହିକ ଅହଂ ମଧ୍ୟ ରହିଛି – କିନ୍ତୁ ଏଗୁଡ଼ିକ କ୍ଷୁଦ୍ର ବ୍ୟକ୍ତିକ ଅହଂ । ଏହାର ଅର୍ଥ ହେଉଛି ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିର ଅହଂ ।

ଜଣେ ବ୍ୟକ୍ତି ଭିତରେ ଅନେକଗୁଡ଼ିଏ ଅହଂ ରହିଥାଏ । ସେ ସେଗୁଡ଼ିକ ସମ୍ପର୍କରେ ସଚେତ ହେବାକୁ ଆରମ୍ଭ କରେ ଯେତେବେଳେ ସେ ସେଗୁଡ଼ିକୁ ବିଲୋପ କରିବାକୁ ଚାହେଁ । ଯେତେବେଳେ ଜଣେ ତା' ନିଜ ଭିତରେ ଏହି ପ୍ରକାର ଏକ ଅହଂର ବିଲୋପ ସାଧନ କରିଥାଏ ଯାହାକି ତା' ନିଜ ଭିତରେ ନାନା ଗଣ୍ଡଗୋଳ ଓ ବାଧାବିଘ୍ନ ସୃଷ୍ଟି କରୁଥିଲା, ସେତେବେଳେ ସାଧାରଣତଃ ଏହା ଏକ ଆନ୍ତର ଝଡ଼ଝଞ୍ଜା ସୃଷ୍ଟି କରେ । ଯେତେବେଳେ ତୁମେ ସେହି ଝଡ଼ଝଞ୍ଜାରୁ ବାହାରି ଆସ, ତୁମେ ଅନୁଭବ କର ଯେ, ''ଆଃ, ବର୍ତ୍ତମାନ ଏହାର ସମାପ୍ତି ଘଟିଛି, ସବୁକିଛି ସମ୍ପନ୍ନ ହୋଇଗଲା, ମୋ ନିଜ ଭିତରେ ଥିବା ଶତ୍ରୁଟିକୁ ବିନାଶ କରିଛି, କାମଟି ଶେଷ ହୋଇ ଯାଇଛି ।'' କିନ୍ତୁ କିଛି ସମୟ ପରେ ଦେଖିବ ଯେ ଆଉ ଗୋଟିଏ ଅହଂ, ପୁଣି ଆଉ ଅନ୍ୟ ଗୋଟିଏ ଅହଂ, ପୁଣି ତା'ପରେ ଆହୁରି ଅନ୍ୟ ଗୋଟିଏ ଅହଂ ରହିଛନ୍ତି, ପ୍ରକୃତରେ ଏହିପରି ଗଦା ଗଦା କ୍ଷୁଦ୍ର ଅହଂସବୁ ରହିଛନ୍ତି, ଯେଉଁଗୁଡ଼ିକ କି ନାନା ବିଭ୍ରାଟ ଓ ଗଣ୍ଡଗୋଳ ସୃଷ୍ଟି କରନ୍ତି ଏବଂ ଯେଉଁଗୁଡ଼ିକୁ ଗୋଟିକ ପରେ ଗୋଟିଏ ଅତିକ୍ରମ କରିବାକୁ ହେବ ।

*ପ୍ରଶ୍ନ : ଅହଂର ପ୍ରକୃତ ଅର୍ଥ କ'ଣ ?*

ଶ୍ରୀମା : ମୁଁ ମନେ କରେ ଅହଂ ଫଳରେହିଁ ପ୍ରତ୍ୟେକ ବ୍ୟକ୍ତି ସବୁଦିଗରୁ ନିଜକୁ ଏକ ପୃଥକ୍ ସତ୍ତା ବୋଲି ବିଚାର କରେ । ଅହଂହିଁ ତୁମ ଭିତରେ ଏହି ଭାବ ଆଣିଦିଏ ଯେ ତୁମେ ଅନ୍ୟମାନଙ୍କଠାରୁ ପୃଥକ୍ ଏକ ବ୍ୟକ୍ତି । ନିଶ୍ଚିତ ଭାବେ ଅହଂ ଯୋଗୁଁହିଁ ତୁମର ଏ 'ମୁଁ'ର ଭାବ ଆସେ; 'ମୁଁ ଜଣେ ବ୍ୟକ୍ତି', 'ମୁଁ ଅମୁକ ଜିନିଷ ଚାହେଁ', 'ମୁଁ ଏହି କାମ କରେ', 'ମୁଁ ରହିଛି', ଏପରିକି ସେହି ପ୍ରସିଦ୍ଧ ଉକ୍ତି ଯେ 'ମୁଁ ଚିନ୍ତା କରୁଛି ତେଣୁ ମୁଁ ରହିଛି' ଏହା ମଧ୍ୟ ସେହି ଅହଂରୁ ଆସିଛି – ଅବଶ୍ୟ ଦୁଃଖର ସହିତ କହିବି ଯେ ଏହା ଏକ ନିର୍ବୋଧ ଉକ୍ତି ବୋଲି ମୁଁ ମନେ କରେ । ତୁମେ ଯେ 'ମନୋଜ', ତୁମ ଭିତରେ ଏହି ଧାରଣା ଯାହା ଆଣିଦିଏ, ଏବଂ ଅମୁକ ବା ସମୁକ ବ୍ୟକ୍ତିଙ୍କଠାରୁ ତୁମେ ଯେ ସମ୍ପୂର୍ଣ୍ଣ ଅଲଗା, ତାହାହିଁ ଅହଂ, ଏବଂ ତୁମେ ଯେ ଶାରୀରିକ ଭାବରେ ପୃଥକ୍ ରହିଛ ଓ ଦୈହିକ ସ୍ପନ୍ଦନର ଏକ ସାଧାରଣ ଉପାଦାନ ଭିତରେ ତରଳି ମିଶି ନଯାଉଛ, ଏ ଦିଗରେ ଯାହା ବାଧା ଦେଉଛି; ତାହାହିଁ ଅହଂ । ଅହଂହିଁ ତୁମ ଭିତରେ ଏହି ବୋଧ ଆଣି ଦେଇଥାଏ ଯେ ତୁମର ଏକ ନିର୍ଦ୍ଦିଷ୍ଟ ଆକୃତି ଅଛି, ଏକ ନିର୍ଦ୍ଦିଷ୍ଟ ସ୍ୱଭାବ ଅଛି, ଏକ ପୃଥକ୍ ଚେତନା ଅଛି ଏବଂ ଅନ୍ୟମାନଙ୍କଠାରୁ ସ୍ୱାଧୀନ ଭାବରେ ତୁମେ ନିଜ ଭିତରେହିଁ ନିଜେ ହୋଇ ରହିଛ । ଏପରିକି ଯଦି ବିଶେଷ ଚିନ୍ତା ବିଚାର ନକରି ନିଜ ଭିତରେ ସ୍ୱତଃସ୍ଫୂର୍ତ୍ତ ଭାବରେ ଆସୁଥିବା ଏକ ବୋଧକୁ ଲକ୍ଷ୍ୟ କର ଦେଖିବ ତହିଁରେ ଏହି ଧରଣର ଏକ ଭାବ ରହିଛି ଯେ ଯଦି ସମଗ୍ର ସୃଷ୍ଟି ଧ୍ୱଂସ ହୋଇଯାଏ ତଥାପି ବି ତୁମେ ସେହିପରି ତିଷ୍ଠି ରହିଥିବ – ଅବଶ୍ୟ ଏହା ଏକ ଅତି-ଅହଂ ।

ଏହା ନିଶ୍ଚିତ ଯେ ଯଦି ଯଥାର୍ଥ ସମୟ ଆସିବା ପୂର୍ବରୁ ଅକାଳରେ ଯଦି କେହି ତା'ର ଅହଂବୋଧକୁ ହରାଇ ବସେ ତେବେ ମାନସିକ ଓ ପ୍ରାଣିକ ଦୃଷ୍ଟିକୋଣରୁ ସେ ପୁଣି ଏକ ଆକୃତିହୀନ ଉପାଦାନରେ ପରିଣତ ହୋଇଯିବ । ନିଶ୍ଚିତ ଭାବରେ ଅହଂ ହେଉଛି ବ୍ୟକ୍ତିତ୍ୱ ଗଠନର ଏକ ଯନ୍ତ୍ର ସ୍ୱରୂପ, ଅର୍ଥାତ୍ ଯେତେବେଳ ଯାଏଁ ତୁମେ ନିଜ ଭିତରେ 'ଗଠିତ ଏକ ବ୍ୟକ୍ତି ସତ୍ତାରେ ପରିଣତ ନହୋଇଛ ସେପର୍ଯ୍ୟନ୍ତ ଅହଂ ଏକ ନିତାନ୍ତ ଆବଶ୍ୟକ ଜିନିଷ । ଯଦି ସମୟ ଆସିବା ପୂର୍ବରୁ ଅପରିପକ୍ୱ ଅବସ୍ଥାରେ ତୁମ ଭିତରେ ଅହଂକୁ ବିଲୋପ କରିବାର

ଶକ୍ତି ଆସି ଯାଆନ୍ତା ତେବେ ତୁମେ ତୁମର ବ୍ୟକ୍ତି ସତ୍ତାକୁ ମଧ୍ୟ ହରାଇ ବସନ୍ତ । କିନ୍ତୁ ଥରେ ବ୍ୟକ୍ତିର ସ୍ୱାତନ୍ତ୍ର୍ୟ ଗଠିତ ହୋଇଗଲା ପରେ ଅହଂ କେବଳ ଯେ ଅନାବଶ୍ୟକ ହୋଇପଡ଼େ ଖାଲି ସେତିକି ନୁହେଁ ଏହା ମଧ୍ୟ କ୍ଷତିକାରକ ହୋଇଉଠେ । କେବଳ ସେତିକିବେଳେହିଁ ଅହଂକୁ ଉଚ୍ଛେଦ ବା ବିଲୋପ କରିବାର ସମୟ ଆସେ । କିନ୍ତୁ ସ୍ୱାଭାବିକ ଭାବରେ ଯେହେତୁ ତୁମ ବ୍ୟକ୍ତି ସତ୍ତାକୁ ଗଠନ କରିବା ପାଇଁ ଏତେ ଆୟାସ ଓ ଶ୍ରମ କରିବାକୁ ପଡ଼ିଥାଏ, ତେଣୁ ଏତେ ସହଜରେ ସେ ତା'ର କାମକୁ ଛାଡ଼ିଦେବ ନାହିଁ, ସେ ନିଜ ଶ୍ରମ ଓ ପ୍ରଚେଷ୍ଟା ପାଇଁ ପୁରସ୍କାର ତ ଚାହିଁବ, ଅର୍ଥାତ୍ ସେ ଚାହିଁବ ନିଜ ବ୍ୟକ୍ତିତ୍ୱକୁ ଉପଭୋଗ କରିବା ପାଇଁ ।

*ପ୍ରଶ୍ନ : ଏପରିକି ଦୈହିକ ଗଠନ କ'ଣ ଅହଂ ଯୋଗୁଁହିଁ ହୋଇଥାଏ ?*

ଶ୍ରୀମା : ହଁ, ତାହା ମୂଳରେ ଅହଂ ରହିଥାଏ ବୋଲି ମୁଁ କହିବି । ଅହଂ ଯୋଗୁଁ ନହେଲେ ଏହା ଆଉ କେଉଁ କାରଣରୁ ହେବ ?

ବର୍ତ୍ତମାନ ତୁମେ ପଚାରୁଥିଲ କାହିଁକି ଏକ ବ୍ୟକ୍ତିଗତ ଅହଂ ରହିଛି ବୋଲି ... ।

ଏକ ପାରିବାରିକ ଅହଂ ମଧ୍ୟ ରହିଛି, ଏହା ଖୁବ୍ ଆଗ୍ରହଜନକ ବିଷୟ, କାରଣ ଏହି ପାରିବାରିକ ଅହଂହିଁ ଗୋଟିଏ ପରିବାରର ବିଭିନ୍ନ ବ୍ୟକ୍ତିଙ୍କ ଭିତରେ ନାନା ଭାବରେ ପରସ୍ପର ସହିତ ଏକ ପ୍ରକାର ସାଦୃଶ୍ୟ ଆଣିଦିଏ । ସେମାନେ ପୂରାପୂରି ସମାନ ବା ଏକା ପ୍ରକାରର ହୋଇ ନଥା'ନ୍ତି କିନ୍ତୁ ଜଣକର ଅନ୍ୟ ଜଣକ ସହ କିଛିଟା ସାଦୃଶ୍ୟ ରହିଥାଏ । ଜଣାଯାଏ ଯେ ସେମାନେ ସେଇ ଗୋଟିଏ ପରିବାରର ଅନ୍ତର୍ଗତ ଏବଂ ଯଦି ଆମେ ଆମର ମୂଳ ପୂର୍ବପୁରୁଷଙ୍କ ଆଡ଼କୁ ଫେରିଯାଉ, ତା'ହେଲେ ଦେଖିବୁ ସେହି ବଂଶଗତ ଧାରାରେ କିଛିଟା ମେଳ ବା ସାଦୃଶ୍ୟ ରହିଛି । ପ୍ରକୃତରେ ବ୍ୟକ୍ତିକ ଅହଂ ଅପେକ୍ଷା ଏହି ପାରିବାରିକ ଅହଂ ଅଧିକ ସ୍ଥାୟୀ ହୋଇଥାଏ । ଏହାଛଡ଼ା ଏକ ଜାତିଗତ ଅହଂ ମଧ୍ୟ ରହିଛି । ଏବଂ ଯେଉଁ ପରିବାରରେ ବେଶୀ କିଛି ମିଶ୍ରଣ ହୋଇ ନଥାଏ, ଅଧିକ ଅନ୍ତର୍ମିଶ୍ରଣ ନହୋଇ ଯେଉଁ ପରିବାର ସେହିପରି ରହି ଥାଆନ୍ତି, ଉଦାହରଣସ୍ୱରୂପ କୁଳୀନ, ଅଭିଜାତ ଶ୍ରେଣୀମାନଙ୍କ ଭିତରେ ବେଶୀ ମିଶ୍ରଣ ନଥାଏ, ସେମାନେ ସେହି ଗୋଟିଏ ବଂଶଗତ ଧାରା ନେଇ ରହିଥାଆନ୍ତି; ସେମାନଙ୍କ ଭିତରେ ଏହି ପାରିବାରିକ ଅହଂର ଚିହ୍ନ ଅତି ସ୍ପଷ୍ଟ ଭାବରେ ଦେଖାଯାଏ । ଉଦାହରଣସ୍ୱରୂପ ଫ୍ରାନ୍ସର ବୁର୍‌ବୋଁ ପରିବାରରେ ... ଉପରୁ ତଳ ଯାଏ ସେମାନଙ୍କ ପରିବାରର ସମସ୍ତଙ୍କ ଚେହେରା ଓ ଆକୃତିରେ ଏହି ପାରିବାରିକ ସାଦୃଶ୍ୟର ଚିହ୍ନ ଅତି ସ୍ପଷ୍ଟ ଭାବରେ ଦେଖିବାକୁ ମିଳେ । ସ୍ୱାଭାବିକ ଭାବରେ ନାନା ଜାତି, ଉପଜାତି ଓ ବଂଶସବୁ ଯେତେବେଳେ ପରସ୍ପର ସହିତ ଅଧିକ ଭାବରେ ମିଶିବାକୁ ଆରମ୍ଭ କଲେ, ଏହା ଦ୍ୱାରା ପାରିବାରିକ ଅହଂରେ ମଧ୍ୟ ନାନା ମିଶ୍ରଣ ପରିଲକ୍ଷିତ ହେଲା । ଏହାର ପରିଧିର ଦିଗ୍‌ବଳୟ ମଧ୍ୟ ଆହୁରି ପ୍ରସାରିତ ହେବାକୁ ଆରମ୍ଭ କଲା । ଠିକ୍ ଯେପରି ଆମେ ଯେତେବେଳେ ଆମ ମନର ପ୍ରସାରଣ ପାଇଁ ଚେଷ୍ଟା କରୁ, ବିଭିନ୍ନ ବିଷୟରେ ଜାଣିବାକୁ ଯତ୍ନ କରୁ, ବିଭିନ୍ନ ଭାଷା ଅଧ୍ୟୟନ କରିବା ପାଇଁ ଓ ନାନା ଦେଶ, କାଳ ଓ ସମାଜ ବିଷୟରେ, ସେମାନଙ୍କ ଚାଲିଚଳନ ବିଷୟରେ ଜାଣିବାକୁ ଚେଷ୍ଟା କରୁ ସେତେବେଳେ ଆମର ଅହଂ ମଧ୍ୟ ସଂକୀର୍ଣ୍ଣ ଗଣ୍ଡି ମଧ୍ୟରେ ଆବଦ୍ଧ ନରହି ଅଧିକ ଉଦାରତା ଓ ପ୍ରସାରତା ଲାଭ କରିଥାଏ । ଅବଶ୍ୟ ଏହା ସ୍ୱାଭାବିକ ଯେ ଯୋଗସାଧନା ଦ୍ୱାରା ଆମେ ସଚେତନ ଭାବରେ ଏହି ସମସ୍ତ ସଂକୀର୍ଣ୍ଣତାକୁ ଅତିକ୍ରମ କରିବା ପାଇଁ ସକ୍ଷମ ହେଉ ।

(୧୨ ଜାନୁଆରୀ, ୧୯୫୫)

(MCW, Vol. 7, pp. 11 - 13)

ନିରବଚ୍ଛିନ୍ନ ଓ ଆନ୍ତରିକ ଅଭୀପ୍ସା ଏବଂ ଏକମାତ୍ର ଭଗବାନଙ୍କ ଅଭିମୁଖୀ ହେବାର ସଂକଳ୍ପ ଚୈତ୍ୟପୁରୁଷଙ୍କୁ ସାମନାକୁ ଆଣିବା ଲାଗି ସର୍ବଶ୍ରେଷ୍ଠ ଉପାୟ ।

(SABCL, Vol. 22, p. 288) – ଶ୍ରୀଅରବିନ୍ଦ

# ଅହମିକା ଓ ଅହଂ

## ଶ୍ରୀମା

ଅହମିକାର ସଂଶୋଧନ ଅପେକ୍ଷାକୃତ ସହଜ, କାରଣ ସମସ୍ତେ ଜାଣନ୍ତି ଏହା କ'ଣ । ଏହାକୁ ଆବିଷ୍କାର କରିବା ସହଜ ଏବଂ ସଂଶୋଧନ କରିବା ମଧ୍ୟ ସହଜ, ଯଦି ତୁମେ ଯଥାର୍ଥରେ ଏହାର ସଂଶୋଧନ ଚାହଁ ଓ ଏଥିପାଇଁ ମନପ୍ରାଣ ଦେଇ ଲାଗିପଡ଼ ।

କିନ୍ତୁ ଅହଂକୁ ଧରିପାରିବା ଅନେକ ବେଶୀ କଷ୍ଟସାଧ୍ୟ, କାରଣ ପ୍ରକୃତରେ ଅହଂ କ'ଣ ତାହାକୁ ଉପଲବ୍ଧି କରିବାକୁ ହେଲେ ଅହଂ ଭିତରୁ ବାହାରି ସାରିବା ପରେହିଁ ତୁମେ ତାହାକୁ ଧରିପାରିବ, ତା' ନହେଲେ ତୁମେ ଆଦୌ ତାହାକୁ ଖୋଜି ପାଇବ ନାହିଁ, ତାଳୁରୁ ତଳିପା ଯାଏ, ଏକେବାରେ ବାହ୍ୟସତ୍ତାରୁ ଆରମ୍ଭ କରି ଅନ୍ତଃସତ୍ତା ପର୍ଯ୍ୟନ୍ତ, ଦୈହିକ ସତ୍ତାରୁ ଅଧ୍ୟାତ୍ମ ସତ୍ତା ଯାଏ ତୁମେ ଅହଂରେହିଁ ଭରି ହୋଇ ରହିଥାଅ । ଏହା ତୁମ ସତ୍ତାର ପ୍ରତ୍ୟେକଟି ଅଂଶ ସହିତ ମିଶି ରହିଥାଏ ଏବଂ ଏହା ଯେ ପ୍ରକୃତରେ କ'ଣ, ସେ ସମ୍ପର୍କରେ ତୁମେ ସଚେତ ନଥାଅ । ଏହା ଉପରେ ବିଜୟ ହାସଲ କରିସାରିବା ପରେ ଯାଇ, ଏହା ଭିତରୁ ବାହାରି ଆସିବା ପରେ ଯାଇ, ଏଥିରୁ ମୁକ୍ତ ହେବା ପରେ ଯାଇ, ଅନ୍ତତଃ ଆଂଶିକ ଭାବରେ, ତୁମ ସତ୍ତାର କୌଣସି ଏକ ଛୋଟ ଅଂଶରେ ଏଥିରୁ ମୁକ୍ତ ହେବା ପରେହିଁ ତୁମେ ଉପଲବ୍ଧି କରି ପାରିବ ଅହଂ ଜିନିଷଟି କ'ଣ ।

ଅହଂ ହେଉଛି ସେହି ଜିନିଷ ଯାହା ଆମକୁ ଆମର ବ୍ୟକ୍ତି ରୂପ ଗଠନ କରିବାରେ ସାହାଯ୍ୟ କରିଥାଏ ଅଥଚ ଆମେ ଦିବ୍ୟ ହୋଇଉଠିବା ଦିଗରେ ବାଧା ଦେଇଥାଏ । ଜିନିଷଟି ଏହିପରି । ଏହି ଦୁଇଟି କଥାକୁ ଏକତ୍ର କରିଦିଅ ଓ ତୁମେ ଅହଂକୁ ଧରି ପାରିବ । ବର୍ତ୍ତମାନ ପୃଥିବୀ ଯେପରି ଭାବରେ ଗଢ଼ି ଉଠିଛି – ଅହଂ ବ୍ୟତିରେକେ ବ୍ୟକ୍ତି ବୋଲି କିଛି ରହିବ ନାହିଁ, ଏବଂ ଅହଂ ରହିଥିବା ଯାଏ ପୃଥିବୀ ଦିବ୍ୟ ହୋଇ ଉଠିପାରିବ ନାହିଁ ।

ତେଣୁ ଯୁକ୍ତିସମ୍ମତ ଭାବେ ଏହି ସିଦ୍ଧାନ୍ତରେ ପହଞ୍ଚାଯାଇ ପାରେ ଯେ, ''ତା'ହେଲେ ଆସ ଆମେ ପ୍ରଥମେ ସଚେତ ବ୍ୟକ୍ତି ରୂପେ ଗଢ଼ି ଉଠିବା ଓ ତା'ପରେ ଅହଂକୁ ବିଦାୟ କରିଦେବା ଏବଂ ଦିବ୍ୟ ହୋଇ ଉଠିବା ।'' କିନ୍ତୁ ପ୍ରକୃତରେ ଆମେ ଯେତେବେଳେ ସଚେତ ବ୍ୟକ୍ତି ହୋଇଉଠୁ ସେତେବେଳେ ଆମ ଅହଂକୁ ନେଇ ଚଳିବାରେ ଆମେ ଏତେ ଅଭ୍ୟସ୍ତ ହୋଇପଡୁ ଯେ ଆମେ ଆଉ ଏହାକୁ ଅଲଗା କରି ଖୋଜି ଧରିପାରୁ ନାହିଁ, ଏବଂ ଏହାର ଉପସ୍ଥିତି ସମ୍ପର୍କରେ ସଚେତ ହେବାକୁ ହେଲେ ଆମକୁ ଅନେକ ଶ୍ରମ ଓ ଆୟାସ କରିବାକୁ ପଡ଼େ ।

ଅନ୍ୟ ପକ୍ଷରେ ସମସ୍ତେ ଜାଣନ୍ତି ଅହଂକାର ବା ଅହମିକାଟା କ'ଣ । ଯେତେବେଳେ ତୁମେ ସବୁକିଛିକୁ ତୁମ ନିଜ ଆଡ଼କୁ ଟାଣି ଧର ଓ ଅନ୍ୟମାନଙ୍କ ସମ୍ପର୍କରେ ତୁମର ଆଦୌ କିଛି ଆଗ୍ରହ ନଥାଏ, ତାହାକୁହିଁ କୁହାଯାଏ ଅହମିକା । ଯେତେବେଳେ ତୁମେ ନିଜକୁ ବିଶ୍ୱର କେନ୍ଦ୍ରବିନ୍ଦୁରେ ରଖ ଏବଂ ସବୁକିଛି କେବଳ ତୁମର ସମ୍ପର୍କିତ ହୋଇ ରହିଛନ୍ତି ବୋଲି ମନେ କର, ତାହାହିଁ ଅହମିକା । କିନ୍ତୁ ଏହା ବେଶ୍ ସ୍ପଷ୍ଟ ବୁଝିହୁଏ, ଜଣେ ଅହମିକାରେ ପୂର୍ଣ୍ଣ ହୋଇଥିଲେ ତାହାକୁ ଦେଖି ନପାରିବା କେବଳ ଅନ୍ଧଲୋକ ପକ୍ଷେ ସମ୍ଭବ । ପ୍ରତ୍ୟେକ ମଣିଷ ଭିତରେ କିଛି ନା କିଛି ଅହମିକା ରହିଛି, ଊଣା ଅଧିକେ କିଛିଟା ଅହଂକାର ରହିଛି, ଏବଂ ସାଧାରଣତଃ କିଛିଟା ଅହମିକାକୁ ଗ୍ରହଣୀୟ ବୋଲିହିଁ ମନେ କରାଯାଇଥାଏ; କିନ୍ତୁ ସାଧାରଣ ଜୀବନରେ ମଧ୍ୟ ଯେତେବେଳେ ଜଣେ ଅତ୍ୟଧିକ ଅହଂକାରୀ ହୋଇଉଠେ, ସେତେବେଳେ ତାକୁ କିଛି ଧକ୍କା ଖାଇବାକୁ ମଧ୍ୟ ହୁଏ, କାରଣ ଯେହେତୁ ପ୍ରତ୍ୟେକଙ୍କ ଭିତରେ ଅହମିକା ଥାଏ, କେହି ଅନ୍ୟ କାହାର ଅହମିକାକୁ ପସନ୍ଦ କରନ୍ତି ନାହିଁ ।

ଏହାକୁ ସ୍ୱାଭାବିକ ବୋଲି ଧରି ନିଆ ଯାଇଥାଏ, ସାର୍ବଜନୀନ ନୈତିକତାର ଏହା ଏକ ଅଂଶ ବୋଲି ବିଚାର କରାଯାଏ । ଅବଶ୍ୟ ସାମାନ୍ୟ ଟିକେ ଅହଂକାରୀ ହେଲେ ଚଳିବ, ଅତ୍ୟଧିକ ନୁହେଁ, ତେଣୁ ଏଥିରେ ଅସାଧାରଣ କିଛି ନଥାଏ । ଅନ୍ୟ ପକ୍ଷରେ ଅହଂ ସମ୍ପର୍କରେ କେହି କିଛି କୁହନ୍ତି ନାହିଁ, କାରଣ ଏହା ସମ୍ପର୍କରେ କେହି କିଛି ଜାଣନ୍ତି ନାହିଁ । ଏହା ତୁମର ଏପରି ଅନ୍ତରଙ୍ଗ ସହଚର ହୋଇ ରହିଥାଏ ଯେ ଏହାର ଅସ୍ତିତ୍ୱକୁ ମଧ୍ୟ କେହି ଚିହ୍ନି ପାରନ୍ତି ନାହିଁ; କିନ୍ତୁ ତଥାପି ଯେପର୍ଯ୍ୟନ୍ତ ଏହି ଅହଂ ରହିଥିବ ତୁମେ କେବେହେଲେ ଦିବ୍ୟ ଚେତନାର ଅଧିକାରୀ ହୋଇପାରିବ ନାହିଁ ।

ଏହି ଅହଂହିଁ ତୁମକୁ ସଚେତ କରାଏ ଯେ ତୁମେ ଅନ୍ୟମାନଙ୍କଠାରୁ ପୃଥକ୍ । ଯଦି ଅହଂ ନଥା'ନ୍ତା ତା'ହେଲେ ତୁମେ ବୁଝିପାରନ୍ତ ନାହିଁ ଯେ ତୁମେ ଅନ୍ୟମାନଙ୍କଠାରୁ ପୃଥକ୍ ଏକ ବ୍ୟକ୍ତି । ତୁମର ଏହି ଧାରଣା ରୁହନ୍ତା ଯେ ତୁମେ ଏକ ସମଗ୍ରର ଅଂଶ ମାତ୍ର, ଏକ ବିରାଟ ସମଗ୍ରର ଅତ୍ୟନ୍ତ କ୍ଷୁଦ୍ର ଏକ ଅଂଶ । ଅନ୍ୟ ପକ୍ଷରେ, ତୁମେ ସମସ୍ତେ ନିଶ୍ଚିତ ଭାବରେ ଖୁବ୍ ସଚେତ ଯେ ତୁମେ ଜଣେ ପୃଥକ୍ ବ୍ୟକ୍ତି । ଅହଂହିଁ ତୁମକୁ ଏହି ବୋଧ ବା ଧାରଣା ଦେଇଛି । ତୁମେ ଯେପର୍ଯ୍ୟନ୍ତ ଏହି ଭାବରେ ସଚେତ ହୋଇ ରହିଥିବ, ତାହାର ଅର୍ଥ ହେଉଛି ତୁମର ଏକ ଅହଂ ରହିଛି ।

ଯେତେବେଳେ ତୁମେ ସଚେତ ହୁଅ ଯେ ସବୁକିଛିହିଁ ତୁମେ ନିଜେ, ଏବଂ ଏହା ସେହି ଏକ ସମାନ ବ୍ୟକ୍ତିର ସହସ୍ର ସହସ୍ର ଅନ୍ୟାନ୍ୟ ବିନ୍ଦୁସବୁ ଭିତରୁ ଅତି କ୍ଷୁଦ୍ର ଏକ ବିନ୍ଦୁ ମାତ୍ର ଏବଂ ତୁମେହିଁ ସର୍ବତ୍ର ବିରାଜମାନ, ଏବଂ ତୁମେ ଯେତେବେଳେ ଅନୁଭବ କର ଯେ ସବୁ ଭିତରେ ତୁମେ ନିଜେହିଁ ରହିଛ ଏବଂ କାହା ସହିତ କିଛି ପାର୍ଥକ୍ୟ ନାହିଁ, ସେତେବେଳେ ତୁମେ ଜାଣିବ ଯେ ତୁମେ ଏକ ଅହଂଶୂନ୍ୟ ଅବସ୍ଥା ଦିଗରେ ଆଗେଇ ଯାଉଛ, ଏପରି ଏକ ଅବସ୍ଥାରେ ପହଞ୍ଚିବାକୁ ଯାଉଛ ଯେ ଯେଉଁଠି ଆଉ ଅହଂର ଅସ୍ତିତ୍ୱ ନାହିଁ ।

ଏପରିକି ଏକ ସମୟ ଆସେ ଯେତେବେଳେ ନିଜ ସମ୍ପର୍କରେ ଧାରଣା କରିବାକୁ ଯାଇ ଏହା କହିବା ଅସମ୍ଭବ ହୋଇଉଠେ ଯେ 'ମୁଁ ଏହା ନୁହେଁ' । କାରଣ, ଏପରିକି ଏହି ଅନୁଭୂତିଟିକୁ ଯଦି ଏହି ଭାବରେ ମଧ୍ୟ ପ୍ରକାଶ କରାଯାଏ ଯେ ତୁମେହିଁ ଏସବୁ କିଛି, ବା ସବୁକିଛିହିଁ ତୁମେ, ବା ତୁମେହିଁ ଭଗବାନ୍ ବା ଭଗବାନହିଁ ତୁମେ, ତଥାପି ଏଥିରେ କିଛି ବାକି ରହିଯାଏ ।

ଗୋଟିଏ ମୁହୂର୍ତ୍ତ ଆସେ – ତାହା ଘଟେ ଏକ ବିଦ୍ୟୁତ୍ ଝଲକପରି, ଏବଂ ତାହା ଆଦୌ ବେଶୀ ସମୟ ରୁହେ ନାହିଁ, ଯେତେବେଳେ ଏହି ଅନୁଭୂତି ଆସେ ଯେ ଏକ ଦିବ୍ୟ ସମଗ୍ରହିଁ ଜାଣୁଛି, ଏହି ଦିବ୍ୟ ସମଗ୍ରହିଁ ଅନୁଭବ କରୁଛି, କେବଳ ଏହି ଦିବ୍ୟ ସମଗ୍ରହିଁ ବାସ କରୁଛି । ଏପରିକି ଏହି ଧାରଣା ମଧ୍ୟ ରହେ ନାହିଁ ଯେ ତୁମେ ଏହି ଅବସ୍ଥାଟିରେ ପହଞ୍ଚିଛ ।

ଏହି ଅବସ୍ଥାହିଁ ପ୍ରକୃତରେ ଯଥାର୍ଥ ଅହଂଶୂନ୍ୟ ଅବସ୍ଥା । କିନ୍ତୁ ସେହି ଅବସ୍ଥା ଆସିବା ପର୍ଯ୍ୟନ୍ତ କେଉଁଠି ଅହଂର କିଛି ଅବଶିଷ୍ଟାଂଶ ରହି ଯାଇଥାଏ; ସାଧାରଣତଃ ସେହି ଅଂଶଟିରେ ଯେ ଏହା ଦ୍ରଷ୍ଟା ହୋଇଥାଏ, ସାକ୍ଷୀ ପୁରୁଷ ରୂପେ ଏହାକୁ ଦେଖୁଥାଏ ।

ତେଣୁ କେବେହେଲେ ଏପରି ଆସ୍ଫାଳନ କର ନାହିଁ ଯେ ତୁମର ଆଉ ଅହଂ ନାହିଁ ବୋଲି । ଏହା ଠିକ୍ ନୁହେଁ । ତୁମେ କହିପାର ଯେ ତୁମେ ଏପରି ଏକ ଅବସ୍ଥା ଦିଗରେ ଆଗେଇ ଯାଉଛ ଯେଉଁଠି ଅହଂ ଆଉ ନାହିଁ, ଅର୍ଥାତ୍ ଏକ ଅହଂଶୂନ୍ୟ ଅବସ୍ଥା ଦିଗରେ ଆଗେଇ ଯାଉଛ, ଏହାହିଁ କହିବା ଠିକ୍ ହେବ ।

ମୁଁ ବିଶ୍ୱାସ କରେ ନାହିଁ ଯେ ତୁମର ଏହି ଅବସ୍ଥା ଆସିଛି, ଆସିଛି କି ? – ନା, ଏପର୍ଯ୍ୟନ୍ତ ଆସି ନାହିଁ । ଅଥଚ ଏହାହିଁ ଅପରିହାର୍ଯ୍ୟ ଯଦି ତୁମେ ଅତିମାନସ କ'ଣ ତାହା ଯଥାର୍ଥରେ ଜାଣିବାକୁ ଚାହଁ । ଯଦି ତୁମେ ଅତିମାନସ ଉପଲବ୍ଧି କରିବାର ଏକ ପ୍ରାର୍ଥୀ, ତା'ହେଲେ ତୁମକୁ ତୁମ ଅହଂର ବିନାଶ ପାଇଁ ସଂକଳ୍ପ ନେବାକୁ ହେବ, ଅହଂକୁ ଅତିକ୍ରମ କରିବାକୁ ହେବ, କାରଣ ଯେପର୍ଯ୍ୟନ୍ତ ତୁମେ ଏହି ଅହଂଟିକୁ ନିଜ ସଙ୍ଗରେ ରଖିଥିବ ସେପର୍ଯ୍ୟନ୍ତ ଅତିମାନସ ତୁମ ପାଇଁ ଅଜଣା ଓ ଅପହଞ୍ଚ ହୋଇ ରହିବ ।

କିନ୍ତୁ ଯଦି ପ୍ରୟାସ ଓ ଉଦ୍ୟମ ଦ୍ୱାରା, ସାଧନା ଦ୍ୱାରା, କ୍ରମବର୍ଦ୍ଧିଷ୍ଣୁ ଆତ୍ମ-କର୍ତ୍ତୃତ୍ୱ ଦ୍ୱାରା ତୁମେ ଅହଂକୁ ଅତିକ୍ରମ କରି ଏହାର ଊର୍ଦ୍ଧ୍ୱକୁ ଉଠିଯିବ, ଏପରିକି ତୁମ ସତ୍ତାର ଅତି କ୍ଷୁଦ୍ର ଅଂଶଟିରେ ମଧ୍ୟ ଯଦି ଏହା ସମ୍ପନ୍ନ କରିପାର ତେବେ ଏହାହିଁ ତୁମ ସତ୍ତା ଭିତରେ କେଉଁଠି ଛୋଟ ଝରକାଟିଏ ଖୋଲିଯିବା ଭଳି କାମ କରିବ, ଯେଉଁ ଝରକା ଭିତର ଦେଇ ଯତ୍ନର ସହିତ ନିରୀକ୍ଷଣ କଲେ ତୁମେ ଅତିମାନସର ଏକ ଝଲକ ଦର୍ଶନ କରିପାର । ଏହାହିଁ ପ୍ରତିଶ୍ରୁତି । ଯେତେବେଳେ ତୁମେ ଏହାର ଏକ ଝଲକ ଦର୍ଶନ କରିବ, ଏହା ଏତେ ସୁନ୍ଦର ଓ ଚିତ୍ତାକର୍ଷକ ଯେ ତୁମେ ସଙ୍ଗେ ସଙ୍ଗେ ଚାହିଁବ ଅହଂର ବାକୀସବୁ ଅଂଶକୁ ସମ୍ପୂର୍ଣ୍ଣ ବିଲୋପ ଓ ଦୂର କରିବାକୁ ।

ଏହା ଅବଶ୍ୟ ମନେ ରଖ – ମୁଁ ଏପରି କହୁ ନାହିଁ ଯେ ଅତିମାନସର ଏକ ଝଲକ ଦେଖିବାକୁ ହେଲେ ତୁମକୁ ସମ୍ପୂର୍ଣ୍ଣ ଭାବରେ ଅହଂଶୂନ୍ୟ ହେବାକୁ ହେବ, କାରଣ ତାହା ପ୍ରାୟ ଅସମ୍ଭବ । ନା, ଅହଂରୁ କିଛିଟା ମୁକ୍ତ ହେବା କଥାହିଁ କୁହାଯାଉଛି, ସତ୍ତାର କେଉଁ ଛୋଟ ଭାଗଟିରେ, କେଉଁ କ୍ଷୁଦ୍ର ଅଂଶଟିରେ, ଏପରିକି ମନର କେଉଁ କ୍ଷୁଦ୍ର ଅଂଶଟିରେ ହେଲେ ମଧ୍ୟ ଚଳିବ, ଯଦି ମନ ଓ ପ୍ରାଣର କୌଣସି ଅଂଶଟିରେ ତୁମେ

ଅହଂରୁ ମୁକ୍ତ ହୁଅ ତା'ହେଲେ ତାହା ଅତି ଉତ୍ତମ; କିନ୍ତୁ ଯଦି ଆକସ୍ମିକ ଯୋଗାଯୋଗରୁ – ନା ଯୋଗାଯୋଗ ନୁହେଁ – ଯଦି ବାରଂବାର ପ୍ରଚେଷ୍ଟା ଫଳରେ ତୁମେ ନିଜ ଚୈତ୍ୟପୁରୁଷ ସହ ସଂଯୋଗ ସ୍ଥାପନ କର ତା'ହେଲେ ଏକ ପ୍ରଶସ୍ତ ଦ୍ୱାର ଉନ୍ମୁକ୍ତ ହୋଇଯାଏ । ଚୈତ୍ୟସତ୍ତା ଭିତର ଦେଇ ତୁମେ ଅତିମାନସର ହଠାତ୍ ଏକ ଅତି ସ୍ୱଷ୍ଟ ଓ ସୁନ୍ଦର ଦର୍ଶନ ପାଇପାର, କେବଳ ଏକ ଦର୍ଶନ; ଉପଲବ୍ଧି ନୁହେଁ । କିନ୍ତୁ ତାହା ଏକ ବିରାଟ ଅଗ୍ରଗତି । କିନ୍ତୁ ଚୈତ୍ୟ ଉପଲବ୍ଧି ଭଳି ଏକ ମହାନ୍ ଉପଲବ୍ଧି ପାଇବା ପର୍ଯ୍ୟନ୍ତ ଏତେଦୂର ନଯାଇ ମଧ୍ୟ ତୁମେ ଯଦି ମନର ବା ପ୍ରାଣର କିଛି ଅଂଶକୁ ମୁକ୍ତ କରିଦେଇପାର, ତା'ହେଲେ ତାହା ଦରଜାରେ ଏକ ଛୋଟ ଛିଦ୍ର ପରି କିଛି ହେବ, ଚାବିରନ୍ଧ୍ର ପରି କିଛି ହେବ । ଏବଂ ଏହି କ୍ଷୁଦ୍ର ଚାବିରନ୍ଧ୍ର ଭିତର ଦେଇ ତୁମର ଅତିମାନସର ଏକ ଝଲକ ଦର୍ଶନ ହୋଇପାରେ, ସାମାନ୍ୟ ଏକ ଝଲକ । କିନ୍ତୁ ତାହାହିଁ ଅତି ଚିତ୍ତାକର୍ଷକ, ଅତି ଅପୂର୍ବ ।

(୨ ମେ, ୧୯୫୮)

(MCW, Vol. 3, pp. 240 - 42) ✤

## ଶାଶ୍ୱତର ଜ୍ଞାନ

ଆତ୍ମାକୁ ଲାଭ କରିବାକୁ ହେଲେ ତୁମକୁ ଏହିଭାବେ ଯିବାକୁ ହେବ (ବୁଡ଼ିଯିବାର ଇଙ୍ଗିତ) ଏହିପରି, ଉପରିଭାଗରୁ ଓହରି ଯାଅ, ଗଭୀରତା ମଧ୍ୟରେ ବୁଡ଼ିଯାଅ ଓ ପ୍ରବେଶ କର, ପ୍ରବେଶ କର, ତଳକୁ ଯାଅ, ତଳକୁ, ଗଭୀର ଗର୍ତ୍ତ ମଧ୍ୟକୁ, ଖୁବ୍ ଗଭୀର, ନିସ୍ତବ୍ଧ, ସ୍ଥିର ଭିତରକୁ; ଏବଂ ସେଠାରେ, ସେଠାରେ ଏକ ପ୍ରକାର ... କିଛି ସୌହାର୍ଦ୍ୟପୂର୍ଣ୍ଣ, ଶାନ୍ତ, ସାରଭାଗରେ ମୂଲ୍ୟବାନ୍ ଏବଂ ଖୁବ୍ ନିସ୍ତବ୍ଧ, ନିଶ୍ଚଳ, ସମ୍ପୂର୍ଣ୍ଣ ଏକ ମଧୁରତାର ଅନୁଭବ ସଦୃଶ କିଛି ରହିଛି – ତାହା ହିଁ ଆତ୍ମା ।

ତୁମେ ଯଦି ଲାଗିରୁହ ଏବଂ ସଚେତନ ଥାଅ, ତା'ହେଲେ ଏକ ପ୍ରକାର ପ୍ରାଚୁର୍ଯ୍ୟ ଆସିବ ଯାହାକି ସମ୍ପୂର୍ଣ୍ଣ ଓ ଅତଳସ୍ପର୍ଶୀ ଗଭୀରତା ବିଶିଷ୍ଟ ଅନୁଭୂତି କିଛି ଆଣିଦେବ ... ଏହା ମଧ୍ୟରେ ଯଦି ତୁମେ ପ୍ରବେଶ କର ତେବେ ମନେହେବ ଅନେକ ରହସ୍ୟ ନିଜକୁ ପ୍ରକାଶିତ କରି ଦେଉଛନ୍ତି... କିଛି ଶାଶ୍ୱତର ପ୍ରତିବିମ୍ବ ଯେପରି ପ୍ରଶାନ୍ତ ଜଳ ଉପରେ ପଡ଼ୁଛି । ଏବଂ ତୁମେ ଆଉ କାଳ ମଧ୍ୟରେ ସୀମିତ ହେବାର ଅନୁଭବ କରିବ ନାହିଁ ।

ତୁମର ଧାରଣା ହେବ ଯେ ତୁମେ ସର୍ବଦା ରହିଆସିଛ ଏବଂ ଅନନ୍ତ କାଳ ପର୍ଯ୍ୟନ୍ତ ରହିଥିବ ।

ତୁମେ ଯେତେବେଳେ ଆତ୍ମାର ମର୍ମସ୍ଥଳକୁ ସ୍ପର୍ଶକର ସେତେବେଳେ ଏହା ହୁଏ ।

ଏବଂ ଏହି ସଂଯୋଗ ଯଦି ଯଥେଷ୍ଟ ଭାବେ ସଚେତନ ଓ ସମ୍ପୂର୍ଣ୍ଣ ହୋଇଥାଏ, ତେବେ ଏହା ତୁମକୁ ବାହ୍ୟ ଆକୃତିର ବନ୍ଧନରୁ ମୁକ୍ତ କରେ; ତୁମେ ଆଉ ଅନୁଭବ କର ନାହିଁ ଯେ ତୁମର କେବଳ ଏକ ଶରୀର ଅଛି ବୋଲି ତୁମେ ବଞ୍ଚି ରହିଛ । ସାଧାରଣତଃ ଏହା ହିଁ ହେଉଛି ମନୁଷ୍ୟର ଇନ୍ଦ୍ରିୟାନୁଭୂତି, ବାହ୍ୟ ଆକୃତି ସହିତ ତାହା ଏତେ ବାନ୍ଧି ହୋଇଛି ଯେ ନିଜେ ଯେତେବେଳେ ''ମୁଁ'' ବୋଲି ଭାବେ, ଶରୀର କଥା ହିଁ ଭାବେ । ଏହା ସ୍ୱାଭାବିକ । ବ୍ୟକ୍ତିର ବାସ୍ତବତା ହେଉଛି ଶରୀରର ବାସ୍ତବତା । ଜଣେ ଯେତେବେଳେ କେବଳ ଆନ୍ତର ଉନ୍ନତି ପାଇଁ ଏବଂ ନିଜର ସତ୍ତା ମଧ୍ୟରେ ଏକ ସାମାନ୍ୟ ଅଧିକ ସ୍ଥାୟୀ କିଛି ପାଇବା ଲାଗି ଚେଷ୍ଟା କରେ, ସେ ଅନୁଭବ କରିବାକୁ ଆରମ୍ଭ କରିପାରିବ ଯେ ଏହି ''କିଛି'', ଯାହା ଯୁଗ ଯୁଗ ଧରି ସମସ୍ତ ପରିବର୍ତ୍ତନ ମଧ୍ୟରେ ସ୍ଥାୟୀ ଭାବରେ ସଚେତନ ତାହା ହିଁ ନିଶ୍ଚିତ ଭାବେ ''ମୁଁ'' ।

(CWM, Vol. 9 : p. - 310) — ଶ୍ରୀମା

# ଶ୍ରୀମା'ଙ୍କ ପାଇଁ କର୍ମ ମାଧ୍ୟମରେ ସାଧନା

## ଶ୍ରୀଅରବିନ୍ଦ

### ମା'ଙ୍କ କର୍ମ ମାଧ୍ୟମରେ ସାଧନା

**(୧)**

ଯଥାର୍ଥ ଭାବରେ ମା'ଙ୍କ ଉପରେ ଏକାଗ୍ର ହୋଇ ମା'ଙ୍କ ସକାଶେ କାର୍ଯ୍ୟ କରିବା ହେଲା ଧ୍ୟାନ ଓ ଆନ୍ତର ଅନୁଭୂତି ତୁଲ୍ୟ ଗୋଟିଏ ସାଧନା ।

**(୨)**

ଯେଉଁମାନେ ପୂର୍ଣ୍ଣ ଐକାନ୍ତିକତା ସହିତ ମା'ଙ୍କ ନିମିତ୍ତ କାର୍ଯ୍ୟ କରନ୍ତି ସେମାନେ ଯଦି ଧ୍ୟାନ କରନ୍ତି ନାହିଁ ଅଥବା ଯୋଗର କୌଣସି ନିର୍ଦ୍ଦିଷ୍ଟ ସାଧନା କରନ୍ତି ନାହିଁ, ସେହି କାର୍ଯ୍ୟ ଦ୍ୱାରା ହିଁ ସେମାନେ ଯଥାର୍ଥ ଚେତନା ଲାଭ ନିମିତ୍ତ ପ୍ରସ୍ତୁତ ହୁଅନ୍ତି । କିପରି ଧ୍ୟାନ କରିବାକୁ ହେବ ତାହା ତୁମକୁ କହିବାର ପ୍ରୟୋଜନ ନାହିଁ, ଯଦି ତୁମେ ତୁମ କାର୍ଯ୍ୟରେ ସର୍ବଦା ଆନ୍ତରିକ ହୁଅ ଏବଂ ମା'ଙ୍କ ପାଖେ ନିଜକୁ ଖୋଲି ରଖ, ତାହାହେଲେ ଯାହା ପ୍ରୟୋଜନ ତାହା ଆପେ ଆପେ ଆସିବ ।

### ପୂର୍ଣ୍ଣଯୋଗରେ କର୍ମର ଆବଶ୍ୟକତା

**(୧)**

କର୍ମ ଓ ବାହ୍ୟ ଚେତନାକୁ ଉପେକ୍ଷା କରି ଅନୁଭୂତି ଲାଭ ନିମିତ୍ତ ପୂର୍ଣ୍ଣରୂପେ ନିଜ ମଧ୍ୟରେ ନିମଗ୍ନ ହେବା ଅର୍ଥ ଭାରସାମ୍ୟ ହରାଇବା ଓ ସାଧନାରେ ଏକପାଖିଆ ହୋଇଯିବା – କାରଣ ଆମ ଯୋଗ ହେଲା ପୂର୍ଣ୍ଣଯୋଗ, ସେହିପରି ଯଦି କେହି କେବଳ ବାହ୍ୟ କାର୍ଯ୍ୟରେ ଲିପ୍ତ ରହେ ଏବଂ କେବଳ ମାତ୍ର ବାହ୍ୟ ସତ୍ତାରେ ବାସ କରେ ତେବେ ବି ଭାରସାମ୍ୟ ହରାଇବ ଏବଂ ତାହାର ମଧ୍ୟ ସାଧନା ଏକପାଖିଆ ହୋଇଯିବ । ଆନ୍ତର ଅନୁଭୂତି ଏବଂ ବାହ୍ୟ କାର୍ଯ୍ୟରେ ଏକ ହିଁ ଚେତନା ଲାଭ କରିବାକୁ ହେବ ଏବଂ ଉଭୟଙ୍କୁ ମା'ଙ୍କ ଶକ୍ତି ଦ୍ୱାରା ପୂର୍ଣ୍ଣ କରିବାକୁ ହେବ ।

**(୨)**

ମାନସିକ ଭାବରେ ଖୁବ୍ ଶକ୍ତିଶାଳୀ ହୋଇ ନ ଥିଲେ ସମସ୍ତ ସମୟ ବା ଅଧିକାଂଶ ସମୟ ଧ୍ୟାନରେ ଦେବା ଭଲ ନୁହେଁ – କାରଣ ତଦ୍ୱାରା ସେ ଆନ୍ତର ଜଗତରେ ବାସ କରିବାରେ ଅଭ୍ୟସ୍ତ ହୋଇଯିବ ଏବଂ ବାହ୍ୟ ସତ୍ୟ ସହିତ ଏକେବାରେ ସମ୍ପର୍କ ରହିବ ନାହିଁ – ଫଳରେ ଦେଖାଦେବ ଏକପାଖିଆ ଅସଂହତ ଗତିବୃତ୍ତି ଯାହାର ପରିଣାମରେ ହୁଏତ ଭାରସାମ୍ୟରେ ବିଭ୍ରାଟ ଘଟିପାରେ । ସର୍ବୋତ୍ତମ ହେଲା ଉଭୟ ଧ୍ୟାନ ଓ କର୍ମ କରିବା ଏବଂ ଉଭୟକୁ ମା'ଙ୍କୁ ସମର୍ପଣ କରିବା ।

(୦୬-୦୮-୧୯୩୩)

**(୩)**

ଏହା ଆମର ଅଭିଜ୍ଞତା ନୁହେଁ ଯେ କେବଳ ଧ୍ୟାନ ଦ୍ୱାରା ପ୍ରକୃତିର ପରିବର୍ତ୍ତନ ସମ୍ଭବ କିଂବା ଯେଉଁମାନେ ବାହ୍ୟ କ୍ରିୟା ଓ କର୍ମରୁ ଅବସର ନେବାକୁ ଚେଷ୍ଟା କରିଛନ୍ତି ସେମାନଙ୍କ ପକ୍ଷେ ତାହା ଖୁବ୍ ଲାଭଜନକ ହୋଇଛି । ବହୁ କ୍ଷେତ୍ରରେ ଏହା କ୍ଷତିକାରକ ହୋଇଛି । ଆବଶ୍ୟକ ହେଉଛି କିଛି ପରିମାଣରେ ଏକାଗ୍ରତା, ହୃଦୟରେ ଆନ୍ତର ଅଭୀପ୍ସା ଏବଂ ସେହିଠାରେ ମା'ଙ୍କ ଉପସ୍ଥିତି ଏବଂ ଉର୍ଦ୍ଧ୍ୱରୁ ଏକ ଅବତରଣ ପ୍ରତି ଚେତନାର ଏକ ଉନ୍ମୀଳନ । କିନ୍ତୁ କାର୍ଯ୍ୟ ବିନା, କର୍ମ ବିନା, ବାସ୍ତବରେ ପ୍ରକୃତିର ପରିବର୍ତ୍ତନ ହୁଏ ନାହିଁ । ଏହା ସେହିପରି ହିଁ ରହିଥାଏ ଏବଂ ଲୋକମାନଙ୍କ ସଂସ୍ପର୍ଶରେ ଆସିବା ଦ୍ୱାରା ହିଁ ପ୍ରକୃତରେ ପରିବର୍ତ୍ତନ ହୋଇଛି କି ନାହିଁ ତାହାର ପରୀକ୍ଷା ହୁଏ । କର୍ମ ସମ୍ପର୍କରେ କୌଣସି ଶ୍ରେଷ୍ଠତା ବା ନ୍ୟୂନତା ନାହିଁ । ଯଦି ମା'ଙ୍କୁ ଅର୍ପଣ କରା ଯାଇଥାଏ ଓ ତାଙ୍କରି ପାଇଁ କରାଯାଇଥାଏ ଓ ତାଙ୍କରି ଶକ୍ତିରେ କରାଯାଇଥାଏ, ତେବେ ସମସ୍ତ କର୍ମ ହିଁ ଏକ ।

(୦୬-୧୦-୧୯୩୪)

**(୪)**

ସବୁକାମ ଛାଡ଼ି କେବଳ ପଢ଼ିବା ଓ ଧ୍ୟାନ କରିବାକୁ ଭଲ ବୋଲି ମା ଭାବନ୍ତି ନାହିଁ । କର୍ମ ହେଲା ଯୋଗର ଗୋଟିଏ

ଅଙ୍ଗ । ଦିବ୍ୟ ଉପସ୍ଥିତିକୁ ତଥା ଦିବ୍ୟ ଆଲୋକ ଏବଂ ଦିବ୍ୟ ଶକ୍ତିକୁ ପ୍ରାଣ ଓ ତାହାର କ୍ରିୟା ମଧ୍ୟକୁ ଆବାହନ କରି ଉତାରି ଆଣିବାର ସର୍ବୋତ୍କୃଷ୍ଟ ସୁଯୋଗ କର୍ମ ହିଁ ଦିଏ; ଏହା ଆତ୍ମ-ସମର୍ପଣର କ୍ଷେତ୍ର ଏବଂ ସୁଯୋଗକୁ ପରିବର୍ଦ୍ଧିତ କରେ ।

କର୍ମ ମା'ଙ୍କର ଏବଂ କର୍ମର ଫଳ ମଧ୍ୟ ମା'ଙ୍କର, ଏତିକି ମନେ ରଖିବା ଯଥେଷ୍ଟ ନୁହେଁ । ତୁମ ପଶ୍ଚାତରେ ମା'ଙ୍କର ଯେଉଁ ଶକ୍ତି ରହିଛି ତାହା ଅନୁଭବ କରିବାକୁ ଏବଂ ତାହାର ପ୍ରେରଣା ଓ ଚାଳନା ପ୍ରତି ନିଜକୁ ଖୋଲି ଧରିବା ପାଇଁ ତୁମକୁ ଶିଖିବାକୁ ହେବ । ମନର ଚେଷ୍ଟା ଦ୍ୱାରା ସର୍ବଦା ସ୍ମରଣ ରଖିବା ଅତ୍ୟନ୍ତ କଠିନ । କିନ୍ତୁ ତୁମେ ଯଦି ଏଭଳି ଚେତନା ଭିତରକୁ ଯାଇପାର ଯେଉଁଠାରେ ରହି ତୁମେ ତୁମ ଭିତରେ ଥିବା ମା'ଙ୍କ ଶକ୍ତିକୁ ଅନୁଭବ କରିପାରିବ କିଂବା ତାହା ତୁମକୁ ଧାରଣ କରି ରଖିଛି ବୋଲି ବୁଝି ପାରିବ, ତେବେ ତାହାହିଁ ଯଥାର୍ଥ ଅବସ୍ଥା । ... ...

(୧୮-୦୮-୧୯୩୨)

(ନିଜ ସମ୍ବନ୍ଧେ ଓ ମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦ, ପୃ.୫୦୨-୫୦୪)

*

ପ୍ରଥମରେ ସାଧକ ନିଜର ଇଚ୍ଛାକୁ ମା'ଙ୍କ ଇଚ୍ଛା ସଙ୍ଗେ ଯୁକ୍ତ କରିବାକୁ ହେବ ଏବଂ ମନେ କରିବାକୁ ହେବ ଯେ ଏହା କେବଳ ଗୋଟାଏ ଯନ୍ତ୍ର ଏବଂ ଏହାର ପଶ୍ଚାତରେ ଏକମାତ୍ର ମା'ଙ୍କ ଇଚ୍ଛାହିଁ ଇପ୍ସିତ ଫଳ ପ୍ରଦାନ କରିପାରେ । ପରେ ସାଧକ ଯେତେବେଳେ ଅନ୍ତରରେ ମା'ଙ୍କ ଶକ୍ତି କାର୍ଯ୍ୟ କରୁଛି ବୋଲି ପୂର୍ଣ୍ଣରୂପେ ସଚେତନ ହୁଏ, ସେତେବେଳେ ବ୍ୟକ୍ତିଗତ ଇଚ୍ଛା ସ୍ଥାନରେ ଭାଗବତ ଇଚ୍ଛା ସ୍ଥାପିତ ହୁଏ ।

(୧୫-୦୭-୧୯୩୫)

*

କର୍ମରେ କେବଳ ଗୋଟାଏ ସାଧାରଣ ମନୋଭାବ ରଖିଲେ ଚଳିବ ନାହିଁ । ବରଂ ପ୍ରତ୍ୟେକ କାର୍ଯ୍ୟ ମା'ଙ୍କୁ ଅର୍ପଣ କରିବାକୁ ହେବ, ଯଦ୍ୱାରା ଏହି ମନୋଭାବ ସର୍ବଦା ଜୀବନ୍ତ ରହିପାରେ । କର୍ମ କରିବା ସମୟରେ ଧ୍ୟାନ କରିବା ଠିକ୍ ନୁହେଁ, କାରଣ ତଦ୍ୱାରା କର୍ମରୁ ମନୋଯୋଗ ଚାଲିଯିବ; ଯାହାଙ୍କୁ ତୁମେ କର୍ମ ଅର୍ପଣ କରୁଛ ସେହି ପରମଙ୍କୁ ନିରନ୍ତର ସ୍ମରଣ କରିବା ଉଚିତ । ଏହା ହେଲା କେବଳ ଏକ ପ୍ରାଥମିକ ପ୍ରଣାଳୀ; କାରଣ ତୁମର ବାହ୍ୟ ମନ କାର୍ଯ୍ୟ କରୁଥିବା ସତ୍ତ୍ୱେ ତୁମ ଭିତରେ ଗୋଟିଏ ଶାନ୍ତ ସତ୍ତା ଦିବ୍ୟ ସାନ୍ନିଧ୍ୟରେ କେନ୍ଦ୍ରୀଭୂତ ଭାବରେ ଏକାଗ୍ର ରହିଛି । ଏହି ବୋଧ ଯେତେବେଳେ ତୁମର ନିରନ୍ତର ରହିବ, ଅଥବା ଯଦି ତୁମେ ସର୍ବଦା ଅନୁଭବ କରିବାକୁ ଆରମ୍ଭ କରିବ ଯେ ମା'ଙ୍କ ଶକ୍ତି କାର୍ଯ୍ୟ କରୁଛି ଏବଂ ତୁମେ ସେହି ଶକ୍ତି ପ୍ରବାହର ଗୋଟିଏ ପ୍ରଣାଳୀ ବା ଯନ୍ତ୍ରମାତ୍ର, ସେତେବେଳେ ସ୍ମରଣ ସ୍ଥାନରେ ଆରମ୍ଭ ହୁଏ କର୍ମ ମଧ୍ୟଦେଇ ସ୍ୱତଃ ଯୋଗ-ଉପଲବ୍ଧି ଏବଂ ଭଗବାନଙ୍କ ସଙ୍ଗେ ମିଳନ ।

## ମା'ଙ୍କ ଇଚ୍ଛାର ଅନୁସରଣ ପାଇଁ ସର୍ତ୍ତାବଳୀ

ମା'ଙ୍କ ଇଚ୍ଛା ଅନୁସରଣ କରିବାର ସର୍ତ୍ତଗୁଡ଼ିକ ହେଲା, ତାଙ୍କ ଦିବ୍ୟ ଆଲୋକ, ସତ୍ୟ ଏବଂ ସାମର୍ଥ୍ୟର ଅଭିମୁଖୀ ହେବା, ଅନ୍ୟ କୌଣସି ଶକ୍ତି ଯେପରି ତୁମକୁ ପରିଚାଳିତ ବା ପ୍ରଭାବିତ ନ କରେ ଏ ବିଷୟରେ ଅଭୀପ୍ସା କରିବା, ପ୍ରାଣରେ କୌଣସି ଦାବି ବା କୌଣସି ସର୍ତ୍ତ ନ ଆଣିବା; ଦିବ୍ୟ ସତ୍ୟକୁ ଗ୍ରହଣ କରିବା ସକାଶେ ମନକୁ ସ୍ଥିର ରଖିବା, ପ୍ରସୂତ ଧାରଣା ବା ଭାବ ଉପରେ ଜୋର୍ ନ ଦେବା ଏବଂ ଅବଶେଷରେ ଚୈତ୍ୟପୁରୁଷଙ୍କୁ ଜାଗ୍ରତ କରିବା ଓ ସମ୍ମୁଖରେ ରଖିବା ଯଦ୍ୱାରା ତୁମେ ସର୍ବଦା ମା'ଙ୍କ ସଂସ୍ପର୍ଶରେ ରହିବ ଏବଂ ତାଙ୍କ ଇଚ୍ଛା କ'ଣ ଯଥାର୍ଥ ଭାବରେ ଜାଣିପାରିବ । କାରଣ ମନ-ପ୍ରାଣ ଅନ୍ୟ ସମସ୍ତ ଆବେଗ ଓ ଇଙ୍ଗିତକୁ ଭାଗବତ ଇଚ୍ଛା ବୋଲି ଭୁଲ୍ କରି ପାରନ୍ତି; କିନ୍ତୁ ଥରେ ଚୈତ୍ୟପୁରୁଷ ଜାଗ୍ରତ ହେଲେ ସେ କୌଣସି ଭୁଲ୍ କରନ୍ତି ନାହିଁ ।

କେବଳ ଅତିମାନସର ପ୍ରତିଷ୍ଠା ପରେ ହିଁ ଚରମ ପୂର୍ଣ୍ଣତା ସମ୍ଭବ ହୋଇପାରେ । କିନ୍ତୁ ତାହା ପୂର୍ବରୁ ନିମ୍ନଭୂମିରେ ବି ସାଧକ ପକ୍ଷେ ଅପେକ୍ଷାକୃତ ଭଲଭାବରେ କାର୍ଯ୍ୟ କରିବା ସମ୍ଭବ ହୁଏ, ଯଦି ସେ ଭଗବାନଙ୍କ ସଂସ୍ପର୍ଶରେ ରହେ ଏବଂ ମନ-ପ୍ରାଣ-ଦେହରେ ସାବଧାନ, ଜାଗ୍ରତ୍ ଓ ସଚେତନ ରହେ । ଏହା ଏକ ସର୍ତ୍ତ, ଏହାଛଡ଼ା ପରମ ମୁକ୍ତି ନିମିତ୍ତ ଏହା ଏକ ପ୍ରସ୍ତୁତି ଯାହାକି ପ୍ରାୟ ଅପରିହାର୍ଯ୍ୟ ।

(ତତ୍ରୈବ, ପୃ.୫୦୬ - ୫୦୮)

# ଏକ ସ୍ୱପ୍ନ

## ଶ୍ରୀମା

ପୃଥିବୀପୃଷ୍ଠରେ କେଉଁଠି ନା କେଉଁଠି ଏପରି ଏକ ସ୍ଥାନ ରହିବା ଉଚିତ ଯାହାକୁ କୌଣସି ଦେଶ ତାହାର ଏକାନ୍ତ ସମ୍ପତ୍ତି ବୋଲି ଦାବି କରିପାରିବ ନାହିଁ, ଯେଉଁଠାରେ କି ଏକନିଷ୍ଠ ଅଭୀପ୍ସା ରହିଥିବା ସଦିଚ୍ଛା-ସଂପନ୍ନ ସମସ୍ତ ମନୁଷ୍ୟ ସମଗ୍ର ପୃଥିବୀର ନାଗରିକ ରୂପେ ସ୍ୱାଧୀନ ଭାବରେ ବାସ କରିପାରିବେ ଏବଂ ଏକମାତ୍ର ସେହି ସର୍ବୋଚ୍ଚ ସତ୍ୟର ଏକାନ୍ତ କର୍ତ୍ତୃତ୍ୱର ନିର୍ଦ୍ଦେଶ ପାଳନ କରିବେ । ତାହା ହେବ ଏପରି ଏକ ସ୍ଥାନ ଯେଉଁଠି ଶାନ୍ତି, ଏକତା, ସଂଗତି ପ୍ରତିଷ୍ଠିତ ହେଉଥିବ ଏବଂ ମନୁଷ୍ୟର ସକଳ ଯୁଦ୍ଧକାରୀ ପ୍ରବୃତ୍ତି କେବଳ ତାହାର ଦୁଃଖକଷ୍ଟ ଓ ଶୋଚନୀୟ ଅବସ୍ଥାର କାରଣଗୁଡ଼ିକ ସହିତ ଯୁଦ୍ଧ କରି ସେସବୁକୁ ସଂପୂର୍ଣ୍ଣରୂପେ ଜୟ କରିବାରେହିଁ ନିଜକୁ ନିୟୋଜିତ କରି ପାରୁଥିବ, ତାହାର ସକଳ ଦୁର୍ବଳତା ଓ ଅଜ୍ଞାନତାକୁ ଅତିକ୍ରମ କରିପାରୁଥିବ, ତାହାର ସକଳ ସୀମିତତା ଏବଂ ଅସାମର୍ଥ୍ୟ ଉପରେ ବିଜୟ ଲାଭ କରିବା ନିମିତ୍ତ ପ୍ରୟୋଗ କରିପାରୁଥିବ । ତାହା ଏପରି ଏକ ସ୍ଥାନ ହୋଇଥିବ ଯେଉଁଠି ତାହାର ଆଧ୍ୟାତ୍ମିକ ଆବଶ୍ୟକତା ଓ ପ୍ରଗତିର ପରିପୂରଣ ବ୍ୟବସ୍ଥାହିଁ କାମନା-ବାସନା ଓ ଇନ୍ଦ୍ରିୟର ପରିତୃପ୍ତି ତଥା ସୁଖାନୁଭୂତି ଓ ଭୌତିକ ଉପଭୋଗ ଅପେକ୍ଷା ଅଗ୍ରାଧିକାର ଲାଭ କରିପାରୁଥିବ ।

ଏହି ସ୍ଥାନରେ ଶିଶୁମାନେ ସେମାନଙ୍କର ଆତ୍ମା ସହିତ ସଂପର୍କ ଛିନ୍ନ ନକରି ପୂର୍ଣ୍ଣାଙ୍ଗ ଭାବେ ଅଭିବୃଦ୍ଧ ଓ ବିକଶିତ ହେବାକୁ ସମର୍ଥ ହେବେ । ସେଠାରେ ଶିକ୍ଷା ଦିଆହେବ କେବଳ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାର, ପ୍ରମାଣପତ୍ର ଲାଭ କରିବାର ଏବଂ ଚାକିରି ପାଇବାର ଲକ୍ଷ୍ୟରଖି ନୁହେଁ, କିନ୍ତୁ ସେମାନଙ୍କ ନିକଟରେ ଥିବା କାର୍ଯ୍ୟକାରୀ ସକଳ ସାମର୍ଥ୍ୟର ଅଭିବୃଦ୍ଧି ନିମିତ୍ତ ଏବଂ ନୂତନ ସାମର୍ଥ୍ୟସବୁକୁ ସମ୍ଭବ କରିବା ନିମିତ୍ତହିଁ ସେମାନଙ୍କୁ ଶିକ୍ଷାଦାନ କରାଯିବ । ଏହି ସ୍ଥାନରେ ପଦବୀ ଏବଂ ଆସନର କୌଣସି ମର୍ଯ୍ୟାଦା ରହିବ ନାହିଁ ଏବଂ ସେବା ତଥା ସଂଗଠନ ନିମିତ୍ତ ସୁଯୋଗ ସମସ୍ତଙ୍କ ସକାଶେ ଲଭ୍ୟ ହୋଇ ରହିଥିବ । ଶରୀରର ସକଳ ଆବଶ୍ୟକତାକୁ ପ୍ରତ୍ୟେକଙ୍କୁ ସମାନ ଭାବରେ ପ୍ରୟୋଜନ ଅନୁସାରେ ଯୋଗାଇ ଦିଆଯିବ । ଏଠାରେ ସାଧାରଣ ସଂଗଠନ ମଧ୍ୟରେ ବୌଦ୍ଧିକ, ନୈତିକ ତଥା ଆଧ୍ୟାତ୍ମିକ କ୍ଷେତ୍ରରେ ଯେଉଁମାନଙ୍କର ଅଧିକ ଦକ୍ଷତା ରହିଥିବ ସେମାନେ ସେହି ଦକ୍ଷତାକୁ ଜୀବନର ସୁଖ-ସୁବିଧା ଓ କ୍ଷମତାର ପରିମାଣ ବୃଦ୍ଧି କରିବା ସକାଶେ କେବେ ବି ପ୍ରକାଶ କରିବାକୁ ଚାହିଁ ନ ଥିବେ, କିନ୍ତୁ ଅଧିକ କର୍ତ୍ତବ୍ୟସାଧନ କରି ଏବଂ ଦାୟିତ୍ୱବହନ କରି ତାହାର ପରିଚୟ ଦେବାକୁ ସେମାନେ ସର୍ବଦା ଆଗ୍ରହୀ ହୋଇ ରହିଥିବେ ।

ଚିତ୍ରକଳା, ସ୍ଥାପତ୍ୟ, ସଂଗୀତ ଓ ସାହିତ୍ୟ ଇତ୍ୟାଦି ସୌନ୍ଦର୍ଯ୍ୟର ସକଳ ମାଧ୍ୟମକୁ ପ୍ରକାଶ କରିବା ନିମିତ୍ତ ସମସ୍ତଙ୍କ ସକାଶେ ସମାନ ଭାବରେ ଲାଭ କରିବାର ସୁଯୋଗ ପ୍ରାପ୍ୟ ହୋଇ ରହିଥିବ, ଏବଂ ସେହିସବୁ ସୌନ୍ଦର୍ଯ୍ୟ ଦ୍ୱାରା ପ୍ରାପ୍ତ ହେଉଥିବା ଆନନ୍ଦରେ ଅଂଶଗ୍ରହଣ କରିବାର ସୁଯୋଗ ପ୍ରତ୍ୟେକ ବ୍ୟକ୍ତିର ସାମର୍ଥ୍ୟ ଅନୁସାରେ ଉପଲବ୍ଧ ହେବ କିନ୍ତୁ ବ୍ୟକ୍ତିର ସାମାଜିକ ବା ଆର୍ଥିକ ଅବସ୍ଥା ଅନୁଯାୟୀ ନୁହେଁ ।

କାରଣ, ଏହି ଆଦର୍ଶ ସ୍ଥାନରେ ଅର୍ଥ କଦାପି ସର୍ବକ୍ଷମତାସଂପନ୍ନ ପ୍ରଭୁ ହୋଇ ରହି ନଥିବ; ବ୍ୟକ୍ତିର ଭୌତିକ ଅର୍ଥ ଓ ସାମାଜିକ ସ୍ଥାନ ଅନୁସାରେ ବ୍ୟକ୍ତିତ୍ୱର ବିଚାର ନହୋଇ ସେଠାରେ ବ୍ୟକ୍ତିଗତ ସଦ୍‌ଗୁଣର ଏକ ମହତ୍ତର ବିଶେଷତ୍ୱ ରହିଥିବ । ସେଠାରେ ଜୀବିକାନିର୍ବାହର ଆବଶ୍ୟକତା ପୂରଣ ପାଇଁ କାର୍ଯ୍ୟ କରାଯାଉ ନଥିବ, କିନ୍ତୁ କାର୍ଯ୍ୟ କରାଯାଉଥିବ ନିଜକୁ ପ୍ରକାଶ କରିବାର ଉପାୟ ଭାବରେ, ନିଜର ସାମର୍ଥ୍ୟ ଓ ସମ୍ଭାବନାର ଅଭିବୃଦ୍ଧି ସକାଶେ; ଯୁଗପତ୍ ସମଗ୍ର ସମାଜର ସେବା କରିବା ସଙ୍ଗେ ସଙ୍ଗେ ସେଠାରେ ପ୍ରତ୍ୟେକ ବ୍ୟକ୍ତିର ଜୀବିକା ନିର୍ବାହର ଆବଶ୍ୟକତା ଏବଂ କର୍ମକ୍ଷେତ୍ର ମଧ୍ୟ ଯୋଗାଇ ଦିଆଯାଉଥିବ ।

ସଂକ୍ଷେପରେ, ତାହା ଏପରି ଏକ ସ୍ଥାନ ହେବ, ଯେଉଁଠାରେ ମନୁଷ୍ୟ ମନୁଷ୍ୟ ମଧ୍ୟରେ ସଂପର୍କ ବିଶେଷଭାବେ ପ୍ରତିଯୋଗିତା ଓ ବିବାଦ ଉପରେ ଭିତ୍ତି କରି ରହିବ ନାହିଁ, ତାହା ପରିବର୍ତ୍ତେ ସେହି ସଂପର୍କ ପ୍ରତିଷ୍ଠିତ ହେବ ଉତ୍ତମ ରୂପେ ଅନ୍ୟର ସମକକ୍ଷ ହୋଇ ଉଠିବାର ଉଦ୍ୟମ ଦ୍ୱାରା, ସହଯୋଗ ଦ୍ୱାରା ଏବଂ ଯଥାର୍ଥ ଭ୍ରାତୃତ୍ୱର ସଂପର୍କ ସ୍ଥାପନ କରିବା ଦ୍ୱାରା । ... ...

(ବୁଲେଟିନ୍, ଅଗଷ୍ଟ, ୧୯୫୪)

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ :**

# ବନ୍ଦେ ମାତରମ୍

## ଶ୍ରୀଅରବିନ୍ଦ

### ଏଇ ମୁହୂର୍ତ୍ତର ପ୍ରଶ୍ନ

ଆଜି ଆମେ ପ୍ରକାଶ କରିବାକୁ ଯାଉଥିବା ''ପତ୍ରଟିଏ ଚେତାବନୀ'' (A word of warning)ର ଲେଖକ ସତ୍ତ୍ୱରେ ଏମିତି ଏକ ମନ୍ତବ୍ୟ ଘୋଷଣା କରିଛନ୍ତି ଯାହାକୁ କେତେକ ଜାତୀୟତାବାଦୀ ସମର୍ଥନ କରୁଥିବାର ଦେଖିବାକୁ ମିଳୁଛି ଆଉ ସେମାନେ ଅନ୍ତଃକରଣରେ ଆନ୍ଦୋଳନର ସଫଳତାକୁ ଆନ୍ତରିକତା ସହିତ ଚାହୁଁଛନ୍ତି । ଯାହାହେଉ, ଆମର ଜଣେ ସମ୍ବାଦଦାତା ନିଜକୁ କିଛି ଭୁଲ୍ ନିର୍ଣ୍ଣୟ ଆଡ଼କୁ ଖୋଲି ଧରିଛନ୍ତି ଯେତେବେଳେ ସେ ''ଦେଶ ଭିତରେ ସବୁଠୁ ସୁସଙ୍ଗଠିତ କ୍ଷମତା ସହିତ ନିଜର ଶକ୍ତିକୁ କଳନା କରିବା ସକାଶେ ପ୍ରୟାସ କରିବା ଗୋଟିଏ ନିରସ୍ତ୍ର ତଥା ଅବ୍ୟବସ୍ଥିତ ଜାତି ପକ୍ଷରେ ଆତ୍ମଘାତୀ ନିର୍ବୋଧତା'' ଉକ୍ତିଟିକୁ ନେଇ ଚର୍ଚ୍ଚା କରିଛନ୍ତି । ଏଠାରେ ଯେଉଁ ପ୍ରକାର ପ୍ରତିରୋଧର କଥା ସୂଚିତ ହୋଇଥିବାର ମନେ ହେଉଛି ତାହା କିଛି ବିଦ୍ରୋହର ସ୍ୱରୂପ ଏବଂ କହିବା ନିଷ୍ପ୍ରୟୋଜନ ଯେ ''ଗୋଟିଏ ନିରସ୍ତ୍ର ଓ ଅବ୍ୟବସ୍ଥିତ ଜାତି'' ପକ୍ଷରେ ଏ ଧରଣର ପ୍ରତିରୋଧ କରିବା ଖାଲି ଯେ ନିର୍ବୋଧତା ତା' ନୁହେଁ କିନ୍ତୁ ପ୍ରାକୃତିକ ନିୟମ ଦୃଷ୍ଟିରୁ ଅସମ୍ଭବ ହୋଇ ପଡ଼ିବ; ବିନା ଅସ୍ତ୍ରରେ ସଶସ୍ତ୍ର ବିପ୍ଲବ ଗୋଟିଏ ଅବାନ୍ତର କଥା । କିନ୍ତୁ ଅମଲାତନ୍ତ୍ରର କ୍ଷମତା ଯେତେ ଭଲ ଭାବରେ ସଙ୍ଗଠିତ ହୋଇଥାଉନା କାହିଁକି ଅନ୍ୟ ଏକ ମାର୍ଗରେ ଆମ ପରାକ୍ରମକୁ ତା'ର ସମକକ୍ଷ କରି ଦେବାଟାହିଁ ହେବ ଜାତୀୟବାଦୀ ଆନ୍ଦୋଳନର ସମ୍ପୂର୍ଣ୍ଣ ଉଦ୍ଦେଶ୍ୟ ଓ ନୀତି । ଆମେ ସର୍ବଦା ଏଭଳି ସ୍ଥିତିରେ ରହିଛୁ ଯେ ମୁଷ୍ଟିମେୟ ବ୍ୟକ୍ତି ବିଶେଷଙ୍କର ନିଭୃତ ଶାସନ ବ୍ୟବସ୍ଥାର ଅସଲ ଶକ୍ତି ଅପେକ୍ଷା ଜନତାର ଅନ୍ତର୍ନିହିତ ଶକ୍ତି ହେଉଛି ଯଥେଷ୍ଟ ପରିମାଣରେ ବିରାଟ କିନ୍ତୁ ସେଇ ମୁଷ୍ଟିମେୟଙ୍କର ଶାସନତନ୍ତ୍ର ସେମାନଙ୍କର ଆଶା ଆକାଙ୍କ୍ଷା କିଂବା ସ୍ୱାର୍ଥ ଉପରେ କୌଣସି ଗୁରୁତ୍ୱ ଆରୋପ ନକରି ଶାସନ କରିଚାଲେ ଆଉ ପ୍ରଚ୍ଛନ୍ନ ଅନ୍ତର୍ନିହିତ ଲୋକ ଶକ୍ତିକୁହିଁ ଗୋଟିଏ ସମ୍ମିଳିତ ଏକତାବଦ୍ଧ ମଜଭୁତ ଶକ୍ତି ରୂପେ ଶିକ୍ଷିତ, ସୁସଙ୍ଗଠିତ ଓ ସଂଯୁକ୍ତ କରି ଦିଆଯାଇପାରେ ମାନ୍ଧାତା ଅମଳର ତଥା ମଧ୍ୟଯୁଗୀୟ ଶାସନ ବ୍ୟବସ୍ଥା ବିରୋଧରେ, ଗୋଟିଏ ସିଧାସଳଖ ଲଢ଼େଇ ଦ୍ୱାରା, ଯେଉଁ ଶାସନ ଭିତରେ ପଡ଼ି ଏ ଦେଶ ଏବେ ବି ଏଇ ବିଂଶ ଶତାବ୍ଦୀରେ ଅଭିଶପ୍ତ ଯେତେବେଳେ କି ଅନ୍ୟାନ୍ୟ ରାଷ୍ଟ୍ରମାନେ 'ଚିନ୍‌ଠାରୁ ପେରୁ ପର୍ଯ୍ୟନ୍ତ' ସମସ୍ତେ ଲାଗି ପଡ଼ିଛନ୍ତି ସେମାନଙ୍କ ସରକାର ତଥା ଅନୁଷ୍ଠାନଗୁଡ଼ିକର ଆଧୁନିକୀକରଣରେ ଏବଂ ସେସବୁକୁ ଆହୁରି ଅଧିକ ମାନବିକ ବୋଧସମ୍ପନ୍ନ କରି ଗଢ଼ିବାରେ । ସଂଘର୍ଷର ପ୍ରକୃତ ଗତିପଥ ଭିତରେ ଅନେକ ପ୍ରଶ୍ନବାଚୀ ଏମିତି ସବୁବେଳେ ମୁଣ୍ଡଟେକି ଉଠିବ ନିୟମର କଠୋର ପ୍ରୟୋଗ ଏବଂ ନୀତି ପ୍ରତି କୋହଳତା ମଧ୍ୟରେ ଆଉ ନିରାଟ ସାହସ ଓ ଉତ୍ତମ ବିବେଚନାଜନିତ ସାହସ ଏ ଦୁଇଟିର ପରସ୍ପର ବିବାଦରତ ଅଧିକାରଗୁଡ଼ିକ ମଧ୍ୟରେ । ଆମକୁ ନିଶ୍ଚୟ ମନେ ରଖିବାକୁ ହେବ ଯେ ସମଗ୍ର ଆନ୍ଦୋଳନ ବ୍ୟାପୀ ଆମର ଯେଉଁ ଅପ୍ରମିତ ସୁବିଧାସବୁ ହାସଲ କରାଯାଇଛି ତାହା ସମ୍ଭବ ହୋଇଛି କେବଳ ଏକ ବିରାଟ ଆଦର୍ଶ ଓ ନିର୍ଭୀକତା ପ୍ରତି ପ୍ରବଳ ଆଗ୍ରହ ଯୋଗୁଁ । – ଆଉ ଅନେକଙ୍କ ମତରେ ଏହା ହେଉଛି ଏକରକମ ମୂର୍ଖାମିରେ ଭରା ନିର୍ଭୀକତା, – ଯାହା ବଳରେ ଆମେମାନେ ପ୍ରତିଟି ନୂଆ ନୂଆ ସଙ୍କଟକୁ ସାମନା କରି ଆସିଛୁ । ଯେତେବେଳେ ସମୁଦାୟ ବଙ୍ଗଳା ନିଜେ ଲମ୍ଫ ପ୍ରଦାନ କରିଥିଲା ଶାସନତନ୍ତ୍ର ସହିତ ଉନ୍ମାଦନାପୂର୍ଣ୍ଣ ଲଢ଼େଇ ଭିତରକୁ, ଏହା ନିଜ ପରାକ୍ରମ ସମ୍ପର୍କରେ ସଚେତନ ହୋଇ ଲମ୍ଫ ପ୍ରଦାନ କରିଥିଲା, ମାତ୍ର ଜନସାଧାରଣଙ୍କର କିଂବା ଶାସକବର୍ଗଙ୍କର ଦେଶରେ ରାଜନୈତିକ ଶକ୍ତିର ଅନ୍ତର୍ନିହିତ ସମ୍ଭାବନା ସମ୍ପର୍କରେ ବିନ୍ଦୁ ବିସର୍ଗ ଧାରଣା ନଥିଲା । ଗୋଟିଏ ଅପରିକଳ୍ପିତ କ୍ରୋଧର ମୁହୂର୍ତ୍ତରେ ଅଳ୍ପ କେତେଜଣ ଦୁର୍ଦ୍ଧର୍ଷ ବ୍ୟକ୍ତିଙ୍କର ପରାମର୍ଶକୁ ମାନିନେଇ ବଙ୍ଗଳା ଏହି ନୀତିକୁ ଗ୍ରହଣ କରିଥିଲା ଏବଂ ତତ୍‌ପରେ ଦେଖି ଚମତ୍କୃତ ହୋଇଗଲା ଯେ ଏହା କରିବା ଦ୍ୱାରା ସେ ନିଜକୁ ଖୋଜି ପାଇବା ସଙ୍ଗେ ସଙ୍ଗେ ଭାରତୀୟ ଇତିହାସରେ ଏକ ନୂତନ ଯୁଗର ସୂତ୍ରପାତକୁ ଜନ୍ମ ଦେଲା । ଏଇ ସ୍ୱେଚ୍ଛାଚାରୀ ଜାର୍‌ଧର୍ମୀ ଅନୁଶାସନ ଉପରେ ପାର୍ଶ୍ୱଦେଶରୁ ଆକ୍ରମଣ ନକରି ସମ୍ମୁଖ ଦିଗରୁ ଆକ୍ରମଣ କରିବା ବିଜ୍ଞତାର ପରିଚୟ ହେବ କି ନାହିଁ ଏହାହିଁ ବର୍ତ୍ତମାନ ସମସ୍ୟାର ପ୍ରକୃତ ଆଲୋଚ୍ୟ ପ୍ରସଙ୍ଗ । ଆଗରୁ ଆମେ ଏହି ଅନୁଶାସନର ବିରୋଧ କରିଛୁ କିନ୍ତୁ ସେତେବେଳେ ଏହି ପ୍ରକାର ଅନୁଶାସନ

ଥିଲା ସ୍ଥାନୀୟ ସରକାରୀ କଳର ଆଉ ତା'ର ବୈଧତା ଥିଲା ସଂଶୟରେ ପରିପୂର୍ଣ୍ଣ । କିନ୍ତୁ ବର୍ତ୍ତମାନର ଏହି ଅନୁଶାସନ ହେଉଛି ଭାରତ ସରକାର ଓ ରାଜ୍ୟ ସଚିବଙ୍କର ଉଦ୍ଦେଶ୍ୟ ପ୍ରଣୋଦିତ କାର୍ଯ୍ୟ ଏବଂ ଏହାର ବୈଧତା (Legality) ଯେମିତି ସଂଶୟଶୂନ୍ୟ ସେମିତି ରାଜନୈତିକ ଭ୍ରଷ୍ଟାଚାରରେ ପରିପୂର୍ଣ୍ଣ ମଧ୍ୟ । ତା'ହେଲେ ପ୍ରଶ୍ନ ଉଠେ ଆମେ କ'ଣ ଆଇନର ସୀମା ଭିତରେ ରହି ଆମ ଆନ୍ଦୋଳନକୁ କଡ଼ାକଡ଼ି ଭାବେ ଆଗେଇ ନେବା ପାଇଁ ନିରନ୍ତର ପ୍ରୟାସ କରି ଚାଲିବା, ସେ ଆଇନ ଯେତେ ଅତ୍ୟାଚାରମୂଳକ ହୋଇ ଥାଉନା କାହିଁକି କିଂବା ଏ ଆଇନ ଯେପରି ବାତିଲ ହେବ ସେ କଥାକୁ ଦୃଷ୍ଟିରେ ରଖି ଏହାର ଶାନ୍ତିପୂର୍ଣ୍ଣ ପ୍ରତିରୋଧ ବଳରେ ଆୟର୍ଲାଣ୍ଡ ବାସୀ ଓ ପ୍ରଚଳିତ ଧର୍ମ ମତର ବିରୋଧୀ ଇଂରେଜମାନଙ୍କର (Nonconformists) ଦୃଷ୍ଟାନ୍ତକୁ ଅନୁସରଣ କରିବା । ଏହାର ଉତ୍ତରଟି ବାସ୍ତବିକ ଦୋଳାୟିତ ହେଉଛି ଶାସନତନ୍ତ୍ରର ପରବର୍ତ୍ତୀ ସମ୍ଭାବ୍ୟ କାର୍ଯ୍ୟାନୁଷ୍ଠାନ ଉପରେ ଆଉ ତା'ର ମୁକାବିଲା କରିବା ପାଇଁ ଆମର କେତେ ତତ୍ପରତା ରହିଛି ତା' ଉପରେ । ଯଦି ପ୍ରଶାସକମାନେ ଆମ ପ୍ରତିରୋଧକୁ ଭାଙ୍ଗିବା ପାଇଁ ଚେଷ୍ଟା କରନ୍ତି ଯାହା ସେମାନେ କରିଥିଲେ ରାଓଲପିଣ୍ଡିରେ ଆଖିବୁଜା ଗିରଫଦାରୀ, ଦେଶାନ୍ତର, ପୁଲିସ ଓ ସାମରିକ ହିଂସାକାଣ୍ଡମାନ ସୃଷ୍ଟି କରି ତଥା ପୂର୍ବ ବଙ୍ଗଳାରେ ଆମେମାନେ ଦେଖି ସାରିଥିବା ତଥାପି ଆହୁରି ଅଧିକ ସଂଶୟାତ୍ମକ କାର୍ଯ୍ୟାନୁଷ୍ଠାନର ପ୍ରକ୍ରିୟାଗୁଡ଼ିକରେ, ତା'ହେଲେ ଆମେମାନେ କ'ଣ ତଥାପି ପ୍ରୟାସ ଜାରି ରଖିବାକୁ ସମର୍ଥ ହେବା, ଆଉ ଯଦିବା ନୁହେଁ, ତା'ହେଲେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଆମର କ'ଣ ହେବ ? ଏଇ ପ୍ରଶ୍ନ ଗୋଟିକହିଁ ଜାତୀୟତାବାଦୀ ଅଭିଯାନର ସକ୍ରିୟ ପରିଚାଳନାକୁ କ୍ଷଣିକ ପାଇଁ ବିଶ୍ରାମ ଦେଇଛି, ଯେହେତୁ ନୀତି ଦୃଷ୍ଟିରୁ ଏହା ଏକ ଗୁରୁତର ସମସ୍ୟା ସହିତ ଜଡ଼ିତ ହୋଇ ଯାଇଛି ଯାହାର ସମାଧାନ ନିହାତି କରିବାକୁ ହେବ ମିଳିତ କାର୍ଯ୍ୟାନୁଷ୍ଠାନ ହେବା ପୂର୍ବରୁ । ଯଦି ଏଇ କଠୋର ଜାର୍‌ଧର୍ମୀ ଅନୁଶାସନକୁ ଶାନ୍ତିପୂର୍ଣ୍ଣ ଭାବେ ପ୍ରତିରୋଧ କରିବାକୁ ହୁଏ, ତା'ହେଲେ ଏକଜୁଟ ହୋଇ ବ୍ୟାପକ ବିରୋଧ କରିବାକୁ ପଡ଼ିବ । ଏଣେତେଣେ କାଁ ଭାଁ ବିରୋଧ ନିରର୍ଥକ ହୋଇଯିବ ଏବଂ ସେଥିରେ ଫାଇଦା ହେବ ଆମ ଶତ୍ରୁମାନଙ୍କର ।

ଆମ ମତରେ ସବୁଠୁ ନିର୍ଭୀକ ପନ୍ଥାହିଁ ସର୍ବୋତ୍ତମ ବୋଲି ଆମେ ପୁଣି ଦୋହରାଉଛୁ । ଆଙ୍ଗ୍ଲୋ-ଭାରତୀୟ ଖବର କାଗଜଗୁଡ଼ିକ ଯାହା ଚିନ୍ତା କରିବା ପାଇଁ ପ୍ରଭାବିତ କରୁଛନ୍ତି ଆମେ ଯଦି ସେଇଆ ଚିନ୍ତା କଲୁ ଯେ ଆନ୍ଦୋଳନ ହେଉଛି ଆମ ନିଜ ଉଦ୍ୟମର ଫଳ, ଖାଲି ମଣିଷକୃତ, ତା'ହେଲେ ଆମର ମତ ଭିନ୍ନ ହୋଇପାରେ । କିନ୍ତୁ ମୂଳରୁ ଶେଷ ପର୍ଯ୍ୟନ୍ତ ଆମେ ସଚେତନ ରହି ଆସିଛୁ ଯେ ଆମ ନିଜର ଉଦ୍ୟମ ଆଉ ତା' ସାଙ୍ଗକୁ ନରମପନ୍ଥୀ କିଂବା ଚରମପନ୍ଥୀ ହୋଇ ଥାଆନ୍ତୁ, ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରଦତ୍ତ ପ୍ରେରଣା କିଂବା ସେମାନଙ୍କ ଦ୍ୱାରା ସମ୍ପାଦିତ ହୋଇଥିବା କାର୍ଯ୍ୟ ଏତେ କ୍ଷୁଦ୍ର, ନଗଣ୍ୟ ଆଉ ଦକ୍ଷତାଶୂନ୍ୟ ଯେ ଅସାଧାରଣ ଫଳାଫଳକୁ ବଖାଣିବା ପାଇଁ ସେସବୁ ଆଦୌ ପର୍ଯ୍ୟାପ୍ତ ନୁହେଁ । ସାଧନଗୁଡ଼ିକ ଅସଙ୍ଗତ ଭାବେ ନିଅଣ୍ଟିଆ ହୋଇ ରହିଛି, ସଙ୍ଗଠନ ନାହିଁ କହିଲେ ଚଳେ; ଆମ ଅଧିକାରରେ ଯେଉଁ ସାଧନ ସବୁ ରହିଛି ତାହା ଦୟନୀୟ ଭାବେ ଅତ୍ୟନ୍ତ କ୍ଷୁଦ୍ର, ପ୍ରକୃତ କର୍ମୀଙ୍କ ସଂଖ୍ୟା ବହୁତ କମ୍ ଆଉ ପ୍ରାୟତଃ ସେମାନେ ଅବୋଧ, ଏବଂ ତେବେ ବି ଭାରତୀୟର ଦୁନିଆଁ ଚମତ୍କୃତ ହେବା ସାଙ୍ଗକୁ ଆଙ୍ଗ୍ଲୋ-ଭାରତୀୟ ଆତଙ୍କିତ ହୋଇ ପଡ଼ିଛି ଏଭଳି ନପାରିଲା ଉପାଦାନର ଖାପ ମାପ ନଥିବା ବିରାଟ ପରିଣତିରେ । ଆମର ବିଶ୍ୱାସ, ତା'ହେଲେ ଆନ୍ଦୋଳନର ଅନ୍ତରାଳରେ ରହିଛି ଭଗବତ୍ ଶକ୍ତି, ଯୁଗଧର୍ମ (Zeitgeist), ମହାକାଳର ଚେତନା (Time-Spirit); କାର୍ଯ୍ୟମୁଖର ଗୋଟିଏ ଶକ୍ତିଶାଳୀ ଆନ୍ଦୋଳନକୁ ସୃଷ୍ଟି କରିବା ପାଇଁ ଯାହାର କି ଆବଶ୍ୟକତା ରହିଛି ଏହି ପୃଥିବୀ ନିମନ୍ତେ ବର୍ତ୍ତମାନର ଘଡ଼ସନ୍ଧି ମୁହୂର୍ତ୍ତରେ – ସେଇ ଆନ୍ଦୋଳନରେ ଯେ ଏସିଆର ପୁନରୁତ୍ଥାନ ଏବଂ ଭାରତବର୍ଷର ପୁନରୁତ୍ଥାନ ସକଳ କେବଳ ବୃହତ୍ତର ଆନ୍ଦୋଳନର ଏକ ଅଂଶ ବିଶେଷ ହୋଇ ରହିନି କିନ୍ତୁ ତାହା ପରିଣତ ହୋଇଛି ଉକ୍ତ ଆନ୍ଦୋଳନର କେନ୍ଦ୍ରୀୟ ପ୍ରୟୋଜନୀୟତାରେ । ଭାରତବର୍ଷ ଯେ ସେଇ ମହାଶକ୍ତିର କେନ୍ଦ୍ରବିନ୍ଦୁ, ସାର୍ବଜନୀନ ଏସୀୟ ନିୟତିର ଉତ୍ତରାଧିକାରିଣୀ । ପ୍ରାଚୀନ ଏସିଆର ଯୁଗ ଯୁଗର ପରାକ୍ରମଶାଳୀ ଆରାମଦାୟକ ସଭ୍ୟତାର ସୁରକ୍ଷା ସାଧନ କରି ମଙ୍ଗୋଲୀୟ ଭୂଖଣ୍ଡ ପ୍ରହରୀସମ ସଜାଗ ରହିଛି ତା'ର ଦକ୍ଷିଣ ପାର୍ଶ୍ୱରେ ଆଉ ନିଜେ ମଧ୍ୟ ଜାଗି ଉଠିଲାଣି । ମୁସଲମାନ ଜଗତ, ଇସଲାମ ଧର୍ମର ଆକ୍ରମଣକାରୀ ତଥା ଯୁଦ୍ଧଖୋର ସଭ୍ୟତାର ସୁରକ୍ଷା ପ୍ରବନ୍ଧ କରି ତାକୁ ଜଗି ରହିଛି ବାମ ପାର୍ଶ୍ୱରେ ଓ ଇଜିପ୍ଟରେ, ଆରବରେ, ପାରସ୍ୟରେ ଜାଗରଣ ପାଇଁ ଲଢ଼େଇ ଅବ୍ୟାହତ ରହିଛି । ଦୁଇଟି ସଭ୍ୟତା ଆସି ଭାରତରେ

ମିଶିଛନ୍ତି, ସେ ହେଲା ସେମାନଙ୍କ ମଧ୍ୟରେ ଏକ ଯୋଗସୂତ୍ର ଏବଂ ସେ ନିଶ୍ଚୟ ଖୋଜି ବାହାର କରିବ ସେଇ ସମନ୍ୱୟର ବାଣୀକୁ ଯାହା ସେମାନଙ୍କ ଭିତରେ ସାଧନ କରିବ ପୁନର୍ମିଳନକୁ ଏବଂ ପୁନରାୟ ସୃଷ୍ଟି କରିବ ଏକ ବିଶ୍ୱଜନୀନ ଏସୀୟ ସଭ୍ୟତାକୁ । ଏହି ବୃହତ୍ତର ଦୃଷ୍ଟିରେ ଆନ୍ଦୋଳନକୁ ଅବଲୋକନ କରି ଆମେ ବିଶ୍ୱାସ କରୁଛୁ ଯେ ଅତୀତରେ ଯେଉଁଳି ଅଗ୍ରଗତି ଓ ବିକାଶ ଘଟିଥିଲା ଭବିଷ୍ୟତରେ ମଧ୍ୟ ସାଧାରଣ ମାନବୀୟ ପରିକଳ୍ପନାର ଊର୍ଦ୍ଧ୍ୱରେ ସେହିପରି ଘଟିବ, କେବଳ ଗୋଟିଏ କଥା ନିଧାର୍ଯ୍ୟ ଯେ କୌଣସି ବାହ୍ୟ ଶକ୍ତି ଏହାକୁ ପଣ୍ଡ କରିପାରିବ ନାହିଁ ଏବଂ କୌଣସି ଆଭ୍ୟନ୍ତରୀଣ ଷଡ଼୍‌ଯନ୍ତ୍ର ଏହାକୁ ବିଭ୍ରାନ୍ତ କରିପାରିବ ନାହିଁ । ଜନ୍ ମୋର୍ଲେ କିଂବା ଡେନ୍‌ଜିଲ୍ ଇବ୍‌ବତ୍‌ସନ୍ ବା ନବାବ ସଲିମୁଲ୍ଲା କିଂବା କେହି ମିଛ ସାଥି ଅବା ଖୋଲାଖୋଲି ଶତ୍ରୁତା କରୁଥିବା ବ୍ୟକ୍ତି କିଂବା ଏପରିକି ଆମ ନିଜର ତ୍ରୁଟି ବିଚ୍ୟୁତି ଏବଂ ଦୁର୍ବଳତା ଏହାର ପଥରୋଧ କରିପାରିବ ନାହିଁ । କିନ୍ତୁ ସେମାନେ ଯେ ଅଜ୍ଞାତରେ ବରଂ ଏହାକୁ ସାହାଯ୍ୟ କରି ଚାଲିଛନ୍ତି ଆଉ ଏଥିପାଇଁ କାର୍ଯ୍ୟ ମଧ୍ୟ କରୁଛନ୍ତି । ଏହି ବିଶ୍ୱାସରେ ଆମେ ଆମର ମହାନ୍ ଲକ୍ଷ୍ୟ ପୂରଣ ପାଇଁ ଯେକୌଣସି ବିପଦକୁ ବରଣ କରିବାକୁ ଏବଂ ଲହୁ ଓ ଶ୍ରମର ବିନିମୟ ନିମନ୍ତେ ଆଗ୍ରହ ପ୍ରକାଶ କରୁଛୁ । ଆମ ଲୋକମାନଙ୍କୁ କିଂବା ଆମର ସମ୍ବଳଗୁଡ଼ିକୁ ସମ୍ଭାଳି ରଖିବାକୁ ଆଉ ସବୁଠାରୁ ଶସ୍ତା ହାଟ ଦେଖି ସ୍ୱତନ୍ତ୍ରତାକୁ କ୍ରୟ କରିବା ଗୋଟିଏ ମିଥ୍ୟା ଏବଂ ନିର୍ବୋଧ ବ୍ୟବସ୍ଥା । ଲଜପତ୍ ରାୟ ଭୟାନକ ଘୂର୍ଣ୍ଣି ଭିତରେ ପଡ଼ି ବିଲୀନ ହୋଇ ଯାଇଛନ୍ତି ଏବଂ ଆହୁରି ଏମିତି କେତେ ଶହ ତାଙ୍କ ଅନୁଗାମୀ ହେବେ, କିନ୍ତୁ ସେମାନଙ୍କ ଅନ୍ତର୍ଦ୍ଧାନରେ କିଛି ହେଲେ ଫରକ ପଡ଼ିବ ନାହିଁ; ଆନ୍ଦୋଳନର ଶକ୍ତିରେ ହେଉ କିଂବା ତୀବ୍ରତାରେ । ଯାହା ହେଲେ ବି ଆନ୍ଦୋଳନ ଆଗକୁ ବଢ଼ି ଚାଲିବ ।

କିନ୍ତୁ, ଏହି ବିଶ୍ୱାସ ଓ ପ୍ରସ୍ତୁତି(Readiness)ର ଆଉ ସବୁକିଛି ଆମର ଅତଳ ଆବର୍ତ୍ତ ମଧ୍ୟକୁ ନିକ୍ଷେପ କରିବା ପାଇଁ ତତ୍ପରତାର ବଶବର୍ତ୍ତୀ ହୋଇ ଆମେ ଉପଲବ୍ଧି କରୁଛୁ ଆମ ମାନବିକ ସିଦ୍ଧାନ୍ତ ଉପରେ ଭରସା କରିବାର ଆବଶ୍ୟକତାକୁ ଆମର ବିବ୍ରତ ମୁହୂର୍ତ୍ତରେ ଆମକୁ ପଥ ଦେଖେଇବା ପାଇଁ, ପ୍ରଚ୍ଛଦପଟରେ ରହିଥିବା ମହାଶକ୍ତି ହାତରେ ସେଇ ଭରସା ଟିକକ ସମ୍ପିଦେବା ପାଇଁ, ହୁଏତ ଆମ ତ୍ରୁଟି-ବିଚ୍ୟୁତିଗୁଡ଼ିକର ଯଥାର୍ଥ ଉପଯୋଗ କରିବା ପାଇଁ, ବୋଧହୁଏ ଆମ ବିଜ୍ଞ ନ୍ୟାୟ ବିଚାର ଅପେକ୍ଷା ଚରମ ସାଫଲ୍ୟ ଅଭିମୁଖେ ଧାବମାନ ସେଇସବୁ କଥାକୁ ଅଧିକ ଉପଯୋଗୀ କରିବା ପାଇଁ । କେବଳ ଗୋଟିଏ କଥା ଉପରେ ଆମମାନଙ୍କୁ ଯେମିତି ହେଲେ ନିୟନ୍ତ୍ରଣରେ ରଖିବାକୁ ପଡ଼ିବ, ସ୍ୱଦେଶୀ, ବୟକଟ୍ ଏବଂ ସ୍ୱରାଜର ତ୍ରିବିଧ ଐକ୍ୟ ଉପରେ । ନିରନ୍ତର ଶକ୍ତି ଖଟେଇ ଏଗୁଡ଼ିକ ପଛରେ ଅନବରତ ଲାଗିବାକୁ ହେବ ଆଉ ଯେତେଦିନ ପର୍ଯ୍ୟନ୍ତ ସେଗୁଡ଼ିକୁ ଖୁବ୍ ଦୃଢ଼ତାର ସହିତ ଧରି ରଖିଥିବା ସେତେଦିନ ଧରି ଆମର ଆଗକୁ ଆଉ ଭୁଲ୍ କରିବାର ପ୍ରଶ୍ନ ଉଠିବ ନାହିଁ ।

[ବନ୍ଦେ ମାତରମ୍, ଜୁନ୍ ୧, ୧୯୦୭]

(କ୍ରମଶଃ)

ଅନୁବାଦ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ

ଯେଉଁ ମୁହୂର୍ତ୍ତରେ ଆମେ ରୂପାନ୍ତରକାରୀ ଆଲୋକକୁ ପ୍ରତ୍ୟକ୍ଷ କରିବୁ ଓ ତା' ପାଖରେ ଅକୁଣ୍ଠ ଭାବରେ ନିଜକୁ ଦେଇଦେବୁ, ତତ୍‌କ୍ଷଣାତ୍, ସୁନିର୍ଦ୍ଦିଷ୍ଟ ଭାବରେ ଆମେ ସଚେତ ହୋଇଉଠିବୁ କେଉଁଥି ପାଇଁ ଆମେ ସୃଷ୍ଟ ହୋଇଛୁ ଓ ପୃଥିବୀ ଉପରେ ଆମ ଜୀବନର ଲକ୍ଷ୍ୟ କ'ଣ ।

— ଶ୍ରୀମା

# ଦୁର୍ଗମଃ ପଥସ୍ତତ୍

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ଆମ୍ଭେମାନେ ଯେଉଁ ଭାବର ସାଧକ, ଯେଉଁ ଆଦର୍ଶଟିକୁ ଜଗତରେ ପ୍ରତିଷ୍ଠିତ କରିବାକୁ ଆମେ ପ୍ରୟାସୀ, ତାହା ଯେ କେତେ ବୃହତ୍, କେତେ କଷ୍ଟସାଧ୍ୟ, ସେ ବିଷୟ ଆଗେ ଚିନ୍ତା କରିବା ଦରକାର । ଆମେ କ'ଣ ଚାହୁଁ ? କି ଜିନିଷର ଆଗମନ ଓ ପ୍ରତିଷ୍ଠା ପାଇଁ ଏଇ ପ୍ରୟାସ ? ଆମେ ଚାହୁଁ ସ୍ଥୂଳ ଜଗତରେ, ପାର୍ଥିବ ଶରୀରରେ ଦେବତ୍ୱ ଲାଭ କରିବା, ମରଜଗତ ମଧ୍ୟରେ ମରଜଗତର ସାହାଯ୍ୟ ନେଇ ଅମୃତତ୍ୱର ଖେଳ ଖେଳିବାକୁ ଆମର ଇଚ୍ଛା । ଏଇ ଅଭିଳାଷ ବା ଆଦର୍ଶଟି କ'ଣ ଅସମ୍ଭବ ନୁହେଁ ? ମଣିଷଜାତି ମଧ୍ୟରେ ଏମିତି କେତେ ଜଣ ବାହାରିବେ ଯିଏ ଏଇ ଭାବନାଟିକୁ ଆଖି ଆଗରେ ରଖିବାକୁ ଭୟ କରନ୍ତି ନାହିଁ ! କେତେଜଣ ବା ଅଛନ୍ତି ଯିଏ ଏହାକୁ ପାଗଳର ପ୍ରଳାପ କହିବ ନାହିଁ ! ଆଉ ଆମ ଭଳି ଯେଉଁ ଦୁଇଚାରିଜଣ ଏହାକୁ ଆଦର୍ଶ ବୋଲି ଜାବୁଡ଼ି ଧରିଛୁ ବା ଯାହାଙ୍କୁ ଏଇ ଭାବନାଟି ଚାପି ଧରିଛି, ସେଇ କେଇଜଣ କ'ଣ ସତରେ ବୁଝିଛନ୍ତି ଆମ ଲକ୍ଷ୍ୟଟି କେତେ ସୁଦୂରର ବସ୍ତୁ ଏବଂ ଆମ ଆକାଂକ୍ଷା କେତେ ଅଧିକ ଯତ୍ନ, ଶକ୍ତି ସାମର୍ଥ୍ୟ ଓ ସକ୍ଷମତା ଦରକାର କରେ ? ଏକଥାଟା କେତେଜଣ ସାଧକ ହୃଦୟଙ୍ଗମ କରିଛନ୍ତି ? ଆକାଂକ୍ଷା, ଉତ୍ସାହ, ଆଗ୍ରହ, ଉଚ୍ଛ୍ୱାସ ପ୍ରଥମ ଅବସ୍ଥାରେ ସାଧକର ଉପକାର କରେ, ଆବଶ୍ୟକ ମଧ୍ୟ ଏଇଟି; ତେବେ ଖାଲି ସେତିକିର ପୁଞ୍ଜି ଧରି ବେଶୀ ବାଟ ଅଗ୍ରସର ହେବା ଅସମ୍ଭବ । ପଥ ଚାଲୁ ଚାଲୁ ଅସଂଖ୍ୟ ବିପଦ, ଅଗଣିତ ବିଭୀଷିକା, କାହିଁ କେତେ ଉତ୍ତୁଙ୍ଗ ଗିରିପର୍ବତ, ଗହନ ଅରଣ୍ୟ, ଗଭୀର କନ୍ଦର-ଗୁହା ବାଟରେ ଆସି ପହଞ୍ଚିବ, ଏସବୁ ପାରି ହେବାକୁ ପଡ଼ିବ – ଏହାର ଖିଆଲ ଅଛି କାହାର ? ସମ୍ପୂର୍ଣ୍ଣ ହିସାବଟି ନରଖିବା ନିର୍ବୋଧତାର କାମ, ତୁମକୁ ଏହା ଜାଣି ରଖିବାକୁ ପଡ଼ିବ । ପ୍ରତିଟି ବାଧା ସହ ପରିଚୟ ଆମର ହେବ, ତେବେ ଯାଇ ସିନା ତାହାର ସାମର୍ଥ୍ୟ, କରାମତିକୁ ଆମେ ମାପି ପାରିବା, ପୁନରାୟ ତାହାକୁ ଡେଇଁଯିବା ଦ୍ୱାରା କି କି ସାର୍ଥକତା ଆମେ ପାଇବା, ତାହା ବି ଜାଣିବା । ଏ ସମସ୍ତ କଥା ଜାଣିଶୁଣି ଆମେ ଏଗୁଡ଼ିକୁ ଉଲ୍ଲଙ୍ଘନ କରିଯିବା । ତା' ନହେଲେ ଅନ୍ଧଦୃଷ୍ଟି ନେଇ ଖାଲି କଳ୍ପନାର ମରୀଚିକାରେ ଉତ୍‌ଫୁଲ୍ଲ ହୋଇ ଆଗେଇଲେ ପ୍ରଥମ ବାଧାଟିରେ ଧକ୍କା ଖାଇ ଆମେ ଚୂର୍ଣ୍ଣବିଚୂର୍ଣ୍ଣ ହୋଇ ଧ୍ୱଂସ ପାଇଯିବା – ଏଭଳି ଆଶଙ୍କାହିଁ ଆମ ଯାତ୍ରା-ପଥରେ ବେଶୀ ରହିଛି ।

ଆମର ଯାତ୍ରା ପଥରେ କେତେ କ'ଣ ପ୍ରତିବନ୍ଧକ ଆଣ୍ଠ ବାନ୍ଧି ଠିଆ ହୋଇଛନ୍ତି ! ଦେଶ କାଳ ପାତ୍ର – ଏ ସକଳ ଏକାଠି ଆମ ବିପକ୍ଷରେ ଅଣ୍ଟାଭିଡ଼ି ନାହାନ୍ତି କି ? ଆମର ଇଚ୍ଛା – ସମଗ୍ର ପୃଥିବୀକୁ ଆମେ ଜିଣିଯିବୁ, ମାତ୍ର ସମୁଦାୟ ପୃଥିବୀର ଅତି ସାମାନ୍ୟ ଅଂଶକୁ ନେଇ ଆମର କାରବାର; ଆମର ଅଧିଷ୍ଠାନ ଅତିମାତ୍ରାରେ ସାମାନ୍ୟ । କର୍ମକ୍ଷେତ୍ରର କେତେ ଭାଗ ଅଂଶ ଆମ ଏଇ ଭାବନାର ମୂଲ୍ୟ ବୁଝେ ? ସ୍ଥାନର କଥା : ଆମେ ଏ ଜଗତର କେଉଁ ସ୍ୱଳ୍ପ ପରମାଣୁ ମାତ୍ର ଅଂଶର କୋଣ ଟିକକର ସ୍ଥାନହିଁ ଅଧିକାର କରୁଛେ – ଏହା ନୁହେଁ କି ? କାଳର କଥାଟିକୁ ଯଦି ଦୃଷ୍ଟି ଦିଏ – ତେବେ ସହସ୍ର ସହସ୍ର ବର୍ଷର ଗତିବେଗ ଆମ ପଛରେ ରହି ନାହିଁ କି ? ଏଇ ସବୁ ଯୁଗରାଶିର ଧର୍ମକୁ ବଦଳାଇବାକୁ ଚାହିଁବା – କାଠିକର ପାଠ ନୁହେଁ କି ଆମ ପାଇଁ ? ଏ ମର୍ତ୍ତ୍ୟଭୂଇଁ କ'ଣ ସତରେ କେବେ ଦେବ-ଲୀଳାର କ୍ଷେତ୍ର ଥିଲା ? କାଳର ଏଇ 'ଦୁର୍ଦ୍ଧର୍ଷ ନାଏଗ୍ରା ପ୍ରପାତ' ଗୋଟିଏ ଜାଗାରେ ରୁଦ୍ଧ କରାଯାଇ ପାରିବ, ଖାଲି ସେତିକି ଶେଷ ନୁହେଁ – ତାହାର ପ୍ରବେଗକୁ ଧରି ଊର୍ଦ୍ଧ୍ୱ ଦିଗରେ ପରିଚାଳିତ କରିବାକୁ ହେବ, ଏଇ କାର୍ଯ୍ୟଟି ଅତିମାତ୍ରାରେ ଦୁଃସାହସିକ ନୁହେଁ କି ? ଆଉ, ଆମର ବିରୋଧାଚରଣ ପାଇଁ କିଏ ଠିଆ ହୋଇଛି, ଆମେ ନିଜେ ନୋହୁଁ କି ? ଆମେହିଁ ଆମର ଶତ୍ରୁ ହୋଇ ଦଣ୍ଡାୟମାନ । ଆମର ସ୍ୱୀୟ ସ୍ୱଭାବ, ପ୍ରକୃତି, ମାନୁଷୀଭାବହିଁ ଆମ ବିପକ୍ଷରେ । ପରାଞ୍ଚିଖାନି – ମଣିଷର ଯାବତୀୟ ଇନ୍ଦ୍ରିୟସମୂହ ସ୍ୱଭାବତଃ ବହିର୍ମୁଖୀ, ତାହାର ବୃତ୍ତିସବୁ କ୍ରମନିମ୍ନ ଦିଗରେ ଉନ୍ମୁଖ । ଧୂଳିରେ ଘାଣ୍ଟି ହେବାରେ କି ଆକର୍ଷଣ ସେ ନପାଏ ! ତା'ର ସ୍ୱାଭାବିକ ପ୍ରବଣତା ଜରା, ମୃତ୍ୟୁ, ଅଜ୍ଞାନ, ଅଶକ୍ତି, ଖଣ୍ଡତା, ଅପୂର୍ଣ୍ଣତା ପ୍ରଭୃତି ଦିଗରେ । ପ୍ରକୃତି ସାଙ୍ଗରେ ଲଢ଼େଇ କରି ତାକୁ ପରାଭୂତ ଓ ଆଜ୍ଞାନୁବର୍ତ୍ତୀ କରିବାକୁ ପଡ଼ିବ, ଏଇ ସାମର୍ଥ୍ୟ କାହା ଭିତରେ ଅଛି ? ଏଇ ଅସମ୍ଭବକୁ ସମ୍ଭବ କରିବା ଭଳି ବୀର୍ଯ୍ୟ କେଉଁ ମନୁଷ୍ୟ ମଧ୍ୟରେ ଅଛି ?

କଥାଟିକୁ ଭଲ ଭାବରେ ହୃଦୟଙ୍ଗମ କରିବାକୁ ପଡ଼ିବ ଯେ ମନୁଷ୍ୟ କହିଲେ ଏବେ ଆମେ ଯାହା ବୁଝୁ – ତା'ର ସ୍ୱଭାବ-ପ୍ରକୃତି, ତା'ର ଧର୍ମକର୍ମ, ତା'ର ଦୋଷଗୁଣ ଓ ତା'ର ଗତିବୃତ୍ତି – ଏସବୁ କ'ଣ ଆଜିକାଲିକାର ଜିନିଷ ? ଏଗୁଡ଼ିକ ଅନାଦି କାଳରୁ ରହି ଆସିଛି, ଗଢ଼ି ଆସୁଛି । ଏସବୁ ଧାରା-ପ୍ରବାହକୁ ଓଲଟାଇ ଦେବାକୁ ହେବ । କାମଟି ଯେ ଆମ ତୁମ ଭିତରେ ହେବ ତାହା ନୁହେଁ, ବିଶ୍ୱର ସମଗ୍ର ମାନବଜାତି ମଧ୍ୟରେ ଏଇ ବିପରୀତ ଧାରାଟିକୁ ବସାଇବାକୁ ପଡ଼ିବ । ଏଥିପାଇଁ ଆମକୁ କେତେ ଯେ ତପସ୍ୟା କରିବାକୁ ହେବ, କେତେ ଯେ ପରିଶ୍ରମ କରିବାକୁ ହେବ, ତା'ର କ'ଣ କିଛି ସୀମା ଅଛି ? ପୁଣି ଏଇ ସମସ୍ତ ସମ୍ପାଦନ କରିବାକୁ କେତେ ଅଧିକ ସମୟ ନ ଲାଗିବ ! ଆଜି ଯେଉଁ ଜାଗାରେ ଆସି ମଣିଷ ପହଞ୍ଚିଛି, ସେଇଠି ଉପନୀତ ହେବାକୁ କାହିଁ ଅଗଣିତ ଯୁଗ ଲାଗି ଯାଇଛି, ସେଇ ଯତ୍ନ, ପରିଶ୍ରମସବୁକୁ କ'ଣ ଗୋଟାଏ ଫୁତ୍କାରରେ ଉଡ଼ାଇ ଦେଇ ହେବ, ନା ମନ୍ତ୍ରପଢ଼ି ଯାଦୁବଳରେ ତାକୁ ନିମିଷକରେ ପୋଛି ଦେଇ ନୂଆ କରି ଗଢ଼ିତୋଳି ହେବ ? ମନ, ପ୍ରାଣ ଓ ଚିତ୍ତକୁ ତଥା ଶରୀରକୁ ତିଳ ତିଳ କରି ଗଢ଼ା ହୋଇଛି, ଗୋଟିକ ସାଙ୍ଗରେ ଅନ୍ୟଟିକୁ ଗୁନ୍ଥା ହୋଇଛି । ସେଥିପାଇଁ ଭାଙ୍ଗିବାକୁ ପଡ଼ିଲେ ସେମିତି ତିଳ ତିଳ କରି ଖଣ୍ଡବିଖଣ୍ଡ କରିବାକୁ ପଡ଼ିବ ଓ ପୁଣିଥରେ ମନୁଷ୍ୟ ସତ୍ତାଟିକୁ ନବନିର୍ମାଣ କରିବାକୁ ହେବ ଟିକିନିଖି କରି ଯୋଡ଼ି । ମଣିଷ ତ ଆଉ ଛୋଟ ପିଲାର କଣ୍ଢେଇଟିଏ ନୁହେଁ ଯେ ଆଘାତ ଦେବା ମାତ୍ରେ ଭାଙ୍ଗିଯିବ ! ସେ ଏକ ମହାକାୟ ହିମାଳୟ ପର୍ବତ – ତହିଁରେ କେତେ ଅଭ୍ରଭେଦୀ ଶୃଙ୍ଗ, କେତେ ଗହନ ଅରଣ୍ୟାନୀ, କେତେ ଭୟଙ୍କର ତୁଷାର ପ୍ରପାତ, କେତେ ଦୁର୍ବାର ନଦୀ-ସ୍ରୋତ, ପୁଣି ସେଥିରେ ଅସଂଖ୍ୟ ଜୀବଜନ୍ତୁ, ନାନା ଅଜ୍ଞାତ ବିଭୀଷିକା ବି ରହିଛି । ଏ ସମସ୍ତକୁ ଭାଙ୍ଗିରୁଜି ଧୂଳିସାତ୍ କରି ସେ ସ୍ଥାନରେ ନବ ତାଜମହଲଟିଏ ଗଢ଼ାଯିବ – ଏପରି ଦୁରୂହ କର୍ମଟିକୁ ସର୍ଜନା କରିବ କେଉଁ ଉନ୍ମତ୍ତ କଳାକାର, କେଉଁ ଅଜ୍ଞାତ ପରିଶ୍ରମରତ କର୍ମବୀର ?

ସାଧାରଣ ମଣିଷ ଏଇ ଆଦର୍ଶଟିକୁ ଭାବିଲା କ୍ଷଣି ଭୟ ପାଇବ, ନହେଲେ ଅସମ୍ଭବ କଳ୍ପନା ମଣି ଉପହାସ କରିବ – ତା'ର ଯଥେଷ୍ଟ କାରଣ ରହିଛି । ଆଉ କେହି କେହି ଅନ୍ୟ ଆଦର୍ଶ, ଅନ୍ୟ ପନ୍ଥା ବି ଖୋଜିବେ, ତାହା ବି ଅସ୍ୱାଭାବିକ ନୁହେଁ । ଇହବାଦୀ ସେଇ କାରଣରୁ ପ୍ରକୃତିକୁ ସମ୍ପୂର୍ଣ୍ଣ ଜୟ କରିବା କଥା ଭାବନ୍ତି ନାହିଁ, କଳେବଳେ କୌଶଳେ କୌଣସି ପ୍ରକାରେ ପ୍ରକୃତିକୁ ପ୍ରତାରିତ କରି ଅଥବା ତା' ସହିତ ହାତ ମିଳାଇ ଯତ୍‌ସାମାନ୍ୟ ଯଦି ତା'ଠାରୁ ଆଦାୟ କରାଯାଇ ପାରେ, ସେତିକି ପାଇ ଇହଲୋକବାଦୀ ପରିତୁଷ୍ଟ । ଆଉ – ମାୟାବାଦୀ, ସିଏ ତ ପ୍ରକୃତିଠାରୁ ଦୂରରେ ରହି, ବାଟ କାଟି ତାକୁ ଏଡ଼ାଇ ଦେଇ ଚାଲି ଯିବାର ଚେଷ୍ଟାରେ ଥାଆନ୍ତି । ପ୍ରକୃତିକୁ ଅଜେୟ ବୋଲି ସେ ଧରି ନେଇଛନ୍ତି, ତେଣୁ ଅନ୍ୟ ବାଟରେ ପ୍ରକୃତିର ଅତୀତ ହେବା ଦିଗରେ ତାଙ୍କର ପ୍ରୟାସ ।

ପ୍ରକୃତି ମଧ୍ୟରେ ରହି ଆମେ ଯାହା ଚାହୁଁଛୁ, ତା'ର ରୂପରେଖ ହେଉଛି – ପ୍ରକୃତି ମଧ୍ୟରେ ରହି ପ୍ରକୃତିକୁ ଜୟ କରିବା ଓ ପ୍ରକୃତି ମଧ୍ୟରେ ପୂର୍ଣ୍ଣ ପ୍ରତିଷ୍ଠିତ ହେବା । ତେଣୁ ଯେଉଁମାନେ ଏଇ ନବ୍ୟ ଧାରାଟିକୁ ଆପଣାର କରିବାକୁ ଚାହୁଁଛନ୍ତି, ସେଇମାନଙ୍କୁ ଆମେ ଆଗରୁ କହୁଛୁ : ପ୍ରକୃତି ସହିତ ଯୁଦ୍ଧ କରିବା ଭୀଷଣ ବ୍ୟାପାର । ନିକଟରେ ଘଟି ଯାଇଥିବା ଇଉରୋପର ଯୁଦ୍ଧଟି ଦେଖି ଆମେ ଶିହରି ଉଠୁଛେ । କିନ୍ତୁ ଆଧ୍ୟାତ୍ମିକ ଯୁଦ୍ଧ ପାଖରେ ଏଇ ରକ୍ତମାଂସର ସ୍ଥୂଳ ଯୁଦ୍ଧ କହିବାକୁ ଗଲେ କ'ଣ ବେଶୀ ? ପ୍ରକୃତିକୁ ପ୍ରତି ସୂଚ୍ୟଗ୍ରପରିମାଣ ଭୂମିରୁ ଠେଲି ବାହାର କରିବାକୁ ପଡ଼ିବ, ସେଇ କାମଟି କରିବାକୁ ଯେଉଁ ଅଧ୍ୟବସାୟ ଓ ଯେଉଁ ପରିଶ୍ରମ କରିବାକୁ ହେବ, ସେତିକି ପରିଶ୍ରମରେ ତ କେତେ ଭାର୍ଦୂନର ଯୁଦ୍ଧ ଜୟ କରାଯାଇ ପାରିବ । ପ୍ରକୃତିକୁ ଯେତେ ଥର ଗୋଟିଏ ସ୍ଥାନରୁ କୌଣସି ପ୍ରକାରେ ସ୍ଥାନଚ୍ୟୁତ କରାଯିବ ସେ ସେତେ ଥର ଆସି ସେ ଜାଗା ମାଡ଼ି ବସିବ – ସମୁଦ୍ରର ତରଙ୍ଗ ଯେପରି ଯୁଗଯୁଗାନ୍ତର ଧରି ସୈକତ ବକ୍ଷରୁ ଥରେ ଫେରିଯିବା ମାତ୍ରେ ପରକ୍ଷଣରେ ପୁନର୍ବାର ଆସି ସ୍ଥଳଭାଗକୁ ଧୌତ କରୁଥାଏ, ସେମିତି ପ୍ରକୃତି ବି ମାନବ-ସ୍ୱଭାବ ଉପରକୁ ବାରଂବାର ମାଡ଼ି ଆସୁଥିବ । ପ୍ରକୃତିର ଯେଉଁ କୁଟିଳ ରଣନୀତି, ତାହାର ବିଚିତ୍ରତା କିଏ ନିରୂପଣ କରିପାରିବ ? ଶତ୍ରୁ ଭାବରେ, ମିତ୍ର ଭାବରେ, ନିରପେକ୍ଷ ଭାବରେ, ଗୋପନରେ, ପ୍ରକାଶ୍ୟରେ ପୁନଶ୍ଚ ଊର୍ଦ୍ଧ୍ୱରୁ ଅବା ପାର୍ଶ୍ୱରୁ ଅଥବା ପଶ୍ଚାତରୁ କେମିତି କି ଧରଣର ଆକ୍ରମଣ ଯେ ସିଏ କରିବ ସେ ବିଷୟରେ କୌଣସି ସ୍ଥିରତା ନାହିଁ । ଏ ସମସ୍ତ ସତ୍ତ୍ୱେ ବି ଆମେ ପ୍ରକୃତିକୁ ଜୟ କରିବାର ସାଧନାଟିକୁ ଆଦର୍ଶ ହିସାବରେ ଗ୍ରହଣ କରିଛୁ । ସବୁ ଦିଗକୁ ତ ଦେଖିବାକୁ ପଡ଼ିବ; ତା' ବୋଲି ଆମେ ଯେପରି ନିରାଶ ହୋଇ ନପଡୁ, ଆମ ହୃଦୟ ଯେପରି ଭୟରେ କାତର ହୋଇ ଟହଲି ନପଡ଼େ । ମନେ ରଖିବାକୁ

ହେବ ଯେ ଯାହାର ଯେତେ ବେଶୀ ସାହସ, ତା'ର ସେତେ ବେଶୀ ସିଦ୍ଧି – 'for the boldest the highest wisdom' । କେବଳ ଆବଶ୍ୟକ ଅକ୍ଲାନ୍ତ ଲାଗି ରହିବା ଓ ଅତୁଟ ପରିଶ୍ରମ । ଧୀରଚିତ୍ତ, ପ୍ରଶାନ୍ତ ବୁଦ୍ଧିକୁ ଧରି ବୁଝିବାକୁ ପଡ଼ିବ କେଉଁଠି କ'ଣ ଜୟ କରିବାକୁ ହେବ, ତା'ର କେଉଁ ଜାଗାରେ କେତେ କମ୍ ବା ବେଶୀ ପ୍ରତିବନ୍ଧକ ରହିଛି, ତା'ପରେ କ୍ରମାଗତ ଛେଦବିହୀନ, ଅବକାଶହୀନ ଶକ୍ତି ପ୍ରୟୋଗ । ପ୍ରଥମେ ପ୍ରଥମେ ପରାଜୟ ହେବ ତ ନିଶ୍ଚୟ, ମାତ୍ର ସେଥିରେ ନିରୁତ୍ସାହିତ ହେବାର କିଛି ନାହିଁ । ପରାଜୟ ତଥା ବିଫଳତାର ମଧ୍ୟ ସାର୍ଥକତା ରହିଛି । ପ୍ରଥମତଃ, ଶକ୍ତି ପ୍ରୟୋଗରେ ଶକ୍ତିରହିଁ ବୃଦ୍ଧି ହୁଏ – ଜୟପରାଜୟର କଥା ଛାଡ଼ି ଦେଲେ ବି । ଦ୍ୱିତୀୟତଃ, ବିଫଳତା ଆଙ୍ଗୁଠିରେ ଠାରି ଦେଖାଇ ଦେବ ସାଧକର ଅଭାବ କେଉଁଠାରେ, କେଉଁ ପନ୍ଥାଟିକୁ ଏବେ ତାକୁ ଧରିବାକୁ ହେବ । ତୃତୀୟତଃ, ବିଫଳତା, ବୈପରୀତ୍ୟ ଭିତର ଦେଇ ସାଧକର ଦୃଷ୍ଟିରେ ସତର୍କତା ଆସିଯାଏ, ତାହା କ୍ରମଶଃ ଉଦାରପ୍ରସାରୀ ଓ ସତ୍ୟଗର୍ଭ ହୋଇଉଠେ । କ୍ରମାଗତ ଯେଉଁ ଲୋକ ବିଜୟର ଭିତର ଦେଇ ଅଧିକ ବିଜୟ ଆଡ଼କୁ ଚାଲିଛନ୍ତି ରଜୁରେଖାରେ, ସେ ବିଲକୁଲ ଜାଣେ ନାହିଁ ଜଗତର ଯାବତୀୟ ତିର୍ଯ୍ୟକ୍ ଗତି, କୁଟିଳ ରହସ୍ୟର ତତ୍ତ୍ୱସବୁ । ସମଗ୍ର ଜଗତର ବୈଚିତ୍ର୍ୟ ନେଇ ବୈଚିତ୍ର୍ୟର ମଧ୍ୟରେ ଅଧିଷ୍ଠାନ କରିବା ଯେହେତୁ ଆମର ଉଦ୍ଦେଶ୍ୟ, ସେଥିପାଇଁ ବୈଚିତ୍ର୍ୟକୁ ଉପଲବ୍ଧିରେ ଆଣି ସେଥିରୁ ପରାଜୟ ହେଉ ଅବା ଜୟ ହେଉ, ଦୁଃଖ ହେଉ ଅବା ସୁଖ ହେଉ, ପାପ ହେଉ ଅବା ପୁଣ୍ୟ ହେଉ – ଆମର ସାଧନାର ପଥରେ ଯାହା ଆସିବ, ତାକୁ ପୂର୍ଣ୍ଣତା ଉଦ୍ଦେଶ୍ୟରେ ନେବାକୁ ହେବ ।

ଆମର ଏଇ ସାଧନାର ପଥ ଅତି ଦୁର୍ଗମ, ସମସ୍ତ ପ୍ରକୃତି ଆମ ବିରୋଧରେ ଠିଆ ହେବେ, ତଥାପି ବୀର ହୃଦୟର ପୁରୁଷକାର ନେଇ ଆମକୁ ସେସବୁର ସମ୍ମୁଖୀନ ହେବାକୁ ପଡ଼ିବ । ତେବେ ଏହାହିଁ ଯେ ସର୍ବ ସତ୍ୟ, ଏକଥା ମଧ୍ୟ କୁହାଗଲେ ଅତ୍ୟୁକ୍ତି ହେବ । ଆମେ ପ୍ରକୃତି ବିରୋଧରେ ଯାତ୍ରା କରୁଛୁ, ମାତ୍ର ଚଳାଉଛି କିଏ, କାହାର ପ୍ରେରଣାରେ ଯାତ୍ରା କରୁଛୁ ? ଯେଉଁ ଆକାଶକୁସୁମ ଆମ ନୟନରେ ପ୍ରତିଭାତ ହେଉଛି, ଯେଉଁ କଳ୍ପନା ଆମକୁ ଅଧିକାର କରି ବସିଛି, ତାହାର ଆରମ୍ଭଟି ପ୍ରଥମେ କେଉଁଠୁ ଉଦ୍ଭୂତ ହେଲା ? ଦେବଜନ୍ମର ସ୍ୱପ୍ନରେ ମଣିଷ ବିଶ୍ୱାସ କରେ ନାହିଁ, ଅଥଚ ସେଇ ସ୍ୱପ୍ନଟି ମଣିଷ ମନରେ ଜାଗିଲା କେମିତି ? ସୁତରାଂ ଆମେ ବୋଧ କରୁଛୁ ଯେ ଏଇ ସ୍ୱପ୍ନଟି ପ୍ରକୃତିର ଅନ୍ତର୍ନିହିତ ଭବିଷ୍ୟଦୃଷ୍ଟି । ବାହାରେ ଦେଖିବାକୁ ପ୍ରକୃତି ଆମର ଶତ୍ରୁ, କିନ୍ତୁ ତାହାରି ଗୁପ୍ତ-ପ୍ରେରଣା ଅନୁସାରେ ଆମେ ଚାଲୁଅଛୁ, ତାହାରହିଁ ଅବଶ୍ୟମ୍ଭାବୀ ପରିଣାମକୁ କାର୍ଯ୍ୟତଃ ପ୍ରତିଫଳିତ କରିବାକୁ ଆମେ ଉପଯୁକ୍ତ । ଯଥାର୍ଥରେ ଆମର ସକଳ କୃଚ୍ଛ୍ର ସାଧନା ଏଇଠାରେ – ପ୍ରକୃତି ଭିତରେ ଯେଉଁ ଲୁକ୍କାୟିତ ଫଲ୍‌ଗୁ ପ୍ରବାହ ଅଛି, ତା' ସହିତ ମିଳିତ ହେବା, ତାକୁ ପ୍ରକଟିତ କରିବା, ତାହାରି ବଳରେ ଜୟଲାଭ କରିବା । ପ୍ରକୃତିର ଭିତର ଦେଇ ପ୍ରକୃତିର ଜୟ – ସେପରି ନହୋଇ ଥିଲେ ବ୍ୟକ୍ତିଗତ ଅଥବା ସମଷ୍ଟିଗତ ପ୍ରୟାସର ବା ସାଧ କ'ଣ ?

ବୁଝିବାକୁ ହେବ ଯେ ଏଇଠାରେହିଁ ଆମ ଯୋଗସାଧନାର ଗୋପନୀୟ ତନ୍ତ୍ର । ସେଇଟି ହେଉଛି : ସାଧକର ନିଜର ଶକ୍ତି ନିଜର ଅଧ୍ୟବସାୟ ଦେଇ ଆପଣାକୁ ଅତିକ୍ରମ କରିଥିବା ଆଉ ଏକ ଶକ୍ତିକୁ ଆପଣାର ଅତୀତ ନିଗୂଢ଼ ଗୋଟିଏ ପ୍ରେରଣାକୁ ଜାଗ୍ରତ୍ କରିବାକୁ ପ୍ରୟାସ କରିବା । ସେଇ ପ୍ରକୃତିର ଉପରେ ପୁରୁଷୋତ୍ତମହିଁ ରହିଛନ୍ତି, ଯାହାଙ୍କର ଯନ୍ତ୍ରଭୂତ ହେବ ସାଧକ, ତାହାର ସୀମିତ ଶକ୍ତି ଭିତରେ ତାଙ୍କରହିଁ ଇଚ୍ଛାଶକ୍ତି ଲୀଳା କରିବ । ସେଇପରି ହୋଇ ପାରିଲେ ପ୍ରକୃତି ଚିହ୍ନିବ ଆପଣାର ଅନ୍ତରତମ ପ୍ରେରଣାକୁ, ଆପଣା ପ୍ରଭୁର ଆଦେଶକୁ ଶୁଣି ପାରିବ, ତେବେ ଯାଇ ସେଇ ଆଦେଶ ପାଳନରେ ସେ ତତ୍ପର ହେବ । ଏଥିରେ ଯେ ସାଧକର ବାହ୍ୟ ଚେଷ୍ଟାର ହ୍ରାସ ହେବ ତା' ନୁହେଁ, ପର୍ବତ ବା ଗହ୍ୱର ସମତଳ ହୋଇ ଆମ ଲାଗି କଣ୍ଟକବିହୀନ ପୁଷ୍ପବିକୀର୍ଣ୍ଣ ସୁରମ୍ୟ ରାଜମାର୍ଗ ଉନ୍ମୁକ୍ତ କରିଦେବ – ତାହା ବି ନୁହେଁ । ସଂଗ୍ରାମ କରିବାକୁ ପଡ଼ିବ, ଲଲାଟରେ ଘର୍ମବିନ୍ଦୁ ଫୁଟି ଉଠିବ ଓ ପାଦତଳେ ରକ୍ତକ୍ଷରଣ ହେବ – ଏସବୁ ସତ୍ତ୍ୱେ ବି କ୍ଳେଶ ରହିବ ନାହିଁ । କାରଣ ସେତେବେଳେ ଅନୁଭବ ହେବ, ଆମର ଶ୍ରମ ବିଫଳ ହେବାର ନୁହେଁ – ଭଗବତ୍ ଇଚ୍ଛାର ପ୍ରତିଦ୍ୱନ୍ଦ୍ୱୀ କିଏ ହୋଇ ପାରିବ ? ସେତେବେଳେ ସ୍ଥିର ନିଶ୍ଚିତ ହେବା ଆମେ, – ଗମ୍ୟସ୍ଥାନ ଆମର ଆୟତ୍ତାଧୀନ ହୋଇପାରିବ; ଅମୃତର ପୁତ୍ର ଆମ୍ଭେମାନେ, ଦିବ୍ୟଧାମ ଆମର ସମ୍ମୁଖଭାଗରେ ବୋଲି ଆମେ ବିଶ୍ୱାସ କରୁଥିବୁ ।

(ନଳିନୀକାନ୍ତ ଗୁପ୍ତଙ୍କ ରଚନାବଳି – ୮ମ ଖଣ୍ଡ)

ଅନୁବାଦ : କୃଷ୍ଣାଦେବୀ ❖

# ଦ୍ୱିତୀୟ ସୂକ୍ତ ଅଗ୍ନିଙ୍କ ପ୍ରତି

ଶ୍ରୀଅରବିନ୍ଦ

## ଦିବ୍ୟଶକ୍ତିଙ୍କ ମୁକ୍ତିର ସୂକ୍ତ

ଋଗ୍‌ବେଦ, ମଣ୍ଡଳ-୫, ସୂକ୍ତ-୨, ୯, ବୃଷ ଜାର

[ପ୍ରକୃତି ନିଜର ସାଧାରଣ ସୀମିତ ତଥା ଭୌତିକ କ୍ରିୟାକଳାପରେ ଦିବ୍ୟ ଶକ୍ତିକୁ ନିଜ ଗୁପ୍ତ ଗୁହା ବା ଅବଚେତନ ସତ୍ତା ମଧ୍ୟରେ ଘୋଡ଼େଇ ରଖିଥାଏ; ଚେତନା ଯେତେବେଳେ 'ଏକ' ଓ 'ଅନନ୍ତ'ଙ୍କ ପ୍ରତି ସ୍ୱୟଂ ବିସ୍ତାରିତ ହୋଇଥାଏ କେବଳ ସେତିକିବେଳେ ଯାଇ ଏହା ଅଭିବ୍ୟକ୍ତ ହୋଇଥାଏ, ସଚେତ ମନ ପାଇଁ ଏହା ଜନ୍ମଗ୍ରହଣ କରେ। ପରଜ୍ୟୋତିଃର ନିର୍ମଳଶୁଭ୍ର କିରଣଗୁଡ଼ିକୁ ସେପର୍ଯ୍ୟନ୍ତ ଧାରଣ କରିବା ସମ୍ଭବ ନୁହେଁ ଯେପର୍ଯ୍ୟନ୍ତ ସେମାନଙ୍କୁ ସୁରକ୍ଷା ଦେବାର ଏହି 'ସାମର୍ଥ୍ୟ' ଜଣକର ଆସି ନାହିଁ, କାରଣ ବିରୋଧୀ ଶକ୍ତିଗୁଡ଼ିକ ସେଗୁଡ଼ିକୁ ଛଡ଼ାଇ ନେଇ ପୁଣି ନିଜର ଗୁପ୍ତ ଗୁହା ମଧ୍ୟରେ ଲୁଚେଇ ଦିଅନ୍ତି। ମନୁଷ୍ୟ ମଧ୍ୟରେ ଅଭିବ୍ୟକ୍ତ 'ଦିବ୍ୟ ସଂକଳ୍ପ' ନିଜେ ମୁକ୍ତିଲାଭ କରେ ଓ ତାକୁ ବି ସେହି ବନ୍ଧନରୁ ମୁକ୍ତ କରେ ବିଶ୍ୱଯଜ୍ଞରେ ବଳି ରୂପେ ସେ ଯେଉଁ ଦଉଡ଼ିରେ ବନ୍ଧା ହୋଇଥାଏ; ଦିବ୍ୟମନ ସ୍ୱରୂପ ଇନ୍ଦ୍ରଙ୍କ ଉପଦେଶବାକ୍ ଦ୍ୱାରା ଆମେ ଏହି ମୁକ୍ତି ଲାଭ କରୁ ଏବଂ ଏହା ଆଲୋକର ଅବାରିତ ଲୀଳାକୁ ସୁରକ୍ଷା ପ୍ରଦାନ କରେ, ମିଥ୍ୟାର ଶକ୍ତିଗୁଡ଼ିକୁ ନଷ୍ଟ କରିଦିଏ, ଏମାନଙ୍କ (ମିଥ୍ୟାଶକ୍ତିମାନଙ୍କ) ସୀମିତତାଗୁଡ଼ିକ ଏହାର (ଦିବ୍ୟ ମନର) ବିକାଶ ତଥା ପ୍ରକାଶକୁ ବାଧିତ କରିପାରନ୍ତି ନାହିଁ; ଜ୍ୟୋତିର୍ମୟ ସ୍ୱର୍ଲୋକରୁ ଦିବ୍ୟ ବାରିଧାରାମାନଙ୍କୁ ଏହା ବୁହାଇ ଆଣିଥାଏ, ଅର୍ଥାତ୍, ଦିବ୍ୟ ସମ୍ପଦ 'ଶତ୍ରୁ'ର ଆକ୍ରମଣରୁ ଏବେ ମୁକ୍ତିଲାଭ କରିଥାଏ ଏବଂ ଚରମ ଶାନ୍ତି ଓ ପୂର୍ଣ୍ଣତା ପ୍ରଦାନ କରିଥାଏ।]

କୁମାରଂ ମାତା ଯୁବତିଃ ସମୁବ୍ଧଂ ଗୁହା ବିଭର୍ତି ନ ଦଦାତି ପିତ୍ରେ।
ଅନୀକମସ୍ୟ ନ ମିନଜ୍ଜନାସଃ ପୁରଃ ପଶ୍ୟନ୍ତି ନିହିତମରତୌ ॥୧॥

ଯୁବତୀ 'ମାତା'[୧] [ଯୁବତିଃ ମାତା] ଅବଦମିତ କୁମାରକୁ [ସମୁବ୍ଧଂ କୁମାରମ୍] ତାଙ୍କ ନିଜ ଗୁପ୍ତଗୁହା ମଧ୍ୟରେ ବହନ କରୁଛନ୍ତି [ଗୁହା ବିଭର୍ତି], ତାଙ୍କୁ ତାଙ୍କ ପିତାଙ୍କୁ ଦେଉ ନାହାନ୍ତି [ପିତ୍ରେ ନ ଦଦାତି]; ଏହାଙ୍କର (କୁମାରଙ୍କର) ଶକ୍ତି କ୍ଷୀଣ ହୋଇଯାଉ ନାହିଁ [ଅସ୍ୟ ଅନୀକଂ ନ ମିନତ୍], ଲୋକମାନେ [ଜନାସଃ] ତାଙ୍କୁ ସମକ୍ଷରେ[୨] [ପୁରଃ] ବସ୍ତୁଗୁଡ଼ିକର ଊର୍ଦ୍ଧ୍ୱମୁଖୀ କ୍ରିୟାରେ ପ୍ରତିଷ୍ଠା ଲାଭ କରିଥିବାର ଦେଖନ୍ତି [ଅରତୌ ନିହିତଂ ପଶ୍ୟନ୍ତି]।

କମେତଂ ତ୍ୱଂ ଯୁବତେ କୁମାରଂ ପେଷୀ ବିଭର୍ଷି ମହିଷୀ ଜଜାନ।
ପୂର୍ବୀର୍ହି ଗର୍ଭଃ ଶରଦୋ ବବର୍ଧାଽପଶ୍ୟଂ ଜାତଂ ଯଦସୂତ ମାତା ॥୨॥

ହେ ଯୁବତି [ଯୁବତେ]! ତୁମେ ଯେତେବେଳେ ନିଜକୁ ସଂକୁଚିତ ରୂପ ମଧ୍ୟରେ ରଖିଥାଅ [ତ୍ୱଂ ପେଷୀ] ସେତେବେଳେ ଏହି ଯେଉଁ 'କୁମାର'ଙ୍କୁ ନିଜ ମଧ୍ୟରେ ବହନ କରୁଥାଅ ସେ କିଏ [କମ୍ ଏତଂ କୁମାରଂ ବିଭର୍ଷି], କିନ୍ତୁ ତୁମ ମହତ୍ତା ତାଙ୍କୁ ଜନ୍ମଦାନ କରିଥାଏ [ମହିଷୀ ଜଜାନ] । ସେହି ଶିଶୁଟି [ଗର୍ଭଃ] ଅନେକ ଋତୁ [ପୂର୍ବୀଃ ହି ଶରଦଃ] ମାତୃଗର୍ଭରେ ବୃଦ୍ଧି ଲାଭ କରିଛି [ବବର୍ଧ]; ମାଆ ତାକୁ ଜନ୍ମ ଦେଉଥିବା ବେଳେ [ଯଦ୍ ମାତା ଅସୂତ] ମୁଁ ଦର୍ଶନ କଲି [ଅପଶ୍ୟମ୍]।

---

(୧) 'ମାତା' ଓ 'ପିତା' କହିଲେ ସର୍ବତ୍ର 'ପ୍ରକୃତି' ଓ 'ଆତ୍ମା'କୁ ଅଥବା ଭୌତିକ ଅସ୍ତିତ୍ୱ ଓ ଶୁଦ୍ଧ ମାନସିକ ଅସ୍ତିତ୍ୱକୁ ବୁଝାଏ।

(୨) ପୁରଃ ଅର୍ଥାତ୍ 'ପୁରୋହିତ', ଯିଏ ଯଜ୍ଞକର୍ମର ସମ୍ପାଦନା ତଥା ପରିଚାଳନା କରନ୍ତି।

ହିରଣ୍ୟଦନ୍ତଂ ଶୁଚିବର୍ଣମାରାତ୍ କ୍ଷେତ୍ରାଦପଶ୍ୟମାୟୁଧା ମିମାନମ୍ ।
ଦଦାନୋ ଅସ୍ମା ଅମୃତଂ ବିପୃକ୍ୱତ୍ କିଂ ମାମନିନ୍ଦ୍ରାଃ କୃଣବନ୍ନନୁକ୍‌ଥାଃ ॥୩॥

ସତ୍ତା ରୂପକ କ୍ଷେତ୍ରର ଦୂରରୁ [କ୍ଷେତ୍ରାତ୍ ଆରାତ୍] ସ୍ୱର୍ଣ୍ଣାଭଦନ୍ତ ବିଶିଷ୍ଟ [ହିରଣ୍ୟଦନ୍ତମ୍], ଶୁଭ୍ର ବର୍ଣ୍ଣ [ଶୁଚିବର୍ଣମ୍], ତାଙ୍କ ଯୁଦ୍ଧାସ୍ତ୍ରଗୁଡ଼ିକୁ ରୂପ ପ୍ରଦାନ କରୁଥିବା [ଆୟୁଧା ମିମାନମ୍] ଜଣଙ୍କୁ ମୁଁ ଦେଖିଲି [ଅପଶ୍ୟମ୍] । ମୋର ଭିନ୍ନ ଭିନ୍ନ ଅଂଶରେ[୩] ନିହିତ ଅମୃତକୁ [ବିପୃକ୍ୱତ୍ ଅମୃତମ୍] ମୁଁ ତାଙ୍କୁ ପ୍ରଦାନ କରୁଛି [ଅସ୍ମୈ ଦଦାନଃ], ଯେଉଁମାନଙ୍କଠାରେ 'ବାକ୍'[୪] ନାହିଁ [ଅନୁକ୍‌ଥାଃ] କି ଭାଗବତ ମାନସ ନାହିଁ [ଅନିନ୍ଦ୍ରାଃ] ସେମାନେ ମୋର କ'ଣ କରିପାରିବେ [ମାଂ କିଂ କୃଣବନ୍] ।

କ୍ଷେତ୍ରାଦପଶ୍ୟଂ ସନୁତଶ୍ଚରନ୍ତଂ ସୁମଦ୍ ୟୂଥଂ ନ ପୁରୁ ଶୋଭମାନମ୍ ।
ନ ତା ଅଗୃଭ୍ରନ୍ନଜନିଷ୍ଟ ହି ଷଃ ପଲିକ୍ନୀରିଦ୍ ଯୁବତୟୋ ଭବନ୍ତି ॥୪॥

ଉଜ୍ଜ୍ୱଳ ସୌନ୍ଦର୍ଯ୍ୟର ବହୁ ରୂପ ଧାରଣ କରିଥିବା [ସୁମତ୍ ପୁରୁ ଶୋଭମାନମ୍], ନିରନ୍ତର ବିଚରଣ କରୁଥିବା [ସନୁତଃ ଚରନ୍ତମ୍] ଗୋ-ଯୂଥଙ୍କ ଭଳି [ୟୂଥଂ ନ] ମୁଁ କ୍ଷେତ୍ର ମଧ୍ୟରେ ତାଙ୍କର ଦର୍ଶନ କଲି [କ୍ଷେତ୍ରାଦ୍ ଅପଶ୍ୟମ୍] । ସେମାନଙ୍କୁ (ଗୋ ସ୍ୱରୂପ ରଶ୍ମିମାନଙ୍କୁ) କେହି କରଗତ କରିପାରୁ ନଥିଲେ [ତାଃ ନ ଅଗୃଭ୍ରନ୍] କାରଣ ସେ (ଅଗ୍ନି) ଜନ୍ମ ନେଇ ସାରିଥିଲେ [ସଃ ଅଜନିଷ୍ଟ]; ଏପରିକି ସେମାନଙ୍କ ମଧ୍ୟରେ ଥିବା ବୃଦ୍ଧଗୋମାନେ ମଧ୍ୟ [ପଲିକ୍ନୀଃ ଇତ୍] ପୁଣି ଯୁବତୀ ହୋଇ ଉଠିଥିଲେ [ଯୁବତୟଃ ଭବନ୍ତି] ।

କେ ମେ ମର୍ଯକଂ ବି ୟବନ୍ତ ଗୋଭିର୍ନ ୟେଷାଂ ଗୋପା ଅରଣଶ୍ଚିଦାସ ।
ୟ ଇଂ ଜଗୃଭୁରବ ତେ ସୃଜନ୍ତ୍ୱାଜାତି ପଶ୍ୱ ଉପ ନଶ୍ଚିକିତ୍ୱାନ୍ ॥୫॥

ରଶ୍ମି-ଗୋମାନଙ୍କଠାରୁ [ଗୋଭିଃ] ମୋର ଶକ୍ତିକୁ [ମେ ମର୍ଯକମ୍] ବିଚ୍ଛିନ୍ନ କରିଥିବା [ବି ୟବନ୍ତ] ସେମାନେ କିଏ [କେ] ? ଏହି ଯୁଦ୍ଧରେ ସେମାନଙ୍କ ସମକ୍ଷରେ କେହି ରକ୍ଷକ ନଥିଲେ [ୟେଷାଂ ନ ଗୋପା ଆସ], କେହି କର୍ମଚାରୀ ବି ନଥିଲେ [ଅରଣଃ ଚିତ୍] । ଯେଉଁମାନେ ସେମାନଙ୍କୁ ମୋ'ଠାରୁ ବିଚ୍ଛିନ୍ନ କରି ନେଇ ଯାଇଥିଲେ [ୟେ ଇଂ ଜଗୃଭୁଃ] ସେମାନେ ପୁଣି ମୁକ୍ତ କରି ଦିଅନ୍ତୁ [ଅବସୃଜନ୍ତୁ]; କାରଣ ସେ ନିଜର ସଚେତନ ବୋଧଶକ୍ତିଯୁକ୍ତ ହୋଇ [ଚିକିତ୍ୱାନ୍] ଆମର ହୃତ ଗୋଯୂଥକୁ ଆମ ପ୍ରତି ଚଳାଇ ନେଇ ଆସୁଛନ୍ତି [ନଃ ପଶ୍ୱଃ ଉପ ଆଜାତି] ।

ବସାଂ ରାଜାନଂ ବସତିଂ ଜନାନାମରାତୟୋ ନି ଦଧୁର୍ମର୍ତ୍ତ୍ୟେଷୁ ।
ବ୍ରହ୍ମାଣ୍ୟତ୍ରେରବ ତଂ ସୃଜନ୍ତୁ ନିନ୍ଦିତାରୋ ନିନ୍ଦ୍ୟାସୋ ଭବନ୍ତୁ ॥୬॥

ପ୍ରାଣୀମାନଙ୍କ ମଧ୍ୟରେ ନିବାସୀମାନଙ୍କର ଯିଏ ରାଜା [ବସାଂ ରାଜାନମ୍], ଯିଏ ସର୍ବଜନଙ୍କର ବସତି [ଜନାନାଂ ବସତିମ୍], ତାଙ୍କୁ ଶତ୍ରୁଶକ୍ତିଗଣ [ଅରାତୟଃ] ମରଣଶୀଳ ସତ୍ତାମାନଙ୍କ ମଧ୍ୟରେ ଗୁପ୍ତ କରି ରଖିଛନ୍ତି [ମର୍ତ୍ତ୍ୟେଷୁ ନି ଦଧୁଃ]; ବସ୍ତୁଗୁଡ଼ିକର ଭକ୍ଷକଙ୍କ ଆତ୍ମ-ଚିନ୍ତାଗୁଡ଼ିକ [ଅତ୍ରେଃ ବ୍ରହ୍ମାଣି] ତାଙ୍କୁ ବିମୁକ୍ତ କରନ୍ତୁ [ତଂ ସୃଜନ୍ତୁ], ଆବଦ୍ଧକାରିଗଣ [ନିନ୍ଦିତାରଃ] ସ୍ୱୟଂ ଆବଦ୍ଧ ହୋଇ ରହନ୍ତୁ [ନିନ୍ଦ୍ୟାସଃ ଭବନ୍ତୁ] ।

ଶୁନଶ୍ଚିଚ୍ଛେପଂ ନିଦିତଂ ସହସ୍ରାଦ୍ ଯୂପାଦମୁଞ୍ଚୋ ଅଶମିଷ୍ଟ ହି ଷଃ ।
ଏବାସ୍ମଦଗ୍ନେ ବି ମୁମୁଗ୍‌ଧି ପାଶାନ୍ ହୋତଶ୍ଚିକିତ୍ୱ ଇହ ତୂ ନିଷଦ୍ୟ ॥୭॥

ଆନନ୍ଦର ସ୍ୱାମୀ ଶୁନଃଶେପ ମଧ୍ୟ [ଶୁନଃଶେପଃ ଚିତ୍] ଯଜ୍ଞର ସହସ୍ର ଯୂପସ୍ତମ୍ଭରେ ବଦ୍ଧ ହୋଇଥିଲେ [ସହସ୍ରାତ୍ ଯୂପାତ୍ ନିଦିତମ୍]; ତାଙ୍କୁ ତୁମେ ମୁକ୍ତ କରିଥିଲ [ଅମୁଞ୍ଚଃ],— ତାଙ୍କ କର୍ମ ଦ୍ୱାରା ସେ ପୂର୍ଣ୍ଣତାକୁ ସିଦ୍ଧ କରିଥିଲେ [ଅଶମିଷ୍ଟ]; [ହି-ପାଦପୂରଣ ନିମନ୍ତେ], ତେଣୁ ଏଠାରେ ଆମ ମଧ୍ୟରେ ତୁମେ ଆସନ ଗ୍ରହଣ କର [ଇହ ତୁ ନିଷଦ୍ୟ], ହେ ସଚେତନ ଜ୍ଞାନଚକ୍ଷୁସ୍ମାନ୍ ଅଗ୍ନି, ହେ ଯଜ୍ଞର ହୋତା [ଚକିତ୍ୱନ୍ ହୋତଃ], ଆମ ମାୟାପାଶର ବନ୍ଧନରଜ୍ଜୁକୁ ଶିଥିଳ କରିଦିଅ [ପାଶାନ୍ ବି ମୁମୁଗ୍‌ଧି] ।

୩. ତିନୋଟି ଅଂଶରେ, ଆମ ସତ୍ତାର ତିନୋଟି ସ୍ତରରେ ଯଥା ମନ, ପ୍ରାଣ ଓ ଦେହରେ ଅମୃତତ୍ୱର ମଦ୍ୟ ବା ସୋମ-ହବିଃ ଅର୍ପଣ କରାଯାଇଛି ।

୪. ଏହା ସେହି ଅଭିବ୍ୟଞ୍ଜକ 'ବାକ୍' (ଉକ୍‌ଥ) ଯାହା ଗୁପ୍ତ ବସ୍ତୁକୁ ବ୍ୟକ୍ତ କରେ, ଯାହା ଅନଭିବ୍ୟକ୍ତ ତାହାକୁ ପ୍ରକାଶକୁ ଆଣିଥାଏ ।

ହୃଣୀୟମାନୋ ଅପ ହି ମଦୈୟେଃ ପ୍ର ମେ ଦେବାନାଂ ବ୍ରତପା ଉବାଚ ।
ଇନ୍ଦ୍ରୋ ବିଦ୍ୱାଁ ଅନୁ ହି ତ୍ୱା ଚଚକ୍ଷ ତେନାହମଗ୍ନେ ଅନୁଶିଷ୍ଟ ଆଗାମ୍ ॥୮॥

କୋପଧାରଣପୂର୍ବକ [ହୃଣୀୟମାନଃ] ଦୟାକରି ତୁମେ ମୋ ନିକଟରୁ ଚାଲିଯାଅ ନାହିଁ [ମତ୍ ମା ଅପ ଐୟେଃ] ! ଦେବଗଣଙ୍କ କର୍ମବିଧାନର ରକ୍ଷକ [ଦେବାନାଂ ବ୍ରତପା] ତୁମ ବିଷୟରେ ମୋତେ କହିଥିଲେ [ମେ ପ୍ର ଉବାଚ], ଇନ୍ଦ୍ର ଏହା ଜାଣି, [ଇନ୍ଦ୍ରଃ ବିଦ୍ୱାନ୍] ତୁମ ଅନୁସରଣ କରି [ତ୍ୱା ଅନୁ] ତୁମ ଦର୍ଶନ କରିଥିଲେ [ଆ ଚଚକ୍ଷ], (ହେ ଅଗ୍ନିଦେବ – ଅଗ୍ନେ !) ତାଙ୍କ ଦ୍ୱାରା ତାଙ୍କଠାରୁ ଶିକ୍ଷା ଲାଭ କରି [ତେନ ଅନୁଶିଷ୍ଟ] ମୁଁ ତୁମ ନିକଟକୁ ଆସିଛି [ଆଗାମ୍] ।

ବି ଜ୍ୟୋତିଷା ବୃହତା ଭାତ୍ୟଗ୍ନିରାବିର୍ବିଶ୍ୱାନି କୃଣୁତେ ମହିତ୍ୱା ।
ପ୍ରା ଦେବୀର୍ମାୟାଃ ସହତେ ଦୁରେବାଃ ଶିଶୀତେ ଶୃଙ୍ଗେ ରକ୍ଷସେ ବିନିକ୍ଷେ ॥୯॥

ଦିବ୍ୟ ସଂକଳ୍ପ ସ୍ୱରୂପ ଏହି ଅଗ୍ନି [ଅଗ୍ନିଃ] 'ସତ୍ୟ'ର ବିରାଟ ଆଲୋକ ଯୁକ୍ତ ହୋଇ [ବୃହତା ଜ୍ୟୋତିଷା] ଅତ୍ୟନ୍ତ ଭାସ୍ୱର ହୋଇ ଉଠିଛନ୍ତି [ବିଭାତି] ଏବଂ ନିଜର ମହତ୍ତ୍ୱ ବଳରେ [ମହିତ୍ୱା] ସକଳ ବସ୍ତୁକୁ [ବିଶ୍ୱାନି] ସେ ଅଭିବ୍ୟକ୍ତ କରୁଛନ୍ତି [ଆବିଃ କୃଣୁତେ] । ଜ୍ଞାନର ଯେଉଁ ରଚନାଗୁଡ଼ିକ ଅଦିବ୍ୟ [ଅଦେବୀଃ ମାୟାଃ][୫], ଯେଉଁ ଗତିବୃତ୍ତିଗୁଡ଼ିକ ରାକ୍ଷସୀ [ଦୁରେବାଃ] ସେହି ସମସ୍ତଙ୍କୁ ସେ ପରାଭୂତ କରୁଛନ୍ତି [ପ୍ର ସହତେ]; ରାକ୍ଷସର ବିନାଶ ନିମନ୍ତେ [ରକ୍ଷସେ ବିନିକ୍ଷେ] ସେ ନିଜ ଶୃଙ୍ଗଦ୍ୱୟକୁ ଶାଣିତ କରୁଛନ୍ତି [ଶିଶୀତେ] ।

ଉତ ସ୍ୱାନସୋ ଦିବି ଷନ୍ତ୍ୱଗ୍ନେସ୍ତିଗ୍ମାୟୁଧା ରକ୍ଷସେ ହନ୍ତବା ଉ ।
ମଦେ ଚିଦସ୍ୟ ପ୍ର ରୁଜନ୍ତି ଭାମା ନ ବରନ୍ତେ ପରିବାଧୋ ଅଦେବୀଃ ॥୧୦॥

ରାକ୍ଷସର ବଧ ନିମନ୍ତେ [ରକ୍ଷସେ ହନ୍ତବୈ ଉ] ଆମ ଦ୍ୟୁଲୋକରେ [ଦିବି] ଅଗ୍ନିଙ୍କ ବାଣୀଗୁଡ଼ିକ [ଅଗ୍ନେଃ ସ୍ୱାନସଃ] ତୀକ୍ଷ୍ଣ ଆୟୁଧରେ ପରିଣତ ହୁଅନ୍ତୁ [ତିଗ୍ମାୟୁଧାଃ ସନ୍ତୁ] ! ତାଙ୍କ ଉଲ୍ଲାସ ମଧ୍ୟରେ [ମଦେ ଚିତ୍] ତାଙ୍କ ରୌଦ୍ର ଦୀପ୍ତିଗୁଡ଼ିକ [ଭାମାଃ] ତାଙ୍କ ପ୍ରଗତି ପଥର ବାଧକଗଣଙ୍କୁ ଭାଙ୍ଗିରୁଜି ଦିଅନ୍ତି [ପ୍ର ରୁଜନ୍ତି]; ଆମକୁ ସକଳ ଦିଗରୁ ବାଧା ଦେଉଥିବା ଅଦିବ୍ୟ ଶକ୍ତିଗଣ [ପରିବାଧଃ ଅଦେବୀଃ] ତାଙ୍କୁ ଘେରେଇ ପାରନ୍ତି ନାହିଁ [ନ ବରନ୍ତେ] ।

ଏତଂ ତେ ସ୍ତୋମଂ ତୁବିଜାତ ବିପ୍ରୋ ରଥଂ ନ ଧୀରଃ ସ୍ୱପା ଅତକ୍ଷମ୍ ।
ଯଦୀଦଗ୍ନେ ପ୍ରତି ତ୍ୱଂ ଦେବ ହର୍ଯ୍ୟାଃ ସ୍ୱର୍ବତୀରପ ଏନା ଜୟେମ ॥୧୧॥

ବହୁ ରୂପରେ ଜାତ ହେ ଅଗ୍ନିଦେବ [ତୁ ବିଜାତ] ! ଆଲୋକିତ ମନସ୍ୱୀ [ବିପ୍ରଃ] ଉତ୍ତମ ବୋଧସମ୍ପନ୍ନ [ଧୀରଃ], ଦକ୍ଷକର୍ମୀ ମୁଁ [ସୁ-ଅପାଃ] ତୁମ ରଥ ଭଳି [ରଥଂ ନ] ତୁମ ଉଦ୍ଦେଶ୍ୟରେ [ତେ] ତୁମ ଏହି ସ୍ତୁତିକୁ ମୁଁ ରଚନା କରିଛି [ଏତଂ ସ୍ତୋମମ୍ ଅତକ୍ଷମ୍] । ତୁମେ ଯଦି ଏହାର ପ୍ରତ୍ୟୁତ୍ତର ସ୍ୱରୂପ ଆନନ୍ଦ ଲାଭ କର [ଯଦ୍ ଇଂ ପ୍ରତି ତ୍ୱଂ ହର୍ଯ୍ୟାଃ] ଏହା ଦ୍ୱାରା ଆମେ ଜ୍ୟୋତିର୍ମୟ ସ୍ୱର୍ଲୋକର[୬] ଜଳଧାରାଗୁଡ଼ିକୁ ଜୟ କରିପାରୁ [ସ୍ୱର୍ବତୀଃ ଅପଃ ଜୟେମ], ହେ ଦିବ୍ୟଶକ୍ତି [ଦେବ ଅଗ୍ନେ] !

ତୁବିଗ୍ରୀବୋ ବୃଷଭୋ ବାବୃଧାନୋଽଶତ୍ର୍ୱର୍ଯଃ ସମଜାତି ବେଦଃ ।
ଇତୀମମଗ୍ନିମମୃତା ଅବୋଚନ୍ ବର୍ହିଷ୍ମତେ ମନବେ ଶର୍ମ ଯଂସଦ୍-ଧବିଷ୍ମତେ ମନବେ ଶର୍ମ ଯଂସତ୍ ॥୧୨॥

ଶକ୍ତ ଗଳ-ବିଶିଷ୍ଟ 'ବୃଷଭ'[୭] ['ତୁବିଗ୍ରୀବଃ ବୃଷଭଃ] ଆମ ମଧ୍ୟରେ ବୃଦ୍ଧିଲାଭ କରୁଛନ୍ତି [ବାବୃଧାନଃ], ଶତ୍ରୁ ଦ୍ୱାରା ଅବରୁଦ୍ଧ ଜ୍ଞାନ ଭଣ୍ଡାରକୁ[୮] [ଅର୍ଯଃ ବେଦଃ] ଟାଣି ଟାଣି ଆମ ଆଡ଼କୁ ଘେନି ଆସୁଛନ୍ତି [ସମ୍ ଅଜାତି]; କେହି ତାଙ୍କର ବିଧ୍ୱଂସ କରିପାରିବ ନାହିଁ [ଅଶତ୍ରୁ] । କାରଣ, ଅମୃତ ଶକ୍ତିଗଣ [ଅମୃତାଃ] ଶକ୍ତିରୂପ ଅଗ୍ନିଙ୍କୁ କହିଛନ୍ତି କି [ଇମମ୍ ଅଗ୍ନିମ୍ ଅବୋଚନ୍] ଯଜ୍ଞରେ ଆସନ ବିସ୍ତାର କରିଥିବା ମନୁଷ୍ୟ ପାଇଁ [ବର୍ହିଷ୍ମତେ ମନବେ] ଶାନ୍ତି ବିଧାନ କରନ୍ତୁ [ଶର୍ମ ଯଂସତ୍] – ଅର୍ଥାତ୍, ଆହୁତିଧାରୀ ମନୁଷ୍ୟ ନିମନ୍ତେ [ହବିଷ୍ମତେ ମନବେ] ଶାନ୍ତି ବିଧାନ କରନ୍ତୁ [ଶର୍ମ ଯଂସଦ୍] ।

[CWSA, Vol. 15, pp. 397-400] ଅନୁବାଦ : ଶ୍ରୀ ମଧୁସୂଦନ ମହାପାତ୍ର

୫. ମାୟା । ମାୟା ଦୁଇ ପ୍ରକାର, ଦିବ୍ୟ ଓ ଅଦିବ୍ୟ, ସତ୍ୟର ରଚନା ଓ ମିଥ୍ୟାର ରଚନା ।
୬. ସ୍ୱର୍, ଦିବ୍ୟ ମନ, 'ଜ୍ୟୋତିର୍ମୟ ସତ୍ୟ' ପ୍ରତି ସର୍ବଦା ଶୁଦ୍ଧ ଓ ପବିତ୍ର ।
୭. ଅଥବା, ବହୁଗଳ ବିଶିଷ୍ଟ ।
୮. ଜ୍ୟୋତିସ୍ୱରୂପ ଗୋ-ଗଣଙ୍କ ସମ୍ପଦ ।

# ବିଚିତ୍ର ମାନବ ଚରିତ୍ର :
# ଦୁର୍ଯୋଗ ଏବଂ ସୁଯୋଗ
## (ଶ୍ରୀ ମନୋଜ ଦାସଙ୍କ ସହ ପ୍ରଶ୍ନୋତ୍ତର)

- ମହତ୍ ଚରିତ୍ରରେ ସହାବସ୍ଥାନ କରିପାରେ ବିପରୀତଧର୍ମୀ ଗୁଣ ?
- ମଣିଷ କେତେ ମାତ୍ରାରେ କୁଶକ୍ତି କବଳିତ ହୋଇପାରେ ?

**ପ୍ରଥମ ଜିଜ୍ଞାସୁ :** ଗତ ସାକ୍ଷାତ୍‌କାରରେ ସମୟ ଅଭାବରୁ ଆମର ଶେଷ ପ୍ରଶ୍ନଟି ଅସମାହିତ ରହିଯାଇଥିଲା । ଆଗାମୀ କାଲି ପ୍ରଭାତରେ ଆମେ ବିଦାୟ ନେବୁ । ଏତେ ତୃପ୍ତି ପରେ ସାମାନ୍ୟ ଅତୃପ୍ତି ଧରି ଆମେ ଯଦି ଚାଲିଯିବୁ ତେବେ ଆମେ ନିଜେ ନିଜକୁ କ୍ଷମା କରିପାରିବୁ ନାହିଁ ।

**ଉତ୍ତର :** ଆପଣଙ୍କ ବିନୟବୋଧରେ ମୁଁ ତୃପ୍ତ ! ବର୍ତ୍ତମାନ ଅସମାହିତ ପ୍ରଶ୍ନଟି ମନେ ପକାଇ ଦିଅନ୍ତୁ ।

**ପ୍ରଥମ ଜିଜ୍ଞାସୁ :** ପ୍ରଶ୍ନଟିର ପଟଭୂମି ଗୋଟିଏ ପ୍ରାଚୀନ କାହାଣୀ । ତରୁଣଟିଏ ସତ୍ୟାନୁସନ୍ଧାନରେ ଯାଇ ଗୋଟିଏ ଆଶ୍ରମରେ ରହିଥିଲା । ସାଧକ ଭାବରେ ଜୀବନ ନିର୍ବାହ କରିବାର ସିଦ୍ଧାନ୍ତ ନେଇଥିଲା । କିନ୍ତୁ ଥରେ ତା' ମାଆ ଗୁରୁତର ଅସୁସ୍ଥ ବୋଲି ଶୁଣି କରି ଲେଉଟି ଆସି ପୁଣି ଏଡ଼େ ମୋହାଚ୍ଛନ୍ନ ହୋଇ ପଡ଼ିଲା ଯେ, ସଂସାରୀ ଜୀବନଯାପନ ଅନ୍ତେ ନିଜ ଉପାର୍ଜିତ ଅର୍ଥ ଜଗି ରହିବା ପାଇଁ ପ୍ରଥମେ କୁକୁର ରୂପେ ଏବଂ ପରେ ଗୋଖର ସାପ ରୂପେ ଜନ୍ମଗ୍ରହଣ କଲା । ଅବଶ୍ୟ ସେ ସବୁ କଥା କାହାଣୀ ବୋଲି ଆପଣ ସ୍ପଷ୍ଟ କରି ଦେଇଥିଲେ । ତେବେ କାହାଣୀର ମର୍ମ ଯଥାର୍ଥ ବୋଲି ଆପଣ କହିଥିଲେ । ଅର୍ଥାତ୍, ଜଣେ ମଣିଷ ଭିତରେ ଆଧ୍ୟାତ୍ମିକ ତୃଷ୍ଣା ବଳବତ୍ତର ଥିବା ସତ୍ତ୍ୱେ ସେ ପୁଣି ମୋହଗ୍ରସ୍ତ ହୋଇପାରେ । ପ୍ରଶ୍ନ ହେଲା ତାହା ସମ୍ଭବ ହୁଏ କିପରି ?

**ଦ୍ୱିତୀୟ ଜିଜ୍ଞାସୁ :** ଆମେ ଜାଣୁ, ଆମ ଭଳି ସାଧାରଣ ଲୋକଙ୍କର ମତିଗତି ସର୍ବଦା ଅସ୍ଥିର । କିନ୍ତୁ ଜଣେ ମହତ୍ ଲୋକର ଚରିତ୍ରର ଏଭଳି ଦୁର୍ଗତି କିପରି ସମ୍ଭବ ହୁଏ ?

**ଉତ୍ତର :** ଆପଣ ଠିକ୍ କହିଛନ୍ତି; ଆମ ଭଳି ସାଧାରଣ ଲୋକଙ୍କ ...

**ପ୍ରଥମ ଓ ଦ୍ୱିତୀୟ ଜିଜ୍ଞାସୁ :** କ୍ଷମା କରିବେ । ଆପଣ ନିଜକୁ 'ଆମ ଭଳି ସାଧାରଣ' ପର୍ଯ୍ୟାୟରେ ପକାନ୍ତୁ ନାହିଁ ।

**ଉତ୍ତର :** କ୍ଷମା କରିବେ । ଆପଣ କ'ଣ ମୋତେ ମୋ ନିଜଠାରୁ ଅଧିକ ମାତ୍ରାରେ ଜାଣନ୍ତି ? ମୁଁ ବିନୟର ଆଡ଼ମ୍ବର କରୁ ନାହିଁ । 'ସାଧାରଣ'ର ପରିସର ବ୍ୟାପକ । କ୍ୱଚିତ୍ କେତେକଙ୍କୁ ବାଦ୍ ଦେଲେ ଆମେ ସଭିଏଁ ସେହି ବ୍ୟାପକ ପରିସରର ଅନ୍ତର୍ଭୁକ୍ତ । ମାନୁଛି, ମାତ୍ରାରେ କିଛି କିଛି ପାର୍ଥକ୍ୟ ଥାଏ । କିନ୍ତୁ ପ୍ରକୃତି ନିହିତ ବିପୁଳ ମାୟା ଆମକୁ ବାରଂବାର ପ୍ରଭାବିତ କରିପାରେ । ଦୈନନ୍ଦିନ ଜୀବନରେ ଆମେ କେତେ ଶକ୍ତି ଦ୍ୱାରା ପ୍ରଭାବିତ ହୋଇଥାଉ । ଆମର ଏକ ସ୍ଥିରାବସ୍ଥା ଥାଏ, କିନ୍ତୁ ତାହା ସର୍ବଦା ହଲଚଲ ହେଉଥାଏ । ବିଦ୍ୟା, ବୁଦ୍ଧି ଅଥବା ବୃତ୍ତିରେ ଆମ ସମକକ୍ଷ ସାମନାରେ ଆମେ ସ୍ୱତଃସ୍ଫୂର୍ତ୍ତ ଭାବରେ ନିଜକୁ ଅଧିକ ଦକ୍ଷ ବୋଲି ସୂଚିତ କରିବାରେ ଆଗ୍ରହୀ ହେଉ; କାର୍ଯ୍ୟସ୍ଥଳରେ ଆମେ ଯଦି କର୍ତ୍ତା ହୋଇଥିବୁ ତେବେ ଯାବତୀୟ କର୍ମଚାରୀଙ୍କ ଅପେକ୍ଷା ନିଜକୁ ଅଧିକ ଜ୍ଞାନୀ ଓ ଗୁଣୀ ବୋଲାଇବାର ଆବେଗ ଆସିଥାଏ ଆପଣାଛାଏଁ । ଜଣେ ଅବିସମ୍ବାଦିତ ମହତ୍ ବା ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ଆଗରେ ଆମ ଭିତରର ନମ୍ରତାବୋଧ ବେଳେବେଳେ ଆମ ମନୋଭାବ ଏବଂ ଆଚରଣକୁ ପ୍ରଭାବିତ କରେ । ଏ ପ୍ରତ୍ୟେକଟି ଅବସ୍ଥାରେ ଆମେହିଁ ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହେଉଥିବା ଯେତିକି ନିଶ୍ଚିତ, ସେମାନେ ମଧ୍ୟ ଆମ ଦ୍ୱାରା ପ୍ରଭାବିତ ହେଉଥିବା ସେତିକି ନିଶ୍ଚିତ ।

ଏହା ସାଧାରଣ ଦୈନନ୍ଦିନ ଜୀବନର କଥା । କିନ୍ତୁ ସାଧାରଣଠୁଁ ଟିକିଏ ବିଚ୍ଛିନ୍ନ ହେଲେ ଆମକୁ ପ୍ରଭାବିତ କରନ୍ତି ଅନ୍ୟ କେତେକ ଶକ୍ତି । ବିଶେଷତଃ ବିତ୍ତ ଏବଂ କ୍ଷମତାର ରହିଛି ନିଜସ୍ୱ ଅଦୃଶ୍ୟ ପ୍ରତିପତ୍ତି ଓ କରାମତି । ଜଣେ ବାହାରକୁ ଯେତେ ସାଧୁ ସୁଧାର ଦେଖାଗଲେ ମଧ୍ୟ ବିତ୍ତ ଓ କ୍ଷମତା ଦ୍ୱାରା ଊଣା-ଅଧିକ ଗର୍ବିତ ଏବଂ ଉଦ୍ଧତ ବନିଯାଉ ନଥିବା ବ୍ୟକ୍ତି ଏକ

ସହସ୍ର ବିତ୍ତବାନ୍ ବା କ୍ଷମତାବନ୍ତ ବ୍ୟକ୍ତି ଭିତରେ ଦଶ ଜଣ ଥାଇପାରନ୍ତି । ଥାଇପାରନ୍ତି ନୁହେଁ, ଅଛନ୍ତି ନିଶ୍ଚୟ । ସେମାନେ ବେଶ୍ ବିକଶିତ-ଚେତନାର ଅଧିକାରୀ ବ୍ୟକ୍ତି ।

**ତୃତୀୟ ଜିଜ୍ଞାସୁ :** କିନ୍ତୁ ଏକ ସଚ୍ଚା ଚରିତ୍ରରେ କ'ଣ ମହତ୍ତ୍ୱର ବିପରୀତ ମନ୍ଦଗୁଣ ରହିବା ସମ୍ଭବ ?

**ଉତ୍ତର :** ସମ୍ଭବ ! ଦୃଷ୍ଟାନ୍ତ ବହୁତ । କେତେ ବା ମୁଁ ହଠାତ୍ ମନେପକାଇ ପାରିବି । ଆଚ୍ଛା, କର୍ଣ୍ଣ ମହତ୍ ନା ନୁହନ୍ତି ?

ସମସ୍ତ ଜିଜ୍ଞାସୁ ଏକତ୍ର : ସେଥିରେ ସନ୍ଦେହ କ'ଣ ?

**ପ୍ରଥମ ଜିଜ୍ଞାସୁ :** ମହତ୍ ଦାତା ସିଏ; ଦାନବୀର । ସମସ୍ତ ଦୁର୍ଯୋଗ ସତ୍ତ୍ୱେ, ପୁଣି ପ୍ରଲୋଭନ ସତ୍ତ୍ୱେ ସେ ବନ୍ଧୁ ଦୁର୍ଯ୍ୟୋଧନଙ୍କୁ ତ୍ୟାଗ କରି ନାହାନ୍ତି । କ'ଣ, ତାଙ୍କ ଚରିତ୍ରରେ କିଛି ଉଲ୍ଲେଖଯୋଗ୍ୟ ତ୍ରୁଟି ରହିଛି ?

**ଉତ୍ତର :** ଉଲ୍ଲେଖଯୋଗ୍ୟ ତ୍ରୁଟି ନୁହେଁ ବରଂ ଉଲ୍ଲେଖର ମଧ୍ୟ ଅଯୋଗ୍ୟ ଦୁର୍ଗୁଣ । କୁରୁସଭାରେ ଦ୍ରୌପଦୀଙ୍କ ପ୍ରତି ପାଷଣ୍ଡ ଦୁଃଶାସନ ଅଶ୍ଳୀଳ ଆଚରଣ କରୁଥିବା ବେଳେ ତାକୁ ଉଦ୍ଦାମ ଉତ୍ସାହ ଦେଉଥିଲେ କିଏ ? ଖାଲି ଦୁର୍ଯ୍ୟୋଧନ ? ବ୍ୟାସଦେବଙ୍କ ମହାଭାରତ ପଢ଼ନ୍ତୁ । କର୍ଣ୍ଣଙ୍କ ପ୍ରତି ସମସ୍ତ ସମ୍ମାନ ଓ ସହାନୁଭୂତି ଉଭେଇଯାଇ ଆପଣଙ୍କ ଚେତନାରେ ଯେଉଁ ଶୂନ୍ୟ ସ୍ଥାନ ସୃଷ୍ଟି ହେବ, ତାକୁ ଅଧିକାର କରିବ ବିମର୍ଷତା । ସେ ଅଭିଶପ୍ତ ମୁହୂର୍ତ୍ତ କର୍ଣ୍ଣଙ୍କ ଚରିତ୍ରର ବୀଭତ୍ସ ଦିଗକୁ ଉନ୍ମୋଚିତ କରିଛି । ଦ୍ରୌପଦୀଙ୍କୁ ତ ସେମାନେ ବିବସ୍ତ୍ର କରିପାରିଲେ ନାହିଁ, କିନ୍ତୁ ଯେଉଁମାନେ ଉଲଗ୍ନ ହେଲେ, ସେମାନଙ୍କ ଭିତରେ କର୍ଣ୍ଣ ପ୍ରଥମ ଧାଡ଼ିରେ ଦଣ୍ଡାୟମାନ ।

**ଦ୍ୱିତୀୟ ଜିଜ୍ଞାସୁ :** ହେ ଭଗବାନ୍ !

**ତୃତୀୟ ଜିଜ୍ଞାସୁ :** ଏକଲବ୍ୟ କେଡ଼େ ମହତ୍ ! ଗୁରୁ କହିବା ମାତ୍ରେ ନିଜ ବୃଦ୍ଧାଙ୍ଗୁଷ୍ଠି ଉଡ଼ାଇ ଦେଲା !

**ଉତ୍ତର :** ମହତ୍ ଚରିତ୍ରରେ ପରସ୍ପର ବିରୋଧୀ ଗୁଣର ସହାବସ୍ଥାନ ତତ୍ତ୍ୱଟି ପ୍ରତିପାଦିତ ହେବା ପାଇଁ ଏକଲବ୍ୟ ମଧ୍ୟ ଏକ ଆଧାର । ଆପଣଙ୍କ ଯଥାର୍ଥ ପ୍ରଶଂସାସୂଚକ ବାକ୍ୟଟିକୁ ଆପଣ ଏମିତି ଭାବରେ ପୁନଃବିନ୍ୟସ୍ତ କରନ୍ତୁ : ''ଯେଉଁ ଏକଲବ୍ୟ ଏଡ଼େ ଦାୟିତ୍ୱହୀନ ଏବଂ ଅବିବେକୀ ଯେ ଗୋଟାଏ ଅସହାୟ କୁକୁର ଉପରେ କ୍ରୋଧାନ୍ୱିତ ହୋଇ ସେ ବିଚରାର ମୁହଁକୁ ଅତୀବ ଜଟିଳ ତୀର ସନ୍ଧାନ ଦ୍ୱାରା ସିଲେଇ କରିଦେଲା, ସେ ଏକଲବ୍ୟ ପୁଣି ଏଡ଼େ ମହତ୍ ଯେ ଗୁରୁଙ୍କ ନିର୍ଦ୍ଦେଶରେ ଦ୍ୱିଧାହୀନଭାବେ ନିଜ ବୃଦ୍ଧାଙ୍ଗୁଷ୍ଠି ତ୍ୟାଗ କଲା !''

**ତୃତୀୟ ଜିଜ୍ଞାସୁ :** ଏକଲବ୍ୟକୁ ମୁଁ ଏମିତି ଦୃଷ୍ଟିକୋଣରୁ ଦେଖି ନଥିଲି ।

**ଜଣେ ଜିଜ୍ଞାସୁ :** ତେବେ ସମ୍ପୂର୍ଣ୍ଣ ଭଲ ମଣିଷ କ'ଣ ନଥିଲେ ବା ନାହାନ୍ତି ?

**ଉତ୍ତର :** ଜାଣେନା । ରାଜା ଜନକ, ରାଜା ହରିଶ୍ଚନ୍ଦ୍ରଙ୍କ ଭଳି ଚରିତ୍ର ଅବଶ୍ୟ ଅଛନ୍ତି । ସବୁ ବାସ୍ତବତାର ବା ହାରାହାରି ନିୟମର ବ୍ୟତିକ୍ରମ ରହିଛି । ମନେହୁଏ, ବ୍ୟତିକ୍ରମ କଥା ବାଦ୍ ଦେଲେ ସମ୍ପୂର୍ଣ୍ଣ ଭଲ ମଣିଷ ନାହାନ୍ତି । କିନ୍ତୁ ...

**ଦ୍ୱିତୀୟ ଜିଜ୍ଞାସୁ :** ଅଛନ୍ତି, ଅଛନ୍ତି, ଆଜ୍ଞା, ଶ୍ରୀକୃଷ୍ଣ ଭଗବାନଙ୍କ କଥା କ'ଣ ଆମେ ଭୁଲିଯିବା ?

**ଉତ୍ତର :** ମୋଟେ ଭୁଲିବା ନାହିଁ । ପୁଣି ଭୁଲିବା ନାହିଁ ଯେ ଆପଣ ବର୍ତ୍ତମାନହିଁ ତାଙ୍କୁ ଭଗବାନ୍ ଭାବରେ ଆଖ୍ୟାୟିତ କଲେ । ଭଗବାନ୍ ଭୁଲ୍‌ଭ୍ରାନ୍ତି, ଭଲମନ୍ଦ, ପାପପୁଣ୍ୟ, ଜୟପରାଜୟ ଇତ୍ୟାଦି ମାନବିକ ମୂଲ୍ୟବୋଧର ଊର୍ଦ୍ଧ୍ୱରେ । କିନ୍ତୁ ରାମ, କୃଷ୍ଣ, ଏମାନଙ୍କୁ ଯଦି ଆପଣ ମାନସିକ ମୂଲ୍ୟବୋଧର ମାନଦଣ୍ଡରେ ବିଚାର କରିବେ, ଦେଖିବେ ଏମାନଙ୍କ ଭୁଲ୍-ଭ୍ରାନ୍ତି କମ୍ ନୁହେଁ ।

**ପ୍ରଥମ ଜିଜ୍ଞାସୁ :** (ତାଙ୍କ ବନ୍ଧୁମାନଙ୍କୁ ଚୁପ୍ ରହିବାକୁ ଅନୁରୋଧ ଜଣାଇ) : ଆପଣ ଟିକିଏ ଆଗରୁ ''ସମ୍ପୂର୍ଣ୍ଣ ଭଲ ମଣିଷ ନାହାନ୍ତି'' ବୋଲି କହିସାରି ''କିନ୍ତୁ'' ବୋଲି କହିଥିଲେ । ଅନ୍ୟ କଥା ଆସିଗଲା । ସେ ''କିନ୍ତୁ''ଟିକୁ ସେମିତି ଛାଡ଼ି ଦିଅନ୍ତୁ ନାହିଁ ।

**ଉତ୍ତର :** କହୁଥିଲି, ସମ୍ପୂର୍ଣ୍ଣ ଭଲ ମଣିଷ ନଥାଇ ପାରନ୍ତି, କିନ୍ତୁ ସମ୍ପୂର୍ଣ୍ଣ ଖରାପ ମଣିଷ ଅଛନ୍ତି । ଅବଶ୍ୟ ମୁଁ ହାଲୁକା ସ୍ତରରେ କହୁଛି । ଆଧ୍ୟାତ୍ମିକ ଦୃଷ୍ଟିରୁ ଅତ୍ୟନ୍ତ ପାପୀ, ଶଠ, ହିଂସ୍ର ଭିତରେ ମଧ୍ୟ କାଣିଚାଏ ହେଲେ ଭଲଗୁଣ ପ୍ରଚ୍ଛନ୍ନ ଥିବ; ଭସ୍ମାବୃତ ଦିବ୍ୟ ଅଗ୍ନି-କଣିକାଟିଏ ଦପ୍ ଦପ୍ କରୁଥିବ । ମୋ ମନରେ ଶକୁନିର ଦୃଷ୍ଟାନ୍ତ ଚମକି ଉଠିଥିଲା ବୋଲି ସେମିତି କହୁଥିଲି । ଲୋକଟିର ବୁଦ୍ଧି, ଚାତୁର୍ଯ୍ୟ ସବୁହିଁ କେବଳ ମାତ୍ର ଅସଂହତି ସୃଜନରେ ବ୍ୟାପୃତ ରହିଥାଏ । ସାହିତ୍ୟରେ ସେମିତି ଏକ ଦୃଷ୍ଟାନ୍ତ ସେକ୍ସପିଅରଙ୍କ ''ଓଥେଲୋ'' ନାଟକର ଖଳନାୟକ 'ଇଆଗୋ' । ବିଶ୍ୱାସକୁ ବିଷାକ୍ତ କରିବା, ସଂହତିକୁ ଧ୍ୱସ୍ତ କରିଦେବାହିଁ ତା'ର ବ୍ରତ ।

**ପ୍ରଥମ ଜିଜ୍ଞାସୁ :** ସେମାନେ କ'ଣ କୌଣସି କୁଶକ୍ତି ଦ୍ୱାରା ପ୍ରଭାବିତ ହୋଇଥା'ନ୍ତି ?

**ଉତ୍ତର :** ସେମାନେହିଁ କୁଶକ୍ତି; ଅନ୍ୟକୁ ସେମାନେ ପ୍ରଭାବିତ କରନ୍ତି । ସେଭଳି ଚରିତ୍ରସବୁକୁ ଦୁଇ ଧାରାରେ ବିଭକ୍ତ କରାଯାଇପାରେ : ପ୍ରଭାବକ ଏବଂ ପ୍ରଭାବିତ । ପ୍ରଥମ ଏବଂ ବିରଳ ଧାରା ହେଲେ ଆଜନ୍ମ ସଇତାନ । ଦ୍ୱିତୀୟ ଧାରାର ଅନ୍ତର୍ଭୁକ୍ତ ସେହିମାନେ, ଯେଉଁମାନଙ୍କୁ କୁଶକ୍ତି ଆୟତ୍ତ କରିନିଏ ବା ପ୍ରଭାବିତ କରେ । ଜଣେ ହାରାହାରି ଦୃଷ୍ଟିରୁ ଭଲ ମଣିଷ ମଧ୍ୟ ସାମୟିକ ଭାବରେ କୁଶକ୍ତି ଦ୍ୱାରା ପ୍ରଭାବିତ ହୋଇପାରେ । କିନ୍ତୁ କୁଶକ୍ତି ଯାହାକୁ ଆୟତ୍ତ କରିନିଏ, ତା'ର ନିଜତ୍ୱ ବୋଲି କିଛି ରହେ ନାହିଁ । ତା'ର ଦେହ ଓ ଚେତନାକୁ କୁଶକ୍ତି ନିଜର ସ୍ୱେଚ୍ଛାଚାଳିତ ଯନ୍ତ୍ର ଭାବରେ ବ୍ୟବହାର କରେ ।

**ଜଣେ ଜିଜ୍ଞାସୁ :** କର୍ଣ୍ଣଙ୍କୁ ସେମିତି କୁଶକ୍ତି ଆୟତ୍ତ କରିନେଇଥିଲା ନିଶ୍ଚୟ ।

**ଉତ୍ତର :** ନା, ନା, ନା ! ଭଲ ହେଲା, ଆପଣ କର୍ଣ୍ଣଙ୍କ ସମ୍ପର୍କରେ ଏଭଳି ସନ୍ଦେହ ପ୍ରକଟ କଲେ । କଥାଟି ସ୍ପଷ୍ଟ କରିଦେବା ଭଲ । ଅତୀନ୍ଦ୍ରିୟ ଜଗତର କୁଶକ୍ତି ଆୟତ୍ତ କରିବା ଏବଂ ନିଜ ଅନ୍ତର୍ନିହିତ ଦୁର୍ବଳତା ଦ୍ୱାରା ସାମୟିକ ଭାବରେ ଆଚ୍ଛନ୍ନ ହେବା ଏକା କଥା ନୁହେଁ । ଦ୍ୱିତୀୟ ପର୍ଯ୍ୟାୟର ବିଡ଼ମ୍ବନା ଆମ ସମସ୍ତଙ୍କ ଜୀବନରେ ବହୁବାର ଘଟିପାରେ । ଜଣେ ଏକ ମହତ୍ ଆଦର୍ଶ ଦ୍ୱାରା ଅନୁପ୍ରାଣିତ ହୋଇ ବହୁକିଛି ତ୍ୟାଗ କରିପାରେ; କିନ୍ତୁ ତା' ଭିତରେ ପ୍ରଚ୍ଛନ୍ନ ଥାଇପାରେ ପ୍ରଚଣ୍ଡ ଅହଙ୍କାର । ଜଣେ ନିଜର ସମସ୍ତ ସୁଖ ସ୍ୱାଚ୍ଛନ୍ଦ୍ୟ ଭୁଲିଯାଇ ନିଜକୁ ପୀଡ଼ିତ ଏବଂ ଦୁର୍ଗତମାନଙ୍କ ସେବାରେ ନିୟୋଜିତ କରିପାରେ; କିନ୍ତୁ ତା' ଭିତରେ ଥାଇପାରେ ଦୁରନ୍ତ କାମାବେଗ । ଜଣେ ତରୁଣ ଜମିଦାର ସ୍ୱାଧୀନତା ସଂଗ୍ରାମ ବେଳେ ତାଙ୍କ ବିପୁଳ ସମ୍ପତ୍ତି ସ୍ୱେଚ୍ଛାସେବକମାନଙ୍କୁ ସଙ୍ଗଠିତ କରିବାରେ ଏବଂ ସେମାନଙ୍କ 'ଆଶ୍ରମ' ପରିଚାଳନାରେ, ସହସ୍ରାଧିକ ମହିଳାଙ୍କୁ ଚରଖା କିଣିଦେବାରେ ଉଡ଼ାଇ ଦେଇଥିଲେ । ତାଙ୍କ ତରୁଣୀ ପତ୍ନୀ ନବଜାତ ସନ୍ତାନଟିକୁ ଧରି ଅଭିମାନରେ ବାପ ଘରକୁ ଚାଲିଗଲେ । 'ବାସ୍ତବିକ କେଡ଼େ ବଡ଼ ତ୍ୟାଗୀ !' ବୋଲି ବିପୁଳ ପ୍ରଶଂସା ତାଙ୍କ ଉପରେ ଓଜାଡ଼ି ହୋଇ ପଡୁଥାଏ ।

ସ୍ୱାଧୀନତା ଆସିଲା; ସେ କ୍ଷମତାସୀନ ହେଲେ । ଜୀବନର ଶେଷ ଦଶନ୍ଧିରେ ସେ ଅବିଶ୍ୱାସ୍ୟ ଦୁର୍ନୀତି କରି ନିଜ ବଂଶଧରମାନଙ୍କ ଭବିଷ୍ୟତ୍ ସୁଗମ କରିବାର ଚେଷ୍ଟା କରି ହାସ୍ୟାସ୍ପଦ ହେଲେ । ଗତଥର ଯେଉଁ ଗଳ୍ପଟି ଉପରେ ଆମେ ଆଲୋକପାତ କରିଥିଲୁ, ଏସବୁ ସେହି ଗଳ୍ପ-ନିହିତ ଚେତାବନୀର ପୁନରାବୃତ୍ତି । କଥା ହେଲା, ମଣିଷ ଗୋଟାଏ ଏକକ ଚେତନା ଦ୍ୱାରା ପରିଚାଳିତ ହୁଏ ନାହିଁ । ତା' ଚେତନାରେ ବେଶ୍ କିଛି ପରସ୍ପର ବିରୋଧୀ ଗୁଣର ସହାବସ୍ଥାନ ଘଟିଥାଏ । କର୍ଣ୍ଣ ଥିଲେ ବହୁ-ଗୁଣ-ଅଳଙ୍କୃତ ମହତ୍ ବୀର । କିନ୍ତୁ ସମ୍ଭବତଃ ତାଙ୍କର ସବୁଠାରୁ ବଡ଼ ଦୁର୍ବଳତା ଥିଲା ଈର୍ଷା; ଅର୍ଜୁନଙ୍କ ପ୍ରତି । ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ପାଖରେ ଅସ୍ତ୍ରଶିକ୍ଷା ଅବସରରେହିଁ, ଅର୍ଥାତ୍ କୈଶୋରରେହିଁ ସେ ଦୁର୍ବଳତା ପ୍ରକଟିତ ହୋଇଥିଲା । ଦ୍ରୌପଦୀଙ୍କ ସ୍ୱୟଂବର ସଭାରେ ତାହାର ଉତ୍ତାପ ଅସହ୍ୟ ମାତ୍ରା ସ୍ପର୍ଶ କରିବା ସତ୍ତ୍ୱେ ସେ ଚୁପ୍ ଥିଲେ । କୁରୁସଭାରେ ଦ୍ରୌପଦୀଙ୍କ ହିନସ୍ତା ବେଳେ ସେହି ଈର୍ଷାର ଆଗ୍ନେୟଗିରିରେ ହେଲା ବିସ୍ଫୋରଣ ।

**ପ୍ରଥମ ଜିଜ୍ଞାସୁ :** ସେଡ଼େ ବଡ଼ ଚରିତ୍ରରେ ଯଦି ସେଭଳି ଦୁର୍ବଳତା ଥିଲା, ଆମ କଥା ତ ଛାର !

**ଦ୍ୱିତୀୟ ଜିଜ୍ଞାସୁ :** ତାଙ୍କଠି ଏମିତି ଗୋଟିଏ ଦୁର୍ବଳତା ଥିବା ସ୍ଥଳେ ଆମଠି ଗଣ୍ଡାଏ ରହିବାର ବଡ଼ କଥା କ'ଣ ?

**ତୃତୀୟ ଜିଜ୍ଞାସୁ :** ମାତ୍ର ଗଣ୍ଡାଏ ବୋଲି କହୁଛ ଅଧ୍ୟାପକ ମହାଶୟ ?

**ଉତ୍ତର :** ଏଭଳି ଦୃଷ୍ଟାନ୍ତସବୁ ଦ୍ୱାରା ଆମ ଭିତରେ ଦୁଇ ଧରଣର ପ୍ରତିକ୍ରିୟା ସମ୍ଭବ । ଆମେ ଏଇଆ ଭାବି ଆତ୍ମ-ସନ୍ତୋଷ ଲାଭ କରିଛୁ ଯେ ଯଦି ବୀର, ମହାବୀରମାନେ ଏମିତି ଦୁର୍ବଳତା ପୋଷଣ କରିପାରନ୍ତି, ଆମେ ଆମ ଭିତରର ଦୁର୍ବଳତାସବୁ ପ୍ରତି ଉଦାସୀନ ରହିଲେ କ୍ଷତି ନାହିଁ । କାମନା-ବାସନା ଅଧ୍ୟୁଷିତ ଏ ଜୀବନ ପାଇଁ ଏଭଳି ଦୃଷ୍ଟାନ୍ତ ଆମ ଦୁର୍ବଳତାସବୁର ପୃଷ୍ଠପୋଷକତା ଦିଗରେ ବେଶ୍ ଯୁକ୍ତି ହୋଇ ପାରନ୍ତି । ଏହା ଖୁବ୍ ସମର୍ଥନ ଯୋଗ୍ୟ ଦୃଷ୍ଟିକୋଣ ନୁହେଁ । ସମର୍ଥନ ଯୋଗ୍ୟ ହେଲା ଦ୍ୱିତୀୟ ଧରଣର ପ୍ରତିକ୍ରିୟା : ଯଦି ଏମନ୍ତ ସନ୍ତାନ, ବଡ଼ ବଡ଼ ବୀର ଓ ମହତ୍ ବ୍ୟକ୍ତିମାନଙ୍କୁ ମାନସିକ ଦୁର୍ବଳତା କାବୁ କରିନେଇପାରେ, ତେବେ ଆମେ ସେଭଳି ଆପଦର ସମ୍ମୁଖୀନ ନହେବା ସକାଶେ ଖୁବ୍ ସତର୍କ ରହିବା ଆବଶ୍ୟକ ।

**ତୃତୀୟ ଜିଜ୍ଞାସୁ :** କେବଳ ଆଧ୍ୟାତ୍ମିକ ମାର୍ଗର ଯାତ୍ରୀମାନେ ନିରାପଦ ।

**ଅନ୍ୟମାନେ :** ଠିକ୍ କଥା ।

**ଉତ୍ତର :** କ୍ଷମା କରିବେ । ଠିକ୍ କଥା ବୋଲି ମୁଁ କହିପାରୁ ନାହିଁ । ଆଧ୍ୟାତ୍ମିକ ମାର୍ଗ ବଡ଼ ପ୍ରଶସ୍ତ; ପୁଣି ତାହା

ଗୋଟାଏ ନୁହେଁ; ଅନେକ । ଆପାତତଃ ସେ ମାର୍ଗର ପଥିକମାନଙ୍କୁ ସାଧକ ବୋଲି କୁହାଯାଉ । ସାଧକ ଯଦି କୌଣସି ନିର୍ଦ୍ଦିଷ୍ଟ ସିଦ୍ଧି ଚାହୁଁଥିବ, ସ୍ଥୂଳ ଜଗତରେ ଯେମିତି ଜଣକର ରାଜନୈତିକ କ୍ଷମତା ଲାଭ କରିବା ନିମନ୍ତେ ଅଥବା ବିପୁଳ ବିତ୍ତର ଅଧିକାରୀ ହେବା ନିମନ୍ତେ ଅଭିଳାଷ ଥାଏ; ଜଣେ ଯଦି ଆଧ୍ୟାତ୍ମିକ ପଥରେ ଯାଇଥିବ ସେମିତି କୌଣସି ସିଦ୍ଧି ଲାଭ କରିବାର ଉଚ୍ଚାଭିଳାଷ ନେଇ ତେବେ ତାହା ଭିତରେ ସାଧାରଣ ମାନବିକ ଦୁର୍ବଳତା ଅବଶ୍ୟ ରହିଥିବ । ଏହାର ଅଭୁଲା ଦୃଷ୍ଟାନ୍ତ ବିଶ୍ୱାମିତ୍ର । ଆପଣମାନେ ଅବଶ୍ୟ ଜାଣନ୍ତି ତାଙ୍କ ଜୀବନ କଥା ।

**ଜଣେ ଜିଜ୍ଞାସୁ :** ଜାଣୁ କି ନା ଜାଣୁନା । ...

**ଅନ୍ୟ ଜିଜ୍ଞାସୁମାନେ :** ଟିକିଏ ସଂକ୍ଷେପରେ କହି ଦିଅନ୍ତୁ ।

**ଉତ୍ତର :** ଖୁବ୍ ସଂକ୍ଷେପରେ । ସେ ଥିଲେ ରାଜା । ଦିନେ ସେ ସଦଳବଳ ଅରଣ୍ୟ ଭିତରେ ଋଷି ବଶିଷ୍ଠଙ୍କ ଆଶ୍ରମରେ ବିଶ୍ରାମ ନେବା ଅବସରରେ ଋଷିବର ସେମାନଙ୍କୁ ଦିବ୍ୟ-ଭୋଜନରେ ଆପ୍ୟାୟିତ କଲେ । ବିସ୍ମିତ ବିଶ୍ୱାମିତ୍ର ଯେତେବେଳେ ଜାଣିଲେ ଋଷିଙ୍କ ଗାଭୀ କାମଧେନୁ ପ୍ରସାଦରୁ ଋଷି ସେ ବିପୁଳ ଆୟୋଜନ କରିପାରିଲେ, ସେ ସହସ୍ର ଗାଭୀ ବଦଳରେ ସେ ଗୋଟିକୁ ନେଇ ଯିବାକୁ ବିଚାର କଲେ ଏବଂ ତାଙ୍କ ଅନୁରୋଧ ରକ୍ଷା ନହେବାରୁ ସେ ବଳ ପ୍ରୟୋଗ କଲେ । ତତ୍‌କ୍ଷଣାତ୍ କାମଧେନୁଙ୍କ ପ୍ରସାଦରୁ ଅସଂଖ୍ୟ ଅତିଭୌତିକ ଯୋଦ୍ଧା ସମ୍ଭବ ହୋଇ ରାଜାଙ୍କୁ ପରାଭୂତ କଲେ ।

ରାଜଶକ୍ତି ତୁଳନାରେ ତପଃଶକ୍ତି କେଡ଼େ ଅଧିକ ମହୀୟାନ୍ ହୋଇପାରେ, ତାହାର ପ୍ରମାଣରେ ଅଭିଭୂତ ରାଜା ବିଶ୍ୱାମିତ୍ର ତପସ୍ୱୀ-ଜୀବନ ବରି ନେଲେ । କିନ୍ତୁ ବଶିଷ୍ଠଙ୍କ ପ୍ରତି ତାଙ୍କ ଆକ୍ରୋଶର ଅବସାନ ହେଲା ନାହିଁ । ସେ ତାଙ୍କର ଭୀଷଣ ଅନିଷ୍ଟ କରି ଚାଲିଲେ । ଏଣେ ସେ ନିଜେ ବହୁ ସିଦ୍ଧିଲାଭ କରି ରାଜର୍ଷି ଭାବରେ ପରିଚିତ ହେଲେ । କିନ୍ତୁ ତାଙ୍କର ଅଦମ୍ୟ ଇଚ୍ଛା — ସେ ବ୍ରହ୍ମର୍ଷି ଭାବରେ ବିଦିତ ହେବେ । କିନ୍ତୁ ଯେଯାଏଁ ବ୍ରହ୍ମର୍ଷି ବଶିଷ୍ଠ ତାଙ୍କୁ ସେ ମହାନ୍ ସମ୍ମାନ ନ ଦେଇଛନ୍ତି, ଅନ୍ୟ ଋଷିମାନେ ତାହା ଦେବାର ପ୍ରଶ୍ନ ନଥିଲା ।

ବିଶ୍ୱାମିତ୍ରଙ୍କ ଅଭିମାନ ଏଡ଼େ ପ୍ରବଳ ହେଲା ଯେ ଦିନେ ସେ ବାସ୍ତବିକ କ୍ରୋଧାନ୍ଧ ଅବସ୍ଥାରେ ବଶିଷ୍ଠଙ୍କ ଉପରେ ଦାଉ ସାଧିବା ନିମନ୍ତେ ତାଙ୍କ କୁଟିର ଆଡ଼େ ଅଗ୍ରସର ହେଲେ । ସେତେବେଳେ ରାତ୍ରିର ପ୍ରଥମ ପ୍ରହର । କୁଟିର ଅନ୍ଧକାର । ବିଶ୍ୱାମିତ୍ର ଶୁଣିଲେ ବଶିଷ୍ଠ ଏବଂ ତାଙ୍କ ପତ୍ନୀ ଅରୁନ୍ଧତୀଙ୍କ ଭିତରେ ସଂଳାପ । ଘରେ ଅଗ୍ନି ନଥିଲା । ବଶିଷ୍ଠ ପ୍ରଶ୍ନ କଲେ ଅରୁନ୍ଧତୀ କାହିଁକି ନିକଟବର୍ତ୍ତୀ ବିଶ୍ୱାମିତ୍ରଙ୍କ କୁଟିରରୁ ଅଗ୍ନି ଆଣି ପାରିଲେ ନାହିଁ । ଅରୁନ୍ଧତୀ ଦୁଃଖ ଓ ବିସ୍ମୟଭରେ ପ୍ରତି-ପ୍ରଶ୍ନ କଲେ — ଯେଉଁ ବିଶ୍ୱାମିତ୍ର ତାଙ୍କର ସର୍ବନାଶ କରିଛନ୍ତି ତାଙ୍କଠୁଁ ସେ କିଛି ଭିକ୍ଷା କରିବେ ବୋଲି ବଶିଷ୍ଠ କେମିତି ଆଶା କରୁଛନ୍ତି ! ପରେ ପରେ ପୁଣି ସେ ତପସ୍ୱିନୀ ପଚାରିଲେ — ବଶିଷ୍ଠ କାହିଁକି ବିଶ୍ୱାମିତ୍ରଙ୍କୁ ଥରେ ବ୍ରହ୍ମର୍ଷି ବୋଲି କହିଦେଉ ନାହାନ୍ତି ? ସେତକ କଲେ ତ ବିଶ୍ୱାମିତ୍ରଙ୍କ ସମସ୍ତ ଅଭିମାନର ଅବସାନ ହୁଅନ୍ତା ।

ବଶିଷ୍ଠ ଦେଲେ ଏମିତି ଉତ୍ତର : ଥରେ ସେ ବିଶ୍ୱାମିତ୍ରଙ୍କୁ ବ୍ରହ୍ମର୍ଷି ବୋଲି କହିଦେଲେ ତାଙ୍କ ଅହଂ ଯେଉଁ ସ୍ତରରେ ରହିଛି, ସେ ସେଇଠି ଅଟକି ରହିବେ । ବିଶ୍ୱାମିତ୍ରଙ୍କର ଯୌଗିକ ପ୍ରସ୍ତୁତି ସମ୍ପୂର୍ଣ୍ଣ ହେଉ ହେଉ କେବଳ ଶେଷ ମାତ୍ରାଟିର ତଳେ ସ୍ଥାଣୁ ହୋଇଯାଇଛି — ତାଙ୍କ ଅହଙ୍କାର ଯୋଗୁଁ । ବଶିଷ୍ଠ ଏମିତି ଏକ ମୁହୂର୍ତ୍ତକୁ ଅପେକ୍ଷା କରିଛନ୍ତି, ଯେତେବେଳେ ବିଶ୍ୱାମିତ୍ର ସେହି ଅହଙ୍କାରର କ୍ରୂର ବନ୍ଧନରୁ ଖସି ଆସିବେ ! ଅର୍ଥାତ୍, ବଶିଷ୍ଠ ନିଜର ପବିତ୍ର ଶୁଭେଚ୍ଛା ଯୋଗୁଁହିଁ, ବିଶ୍ୱାମିତ୍ରଙ୍କ ପ୍ରକୃତ ହିତ ଦୃଷ୍ଟିରୁହିଁ, ତାଙ୍କୁ ବ୍ରହ୍ମର୍ଷି ସମ୍ବୋଧନ କରୁ ନାହାନ୍ତି !

ବିଶ୍ୱାମିତ୍ର ଏହି ସଂଳାପ ଶୁଣିସାରି ଅଥୟ ହୋଇ ଦୌଡ଼ିଯାଇ ବଶିଷ୍ଠଙ୍କୁ ପ୍ରଣିପାତ କଲେ । ସେ ଅହଂକାରର ଶେଷ ବନ୍ଧନରୁ ମୁକ୍ତି ପାଇ ଯାଇଥିଲେ । ବଶିଷ୍ଠ ତାଙ୍କୁ ଉଠାଇ କହିଲେ, ‘‘ଶାନ୍ତ ହୁଅ ବ୍ରହ୍ମର୍ଷି ବିଶ୍ୱାମିତ୍ର ।’’ କହିବା ବାହୁଲ୍ୟ ବିଶ୍ୱାମିତ୍ରଙ୍କ ଭିତରେ ପ୍ରସ୍ତୁତି ହୋଇ ସାରିଥିଲା । ସେହି ମୁହୂର୍ତ୍ତରେ ହେଲା ପରିପୂର୍ଣ୍ଣ ବ୍ରହ୍ମ-ଉପଲବ୍ଧି ।

**ଜଣେ ଜିଜ୍ଞାସୁ :** କେଡ଼େ ମହତ୍ ବଶିଷ୍ଠ ସତେ !

**ଉତ୍ତର :** ହଁ । ବଶିଷ୍ଠ-ବିଶ୍ୱାମିତ୍ର ସମ୍ବାଦର ବହୁ ଦିଗ ରହିଛି । ବଡ଼ ତାତ୍ପର୍ଯ୍ୟପୂର୍ଣ୍ଣ । ସେ ଯାହାହେଉ, ଯେଉଁ ତତ୍ତ୍ୱଟି ମୁଁ ସ୍ପଷ୍ଟ କରିଦେବାକୁ ଚାହୁଁଥିଲି, ତାହା ହେଲା, ସହଜାତ ଦୁର୍ବଳତାର ବିସ୍ଫୋରଣ ଏବଂ କୁଶକ୍ତିର ପ୍ରଭାବ ଏକା କଥା ନୁହେଁ । ସୂକ୍ଷ୍ମ ବାତାବରଣରେ ଯେପରି ଅସଂଖ୍ୟ ମଙ୍ଗଳମୟ ଶକ୍ତି ଅଛନ୍ତି, ସେହିପରି ଅଛନ୍ତି ଅସଂଖ୍ୟ କୁଶକ୍ତି । ନିଜ ଦୁର୍ବଳତାରୁ ଜଣେ ମୁକ୍ତି ପାଇପାରେ; ଏକହିଁ ଜନ୍ମରେ ତା’ କର୍ମଫଳ ନିଃଶେଷ ହୋଇଯାଇପାରେ, ନତୁବା ପରଜନ୍ମରେ — ଭରତଙ୍କ ଭଳି ।

**ପ୍ରଥମ ଜିଜ୍ଞାସୁ :** ଭରତଙ୍କ ଭଳି ମାନେ ?

**ଉତ୍ତର :** ମହାକାବ୍ୟ ତଥା ପୁରାଣମାନଙ୍କରେ ବେଶ୍ କେତୋଟି ଚରିତ୍ର ଭରତ ନାମରେ ବିଦିତ । ଶ୍ରୀରାମଚନ୍ଦ୍ରଙ୍କ ଅନୁଜ ଭରତ, ଦୁଷ୍ମନ୍ତ ଏବଂ ଶୁକୁନ୍ତଳାଙ୍କ ପୁତ୍ର ଭରତ ଯାହାଙ୍କ ନାମରେ ଏ ଭୂଖଣ୍ଡ ଭାରତ ଭାବେ ନାମିତ, 'ନାଟ୍ୟଶାସ୍ତ୍ର'ର ଲେଖକ ଭରତ ମୁନି ଇତ୍ୟାଦି ।

ଜଣେ ଭରତ ହେଲେ ରାଜା ଋଷଭଙ୍କ ପୁତ୍ର । ସେ ଚକ୍ରନାଭ ନାମକ ନଦୀ ତୀରରେ ଦୀର୍ଘକାଳ ଧରି ତପସ୍ୟାରତ ଥା'ନ୍ତି । ଦିନେ ଗର୍ଭିଣୀ ହରିଣୀଟିଏ ତୃଷ୍ଣାର୍ତ୍ତ ହୋଇ ନଦୀ ସ୍ରୋତର ନିକଟବର୍ତ୍ତୀ ହେବା ବେଳକୁ ଗୋଟାଏ ସିଂହର ଗର୍ଜନ ଶୁଣି ଛାନିଆ ହୋଇଗଲା । ଦୌଡ଼ି ପଳାଇବା ଅବସ୍ଥାରେ ସେ ଶାବକଟିଏ ଜନ୍ମ ଦେଲା । ହରିଣୀର ମୃତ୍ୟୁ ହେଲା । ନଈରେ ଜୁଆର ଆସୁଥିଲା । ଶାବକଟି ଭାସି ଯାଇଥା'ନ୍ତା । ତପସ୍ୱୀ ଭରତ ତାକୁ ନିଜ କୁଟିରକୁ ଆଣି ଲାଳନପାଳନ କଲେ । କ୍ରମେ ସେ ପାସୋରି ଦେଲେ ନିଜ ତପସ୍ୟାର ଶୃଙ୍ଖଳା । ହରିଣଟି ହେଲା ତାଙ୍କର ନୟନପିତୁଳା ।

ଯେତେବେଳେ ଭରତଙ୍କ ଶେଷ ମୁହୂର୍ତ୍ତ ଉପସ୍ଥିତ ହେଲା ସେତେବେଳେ ସେ ନିଜ ପାଳିତ ହରିଣ କଥାହିଁ ଭାବୁଥିଲେ । ଆସନ୍ନ ମୃତ୍ୟୁବେଳେ ଜଣକର ଚେତନା କେଉଁ ବସ୍ତୁ ବା ଭାବନାରେ ଅଭିନିବିଷ୍ଟ, ତାହା ଆଧ୍ୟାତ୍ମିକ ମନସ୍ତତ୍ତ୍ୱରେ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଯଥେଷ୍ଟ ପ୍ରସ୍ତୁତି ନଥିଲେ ଜଣେ ନିଜ ସନ୍ତାନସନ୍ତତି, ସମ୍ପତ୍ତିର ଭବିଷ୍ୟତ୍, ଏପରିକି ଶତ୍ରୁ କଥା ଭାବୁଥିବା ଅସ୍ୱାଭାବିକ ନୁହେଁ । ପ୍ରସ୍ତୁତି ଥିଲେହିଁ ଜଣେ ନିଜର ପରମ କାମ୍ୟ ପ୍ରତି ଉନ୍ମୁଖ ରହେ ସେହି ବିଶେଷ ମୁହୂର୍ତ୍ତରେ ।

ମୃତ୍ୟୁ ପରେ ଭରତ ହରିଣ ଜନ୍ମ ପ୍ରାପ୍ତ ହେଲେ । ଏ ସମ୍ପର୍କରେ ଆମେ ପୂର୍ବରୁ ଆଲୋଚନା କରିଛୁ । ମନେ ଅଛି ଟି ?

**ଜଣେ ଜିଜ୍ଞାସୁ :** ନିଶ୍ଚୟ ! ମଣିଷ ମୃତ୍ୟୁ ପରେ ପଶୁ ଜନ୍ମ ପାଏ ନାହିଁ, ତେବେ ତା'ର ଚେତନା କିଛି କାଳ କୌଣସି ପଶୁ ଉପରେ ସବାର ହୋଇପାରେ – ଠିକ୍ ତ ?

**ଉତ୍ତର :** ଚେତନା ନୁହେଁ, ଚେତନାର ଏକ ଅଂଶ, ତା'ର ପ୍ରାଣସତ୍ତା । ଭରତ ମୋହାଚ୍ଛନ୍ନ ହୋଇ ରହିଥିଲେ । ପ୍ରାଣହିଁ ମୋହ, ମାୟା, ଆଶା, ବାସନାର ନିବାସ । ତେଣୁ ତାଙ୍କ ପ୍ରାଣସତ୍ତାହିଁ ଏକ ହରିଣ ସହ ସାମିଲ ହୋଇଥିବ । ସେହି ବ୍ୟାପାରରୁ ସେ ହରିଣ ଜନ୍ମ ନେଲେ ବୋଲି କୁହାଯାଇଛି । ସେ ଯାହାହେଉ, ସେ କିଛିକାଳ ମୋହାଚ୍ଛନ୍ନ ଥିଲେ ବୋଲି ତାଙ୍କ ତପସ୍ୟାର ଫଳ ଯେ ଅକାମୀ ହୋଇଗଲା, ତାହା ନୁହେଁ । ହରିଣର ସଂକ୍ଷିପ୍ତ ଜୀବନକାଳ ପରେ ସେ ପୁନର୍ବାର ମଣିଷ ଜନ୍ମ ପାଇଲେ । ନିଜ ଦିବ୍ୟଜ୍ଞାନକୁ କିନ୍ତୁ ସେ ପ୍ରକଟ କରୁ ନଥା'ନ୍ତି । ଦିନେ ତାଙ୍କ ଭ୍ରାମ୍ୟମାଣ ଅବସ୍ଥାରେ ଜଣେ ରାଜାଙ୍କ ସେବକମାନେ ତାଙ୍କୁ ଧରି ନେଇଥିଲେ । ରାଜାଙ୍କ ସବାରି ପାଇଁ ଜଣେ ବାହକର ଅଭାବ ଥିଲା । ଜଡ଼ପ୍ରାୟ ଯୁବକଙ୍କୁ ସେବକମାନେ ସେହି କାର୍ଯ୍ୟରେ ଲଗାଇଲେ । କିନ୍ତୁ ପୁନର୍ଜାତ ତପସ୍ୱୀ କାର୍ଯ୍ୟଟି ସୁଚାରୁ ରୂପେ ତୁଲାଇ ନ ପାରିବାରୁ ରାଜା ତାଙ୍କୁ ଭର୍ତ୍ସନା କରନ୍ତେ ହଠାତ୍ କରୁଣା ପରବଶ ତପସ୍ୱୀ ତାଙ୍କୁ ସଦ୍‌ଜ୍ଞାନ ଦେଲେ । ଅଭିଭୂତ ରାଜା କଲେ ତାଙ୍କ ଚରଣ ବନ୍ଦନା ।

ସହଜାତ ଦୁର୍ବଳତାଜନିତ କର୍ମଫଳ ତୁଟିଯାଏ । କିନ୍ତୁ ଯେଉଁମାନେ ଭୟାବହ ଖଳଶକ୍ତିର ଦାସ ବନିଯାଆନ୍ତି, ସେମାନଙ୍କ ଭବିଷ୍ୟତ୍ ହୁଏ ଜଟିଳ ।

**ଜଣେ ଜିଜ୍ଞାସୁ :** ସେମିତି କୁ-ଶକ୍ତିର ଦାସ ବନି ଜଣେ ବହୁତ ବିଭ୍ରାଟ ସୃଜନ କରୁଥିବ ତ !

**ଉତ୍ତର :** ଭୂପୃଷ୍ଠରେ ଅବ୍ୟାହତ ରହିଥିବା ଚେତନାର ପ୍ରଗତିକୁ ପ୍ରତିହତ କରିବାହିଁ ସେମାନଙ୍କର ଆଭିମୁଖ୍ୟ । ମୁଁ ଅବଶ୍ୟ କୁନି କୁନି ଖଳଶକ୍ତିମାନଙ୍କ କଥା କହୁ ନାହିଁ – କହୁଛି ଭଗବତ୍-ବିରୋଧୀ ପ୍ରଚଣ୍ଡ ଅପଶକ୍ତିମାନଙ୍କ କଥା । ସେଭଳି ଶକ୍ତି ଜଣେ ଦୁର୍ବଳମନା, ବିବେକ-ଶୂନ୍ୟ ଉଚ୍ଚାଭିଳାଷୀ ମଣିଷକୁ ପ୍ରଥମେ ଆୟତ୍ତ କରିନେଇ ଗୋଟାଏ ସମଗ୍ର ଜାତିକୁ ମଧ ମତିଭ୍ରଷ୍ଟ, ନିର୍ମମ ତଥା ଭୀରୁ ବନାଇ ଦେଇ ପାରନ୍ତି । ମୁଁ ହିଟ୍‌ଲର ଏବଂ ଜର୍ମାନ ଜାତି କଥା କହୁଛି ।

**ପ୍ରଥମ ଜିଜ୍ଞାସୁ :** ବିଷମ କଥା ତ ! ସମାଜ ଆଖିରେ ମହତ୍ ଲୋକଟିଏ ଦିଗ୍‌ଭ୍ରଷ୍ଟ ହୋଇପାରେ; ଏପରିକି ତପସ୍ୱୀ ମଧ କ୍ରୋଧାନ୍ଧ ହୋଇପାରେ । ଆମେ କେଉଁ ମଣିଷ – କେତେଦୂର ବା ଆମେ ସତର୍କ ରହିପାରିବା ?

**ଦ୍ୱିତୀୟ ଜିଜ୍ଞାସୁ :** ମୁଁ ନା ମହତ୍ ମଣିଷ, ନା ଯୋଗ କରିବା ଭଳି ଯୋଗ୍ୟତାର ଅଧିକାରୀ ! କରିବି କ'ଣ ?

**ଉତ୍ତର :** ଆମ ସମସ୍ତଙ୍କ ପାଇଁ ରହିଛି ଏକ ସୁନ୍ଦର, ମଧୁର ମାର୍ଗ । ମୁଁ ସେ ମାର୍ଗର ତାତ୍ତ୍ୱିକ ସନ୍ଧାନ ମାତ୍ର ଦେଇପାରେ । ନିଜେ ସେ ମାର୍ଗରେ ଅଗ୍ରସର ହୋଇପାରି ନାହିଁ । ହୁଏତ ଆପଣମାନେ ପାରିବେ । କାହା ଅନ୍ତରାତ୍ମାର ବିକାଶ କେତେଦୂର, ସେକଥା କିଏ ବା କହିପାରିବ । ସେ ମାର୍ଗର

ପରିଚୟ ଜଣେ ଯୋଗୀ ଦେଇଛନ୍ତି ଏହି ଭାଷାରେ : ନଦୀରେ ଆସିଛି ପ୍ରବଳ ବନ୍ୟା । ସେ ସ୍ରୋତରେ ହାତୀଟିଏ ଭାସି ଯାଉଛି । କିନ୍ତୁ ସେ ସ୍ରୋତର ବିପରୀତ ଦିଗକୁ ଅବଲୀଳା କ୍ରମେ ସନ୍ତରଣ କରିଯାଇ ପାରୁଛି କ୍ଷୁଦ୍ର ମାଛଟିଏ । ରହସ୍ୟ ସ୍ପଷ୍ଟ, ମାଛଟି ନଈର ଆଶ୍ରିତ । ନିଃସର୍ତ୍ତ ଶରଣ ମାଧ୍ୟମରେହିଁ ସେମିତି ନିରାପଦ ଆଶ୍ରୟ ହେବା ସମ୍ଭବ ।

ଅଧିକାର-ବହିର୍ଭୂତ କଥା କହି ସାରିଲିଣି । ଏତିକିରେ ଥାଉ । ଆପଣମାନଙ୍କ ଯାତ୍ରା ସୁଗମ ହେଉ । ତେବେ ଆମ ପ୍ରସ୍ତୁତି-ବିହୀନ କଥାବାର୍ତ୍ତା ଯେଉଁ ଧାରାରେ ଗତିକଲା, ମୋର ଆଶଙ୍କା ଆପଣମାନେ ହୁଏତ ଆମର, ଅର୍ଥାତ୍ ମଣିଷର ଜୀବନଯାତ୍ରା ସମ୍ପର୍କରେ କିଞ୍ଚିତ୍ ସନ୍ଦିଗ୍ଧ ଅବସ୍ଥାରେ ରହି ମୋଠୁଁ ବିଦାୟ ନେଉଛନ୍ତି । ଗୋଟାଏ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସତ୍ୟ ମୁଁ ଆପଣମାନଙ୍କୁ ସ୍ମରଣ କରାଇ ଦେଉଛି । ମାନବ ସୃଷ୍ଟିର ଏକ ଭବିଷ୍ୟତ୍ ରହିଛି । ଯଦି ପ୍ରଗତି ଓ ପୂର୍ଣ୍ଣତାର ପ୍ରତିଶ୍ରୁତି ନଥା'ନ୍ତା, ତେବେ ଆମର ଗ୍ଲାନିବୋଧ, ବିବେକର ଦଂଶନ ଇତ୍ୟାଦି ଭଳି ଅନୁଭୂତି ହୁଅନ୍ତା ନାହିଁ । ଆମ ମନରେ କୌଣସି ଜିଜ୍ଞାସାର ଉଦୟ ମଧ୍ୟ ହୁଅନ୍ତା ନାହିଁ । ପ୍ରକୃତି-ନିହିତ ବିବର୍ତ୍ତନୀ ଶକ୍ତି କୁହନ୍ତୁ ବା ଦିବ୍ୟଶକ୍ତି କୁହନ୍ତୁ, ସେହି ପୂର୍ଣ୍ଣତା ଦିଗରେ ଆମର ସହାୟକ ହେବାକୁ ପ୍ରସ୍ତୁତ । ଆମ ଭିତରେ ଆଶା ଓ ବିଶ୍ୱାସ ଅଧିକରୁ ଅଧିକ ବଳବତ୍ତର ହେଉ । ଆଜିର ତମସାଚ୍ଛନ୍ନ ମାନବତାହିଁ କ୍ରମବିକାଶର ଶେଷ ଦୃଶ୍ୟ ହୋଇ ନପାରେ । ମାନବ ଚରିତ୍ର ବିଚିତ୍ର ନିଶ୍ଚୟ, କିନ୍ତୁ ପଥର ସନ୍ଧାନରେ ବହିର୍ଗତ ଚେତନା ପାଇଁ ଦୁର୍ଯୋଗ ଯେତିକି ରହିଛି, ତାହାଠୁଁ ବହୁତ ଅଧିକ ମାତ୍ରାରେ ରହିଛି ସୁଯୋଗ । ❖

Avatar — the Supreme manifested on earth in a body.

(CWM Vol. 15, p. 18) – The Mother

*With best compliments from :*

**AUM SWASTIK FOODS**

**MAITAPUR, BALASORE, ODISHA**

# କିଏ ତୁମେ ଅବତରି ଆସିଛ

## ଶ୍ରୀଅରବିନ୍ଦ

କିଏ ତୁମେ ଅବତରି ଆସିଛ
ବରିଛ ପରମ ନାମ ଗହନ,
ରାଜକୀୟ ତମସାର ପକ୍ଷ
ଅଜାତ ଅଗ୍ନି-ଶିଖ ନୟନ ?

ମଧ୍ୟରାତିର ଗୁହା ବରଜି
ସତେ ବା ମହିମମୟ ଉଦୟ
ବିସ୍ମୃତ ତପନର ବିସ୍ମୟ
ଛୁଟଇ ଅଗ୍ନିରେଖା ସରଜି ।

ମୁଗ୍ଧ ହୃଦୟ ଦିଏ ତିଆଗି
ମତ୍ତତା-ଜରା ବେଢ଼ି କଷଣ
ଉଦାର ମାଧୁରୀ ଆଣେ ବରଗି
ମୁକ୍ତ ତୁରୀୟେ କରି ବରଣ ।

[ଶ୍ରୀଅରବିନ୍ଦଙ୍କ ରଚିତ '**Who art thou that camest**'
କବିତାର ଭାଷାନ୍ତର]

ଅନୁବାଦ : ଶ୍ରୀ ରବୀନ୍ଦ୍ର କୁମାର ପାଢ଼ୀ ❖

---

'**Who art thou that camest**' (CWSA : Vol. II, Collected Poems), ୧୯୪୪ ମାର୍ଚ୍ଚ ୨୨ ତାରିଖରେ ଲିଖିତ ଏହି କବିତାଟି ୧୯୫୭ ଫେବ୍ରୁଆରୀ ୨୧ରେ ବାଣୀ ରୂପେ ଆଶ୍ରମରେ ବିତରଣ କରାଯାଇଥିଲା ।



# ସମାଧାନର ପଥ

## ଶ୍ରୀ ପ୍ରପତ୍ତି

ମନୁଷ୍ୟର ସ୍ଥାନ ହେଉଛି ଏକ ମଧ୍ୟବର୍ତ୍ତୀ ସ୍ତରରେ – ସେ ଦେବଲୋକର ଅଧିବାସୀ ନୁହେଁ ବା ପୂର୍ଣ୍ଣରୂପେ ପଶୁଭୂମିର ଜୀବ ନୁହେଁ । ତାହା ମଧ୍ୟରେ ଦେବତ୍ୱର ସ୍ପଷ୍ଟ ସୂଚନା, ଇଙ୍ଗିତ ବା ଉପାଦାନ ଅଛି – ସେ ଅମରତ୍ୱର ଏକ ସୂକ୍ଷ୍ମଧାରା ବହନ କରି ଚାଲିଛି । ସେହିପରି ତା'ର ଜୈବିକ ପ୍ରକୃତିରେ ସେ ପଶୁତ୍ୱର ପରମ୍ପରା ଆହରଣ କରିଚାଲିଛି – ଖାଦ୍ୟ, ନିଦ୍ରା, ପ୍ରଜନନ ଇତ୍ୟାଦି ବ୍ୟାପାରରେ । ସୁତରାଂ ମନୁଷ୍ୟ ହେଉଛି ଦେବତ୍ୱ ଓ ପଶୁତ୍ୱର ସମ୍ମିଶ୍ରଣରେ ଗଠିତ ଏକ ବସ୍ତୁ – ଏକ ସମବାୟ ବା ସମାହାର । ଏଥିପାଇଁ ମନୁଷ୍ୟକୁ ମଧ୍ୟବର୍ତ୍ତୀ ସ୍ତରର ଜୀବ ବୋଲି କୁହାଯାଏ । ଦେବତ୍ୱର ଭୂମିରେ ଚିର ଆନନ୍ଦ, ସୁଖ, ଶାନ୍ତି, ଜ୍ୟୋତିଃ ଓ ଅମୃତ ବିଦ୍ୟମାନ । ସେହିପରି ପଶୁତ୍ୱର ଭୂମିରେ ଏକ ପ୍ରକାର ପ୍ରବୃତ୍ତିଗତ ସନ୍ତୋଷ, ତୃପ୍ତି ଓ ସୁଖଶାନ୍ତି ରହିଛି । କିନ୍ତୁ ମନୁଷ୍ୟ ଏହି ଉଭୟଟିରୁ କୌଣସି ଗୋଟିକୁ ଲାଭ କରି ପାରେ ନାହିଁ । ଦେବତ୍ୱର ପୂର୍ଣ୍ଣ ଅଧିକାରୀ ନହେଲେ ପୂର୍ଣ୍ଣଜ୍ଞାନ, ଆନନ୍ଦ, ଜ୍ୟୋତିଃ ଓ ଅମୃତ ସେ ଲାଭ କରି ପାରିବ ନାହିଁ । ସେହିପରି ପୂର୍ଣ୍ଣରୂପେ ପଶୁ ନହେଲେ ପଶୁଜୀବନର ଅଜ୍ଞାନ ଓ ଅନ୍ଧକାରର ପ୍ରକୃତିଗତ ପ୍ରବୃତ୍ତି ପରିଚାଳିତ ଜୈବିକ ଧାରାରେ ବୁଡ଼ିଯାଇ ସୁଖଶାନ୍ତି ପାଇପାରିବ ନାହିଁ । ଦେବତ୍ୱର ଭୂମିକୁ ଉଠିଯିବାକୁ ହେଲେ ମନୁଷ୍ୟକୁ ନିଜକୁ ଅତିକ୍ରମ କରିବାକୁ ହେବ, ମନୁଷ୍ୟୋତ୍ତର ଅନ୍ୟ ଏକ ଚେତନାର ଭୂମିରେ ଉପସ୍ଥିତ ହେବାକୁ ହେବ; ତାହା ଏପର୍ଯ୍ୟନ୍ତ ହୋଇପାରି ନାହିଁ । ଏଥିପାଇଁ ମନୁଷ୍ୟର ତପସ୍ୟା, ଯୁଗ ଯୁଗ ବ୍ୟାପୀ ପ୍ରଯତ୍ନ, ଗଭୀର ଆଧ୍ୟାତ୍ମିକ, ଆତ୍ମିକ ସାଧନା, ରହସ୍ୟବାଦୀ ଓ ବହୁବିଧ ଗୁପ୍ତବିଦ୍ୟାର ଉଦ୍‌ଭାବନ ଏବଂ ପ୍ରୟୋଗ ଆବଶ୍ୟକ । କିନ୍ତୁ ଏବେ ବି ସମଗ୍ର ମାନବଜାତି ଏହି ଗଭୀର ତପସ୍ୟାରେ ନିମଗ୍ନ – ହୁଏତ ସଫଳତା ଦିଗରେ ଅଗ୍ରସର ହେଉଛି । ନଚିକେତାର ମୃତ୍ୟୁର ରହସ୍ୟଭେଦ ବା ସାବିତ୍ରୀଙ୍କର ସତ୍ୟବାନ୍‌ଙ୍କ ନିମିତ୍ତ ଅମୃତତ୍ୱ ଆହରଣ ଏବେ ବି ଏ ଧରାପୃଷ୍ଠରେ ଯଥାର୍ଥ ଭାବରେ ସାଧିତ ହେବାକୁ ବାକୀ ରହିଛି ।

ସେହିପରି ମନୁଷ୍ୟ ପଶୁସ୍ତରକୁ ଫେରିଯାଇ ପାରିବ ନାହିଁ । ପଶୁତ୍ୱର ଭୂମିରୁ ସେ ମନଃଶକ୍ତି ଧାରଣ କରି ଉର୍ଦ୍ଧ୍ୱକୁ ଉଠିଆସିଛି, ଆଉ ଏହି ପରିଣାମରୁ ଫେରିଯିବାକୁ ପ୍ରକୃତିର ଅବକାଶ ନାହିଁ, ପଥ ନାହିଁ । ଯଦି ମନୁଷ୍ୟ ଏହି ମଧ୍ୟବର୍ତ୍ତୀ ସ୍ତରରୁ ଉର୍ଦ୍ଧ୍ୱଭୂମିକୁ ଉଠି ନଯାଇ ପଶୁତ୍ୱ ଦିଗରେ ଫେରିଆସେ ବା ଉର୍ଦ୍ଧ୍ୱାୟନ ଗତି ନିମିତ୍ତ ପ୍ରବଳ ଅଭୀପ୍ସା ଏବଂ ସଂକଳ୍ପ ବା ପ୍ରଯତ୍ନ ନକରେ ଏବଂ ଏହି ମଧ୍ୟବର୍ତ୍ତୀ ଭୂମିରେ ରହିଯାଏ, ତେବେ ଧୀରେ ଧୀରେ ପ୍ରକୃତିର ଅଗ୍ରଗାମୀ ଧାରା ଅନ୍ୟ କିଛିକୁ ଆଶ୍ରୟ କରି ଉର୍ଦ୍ଧ୍ୱକୁ ଯିବାକୁ ଚେଷ୍ଟା କରିବ ଏବଂ ମନୁଷ୍ୟଜାତି କାଳକ୍ରମେ ଅନାବଶ୍ୟକ ଜୀବରୂପେ ପୃଥିବୀପୃଷ୍ଠରୁ ଲୋପ ପାଇଯିବ । କ୍ରମଶଃ ନିମ୍ନସ୍ତରକୁ ଖସିଯାଇ ଅଧୋମୁଖୀ ହୋଇ ବିଲୁପ୍ତ ଓ ଧ୍ୱଂସ ହେବ । କାରଣ ତା'ର ସ୍ଥାନ ପଶୁ ଜଗତରେ ନାହିଁ, ସେ ପଶୁ ପରି ବଳଶାଳୀ ବା ପରାକ୍ରମୀ ନୁହେଁ, ତା'ର ବୁଦ୍ଧି ଓ ବିଚାରର ସୂକ୍ଷ୍ମତାରେ ପଶୁକୁ ଜୟ କରିଥିଲା । ଆଜି ଯଦି ପଶୁ ସ୍ତରକୁ ଖସିଯାଏ ତେବେ ସେ ଶାରୀରିକ ବଳ ଓ ସାମର୍ଥ୍ୟ ତ ପାଇବ ନାହିଁ, ବରଂ ତା'ର ବୁଦ୍ଧିଶକ୍ତି ଲୁପ୍ତ ହୋଇଯିବ । କୌଣସି ଉଚ୍ଚଭୂମିରୁ ଯଦି କେହି ତଳକୁ ଖସିପଡ଼େ, ତେବେ ସେ ଆଉ ବଞ୍ଚି ରହେ ନାହିଁ । ଉର୍ଦ୍ଧ୍ୱର ଧର୍ମ ଲୋପ ପାଏ, ନିମ୍ନର ଧର୍ମ ଗ୍ରହଣ କରିପାରେ ନାହିଁ ।

ଉପର୍ଯ୍ୟୁକ୍ତ ଆଲୋଚନାରୁ ସ୍ପଷ୍ଟ ମନେ ହେବ ଯେ ମନୁଷ୍ୟ ଏକ ଦ୍ୱୈତ ପ୍ରକୃତିବିଶିଷ୍ଟ (Twin natured) ଜୀବ । ସେ ଦୁଇଟା ପ୍ରକୃତିକୁ ଗ୍ରହଣ କରି ଚାଲିଛି । ଅର୍ଥାତ୍, ସେ ଦୁଇଟି ନୌକାରେ ଗୋଡ଼ ଦେଇ ଚାଲିଛି । ଦିବ୍ୟତ୍ୱରେ ଗୋଟିଏ ପାଦ ଆଉ ପଶୁତ୍ୱରେ ଅନ୍ୟ ଗୋଟିଏ ପାଦ । ଏହାହିଁ ତା'ର ପରିସ୍ଥିତି । ଏହିପରି ଦୁଇଟି ନୌକାରେ ପାଦ ଦେଇ ଯେ ଗତି କରେ ତାହାର ଅବସ୍ଥା ଅତି ଶୋଚନୀୟ ହୁଏ ଏବଂ ପରିଣାମ ଅତି ଅସ୍ୱସ୍ତିକର ହୁଏ । ଆଜି ମନୁଷ୍ୟ ଏହିପରି ଏକ ଘୋର ଅସ୍ୱସ୍ତି ଏବଂ ଅଶାନ୍ତିର ପରିସ୍ଥିତିରେ ପଡ଼ିଛି । ଅଶାନ୍ତି, ଦୁଃଖ, ଯନ୍ତ୍ରଣା, ଅଜ୍ଞାନର ଅନ୍ଧକାର ମଧ୍ୟରେ ପଡ଼ି ମନୁଷ୍ୟ ହନ୍ତସନ୍ତ ହେଉଛି । ବାଟ କେଉଁ ଦିଗରେ ବୋଲି ଖୋଜୁଛି । ଅନ୍ତର୍ଦାହ, ଦୁଃଖ, ଦ୍ୱନ୍ଦ୍ୱ, ବିକ୍ଷୋଭ, ବିପର୍ଯ୍ୟୟ, ବ୍ୟସ୍ତତା ଓ ଅସ୍ଥିରତା ମଧ୍ୟରେ ମନୁଷ୍ୟ 'ନ ଯଯୌ ନ ତସ୍ଥୌ' ହୋଇ ପଡ଼ିରହିଛି ।

*

ଯଥାର୍ଥରେ କହିବାକୁ ଗଲେ ମନୁଷ୍ୟ ଏକ ସେତୁତୁଲ୍ୟ । ଶ୍ରୀମା ତାଙ୍କର 'ଧ୍ୟାନ ଓ ପ୍ରାର୍ଥନା' ପୁସ୍ତକରେ ଗୋଟିଏ ଅନୁପମ

ପ୍ରାର୍ଥନା ମଧ୍ୟରେ ଏହି କେତୋଟି ପଂକ୍ତିର ଉଲ୍ଲେଖ କରି ମନୁଷ୍ୟର ଭୂମିକା ସମ୍ବନ୍ଧରେ ସୁସ୍ପଷ୍ଟ କରି ଦେଇଛନ୍ତି :

''ଗୋଟିଏ ଦିଗରେ ଶାଶ୍ୱତ ସତ୍ତା, ଯାହା କେବେ ମଧ୍ୟ ପ୍ରକାଶ ପାଇ ନାହିଁ; ଆଉ ଗୋଟିଏ ଦିଗରେ ଯାହା ପ୍ରକାଶ ପାଇଛି – ଏହି ଦୁଇଟି ମଧ୍ୟରେ : ଗୋଟିଏ ଦିଗରେ ଯାବତ୍ ଉଚ୍ଚତର ଐଶ୍ୱର୍ଯ୍ୟ, ଦିବ୍ୟଜୀବନର ମହିମା ଏବଂ ଅନ୍ୟ ଦିଗରେ ଜଡ଼ଜଗତର ଯାବତୀୟ ତମସାଚ୍ଛନ୍ନ ବେଦନାତୁର ଅଜ୍ଞାନତା – ଏହି ଦୁଇଟି ମଧ୍ୟରେ ମନୁଷ୍ୟ ଯଦି ସେତୁବନ୍ଧ ସଦୃଶ ହୋଇ ରହି ନପାରିଲା, ତେବେ ତା'ର ଆଉ ଆବଶ୍ୟକତା କ'ଣ ଅଛି ? ଯାହା ହେବା ଉଚିତ ଥିଲା ଏବଂ ଯାହା ହୋଇଛି – ଏହି ଦୁଇଟି ମଧ୍ୟରେ ମନୁଷ୍ୟ ହେଉଛି ସଂଯୋଗସୂତ୍ର : ଗହ୍ୱରମୁଖରେ ପ୍ରସାରିତ ସେତୁ; ସେ ଏକ ମହା-କ୍ରୁଶ ଚିହ୍ନ (Cross) ଯେମିତି – ବାହୁ ଚତୁଷ୍ଟୟର ସଙ୍ଗମସ୍ଥଳ । ତା'ର ପ୍ରକୃତ ଆବାସ, ତା'ର ଚେତନାର ଶକ୍ତିପୀଠ ହେଲା ଏକ ମଧ୍ୟବର୍ତ୍ତୀ ଜଗତ୍, ଯେଉଁଠାରେ କ୍ରୁଶର ଚାରିଟି ବାହୁ ଆସି ମିଶିଛି, ଯେଉଁଠାରେ ଅଚିନ୍ତ୍ୟର ଆନନ୍ତ୍ୟ ଅଗଣିତ ପ୍ରକାଶ ମଧ୍ୟରେ ନିଜକୁ ପ୍ରସାରିତ କରିଦେବା ପାଇଁ କ୍ରମେ ବିଶିଷ୍ଟ ରୂପ ଧାରଣ କରିଛି ।''

ମନୁଷ୍ୟର ଭୂମି ମଧ୍ୟବର୍ତ୍ତୀ ଭୂମି, ତା'ର ଊର୍ଦ୍ଧ୍ୱରେ ରହିଛି ଦିବ୍ୟ-ଭୂମିଚୟ ଏବଂ ନିମ୍ନରେ ରହିଛି ଅର୍ଦ୍ଧାଲୋକିତ ଜଗତ୍ । ଉଭୟ ଜଗତର ସମ୍ମିଶ୍ରଣ ଓ ସୀମାର କ୍ଷେତ୍ରରେ ଛିଡ଼ା ହୋଇଛି ମନୁଷ୍ୟ । ମହାକାବ୍ୟ 'ସାବିତ୍ରୀ'ର ତୃତୀୟ ଖଣ୍ଡ, ଚତୁର୍ଥ ଅଧ୍ୟାୟ (Book -III, Canto IV)ରେ ଶ୍ରୀଅରବିନ୍ଦ ମନୁଷ୍ୟଜାତିର ନିୟତି ସମ୍ବନ୍ଧରେ ଯେଉଁ ଅପରୂପ ବର୍ଣ୍ଣନା କରିଛନ୍ତି ତାହାର କେତେକାଂଶ ଏଠାରେ ଉଦ୍ଧାର କଲେ ଆମର ବକ୍ତବ୍ୟ ବେଶ୍ ସ୍ପଷ୍ଟ ହୋଇଉଠିବ । ମନୁଷ୍ୟର ପରିସ୍ଥିତି ସମ୍ବନ୍ଧରେ ଶ୍ରୀଅରବିନ୍ଦ ଲେଖିଛନ୍ତି :

"Assailed on earth and unassured of heaven,
Descended here unhappy and sublime,
A link between the demigod and the beast,
He knows not his own greatness nor his aim;
He has forgotten why he has come and whence.
His spirit and his members are at war;
His heights break off too low to reach the skies,
His mass is buried in the animal mire.
A strange antinomy is his nature's rule.
A riddle of opposites is made his field:
Freedom he asks but needs to live in bonds,
He has need of darkness to perceive some light
And need of grief to feel a little bliss;
He has need of death to find a greater life.
All sides he sees and turns to every call;
He has no certain light by which to walk;
His life is a blind-man's-buff, a hide-and-seek;
He seeks himself and from himself he runs;
Meeting himself, he thinks it other than he.
Always he builds, but finds no constant ground,
Always he journeys, but nowhere arrives;
He would guide the world, himself he cannot guide;
He would save his soul, his life he cannot save.
The light his soul had brought his mind has lost;
All he has learned is soon again in doubt;
A sun to him seems the shadow of his thoughts,
Then all is shadow again and nothing true:
Unknowing what he does or whither he tends
He fabricates signs of the Real in Ignorance."

(*Savitri*, Book III, Canto IV, p. 336 - 337)

ଅର୍ଥାତ୍ :

''ଆକ୍ରାନ୍ତ ଧରଣୀ ପରେ, ଦେବଲୋକେ ନୁହେଁ ସେ ନିଶ୍ଚିତ,
ଆସିଛି ସେ ଅବତରି ଭୂମିତଳେ ଦୁଃଖୀ, ମହୀୟାନ୍,
ଅର୍ଦ୍ଧଦେବ, ପଶୁ ମଧ୍ୟେ ଯୋଗସୂତ୍ର, ମିଳନର ସେତୁ,
ଜାଣେ ନାହିଁ ଲକ୍ଷ୍ୟ କିସ ଅବା ତା'ର ସ୍ୱକୀୟ ମହିମା;
ଭୁଲିଛି ସେ କେଉଁ ଲୋକୁ ଅବା କାହିଁ ଆସିଛି ଏଠାରେ ।
ସଂଗ୍ରାମେ ନିରତ ତା'ର ଆତ୍ମା ସଙ୍ଗେ ଅବୟବରାଜି;

ଭାଜିପଡ଼ି ଅତି ନୀଚେ ତୁଙ୍ଗିମା ତା' ନ ଛୁଇଁ ଆକାଶ,
ସତ୍ତା ତା' ରହିଛି ଡୁବି ସୁଗଭୀରେ ପାଶବ କର୍ଦ୍ଦମେ ।
ଅଦ୍ଭୁତ ବିରୋଧ ତା'ର ପ୍ରକୃତିରେ କରେ ରାଜପଣ ।
ଜୀବନ-ଅଙ୍ଗନ ତା'ର ବିରଚିତ ବିରୋଧ ରହସ୍ୟେ :
ମୁମୁକ୍ଷୁ ସେ, ଚାହେଁ କିନ୍ତୁ ରହିବାକୁ ସୀମାର ବନ୍ଧନେ,
ଅନ୍ଧକାର ଲୋଡ଼ା ତା'ର ଦେଖିବାକୁ କିଞ୍ଚିତ୍ ଆଲୋକ
ଶୋକ ତା'ର ଆବଶ୍ୟକ ଭୋଗିବାକୁ ଟିକିଏ ଆନନ୍ଦ;
ବିଲୟେ ତା' ଥାଏ ଲୋଡ଼ା ପାଇବାକୁ ଉତ୍କୃଷ୍ଟ ଜୀବନ ।
ଦେଖେ ସେ ସମସ୍ତ ଦିଗ ମାତ୍ର ପ୍ରତି ଡାକେ ହୁଏ ଜାଗରିତ;
ଅଗ୍ରସର ହେବା ପାଇଁ ନାହିଁ ତା'ର ନିଶ୍ଚିତ ଆଲୋକ;
ଜୀବନ ତା' ଲୁଚକାଳି ଅନ୍ଧ-ଜନ ଉଚ୍ଚାରିତ ରବ;
ନିଜକୁ ଖୋଜେ ସେ କିନ୍ତୁ ନିଜଠାରୁ କରେ ପଳାୟନ;
ନିଜକୁ ସାକ୍ଷାତ୍ କରି ଭାବେ ତାହା ନିଜଠାରୁ ଆନ ।
ସଦା ସେ ବିରଚି କେବେ ପାଏ ନାହିଁ ଚିରନ୍ତନ ଭୂମି,
ଅବିରତ ଯାତ୍ରା କରି ପହଞ୍ଚି ସେ ପାରେ ନାହିଁ କାହିଁ;
ନିଜକୁ ପାରେନି ଚାଳି, ଇଚ୍ଛା ତା'ର ହେବ ବିଶ୍ୱଗୁରୁ;
ପ୍ରାଣକୁ ପାରେନି ତା'ରି, ଇଚ୍ଛା ହେବ ଆତ୍ମାର ତାରକ ।
ଆତ୍ମା ଯେ ଆଲୋକ ଆଣେ ମନ କାହିଁ ହରାଇଛି ତାହା;
ଯାହା ବା ଶିଖଇ ନର ଶୀଘ୍ର ପୁଣି ସଂଶୟରେ ଭାବେ;
ପ୍ରଭାକର ମନେହୁଏ ଭାବନାର ଛାୟା ବୋଲି ତାରେ,
ସବୁପୁଣି ହୁଏ ଛାୟା, ସତ ବୋଲି କିଛି ନାହିଁ ରହେ :
ନ ଜାଣି ସେ ନିଜ କର୍ମ ଅବା କେଉଁ ଦିଗେ ତା'ର ଗତି
ଯନ୍ତ୍ର ପରି ରଚୁଥାଏ ଅବିଦ୍ୟାରେ ସତ୍ୟର ସଙ୍କେତ ।''

ଅଜ୍ଞାନତା, ଅବିଦ୍ୟା, ମୂର୍ଖତା, ଧୃଷ୍ଟତା ମଧ୍ୟରେ ମନୁଷ୍ୟ ବୁଡ଼ି ରହିଛି । ତାହା ମଧ୍ୟରେ ସର୍ବୋତ୍ତମ ପ୍ରତିଷ୍ଠିତ ଆଲୋକ ହେଲା ତା'ର ମନଶ୍ଚେତନା । ଆଉ ଏହି ଚେତନା ଏକ ଅଜ୍ଞାନର କ୍ଷେତ୍ର । ଏହାର ଅର୍ଥ ବୁଦ୍ଧି ମଧ୍ୟରେ ଆଲୋକ ନାହିଁ, ସ୍ୱଷ୍ଟତା ନାହିଁ, ନିଶ୍ଚୟତା ନାହିଁ । ଯେପର୍ଯ୍ୟନ୍ତ ମନୁଷ୍ୟ ଏହି ସ୍ତରରେ ରହିଥିବ ଦୁଃଖ-ଯନ୍ତ୍ରଣା ମଧ୍ୟରେ ପଡ଼ିରହିବା ଅନିବାର୍ଯ୍ୟ । ଦୁଃଖକୁ ସେ ବହନ କରି ଚାଲିଛି । ଯେଉଁ ସୁଖ ଓ ଆନନ୍ଦର ସ୍ୱପ୍ନ ବା ଇଙ୍ଗିତ ସେ ପାଇଛି, ଏବେ ବି ତାହା ବାସ୍ତବତାରେ ପରିଣତ ହୋଇ ନାହିଁ ।

ଏହି ଭୂମିକାରୁ ଆମେମାନେ ସମାଧାନର ପଥ ଖୋଜି ପାଇବାର ଆଶା ଅଛି କି ? ଏ ସମ୍ବନ୍ଧରେ ଦୁଇଟି ପରସ୍ପର ବିରୋଧୀ ଉତ୍ତର ଦେଖାଦେବ । ପ୍ରଥମ : ମନୁଷ୍ୟ ଜୀବନର ଓ ସମସ୍ୟାର ସମାଧାନର କୌଣସି ବାଟ ନାହିଁ — ମନୁଷ୍ୟ ଯେଉଁ ସ୍ତରରେ ଅଛି ଏବଂ ସେ ଯାହା, ତାହାର ଯେ ବିଶେଷ କିଛି ପରିବର୍ତ୍ତନ ହେବ, ଏହି ଆଶା ସୁଦୂରପରାହତ । ଘୂର୍ଣ୍ଣାୟମାନ ଆବର୍ତ୍ତ ମଧ୍ୟରେ ମନୁଷ୍ୟ ଯୁଗ ଯୁଗ ଘୂରି ଚାଲିଛି ଓ ଚାଲିଥିବ । ମନୁଷ୍ୟର ଜନ୍ମହିଁ ଏକ ଅସାରତା, ବିଫଳତା ବା ନିରର୍ଥକତା । ଏ ପୃଥିବୀ ଓ ଜୀବନର କୌଣସି ବିଶେଷ ପରିଣାମ ନାହିଁ । ଦ୍ୱିତୀୟ ଉତ୍ତରଟି ହେଲା ମନୁଷ୍ୟ ପଶୁତ୍ୱର ଭୂମିକା ଧରି ଆସିଛି, କିନ୍ତୁ ଦିବ୍ୟତ୍ୱର ଆଲୋକ ବହନ କରି ଚାଲିଥିବାରୁ ଏବଂ ଯେହେତୁ ମନୁଷ୍ୟ ଯୁଗ ଯୁଗ ଧରି ଏହି ଦିବ୍ୟତ୍ୱ ପ୍ରାପ୍ତି, ଅମରତ୍ୱ ପ୍ରାପ୍ତି ନିମିତ୍ତ ଚେଷ୍ଟା କରୁଛି, ତାହା ମଧ୍ୟରେ ଏପରି କିଛି ଅଛି ଯଦ୍ୱାରା ଏହି କାର୍ଯ୍ୟ ସମାପ୍ତ ହେବ, ମନୁଷ୍ୟର ଅକଳନୀୟ ପ୍ରଚେଷ୍ଟା ଓ ଉଦ୍ୟମ ଦିନେ ସଫଳତା ଓ ବିଜୟଶ୍ରୀ ହାସଲ କରିବ । ମନୁଷ୍ୟ ଊର୍ଦ୍ଧ୍ୱତନ ଭୂମିରେ ଉଠିଯିବା କେବଳ ଯେ ଏକ ଆଶା ଓ ଆଶ୍ୱାସନାର ବାଣୀ ତାହା ନୁହେଁ, ଏହା ଅବଶ୍ୟମ୍ଭାବୀ । ପ୍ରଥମୋକ୍ତ ଉତ୍ତର ସମ୍ବନ୍ଧରେ ଆମର ବିଶେଷ କିଛି ଆଲୋଚନା କରିବାର ନାହିଁ, କାରଣ ସେ ଆଲୋଚନା ବି ନିରର୍ଥକ ଓ ଅସାର ହେବ । ପ୍ରଧାନ କଥା ହେଲା ଏହି ମତବାଦୀମାନେ ମନୁଷ୍ୟର ଯଥାର୍ଥ ସ୍ୱରୂପ ସମ୍ବନ୍ଧରେ କୌଣସି ଜ୍ଞାନାର୍ଜନ କରି ନାହାନ୍ତି ଏବଂ ମନୁଷ୍ୟର ଅନ୍ତର୍ଜଗତ୍ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଅଜ୍ଞ ।

*

ଏକ ଧ୍ରୁବ, ଶାଶ୍ୱତ, ଅବିନଶ୍ୱର, ଅଖଣ୍ଡ, ଦିବ୍ୟ ମହାଚେତନାହିଁ ଏହି ସୃଷ୍ଟିର ମୂଳ ଉପାଦାନ ଓ ଉତ୍ସାରିଣୀ ଶକ୍ତି । ନାନା ସ୍ତରରେ, ନାନା ଭାବରେ, ନାନା ରୂପରେ, ନାନା ଭଙ୍ଗୀରେ ଏହି ଅବ୍ୟୟ, ସନାତନ ସତ୍ୟଚେତନାହିଁ ନିଜକୁ ପ୍ରକାଶିତ ଓ ଲୀଳାୟିତ କରି ଚାଲିଛି । ଯାହା ଆମେମାନେ ଚତୁର୍ଦ୍ଦିଗରେ ଦେଖୁଛୁ, ସବୁକିଛିହିଁ ଚେତନାର ଭୂମି, ଚେତନାର ସ୍ତର, ଚେତନାର ଆଧାର, ଚେତନାର ଯନ୍ତ୍ର ବା ବାହକ । ଜଡ଼ ବୋଲି ଆମେମାନେ ଯାହାକୁ କହୁ ତାହା ମଧ୍ୟରେ ସେହିଁ ଅଖଣ୍ଡ ଚେତନା, ଶକ୍ତି, ସାମର୍ଥ୍ୟ ରୂପେ ବିଦ୍ୟମାନ — ତାହାର ପ୍ରକାଶ ଅବଗୁଣ୍ଠିତ, ଆଚ୍ଛାଦିତ, ସୁପ୍ତ, ନିଦ୍ରିତ; ଯେପରି ଘୋର ତନ୍ଦ୍ରାଚ୍ଛନ୍ନ, ବିମୁଗ୍ଧ ନିଦ୍ରାଗ୍ରସ୍ତ । ଜଡ଼ର ନିଷ୍ପଳତା, ସ୍ଥୂଳତା, ଘନତା ଓ କଠିନତା ମଧ୍ୟରେ ଚେତନାର ଯେପରି ବିଲୋପ ଘଟିଛି । ମାତ୍ର ଏହି କ୍ଷେତ୍ରରେ ଚେତନାର ପ୍ରକାଶ ସମାପ୍ତ

ନହୋଇ ବିବର୍ତ୍ତନର ଧାରାରେ ତାହାର ଅଭ୍ୟୁତ୍‌ଥାନ ଘଟିଛି ଉଭିଦ ଓ ପଶୁଜଗତରେ । ପ୍ରାଣର ସ୍ପର୍ଶରେ ଏହି ନିଥର, ନିଷ୍ପନ୍ଦ ଚେତନା ପ୍ରାଣବନ୍ତ, ସବୁଜ, ସ୍ପନ୍ଦନଶୀଳ ହୋଇଉଠିଛି । ଏହିଠାରେ ପ୍ରାଣଭୂମିରେ ପ୍ରାଣର ଅବତରଣ ଘଟିଛି ଏବଂ ଜଡ଼ ମଧରେ ଯେଉଁ ଚେତନା ଉର୍ଦ୍ଧ୍ୱାୟନର ପଥ ଖୋଜୁଥିଲା, ତାହା ଜାଗ୍ରତ୍ ହୋଇ ଉଠିଛି ଜଡ଼ ମଧରେ, ସେଥିପାଇଁ କୁହାଯାଏ ପ୍ରାଣର ଉଦ୍ଭବ ହେଲା । ଜଡ଼ ପ୍ରାଣର ତରଙ୍ଗରେ ତରଙ୍ଗାୟିତ ହୋଇ ଜୀବନ୍ତ ଓ ସମୃଦ୍ଧିଶାଳୀ ହୋଇଉଠିଲା । କିନ୍ତୁ ଏହିଠାରେ ବିବର୍ତ୍ତନର ଧାରା ଥମିଗଲା ନାହିଁ । ଜଡ଼ ଓ ପ୍ରାଣର ଭୂମିକୁ ଅତିକ୍ରମ କରି ଚେତନା ପ୍ରବେଶ କଲା ମନର ଭୂମିରେ । ମନଃଶକ୍ତି ଉର୍ଦ୍ଧ୍ୱଭୂମିରୁ ଅବତରଣ କରି ପ୍ରାଣଭୂମିକୁ ସ୍ପର୍ଶ କରିବା ମାତ୍ରେ ଯେଉଁ ଅସ୍ପଷ୍ଟ, ଅର୍ଦ୍ଧସ୍ଫୁଟିତ ମନ-ପ୍ରାଣର ସବୁଜ ତରଙ୍ଗ ଓ ପ୍ରବୃତ୍ତିର ସ୍ରୋତ ମଧରେ ଲୁକ୍‌କାୟିତ ଥିଲା ତାହା ଫୁଟି ଉଠିଲା । କ୍ରମଶଃ ଖୋଲିଯାଇ ଉର୍ଦ୍ଧ୍ୱଭୂମିକୁ ଉଠିଗଲା । ପ୍ରାଣୀ ଜଗତ୍ ମଧରେ ଦେଖାଦେଲା ମନୋମୟ ସତ୍ତାବିଶିଷ୍ଟ ଜୀବ ବା ମନୁଷ୍ୟ । ମନୁଷ୍ୟହିଁ ଆଜି ବିବର୍ତ୍ତନଧାରାର ଶିଖର ଦେଶରେ ଦଣ୍ଡାୟମାନ, ସେହିଁ ପ୍ରକୃତିର ଏ ଅବଧି ଚରମ ସୃଷ୍ଟି, ଚରମ ପରିଣାମ । କିନ୍ତୁ ପ୍ରକୃତିର ଏହି ପରିଣାମ ଅସମ୍ପୂର୍ଣ୍ଣ – ଚରମ ବା ଶ୍ରେଷ୍ଠ ଉଦ୍ଭାବନ ନୁହେଁ । ତାହା ମଧରେ ଯେଉଁ ଚେତନାର ସ୍ଫୁରଣ ଓ ବିକାଶ ଫଳରେ ବିବର୍ତ୍ତନର ଧାରାରେ ଜଡ଼, ପ୍ରାଣ – ପ୍ରାଣଠାରୁ ମନର ସୃଷ୍ଟି ହୋଇଛି ସେହି ଚେତନାର ସ୍ଫୁରଣ ଓ ପ୍ରକାଶ ମନୋଭୂମିରେ ନିଃଶେଷ ହୋଇଯାଇ ନାହିଁ ବା ତାହାର ଗତିଧାରା ଥମିଯାଇ ନାହିଁ । ମନର କ୍ଷେତ୍ରରେ ଚେତନାର ପୂର୍ଣ୍ଣ ପ୍ରକାଶ ନାହିଁ, ନିଶ୍ଚିତତା ନାହିଁ, ସାବଲୀଳତା ବା ସାମର୍ଥ୍ୟ ମଧ ନାହିଁ । ଯାହା ପୂର୍ଣ୍ଣ ତାହା ଅଖଣ୍ଡ, ତାହା ଅମୃତ ଓ ଅନନ୍ତ । ଚେତନା ଆଦ୍ୟ-ଭୂମିରେ, ଉର୍ଦ୍ଧ୍ୱ-ଭୂମିରେ ପୂର୍ଣ୍ଣ, ଅଖଣ୍ଡ ଓ ଅମୃତମୟ । ଯେପର୍ଯ୍ୟନ୍ତ ଚେତନା ନିମ୍ନଭୂମିରୁ ଫେରିଯାଇ ଏହି ଭୂମିରେ ପ୍ରବେଶ ନକରିଛି, ସେପର୍ଯ୍ୟନ୍ତ ବିବର୍ତ୍ତନର ସତ୍ୟ ଓ ରହସ୍ୟ ପୂର୍ଣ୍ଣାଙ୍ଗତା ପ୍ରାପ୍ତ ହୋଇ ନାହିଁ । ଚେତନାର ଅର୍ଥହିଁ ଜ୍ୟୋତିର୍ମୟତା । ନିଜସ୍ୱ ଭୂମିରେ ଚେତନା ବିଜ୍ଞାନମୟ, ପୂର୍ଣ୍ଣ ପ୍ରଜ୍ଜ୍ୱଳ ଓ ପୂର୍ଣ୍ଣ ସାମର୍ଥ୍ୟଯୁକ୍ତ । ମନର ଭୂମିରେ ଚେତନାର ଏହି ପୂର୍ଣ୍ଣ ଜ୍ୟୋତିର୍ମୟତା, ପୂର୍ଣ୍ଣ ପ୍ରଜ୍ଜ୍ୱଳତା ପ୍ରକାଶ ପାଇ ନାହିଁ । ବିବର୍ତ୍ତନର ଧାରା ଏହି ଦିଗରେ ଅଗ୍ରସର ହେଉଅଛି ।

ଅତଏବ ସମାଧାନର ପଥ ହେଲା ଚେତନାକୁ ଜ୍ୟୋତିର୍ମୟ, ଜ୍ଞାନମୟ ଓ ଆଲୋକିତ କରିବା, ବିଶାଳତା ଓ ବ୍ୟାପକତାର ଭୂମିରେ ନିଜକୁ ଅଧିଷ୍ଠିତ କରିବା । ଅଜ୍ଞାନ, ଅଚେତନ ବା ଅର୍ଦ୍ଧଜ୍ଞାନର ଭୂମିରେ କୌଣସି ସମାଧାନ ନାହିଁ, କୌଣସି ପଥ ନାହିଁ, କୌଣସି ମୁକ୍ତି ନାହିଁ । ସକଳ କ୍ଷେତ୍ରରେ ଏହି ଏକହିଁ ସୂତ୍ର ପ୍ରଯୁଜ୍ୟ; ଚେତନାର ଜ୍ଞାନମୟତାହିଁ ମନୁଷ୍ୟଜାତିର ସେବା, ଦେଶ ଓ ଦଶର ମୁକ୍ତିର ପଥ ।

... ଓଡ଼ିଶା ପ୍ରାନ୍ତୀୟ ଶ୍ରୀଅରବିନ୍ଦ ସୋସାଇଟିର ଅଧିବେଶନ ଉପଲକ୍ଷେ ଶ୍ରୀମା ଯେଉଁ ବାଣୀ ଦେଇଛନ୍ତି ତହିଁରେ ଏହା ଖୁବ୍ ସ୍ପଷ୍ଟ କରିଛନ୍ତି :

"The effort to increase and enlighten the consciousness is the best way to serve the country."

ଅର୍ଥାତ୍, ''ଚେତନାକୁ ସମ୍ପ୍ରସାରିତ ଓ ଜ୍ଞାନଦୀପ୍ତ କରିବାର ପ୍ରୟାସହିଁ ଦେଶସେବାର ଶ୍ରେଷ୍ଠ ଉପାୟ ।''

(ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ, ଦ୍ୱିତୀୟ ଖଣ୍ଡ, ପୃ. ୩୧୧ - ୩୧୬)

ଆମେ କୌଣସି ସମ୍ପ୍ରଦାୟ, କୌଣସି ଧର୍ମ ବିରୋଧରେ ସଂଘର୍ଷ କରୁନା ।
ଆମେ କୌଣସି ସରକାର ବା ଶାସନ ବ୍ୟବସ୍ଥା ବିରୋଧରେ ସଂଘର୍ଷ କରୁନା ।
ଆମେ କୌଣସି ସାମାଜିକ ଶ୍ରେଣୀ ବିରୋଧରେ ସଂଘର୍ଷ କରୁନା ।
ଆମେ କୌଣସି ଦେଶ, ଜାତି ବା ସଭ୍ୟତା ବିରୋଧରେ ସଂଘର୍ଷ କରୁନା ।
ଆମେ ସଂଘର୍ଷ କରୁ ବିଭାଜନ, ଅଚେତନା, ଅଜ୍ଞାନତା, ଜଡ଼ତା ଓ ମିଥ୍ୟାଚାର ବିରୋଧରେ ।

– ଶ୍ରୀମା

# ବେଦ ଓ ମାନବ ନିୟତି

## ସତ୍‌ପ୍ରେମ

''ମୋର ଯୋଗ ମୋ' ନିଜ ପାଇଁ ନୁହେଁ, ମୁଁ କିଛି ବି ଚାହେଁନା ଏବଂ ମୁଁ ମୁକ୍ତି ବା ଅନ୍ୟ କିଛି ଚାହେଁନା, ମୋର ଯୋଗ ପାର୍ଥିବ ଚେତନାର ରୂପାନ୍ତର ପାଇଁ ଏକ ପଥ ଉନ୍ମୋଚନ କରିବା ନିମିତ୍ତ ।''

– ଶ୍ରୀଅରବିନ୍ଦ

('ନୀରଦବରଣଙ୍କ ସହ ବାର୍ତ୍ତାଳାପ')

ହଜାର ହଜାର ବର୍ଷ ପୂର୍ବେ, ଶ୍ରୀଅରବିନ୍ଦ ଯାହା ସଂସିଦ୍ଧ କରିବାକୁ ଆସିଥିଲେ, ପ୍ରାଗ୍-ଐତିହାସିକ ସମୟରେ ବୈଦିକ ଋଷିମାନେ ତାହାହିଁ ଘୋଷଣା କରିଥିଲେ ।

''ବୟନ କର ଏକ ପବିତ୍ର କର୍ମ,
ମାନବ ହୋଇଉଠ, ସୃଷ୍ଟିକର ଭାଗବତ ଜାତି
ସତ୍ୟଦ୍ରଷ୍ଟା ତୁମେ,
ଶାଣିତ କର ଉଜ୍ଜ୍ୱଳ ବର୍ଚ୍ଛାସକଳଙ୍କୁ,
ଯାହା ଦ୍ୱାରା ତୁମେ ପରିଷ୍କାର କରିବ
ଅମୃତର ପଥ,
ସକଳ ଗୋପନ ସ୍ତରର ଜ୍ଞାତା ତୁମେ,
ଦେବତାମାନେ ଯେଉଁ ପଥ ଦେଇ
ଅମୃତ ଲାଭ କରିଥିଲେ,
ସେହି ପାହାଚଗୁଡ଼ିକ ଗଠନ କର ।''

(ଋକ୍‌ବେଦ, ୧୦-୫୩)

ଆଦାମ୍‌ଙ୍କ ସମୟଠାରୁ ବୋଧହୁଏ ଆମେମାନେ ଜ୍ଞାନବୃକ୍ଷର ଫଳ ଖାଇବା ପାଇଁ ସ୍ଥିର କରିଛେ, କିନ୍ତୁ ଏହି ପଥରେ ଅଧା ଅଧା କାମ ଚଳିବ ନାହିଁ, କାରଣ ଆମେ ଯଦି ଏକ ପ୍ରକାର ମିଥ୍ୟା ବିନୟ ସହିତ ଧୂଳି ଧୂସରିତ ହୋଇ ରହୁ, ତେବେ ଆମମାନଙ୍କ ଭିତରେ ରହିଥିବା ଅସୁର ବା ନିମ୍ନତର ସତ୍ତାମାନେ ଆମ ହାତରୁ ଶକ୍ତିକୁ ଛଡ଼ାଇ ନେବାକୁ ପ୍ରସ୍ତୁତ ହୋଇ ରହିବେ । ସେମାନେ ବର୍ତ୍ତମାନ ତାହାହିଁ କରୁଛନ୍ତି, ସେମାନେ ଆମ ଭିତରେ ରହିଥିବା ଈଶ୍ୱରଙ୍କୁ ବି ଧ୍ୱଂସ କରି ଦେବେ । ପ୍ରଶ୍ନ ହେଉଛି, ଆମେ ଏକଥା ସ୍ଥିର କରିବା ଉଚିତ ଯେ, ଆମେ କ'ଣ ଏହି ପୃଥିବୀକୁ ଅନ୍ଧକାର ହାତରେ ଛାଡ଼ିଦେବା ଓ ପୁନର୍ବାର ଆମର ବିଭିନ୍ନ ସ୍ୱର୍ଗ ମଧ୍ୟକୁ ପଳାୟନ କରିବା ନା ସେହି ଶକ୍ତିକୁ ଧାରଣ କରିବାକୁ ଚାହିଁବା, ଏହାକୁ ଖୋଜି ପାଇବା, ଯେପରିକି ଆମେ ଏହି ପୃଥିବୀକୁ ଏକ ଦିବ୍ୟତର ରୂପରେ ପୁନର୍ବାର ଗଢ଼ି ତୋଳିବା, ଋଷିମାନଙ୍କ ଭାଷାରେ, ''ସ୍ୱର୍ଗ ଓ ପୃଥିବୀକୁ ସମାନ ଓ ଏକ'' କରିପାରିବା ।

ଏହା ସ୍ପଷ୍ଟ ଯେ ଗୋଟିଏ ରହସ୍ୟ ରହିଛି । ଋଷିମାନେ, ପାରସ୍ୟର ମାଜାଇ (Magi of Persia), ଚାଲ୍‌ଡିଆର (Chhaldear), ମେମ୍‌ଫିସ୍ (Memphis) ବା ୟୁକାଟନ୍, (Youcaton)ର ପୁରୋହିତମାନେ, ଆମର କେଲ୍‌ଟ (Celts)ର ଧର୍ମଯାଜକମାନେ ଏବଂ ଅନ୍ୟାନ୍ୟ ସମସ୍ତ ଧାର୍ମିକ ପରମ୍ପରା ଏହାର ସାକ୍ଷୀ, ଆମେ ସବୁ କିଛି ଭୁଲି ଯାଇଛୁ, ଆମେ ମୂଳ ଶବ୍ଦଟିକୁ (Word) ହରାଇ ପକାଇଛୁ ।

''ମୁଁ ପ୍ରତ୍ୟକ୍ଷ କରିଛି ସତ୍ୟକୁ, ଧର୍ମକୁ, ବିଶାଳକୁ,
ଯେଉଁଠାରୁ ଆମେ ଆସିଛୁ ଓ ଆମେ ତାହାହିଁ ।
ମୁଁ ଶୁଣିଛି, ଯୁଗ ଯୁଗର ଅତୀତର ଯୁଗସମୂହ
ଅସ୍ଫୁଟ ସ୍ୱରରେ କହୁଛନ୍ତି ସେମାନଙ୍କର ଇତିହାସ,
ମୁଁ ସେମାନଙ୍କର ମୂଳ ଶବ୍ଦକୁ ଜାଣିଛି ।''

(Collected Poems, Sri Aurobindo, Vol. 5, p. - 303)

ଆମର ଏହି ମାନସିକ ମାନବଜାତିର ଇତିହାସ ପୂର୍ବରୁ ସତ୍ୟର ଯୁଗ ଓ ବୋଧିର ଯୁଗ ଆସିଥିଲା । ଆମର ଐତିହ୍ୟର ଜୀର୍ଣ୍ଣ ଅବଶେଷକୁ ଦେଖି ବିଚାର କଲେ ଜଣାଯାଏ ଏହି ଜଗତରେ ଆମର ଶୈଶବ ଏକ ଝଲକ ଦ୍ୱାରା ଆଲୋକିତ ହୋଇଥିଲା । ଯେପରିକି ଆମର ସ୍ୱପ୍ନସବୁ ଯୁକ୍ତିବୁଦ୍ଧି ଦ୍ୱାରା ନଷ୍ଟ ହୋଇଯିବା ପୂର୍ବରୁ ଆମର ସଂକ୍ଷିପ୍ତ ମାନବୀୟ ଶୈଶବ ଆଲୋକିତ ହୋଇଉଠେ, କିଂବା ଯେପରି ଏକ ସତ୍ୟ ସନ୍ଧାନୀର ଅନୁସନ୍ଧାନ ବେଳରେ ମୁହୂର୍ତ୍ତକ ପାଇଁ ଏକ ଉଜ୍ଜ୍ୱଳ ଆଲୋକ ଆବରଣକୁ ଉନ୍ମୁକ୍ତ କରିଦିଏ, ମନେହୁଏ ତାକୁ ଯେପରି କେହି ଦେଖାଇ ଦେଉଛି ''ତୁମେ ଏହି ଲକ୍ଷ୍ୟ ଦିଗରେ ଯାଉଛ ।''

ତା'ପରେ ପୁଣି ସବୁକିଛି ବନ୍ଦ ହୋଇଯାଏ । ପୁଣି ଆମେ ବର୍ଷ ବର୍ଷ ଓ ଶତାବ୍ଦୀର ଧୀର କଷ୍ଟସାଧ୍ୟ ପଦକ୍ଷେପ ଭିତରେ ରହିଯାଉ, ଆମେ ପୁଣି ଏକ ଶିଶୁର ସତ୍ୟକୁ ଆବିଷ୍କାର କରୁ । ମାନବୀୟ ଯୁକ୍ତିବୁଦ୍ଧିର ଦୀର୍ଘ ପଥରେ ଆମେ ଚାଲି ଆସିଛୁ । ମୂଳ ଶବ୍ଦଟିକୁ (Word) ପୁନରାବିଷ୍କାର କରିବାର ବେଳ ଆସି ଯାଇଛି । ବର୍ତ୍ତମାନ ମାନବଜାତି ଏକ ବିବର୍ତ୍ତନଗତ

ସଙ୍କଟ ମଧ୍ୟ ଦେଇ ଗତି କରୁଛି, ଯାହା ମଧ୍ୟରେ ତା'ର ନିୟତିର ମନୋନୟନର ଏକ ପ୍ରଶ୍ନ ଲୁକ୍କାୟିତ ହୋଇ ରହିଛି । କାରଣ ବର୍ତ୍ତମାନ ଏପରି ଏକ ପର୍ଯ୍ୟାୟ ଉପସ୍ଥିତ ହୋଇଛି, ଯେଉଁଠାରେ ମଣିଷର ମନ କେତେକ ନିର୍ଦ୍ଦିଷ୍ଟ ଦିଗରେ ଖୁବ୍ ଉନ୍ନତି କରିଛି, ଅନ୍ୟ କେତେକ ଦିଗରେ ପ୍ରତିହତ ଓ ହତବୁଦ୍ଧି ହୋଇ ଯାଇଛି, ପଥ ଖୋଜି ପାଉ ନାହିଁ । ସଭ୍ୟତାର ଏପରି ଏକ ପଦ୍ଧତି ମଣିଷ ସୃଷ୍ଟି କରିଛି ଯାହା ତା'ର ସୀମାବଦ୍ଧ ମାନସିକ କ୍ଷମତା ଓ ବୁଝାମଣା ପାଇଁ ଖୁବ୍ ଅଧିକ ହୋଇ ଯାଉଛି ଏବଂ ତା'ର ଆହୁରି ସୀମିତ ଆଧ୍ୟାତ୍ମିକ ଓ ନୈତିକ କ୍ଷମତା ଦ୍ୱାରା ଏହି ପଦ୍ଧତିକୁ ବ୍ୟବହାର କରିବା ଓ ଉପଯୋଗ କରିବା ମଧ୍ୟ ତା' ଲାଗି ଅତ୍ୟଧିକ ହୋଇ ପଡ଼ିଛି । କାରଣ ମଣିଷଜାତି ଉପରେ ଯେଉଁ ଭାର ଲଦି ଦିଆଯାଇଛି ତାହା ତା'ର ବର୍ତ୍ତମାନର ବ୍ୟକ୍ତିତ୍ୱର କ୍ଷୁଦ୍ରତା ପାଇଁ ଖୁବ୍ ବିରାଟ । ଏହି ନୂତନ ଯନ୍ତ୍ର ଓ ସଙ୍ଗଠନ ମାନବଜାତିର ପୁରାତନ ଅଣ-ଆଧ୍ୟାତ୍ମିକ ଓ ଅଯୌକ୍ତିକ ପ୍ରାଣସତ୍ତାର ସେବା କରିବାରେ ବ୍ୟବହୃତ ହେଉଛି । ତେଣୁ ଏହି ଜାତିର ନିୟତି ଏକ ବିପଜ୍ଜନକ ପର୍ଯ୍ୟାୟ ଭିତରକୁ ଯାଉଛି ବୋଲି ମନେ ହେଉଛି । ଏହା ଯଦି ଏକ ସାମୟିକ ପରିସ୍ଥିତି ହୋଇଥାଏ ଏବଂ ଯଦି ଗୋଟିଏ ସହନୀୟ ସାଙ୍ଗଠନିକ ସୁଯୋଗ ମିଳେ ଯାହା ଦ୍ୱାରା ମାନବଜାତି ତା'ର ଯାତ୍ରା ପଥରେ କମ୍ ବିପଦର ସମ୍ମୁଖୀନ ହୋଇ ପାରିବ, ତେବେ ବି ଏହା ଏକ ସାମୟିକ ବିରାମ ହେବ । କାରଣ ସମସ୍ୟାଟି ମୌଳିକ, ମନୁଷ୍ୟର ପ୍ରକୃତି ଏହା ଦ୍ୱାରା ଏକ ଚରମ ନିର୍ବାଚନର ସମ୍ମୁଖୀନ ହେଉଛି ଯାହାକୁ ଦିନେ ନା ଦିନେ ସମାଧାନ କରିବାକୁ ହେବ । ଅନ୍ତତଃ ଯଦି ଏହି ଜାତିକୁ ତା'ର ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ହୁଏ କିଂବା କେବଳ ନିଜର ଅସ୍ତିତ୍ୱ ବଜାୟ ରଖିବାକୁ ହୁଏ ।

ଶ୍ରୀଅରବିନ୍ଦ ପୁନରାବୃତ୍ତି କରୁଛନ୍ତି, ''ପ୍ରାଣୀଙ୍କର ଜୀବନ ଉପରେ କାର୍ଯ୍ୟ କରୁଥିବା 'ମନ'ର ବିବର୍ତ୍ତନ, ମନର କାର୍ଯ୍ୟ-କଳାପରେ ଏବଂ ଜଡ଼ ପଦାର୍ଥର ଉପଯୋଗିତାର ଏକ ସଙ୍ଗଠନ ଗଢ଼ି ତୋଳିଛି, ଯାହା ଏକ ଆନ୍ତରିକ ପରିବର୍ତ୍ତନ ବ୍ୟତୀତ ମନୁଷ୍ୟର କ୍ଷମତାକୁ ଆଉ ଧାରଣ କରିପାରୁ ନାହିଁ ।''

(The Life Divine)

ଶ୍ରୀଅରବିନ୍ଦ ସେହି ଚାବିକାଠିଟିକୁ ଆବିଷ୍କାର କରିଥିଲେ ଯାହା ଆମ ପାଇଁ ଚେତନାର ପରିବର୍ତ୍ତନ ଆଣି ଦେବ । ସେହି ଏକହିଁ ସମୟରେ ସେ ଅନେକ ମହାନ୍ ପରମ୍ପରାକୁ ଆବିଷ୍କାର କରିଥିଲେ, ବିଶେଷତଃ ବେଦର ରହସ୍ୟର ଚାବିକାଠିଟିକୁ ମଧ୍ୟ ଆବିଷ୍କାର କରିଥିଲେ । ସେ ଆମର ଅତୀତ ଉପରେ ଯେଉଁ ଆଲୋକପାତ କରିଛନ୍ତି ତାହା ଭବିଷ୍ୟତର ବିବର୍ତ୍ତନର ସମ୍ଭାବନା ଦ୍ୱାରା ଆମ ବର୍ତ୍ତମାନର ପରିସ୍ଥିତିକୁ ବୁଝିବାରେ ସାହାଯ୍ୟ କରିବ । କିନ୍ତୁ ଆମେ ଯଦି ଭାବୁ ଯେ ଶ୍ରୀଅରବିନ୍ଦ ପୁରାତନ ପରମ୍ପରାର ପୁନରୁଦ୍ଧାର କରିବାକୁ ଆସିଥିଲେ, ତେବେ ଆମେ ଏକ ବିରାଟ ଭୁଲ୍ କରି ବସିବା । ''ଅତୀତର ଉଷାକାଳମାନଙ୍କ ସହିତ ନୁହେଁ, ଆମେ ଭବିଷ୍ୟତର ମଧ୍ୟାହ୍ନମାନଙ୍କ ସହିତ ସଂଯୁକ୍ତ ।'' (Essays on the Gita) କିଂବା ଆମେ ଯଦି ଭାବିବା ତାଙ୍କର କର୍ମ ବେଦ ସହିତ ସଂଯୁକ୍ତ ଥିଲା ତାହା ମଧ୍ୟ ଭୁଲ୍ ହେବ । କାରଣ ସେ ଯଦି ସଂସ୍କୃତ ଜାଣି ନଥା'ନ୍ତେ, ତେବେ ମଧ୍ୟ ତାଙ୍କର ଜୀବନ କିଂବା କର୍ମ ଆଦୌ ପରିବର୍ତ୍ତିତ ହୋଇ ନଥା'ନ୍ତା । ତାଙ୍କର ପ୍ରାଚୀନ ଆବିଷ୍କାରସବୁ ଏକ କେନ୍ଦ୍ରୀୟ ଆବିଷ୍କାରର ଉପସିଦ୍ଧାନ୍ତ, ଯାହା ଆମର ସମଗ୍ର ଇତିହାସକୁ ଭବିଷ୍ୟତର ଏକ ପ୍ରସ୍ଫୁଟନ ଭାବରେ ପ୍ରଦର୍ଶିତ କରିଛି, ଯାହାର ମୂଳ ନିମ୍ନରେ ନାହିଁ, ଊର୍ଦ୍ଧ୍ୱରେ ରହିଛି – ଶାଶ୍ୱତ ଉପଲବ୍ଧି ମଧ୍ୟରେ । ବୈଦିକ ଋଷିମାନେ ମଧ୍ୟ ଏହା ଦେଖିଥିଲେ ।

''ସମୟର ଗଭୀର ହୃଦୟରେ ଉଚ୍ଚ ଉଦ୍ଦେଶ୍ୟ ସକଳ ବଞ୍ଚି ରହନ୍ତି ଓ ବିଚରଣ କରନ୍ତି ।

(Savitri, p. 168)

ଯେତେବେଳେ ଶ୍ରୀଅରବିନ୍ଦ ପ୍ରଥମଥର ପାଇଁ ପାଶ୍ଚାତ୍ୟ ସଂସ୍କୃତଜ୍ଞମାନଙ୍କର ବା ଭାରତୀୟ ପଣ୍ଡିତମାନଙ୍କର ଅନୁବାଦର ବେଦ ପାଠ କଲେ, ସେ ସେଥିରେ କେବଳ ଭାରତର ଇତିହାସ ପାଇଁ ଏକ ଆକର୍ଷଣୀୟ ଦଲିଲ ଦେଖିଲେ, ''କିନ୍ତୁ ଚିନ୍ତାଧାରାର ଇତିହାସ ପାଇଁ ବା ଏକ ଜୀବନ୍ତ ଆଧ୍ୟାତ୍ମିକ ଅଭିଜ୍ଞତା ପାଇଁ ତାହାର ମୂଲ୍ୟ ଓ ଗୁରୁତ୍ୱ ଖୁବ୍ କମ୍ ଥିଲା ।'' (The Secret of the Veda, Chapter - X, p. 34) ପନ୍ଦର ବର୍ଷ ପରେ ୧୯୧୦ ମସିହାରେ, ପଣ୍ଡିଚେରୀରେ ଶ୍ରୀଅରବିନ୍ଦ ମୂଳ ବେଦ ପାଠ କରିଥିଲେ ଏବଂ ସେଥିରେ ''ଆଧ୍ୟାତ୍ମିକ ଅଭିଜ୍ଞତାର ଓ ଚିନ୍ତାଧାରାର ସବୁଠାରୁ ମୂଲ୍ୟବାନ୍ ସୁବର୍ଣ୍ଣ ପ୍ରବାହ''କୁ ଆବିଷ୍କାର କଲେ । (Secret of the Veda) । ଏହା ମଧ୍ୟରେ ତାଙ୍କର ଅନେକଗୁଡ଼ିଏ ମନସ୍ତାତ୍ତ୍ୱିକ ଅଭିଜ୍ଞତା ହୋଇଥିଲା ଯାହା ପାଇଁ ''ମୁଁ ୟୁରୋପୀୟ ମନସ୍ତତ୍ତ୍ୱ କିଂବା ଯୋଗ ବା ବେଦାନ୍ତ ଶିକ୍ଷା ଭିତରେ କୌଣସି ଅର୍ଥ ବା କୈଫିୟତ୍ ପାଇପାରୁ ନଥିଲି, ଅଥଚ ସେସବୁକୁ ବେଦର ମନ୍ତ୍ରହିଁ ଏକ ନିର୍ଦ୍ଦିଷ୍ଟ, ସ୍ୱଷ୍ଟ ଆଲୋକରେ

ଆଲୋକିତ କରିଥିଲା ।'' (Secret of the Veda) । ତାଙ୍କର ଏହି ଅଭିଜ୍ଞତାଗୁଡ଼ିକ ଦ୍ୱାରାହିଁ ଶ୍ରୀଅରବିନ୍ଦ ନିଜର ଅଭ୍ୟନ୍ତରରୁ ବେଦର ପ୍ରକୃତ ଅବବୋଧକୁ ଆବିଷ୍କାର କରିଥିଲେ । (ଚାରିଟି ବେଦ ଭିତରୁ ପ୍ରାଚୀନତମ ଋଗ୍‌ବେଦକୁ ସେ ବିଶେଷ ଭାବରେ ଅଧ୍ୟୟନ କରିଥିଲେ । ସେ ସ୍ୱୀକାର କରିଥିଲେ ଯେ ସେ ଯାହାକିଛିକୁ ପ୍ରତ୍ୟକ୍ଷ ଭାବରେ ଲାଭ କରିଥିଲେ, ବେଦ ସେସବୁକୁ ଦୃଢ଼ ସମର୍ଥନ କରିଥିଲା । ଋଷିମାନେ କହି ନଥିଲେ କି ''ଗୋପନ ରହସ୍ୟର ଶବ୍ଦରାଜି ନିଜ ଅନ୍ତରର ଅର୍ଥକୁ ଦ୍ରଷ୍ଟା ନିକଟରେ ନିଜେହିଁ ଉଚ୍ଚାରଣ କରନ୍ତି ।''

(ଋଗ୍‌ବେଦ, ୪,୩,୧୬)

ବେଦର ଯେଉଁସବୁ ଭାଷ୍ୟକାର ରହିଥିଲେ, ସେମାନେ କହିଥିଲେ ଯେ ବେଦ କେବଳ ଅଗ୍ନିଙ୍କୁ ପ୍ରସନ୍ନ କରିବା ପାଇଁ କ୍ରିୟାନୁଷ୍ଠାନ ଏବଂ ଜଳ, ଅଗ୍ନି, ଉଷା, ଚନ୍ଦ୍ର, ସୂର୍ଯ୍ୟ ଇତ୍ୟାଦି ଦେବତାମାନଙ୍କ ପାଇଁ ଅବୋଧ ମନ୍ତ୍ରର ଏକ ସଂକଳନ ବ୍ୟତୀତ ଆଉ କିଛି ନୁହେଁ । ଏବଂ ବେଦରେ ଥିବା ମନ୍ତ୍ରଗୁଡ଼ିକର ଲକ୍ଷ୍ୟ ଥିଲା ଲୋକଙ୍କ ନିମିତ୍ତ ବର୍ଷା ଓ ଉନ୍ନତମାନର ଫସଲ, ପୁତ୍ରସନ୍ତାନ ଲାଭ, ଭ୍ରମଣ ପାଇଁ ଆଶୀର୍ବାଦ, 'ସୂର୍ଯ୍ୟଙ୍କର ଅପହରଣକାରୀ'ମାନଙ୍କ କବଳରୁ ରକ୍ଷା କରିବା । ସତେ ଯେପରି ସେହିସବୁ ମେଷପାଳକମାନେ ଏତେ ବେଶୀ ବର୍ବର ଥିଲେ ଯେ ସେମାନଙ୍କର ଭୟ ଥିଲା ଯେକୌଣସି ଏକ ଅଶୁଭ ଦିନରେ ସେମାନଙ୍କର ସୂର୍ଯ୍ୟ ଚିରକାଳ ପାଇଁ ଅପହୃତ ହୋଇଯିବ ଯାହା ଆଉ ଥରେ ଉଦୟ ହେବ ନାହିଁ ।

ତଥାପି ବେଦର ଏହି ଭାଷ୍ୟକାରମାନେ ସମ୍ପୂର୍ଣ୍ଣ ଭୁଲ୍ ନୁହନ୍ତି, କାରଣ ଋଷିମାନେ ପଶୁପାଳକ ଗୋଷ୍ଠୀରେ ବାସ କରୁଥିଲେ ଏବଂ ପରିଚିତ ଜଡ଼ ପ୍ରତୀକ ମାଧ୍ୟମରେହିଁ ଆପାତ ପ୍ରତୀତିର ଅତୀତ ବସ୍ତୁସକଳକୁ ସେହି ଲୋକମାନଙ୍କର ସଂସ୍ପର୍ଶରେ ଆଣିବାକୁ ପଡୁଥିଲା । ସେମାନଙ୍କୁ ସେମାନଙ୍କର ସ୍ତରରେ ଗ୍ରହଣ କରିବାକୁ ହେଉଥିଲା – ସେମାନଙ୍କର ପାର୍ଥିବ ନିରାପତ୍ତା ଓ ସୁସ୍ଥ ଶିଶୁ ସନ୍ତାନମାନଙ୍କର ପ୍ରୟୋଜନ ସମେତ । ଏହା ବି ହୋଇପାରେ ଯେ ଋଷିମାନଙ୍କର ମନ୍ତ୍ରରେ ସନ୍ତାନହୀନା ନାରୀମାନଙ୍କୁ ସନ୍ତାନବତୀ କରିବାର, ବିପଦ୍‌ସଙ୍କୁଳ ଋତୁକାଳୀନ ସ୍ଥାନାନ୍ତରିତ ଯାତ୍ରୀମାନଙ୍କୁ ଗଧିଆମାନଙ୍କଠାରୁ ରକ୍ଷା କରିବାର ଶକ୍ତି ଥିଲା । କିନ୍ତୁ ସେମାନଙ୍କର ପ୍ରଧାନ ଶକ୍ତି ଥିଲା ଆନ୍ତର ଉପଲବ୍ଧିର । ବାସ୍ତବିକ ବେଦ ହେଉଛି, ''ଦିବ୍ୟ ସାଧନର ଏକ ପ୍ରକ୍ରିୟା'' (Hymn to Mystic Fire) । ନିଶ୍ଚିତ ଭାବରେ କର୍ମକାଣ୍ଡ ଅବଶ୍ୟ । କିନ୍ତୁ ବେଦ ତାହାଠାରୁ ଅଧିକ କିଛି । ଏହା ଏକ ବିଶେଷ କର୍ମର ଗ୍ରନ୍ଥ ।

ସେମାନଙ୍କର ରହସ୍ୟକୁ ଗୁପ୍ତ ରଖିବା ପାଇଁ ଋଷିମାନଙ୍କ ପାଖରେ ଏକ ଅନିର୍ଦ୍ଦିଷ୍ଟ ଭାଷାର ସୁବିଧା ଥିଲା । ଧ୍ୱନିର ଏକ ଆବେଗସୂଚକ ମୂଲ୍ୟ ଥିଲା ଓ ତାହା ଅର୍ଥକୁ ନିର୍ବାଚିତ କରୁଥିଲା । ସେସବୁ ଜୀବନ୍ତ ବସ୍ତୁ ଥିଲେ, ଜୀବନ୍ତ ଶକ୍ତି ଓ ଭାବର ସ୍ରଷ୍ଟା ଥିଲେ ଏବଂ ସେମାନେ ଯେଉଁସବୁ ଭାବର ପ୍ରତିନିଧିତ୍ୱ କରୁଥିଲେ, ତାହାଠାରୁ ଅଧିକତର ଗୁରୁତ୍ୱପୂର୍ଣ୍ଣ ଓ ଶକ୍ତିଶାଳୀ ଥିଲେ । ବର୍ତ୍ତମାନ କିନ୍ତୁ ଏହାର ବିପରୀତ ହୋଇଛି, ଭାବ ହିଁ ମୁଖ୍ୟ ହୋଇଯାଇଛି, ଧ୍ୱନି ଗୌଣ ହୋଇଯାଇଛି । ପ୍ରତ୍ୟେକ ଶବ୍ଦର କେବଳ ଏକକାଳୀନ ଗୋଟିଏ ଅର୍ଥ ରହୁଛି, ଦୃଢ଼ ଭାବରେ ସ୍ଥିର ଓ ଚିହ୍ନିତ । କିନ୍ତୁ ଋଷିମାନଙ୍କ ପାଇଁ ଶବ୍ଦସବୁ ଗୋଟିଏ ଭାବର ଏକ ପାରମ୍ପରିକ ପ୍ରତୀକ ହୋଇ ନଥିଲା, ଉଦାହରଣସ୍ୱରୂପ ଯେତେବେଳେ ସେମାନେ 'ବୃକ' ଶବ୍ଦଟି ବ୍ୟବହାର କରିଥିଲେ, ତା'ର ଅର୍ଥ ହୋଇପାରେ, ବିଦାରକ, ବିଭାଜକ, ଦ୍ୱିଧାଭାଜକ ଏବଂ ଘଟଣାକ୍ରମେ ଗଧିଆ ମଧ୍ୟ; 'ଗୋ'ର ଅର୍ଥ ଗାଈ, ଏବଂ ଆଲୋକ ରେଖା । ଏହିପରି ଶବ୍ଦସବୁ ସେମାନଙ୍କର ବାହ୍ୟ ପ୍ରକାଶିତ ବା ଅନ୍ତର୍ନିହିତ ଅର୍ଥରେ ବ୍ୟବହୃତ ହୋଇପାରେ ଏବଂ ଏହି ଦ୍ୱିବିଧ, ବେଳେବେଳେ ତ୍ରିବିଧ ଅର୍ଥ ସହିତ ବେଦ ଜଡ଼ିତ ହୋଇଥିଲା । ତ୍ରିବିଧ, କାରଣ ଋଷିମାନେ କେବଳ ଭାବଜ୍ଞାପନ କରିବାକୁ ଚେଷ୍ଟା କରୁ ନଥିଲେ, ଆଲୋକ ଓ ପ୍ରତୀକମାନେ ମଧ୍ୟ ଦିବ୍ୟ ଦୃଷ୍ଟି ନିମିତ୍ତ ମାଧ୍ୟମ ହେଉଥିଲେ । ସେମାନେ କବି ଥିଲେ, ଅର୍ଥାତ୍ ସତ୍ୟଦ୍ରଷ୍ଟା । ଶ୍ରୀଅରବିନ୍ଦ ଲେଖିଥିଲେ, ଆମ ପାଇଁ ''କବିତା ହେଉଛି, ଖିଆଲ, ବୁଦ୍ଧିର ଏକ ପ୍ରକାଶ ଏବଂ କଳ୍ପନା ହେଉଛି ଆମର ଚିତ୍ତ ବିନୋଦନର ଏକ କ୍ରୀଡ଼ନକ ଏବଂ ସରବରାହକାରୀ ଆମର ମନୋରଞ୍ଜନକାରୀ ଏବଂ ଆମ ମନର ନୃତ୍ୟାଙ୍ଗନା । କିନ୍ତୁ ପ୍ରାଚୀନ ବ୍ୟକ୍ତିମାନଙ୍କ ପାଇଁ କବି ଥିଲେ ସତ୍ୟଦ୍ରଷ୍ଟା, ଲୁକ୍କାୟିତ ସତ୍ୟର ଏକ ପ୍ରକାଶକ, କଳ୍ପନା ଏକ ନୃତ୍ୟଶୀଳା ରୂପଜୀବୀ ନଥିଲା, ଭଗବାନଙ୍କ ମନ୍ଦିରରେ ସେ ଥିଲା ପୂଜାରିଣୀ । କେବଳ କାହାଣୀ ରଚନା କରିବା ନୁହେଁ, କଠିନ ଓ ନିଗୂଢ଼ ସତ୍ୟକୁ ରୂପାୟିତ କରିବାହିଁ ତା'ର କାର୍ଯ୍ୟ ଥିଲା ।''

(The Human Cycle)

ଆମେ ଦେଖୁ ଯେ ସେହି କବିତା ହିଁ ଋଗ୍‌ବେଦର ସମସ୍ତ ସ୍ତୋତ୍ର ମଧ୍ୟରେ ପ୍ରଜ୍ୱଳିତ ହେଉଛି । ଶ୍ରୀଅରବିନ୍ଦ ଅତି

ସୁନ୍ଦର ଭାବରେ ଏହାର ରହସ୍ୟମୋଚନ କରିଛନ୍ତି – ବିନା କାରଣରେ ''ଅଗ୍ନି'' ବୈଦିକ ରହସ୍ୟର କେନ୍ଦ୍ରସ୍ଥଳରେ ଅବସ୍ଥିତ ନଥିଲା । ଅଗ୍ନି, ଅନ୍ତର୍ନିହିତ ଶିଖା, ଆମର ଆତ୍ମା, ଆନ୍ତର ଆସ୍ପୃହା, ଯାହା ମଣିଷକୁ ଉଚ୍ଚତା ଆଡ଼କୁ ଆକୃଷ୍ଟ କରେ – ଅଗ୍ନି, ଯାହା ଆମ ଭିତରେ ଚିରକାଳ ପାଇଁ ଦେଖେ ଓ ସ୍ମରଣ କରେ – ଅଗ୍ନି, 'ଯଜ୍ଞର ପୁରୋହିତ', 'ଦିବ୍ୟକର୍ମୀ', 'ପୃଥିବୀ ଓ ସ୍ୱର୍ଗ ମଧ୍ୟସ୍ଥ ଦୂତ', 'ତା'ର ଭବନର ମଧ୍ୟସ୍ଥଳରେ ସେ ଅବସ୍ଥିତ', 'ଦିବ୍ୟଦୃଷ୍ଟି ସମ୍ପନ୍ନ ପିତୃଗଣ' ତାଙ୍କୁ ଶିଶୁ ରୂପରେ ନିଜର ଅନ୍ତରରେ ଉପସ୍ଥାପିତ କରିଛନ୍ତି । ସେ 'ଗୋପନ ଗୁହା ଭିତରେ ସଙ୍କୁଚିତ ବାଳକ ।' 'ସେ ଆମର ଅସ୍ତିତ୍ୱର ନିଃଶ୍ୱାସ, ଆମର ଶାଶ୍ୱତ ଶିଶୁ', 'ସେ ଶରୀରର ପୁତ୍ର', 'ସେ ଅଗ୍ନି, ତୁମେ ପୃଥିବୀର ଶରୀରରୁ ଜାତ ସ୍ୱର୍ଗପୁତ୍ର ।' 'ମରଣଶୀଳତା ଭିତରେ ଅମୃତମୟ', ଜରାଜୀର୍ଣ୍ଣ ବୃଦ୍ଧ, ସେ ବାରଂବାର ତାରୁଣ୍ୟ ଲାଭ କରନ୍ତି, 'ସେ ଯେତେବେଳେ ଜନ୍ମ ହୁଅନ୍ତି, ଦେବତାମାନଙ୍କର ପ୍ରବକ୍ତା' ହୋଇ ଉଠନ୍ତି । 'ଅଗ୍ନି ଯେତେବେଳେ ମାତା ଗର୍ଭରେ ଅଭିବୃଦ୍ଧି ଲାଭ କରନ୍ତି, ନିଜର ଗତିରେ ମରୁତଙ୍କ ପରି ବେଗବାନ୍ ହୋଇ ଉଠନ୍ତି ।' 'ମାତୃଗର୍ଭରେ ବର୍ଦ୍ଧିଷ୍ଣୁ ହେ ଅଗ୍ନି, ଆମ ଦ୍ୱାରା ଧୃତ ହୋଇ ତୁମେ ହୋଇଉଠ ଆମ ସତ୍ତାର ପରମ ଅଭିବୃଦ୍ଧି ଓ ପ୍ରସାର, ସକଳ ମହିମା ଓ ସୌନ୍ଦର୍ଯ୍ୟ ତୁମର ଆକାଂକ୍ଷିତ ବର୍ଣ୍ଣ ଓ ତୁମର ପୂର୍ଣ୍ଣ ଦୃଷ୍ଟି ମଧ୍ୟରେ ଅବସ୍ଥିତ । ହେ ବିଶାଳତା, ତୁମେ ସେହି ପ୍ରାଚୁର୍ଯ୍ୟ ଯାହା ଆମକୁ ପଥର ଶେଷ ପର୍ଯ୍ୟନ୍ତ ନେଇଯାଏ, ତୁମେହିଁ ସର୍ବଦିଗରେ ବ୍ୟାପ୍ତ ଐଶ୍ୱର୍ଯ୍ୟର ବହୁଳତା ।' 'ହେ ଅଗ୍ନି, ଉଜ୍ଜ୍ୱଳ ଜ୍ୟୋତିଃ ସମୁଦ୍ର, ଯାହା ଭିତରେ ଦିବ୍ୟ ଦର୍ଶନ ନିହିତ ।' 'ଅଗ୍ନିଶିଖା, ତାଙ୍କର ଶତ ଐଶ୍ୱର୍ଯ୍ୟ ଭଣ୍ଡାର ସହିତ ସକଳ ଜାତ ବସ୍ତୁର ଜ୍ଞାତା ।' କିନ୍ତୁ ଦିବ୍ୟ ଅଗ୍ନି କେବଳ ଆମର ବିଶେଷ ସୁଯୋଗ ନୁହନ୍ତି, ଅଗ୍ନି କେବଳ ମନୁଷ୍ୟ ଭିତରେ ନଥା'ନ୍ତି । 'ସେ ଜଳର ଶିଶୁ, ବନ ସକଳର ଶିଶୁ, ସେ ସମସ୍ତ ସ୍ଥାବର ଓ ଅସ୍ଥାବର ବସ୍ତୁଙ୍କର ଶିଶୁ । ଏପରିକି ପ୍ରସ୍ତରରେ ମଧ୍ୟ ସେ ବିଦ୍ୟମାନ ।'

(ଋଗ୍‌ବେଦର ମନ୍ତ୍ରସବୁ)

(କ୍ରମଶଃ ...)

ଅନୁବାଦ : ମମତା ଦାଶ

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି,
ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:
**donations.sriaurobindoashram.org**
Donations to Sri Aurobindo Ashram Trust
ସହାୟତାରେ ପ୍ରଣାମୀ ଦାଖଲ କରିପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।
ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା
**Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର
PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।
ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ
ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

– ନବଜ୍ୟୋତି କାର୍ଯ୍ୟାଳୟ

# ନିତ୍ୟ ବୃନ୍ଦାବନ

## (୨)

[ବୈଷ୍ଣବ ପରମ୍ପରାରେ ଶ୍ରୀକୃଷ୍ଣଙ୍କ ଲୀଳାସ୍ଥଳୀ ବୃନ୍ଦାବନ ଏକ ନିତ୍ୟଧାମ । ଚେତନାର ଊର୍ଦ୍ଧ୍ୱସ୍ତରରେ, ହୁଏତ ଆମ ପରିଭାଷାରେ ଅଧିମାନସ ସ୍ତରରେ, ଶ୍ରୀକୃଷ୍ଣଙ୍କର ଯେଉଁ ଦିବ୍ୟପ୍ରେମର ଲୀଳା ନିତ୍ୟ ନିରନ୍ତର ଚାଲିଛି, ସେସମ୍ପର୍କରେ ବୈକୁଣ୍ଠ ଓ ଗୋଲୋକ ପରି ବୃନ୍ଦାବନକୁ ମଧ୍ୟ ବୈଷ୍ଣବ ଗ୍ରନ୍ଥ ଓ ପୁରାଣମାନଙ୍କରେ ଏକ ଗୂଢ଼ ରହସ୍ୟମୟ ଲୀଳାସ୍ଥଳୀ ରୂପେ ବର୍ଣ୍ଣନା କରାଯାଇଛି । ଏପରିକି ଶ୍ରୀଅରବିନ୍ଦ ମଧ୍ୟ ଜଣେ ସାଧକଙ୍କୁ ତାଙ୍କ ପତ୍ରରେ ଲେଖିଥିଲେ ଊର୍ଦ୍ଧ୍ୱତର ସୂକ୍ଷ୍ମ ଚେତନା ନେଇ ଆଜି ମଧ୍ୟ ଯଦି କେହି ସେହି ନିତ୍ୟ ବୃନ୍ଦାବନରେ ପ୍ରବେଶାଧିକାର ଲାଭ କରେ, ତେବେ ସେ ଶ୍ରୀକୃଷ୍ଣଙ୍କର ସେହି ଲୀଳା ପ୍ରତ୍ୟକ୍ଷ କରିପାରିବ ଓ ତାଙ୍କର ବଂଶୀଧ୍ୱନି ଶୁଣି ପାରିବ ।

ଏଠାରେ ମହାମହୋପାଧ୍ୟାୟ ଡକ୍ଟର ଗୋପୀନାଥ କବିରାଜ, ପଦ୍ମବିଭୂଷଣଙ୍କ ଲିଖିତ 'ଶ୍ରୀକୃଷ୍ଣ ପ୍ରସଙ୍ଗ' (ପ୍ରାଚୀ ପବ୍ଲିକେଶନ୍ ଦ୍ୱାରା ପ୍ରକାଶିତ) ପୁସ୍ତକରୁ କିଛି ଅଂଶ ପ୍ରଦତ୍ତ ହେଲା । ଉଲ୍ଲେଖଯୋଗ୍ୟ ଯେ ଶ୍ରୀଅରବିନ୍ଦ ମା'ଙ୍କର ଚାରିଶକ୍ତି ମାହେଶ୍ୱରୀ, ମହାକାଳୀ, ମହାଲକ୍ଷ୍ମୀ, ମହାସରସ୍ୱତୀଙ୍କ ବିଷୟରେ କହିବା ସହ ଶ୍ରୀକୃଷ୍ଣଙ୍କ ଚାରିଶକ୍ତି ବାସୁଦେବ, ବଳରାମ, ପ୍ରଦ୍ୟୁମ୍ନ ଓ ଅନିରୁଦ୍ଧଙ୍କ ବିଷୟରେ ମଧ୍ୟ କହିଛନ୍ତି । ନିମ୍ନୋକ୍ତ ଆଲୋଚନାରେ ଶ୍ରୀକୃଷ୍ଣଙ୍କର ଏହି ଚାରିଶକ୍ତି ସମ୍ପର୍କରେ କିଛି ସୂଚନା ଦିଆଯାଇଛି । ଗତସଂଖ୍ୟା (ନବଜ୍ୟୋତି, ନଭେମ୍ବର, ୨୦୨୪) ଦ୍ରଷ୍ଟବ୍ୟ – ସଂପାଦକ]

ଶ୍ରୀବୃନ୍ଦାବନର ଅନନ୍ତ ପ୍ରକାର ବିଭୂତି ମଧ୍ୟରୁ କେତେକ ପ୍ରକାଶମୟ ଓ ଅନ୍ୟ କେତେକ ପ୍ରକାଶମୟ ନୁହେଁ । ତାହା ଭିତରେ ବିଳାସମୟ, ସ୍ୱ-ଅଂଶମୟ ପ୍ରଭୃତି ନାନା ଭେଦ ରହିଛି । ପ୍ରକାଶମୟ ବିଭୂତିର ମଧ୍ୟ ପ୍ରକଟ ଓ ଅପ୍ରକଟ ଭେଦ ରହିଛି । ଗୋଲୋକ ନାମରେ ଯେଉଁ ମୂଳ ଶ୍ୱେତଦ୍ୱୀପଟିର କଥା କୁହାଯାଏ ତାହା ଶ୍ରୀବୃନ୍ଦାବନର ଅପ୍ରକଟ ପ୍ରକାଶମୟ ବୈଭବ । ଏହାର ପ୍ରକଟ ପ୍ରକାଶମୟ ବୈଭବ ପାର୍ଥିବ ବୃନ୍ଦାବନ ରୂପେ ସମୟ ସମୟରେ ଆବିର୍ଭୂତ ହୋଇଥାଏ ।

ମହାବୃନ୍ଦାବନର ମଧ୍ୟସ୍ଥଳରେ ଯେଉଁ ସହସ୍ରଦଳ କମଳ ଆକାରର ଭୂମି ଲକ୍ଷିତ ହୁଏ ତାହାର ନାମ ଗୋକୁଳ । ଗୋକୁଳର ଠିକ୍ ମଧ୍ୟସ୍ଥଳରେ, ଅର୍ଥାତ୍ କମଳର କର୍ଣ୍ଣିକାରେ ସ୍ୱୟଂ ଭଗବାନ୍ ଶ୍ରୀକୃଷ୍ଣଙ୍କର ନିଜ ଧାମ ବିରାଜିତ । ମହାବୃନ୍ଦାବନ ଓ ଶ୍ୱେତଦ୍ୱୀପର ଅନ୍ତରାଳରେ ଅସଂଖ୍ୟ ଦିବ୍ୟଲୋକ ସମୁଦ୍ର ମଧ୍ୟସ୍ଥ ଦ୍ୱୀପପୁଞ୍ଜ ପରି ଶୋଭା ପାଉଥାଆନ୍ତି । ଏଗୁଡ଼ିକ ଦେଖିବାକୁ ପୃଥିବୀ ପରି, ଏବଂ ଏହି ସମସ୍ତ ଲୋକଗୁଡ଼ିକ ମଧ୍ୟରେ ଅନନ୍ତ ବୈଚିତ୍ର୍ୟ ରହିଛି । ପୃଥିବୀରେ ଯେପରି ବିଭିନ୍ନ ଦେଶରେ ବିଭିନ୍ନ ପ୍ରକାର ମନୁଷ୍ୟ, ବିଭିନ୍ନ ପ୍ରକାର ସମାଜ, ବିଭିନ୍ନ ପ୍ରକାର ପ୍ରକୃତି ଓ ଭାବ ରହିଛି, ଏହି ସକଳ ଦିବ୍ୟଲୋକରେ ମଧ୍ୟ ସେହିପରି ଅନନ୍ତ ପ୍ରକାରର ବୈଶିଷ୍ଟ୍ୟ ପରିଲକ୍ଷିତ ହୁଏ । ଏହି ସକଳ ଯେ ଭାବମୟ ଓ ଭାବର ବୈଚିତ୍ର୍ୟ ଅନୁଯାୟୀ ରସାସ୍ୱାଦନ ସମ୍ପର୍କରେ ମଧ୍ୟ ନାନା ବିଚିତ୍ରତା ଦେଖାଯାଏ ତାହା କହିବା ବାହୁଲ୍ୟ ମାତ୍ର । ପ୍ରାଚୀନ ଗ୍ରୀକ୍ ସାହିତ୍ୟରେ 'Isle of Blessed' ନାମରେ ଯେଉଁ ଆନନ୍ଦମୟ ନିତ୍ୟ ବିରାଜମାନ ମୁକ୍ତ ପୁରୁଷମାନଙ୍କ ବାସସ୍ଥଳୀ ଦ୍ୱୀପର ଉଲ୍ଲେଖ ମିଳେ, ଏହି ଖଣ୍ଡ ଗୋଲୋକସବୁ ଅନେକଟା ସେହିପରି । ଆମ ଦେଶର ମଧ୍ୟଯୁଗୀୟ ସନ୍ଥଗଣଙ୍କ ସାହିତ୍ୟରେ ମଧ୍ୟ ଏହି ଧରଣର ଆନନ୍ଦମୟ ଦ୍ୱୀପମାଳାର ଉଲ୍ଲେଖ ଦେଖିବାକୁ ମିଳେ । ଗୋଲୋକ ଧାମର ମଧ୍ୟବିନ୍ଦୁରେ ଶ୍ରୀଭଗବାନଙ୍କର ମହାସିଂହାସନ ବିରାଜ କରୁଛି । ଏହି ସିଂହାସନ ଉପରେ ସମାସୀନ ରାଧାକୃଷ୍ଣଙ୍କ ଯୁଗଳ ବିଗ୍ରହ ଦର୍ଶନ କରିବା ପାଇଁ ସିଂହାସନର ଚତୁର୍ଦିଗରେ ବିରାଜମାନ ଅସଂଖ୍ୟ ଦ୍ୱୀପବାସୀ, ଅର୍ଥାତ୍ ଗୋଲୋକବାସୀ ଭକ୍ତଗଣ ଅନ୍ତର୍ମୁଖଭାବେ ଦୃଷ୍ଟି ପ୍ରସାରିତ ରଖିଥାଆନ୍ତି । ଏମାନେ ନିରନ୍ତର ପ୍ରେମମୟ ଦୃଷ୍ଟି ଦ୍ୱାରା ସ୍ୱୟଂ ଭଗବାନଙ୍କ ସ୍ୱରୂପର ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟ ପାନ କରୁଥାଆନ୍ତି । ଏହି ଧାମରେ ଜରା, ମୃତ୍ୟୁ, ଶୋକ, ତାପ ଓ ବିରହ ଆଦି କିଛି ନାହିଁ । ଏହା ବୈକୁଣ୍ଠ ପରି ତ୍ରିଗୁଣର ଅତୀତ ଜ୍ୟୋତିର୍ମୟ, ନିତ୍ୟାନନ୍ଦମୟ ଅପ୍ରାକୃତ ଧାମ ।

ଏହି ଦିବ୍ୟଲୀଳାମୟ ପରମ ଧାମରେ ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟ ନିତ୍ୟ ବିରାଜମାନ ।ଏହି ସ୍ଥାନରେ ଶ୍ରୀକୃଷ୍ଣହିଁ ଏକମାତ୍ର

କାନ୍ତ ଏବଂ ଧାମବାସିଗଣ ସମସ୍ତେହିଁ ଲକ୍ଷ୍ମୀସ୍ୱରୂପା କାନ୍ତା । ବ୍ରହ୍ମଲୋକ ଯେପରି ବ୍ରହ୍ମ ନିର୍ଘୋଷରେ, ଅର୍ଥାତ୍ ପ୍ରଣବର ଝଙ୍କାରରେ ନିତ୍ୟ ମୁଖରିତ, ବୈକୁଣ୍ଠ ଧାମ ଯେପରି ମହାଶଙ୍ଖର ଧ୍ୱନିରେ ନିତ୍ୟ ଧ୍ୱନିମୟୀ, ସେହିପରି ଗୋଲୋକ ଧାମ ନିରନ୍ତର ଶ୍ରୀକୃଷ୍ଣଙ୍କ ବଂଶୀନାଦରେ ପ୍ରତିଧ୍ୱନିତ ହେଉଥାଏ । ସେଇଥି ପାଇଁ ଏହି ଧାମରେ ବଂଶୀଧ୍ୱନି ଧାମବାସୀ ଭକ୍ତବୃନ୍ଦଙ୍କ ନିକଟରେ ପ୍ରିୟ ସଖି ରୂପେ ପରିଚିତ । ସଖୀ ଯେପରି ଦୂତୀ ରୂପେ ପ୍ରେମିକକୁ ପ୍ରେମାସ୍ପଦର ସନ୍ଧାନ ଦିଏ, ଠିକ୍ ସେହିପରି ମୁରଲୀ-ନିଃସ୍ୱନରୁହିଁ ଗୋଲୋକବାସୀ ଭକ୍ତଗଣ ଭଗବାନଙ୍କ ସନ୍ଧାନ ପାଇଥାଆନ୍ତି ଏବଂ ପ୍ରେମ-ଭକ୍ତିର ଉତ୍କର୍ଷ ଅନୁସାରେ ଏହି ବଂଶୀଧ୍ୱନିର ଅନୁସରଣ କରି ସ୍ୱୟଂ ଭଗବାନଙ୍କ ସାକ୍ଷାତ୍କାର ଲାଭ କରନ୍ତି । ସଙ୍ଗୀତ ଓ ନୃତ୍ୟ ଏଠାକାର ସହଜ ସମ୍ପଦ । ଏହି ଧାମରେ ସର୍ବଦା ଓ ସର୍ବତ୍ର ବିଭିନ୍ନ ରାଗରାଗିଣୀ ସେମାନଙ୍କ ଭାବାନୁସାରେ ଧ୍ୱନିତ ହେଉଥାଏ । ନାଟ୍ୟକଳା ଏଠାରେ ସ୍ୱାଭାବିକ ରୂପେହିଁ ସ୍ଫୁରିତ ହେଉଥାଏ । ଏଠାକାର ବୃକ୍ଷ ମାତ୍ରେହିଁ କଳ୍ପତରୁ, ତାହା ନିକଟରୁ ଯେତେବେଳେ ଯାହା ପ୍ରାର୍ଥନା କରାଯାଏ ତାହା ତତ୍କ୍ଷଣାତ୍ ପ୍ରାପ୍ତ ହୋଇଯାଏ । ଏଠାକାର ସମଗ୍ର ଭୂମିହିଁ ଚିନ୍ତାମଣି । ଏଠାରେ ଯାହା ଚିନ୍ତା କରାଯାଏ ତାହା ଅବିଳମ୍ବେ ଦିବ୍ୟ ଉଜ୍ଜ୍ୱଳ ରୂପେ ସ୍ଫୁରିତ ହୋଇଥାଏ; ଭାବ ମୂର୍ତ୍ତ ହୋଇ ଭାବନାର ସଙ୍ଗେ ସଙ୍ଗେ ଆତ୍ମପ୍ରକାଶ କରେ । ଏଠାକାର ଜଳ ମାତ୍ରେହିଁ ଅମୃତ । ଜଳର ଅମୃତ ରୂପ, ଜଳର ଅମୃତମୟ ସ୍ୱରୂପ ଏହିଠାରେହିଁ ଉପଲବ୍ଧି ହୁଏ । ଏଠାରେ ନିତ୍ୟବସନ୍ତ ବିରାଜମାନ । ଗ୍ରୀଷ୍ମର ଉତ୍କଟ ତାପ ଏବଂ ଶିଶିରର ତୀବ୍ର ହିମ ଉଭୟହିଁ ବସନ୍ତର ଅନୁଷ୍ଣ ଓ ଅଶୀତ ସ୍ପର୍ଶରୂପେ ଭକ୍ତଗଣଙ୍କର ଆନନ୍ଦ-ବର୍ଦ୍ଧନ କରିଥାଏ । ସୁତରାଂ ଏଠାରେ ଯେପରି ଏକ ଦିଗରେ ଜରା ଓ ମୃତ୍ୟୁ ରୂପ କାଳର ବିକାର ନାହିଁ, ସେହିପରି ଅନ୍ୟ ଦିଗରେ ବିଭିନ୍ନ ଋତୁ ରୂପରେ ଏହା ପରିଦୃଷ୍ଟ ହୁଏ ନାହିଁ । ଯେଉଁ ମହାଜ୍ୟୋତିଃରେ ଏହି ମହାଦ୍ୱୀପ ସର୍ବଦା ପ୍ରକାଶ ପାଇଥାଏ ତାହା ଚିଦାନନ୍ଦମୟ ସ୍ନିଗ୍ଧ ଜ୍ୟୋତିଃ, ହ୍ଲାଦିନୀ ଶକ୍ତିରୁ ନିର୍ଗତ ଜ୍ୟୋତ୍ସ୍ନାରାଶି; ଜ୍ଞାନର ପ୍ରଖର ଆଲୋକ ନୁହେଁ । ଏହି ସ୍ନିଗ୍ଧ ଜ୍ୟୋତିଃକୁହିଁ ରସରୂପରେ ଭକ୍ତଗଣ ଆସ୍ୱାଦନ କରି ଥାଆନ୍ତି । ସେଠାରେ ଗୋ ରୂପେ ଅର୍ଥାତ୍ କାମଧେନୁ ରୂପେ ଚିନ୍ମୟ କିରଣଧାରା ଅନବରତ ଅମୃତରୂପେ କ୍ଷୀର ବର୍ଷଣ କରୁଥାଏ । ଏହି ସ୍ଥାନରେ କାଳର ଗତି ଅବରୁଦ୍ଧ, କାଳ ଏଠାରେ ଅଚଳ । ଏଠାରେ କାଳର ଚାଞ୍ଚଲ୍ୟ ନ ଥିବାରୁ ବର୍ତ୍ତମାନ ରୂପରେ ଏକ ମହାକାଳହିଁ ନିତ୍ୟ ବିଦ୍ୟମାନ । ଗୋଟିଏ ବିଶୁଦ୍ଧ ବର୍ତ୍ତମାନ – ଏହାର ଗୋଟିଏ ଦିଗରେ ଅତୀତ ବା ଅନ୍ୟ ଦିଗରେ ଅନାଗତ ଭବିଷ୍ୟତ୍ ବୋଲି କିଛି ନାହିଁ । ଏହାହିଁ ଯୋଗୀମାନଙ୍କର ମହାକ୍ଷଣ – ଯାହା କଳ୍ପନାର ଊର୍ଦ୍ଧ୍ୱରେ, ମନୋମୟ ବିକଳ୍ପ ରାଜ୍ୟର ଊର୍ଦ୍ଧ୍ୱରେ ନିତ୍ୟ ସିଦ୍ଧ ଓ ସ୍ୱୟଂ ପ୍ରକାଶ ରୂପେ ବିଦ୍ୟମାନ । ଏଠାରେ ଏକମାତ୍ର ଚିଚ୍ଛକ୍ତିହିଁ ଚିତ୍ ସ୍ୱରୂପରେ ନିତ୍ୟ ଖେଳା କରନ୍ତି; ଏହି ଚିଚ୍ଛକ୍ତିର ଖେଳାହିଁ ଭଗବାନଙ୍କର ନିତ୍ୟ ବିହାର ।

ମହାଗୋଲୋକର ମଧ୍ୟସ୍ଥାନରେ ଶ୍ରୀକୃଷ୍ଣଙ୍କ ଅନ୍ତଃପୁର ଅବସ୍ଥିତ । ଅନ୍ତଃପୁରର ବହିର୍ଦେଶରେ ଅସଂଖ୍ୟ ସଭାଗୃହ ବିଦ୍ୟମାନ ରହିଛି । ଏହି ସକଳ ପୁରରୁ ମହାବୃନ୍ଦାବନ ଓ କେଳି-ବୃନ୍ଦାବନକୁ ଯାତାୟାତ ଉପଯୋଗୀ ବିଭିନ୍ନ ମାର୍ଗ ରହିଛି । କେଳିବୃନ୍ଦାବନ ଅନନ୍ତ କିନ୍ତୁ ସେଗୁଡ଼ିକର ସମଷ୍ଟିଭୂତ ମହା-ବୃନ୍ଦାବନ ଏକ । ଯେଉଁ ସକଳ ପୁରୋଗାମୀ ମାର୍ଗ କଥା କୁହାଗଲା ତାହାର ପ୍ରତ୍ୟେକଟି ମାର୍ଗ କମଳର ଗୋଟିଏ ଗୋଟିଏ ଦଳସନ୍ଧିରେ ଆସି ଯୁକ୍ତ ହୋଇଥାଆନ୍ତି । ଶ୍ରୀକୃଷ୍ଣଙ୍କର ଗୋଷ୍ଠ ବା ଗୋଚାରଣ ଭୂମି ଏହି କମଳକୁ ଘେରି ଚତୁର୍ଦିଗରେ ବିସ୍ତୃତ । ...

## ବୃନ୍ଦାବନର କୁଞ୍ଜବନ

ମହାବୃନ୍ଦାବନ ମଧ୍ୟରେ କୁଞ୍ଜବହୁଳ କେଳିବନସକଳ ବିଦ୍ୟମାନ ରହିଛନ୍ତି । ଏହି ସକଳ ବନ ଅତ୍ୟନ୍ତ ଗୁପ୍ତ ଓ ଭଗବାନଙ୍କ ଭିନ୍ନ ଅନ୍ୟମାନଙ୍କ ଦୃଷ୍ଟିର ଅଗୋଚର । ଏପରିକି ଭଗବାନଙ୍କର ମହିଷୀବର୍ଗ ମଧ୍ୟ ଏହି ସ୍ଥାନସବୁର ସନ୍ଧାନ ଜାଣନ୍ତି ନାହିଁ । ମହିଷୀବର୍ଗ ଲକ୍ଷ୍ମୀସ୍ୱରୂପା, ସେମାନଙ୍କ ଭକ୍ତିରେ ଐଶ୍ୱର୍ଯ୍ୟଭାବର ପ୍ରାଧାନ୍ୟ ରହିଛି । ତେଣୁ ସେମାନେ ଐଶ୍ୱର୍ଯ୍ୟମୟ ରାଜପ୍ରାସାଦରେ ରହି ଐଶ୍ୱର୍ଯ୍ୟମୟ ଭଗବାନଙ୍କର ଉପାସନା କରନ୍ତି । ମାଧୁର୍ଯ୍ୟ ଲୀଳାର ନିକେତନ ସ୍ୱରୂପ ବନସ୍ଥଳୀର ସନ୍ଧାନ ସେମାନେ ଜାଣନ୍ତି ନାହିଁ । ବସ୍ତୁତଃ ଏହି ସକଳ କୁଞ୍ଜମୟ ବନରାଜି ଭଗବାନଙ୍କର ସେହି ସକଳ ପ୍ରେୟସୀବର୍ଗଙ୍କ ପାଇଁ ଅଭିପ୍ରେତ ଯେଉଁମାନେ ସମର୍ଥା ରତିରେ ଅଧିକାର ଲାଭ କରି, ତାହାର କ୍ରମବିକାଶ ପଥରେ ଭଗବାନଙ୍କ ସହ ମାଧୁର୍ଯ୍ୟମୟ ବିଳାସରେ ପ୍ରବୃତ୍ତ ହୋଇଛନ୍ତି । ଏହି ବିଳାସର ପୂର୍ଣ୍ଣ ପରିଣତି ମହାଭାବମୟୀ ଶ୍ରୀରାଧାଙ୍କ ଭିତରେ । ମହିଷୀଗଣ ସମଞ୍ଜସା ରତିର ପ୍ରତିମୂର୍ତ୍ତି ବୋଲି ଏହି ସକଳ କୁଞ୍ଜରେ ପ୍ରବେଶ କରିପାରନ୍ତି

ନାହିଁ । ବନଭୂମିର ଖେଳା ଅତ୍ୟନ୍ତ ଗୁପ୍ତ ଓ ଗୋପନୀୟ । ପୌର୍ଣ୍ଣମାସୀ ରୂପିଣୀ ଯୋଗମାୟାଙ୍କ ଅନ୍ତରାଳରେ ଏହି ରହସ୍ୟଲୀଳା ବା ରସବିଳାସ ନିରନ୍ତର ସଂଘଟିତ ହୁଏ ।

ଗୋକୁଳ ପଦ୍ମର ଗୋଟିଏ ଗୋଟିଏ ପାଖୁଡ଼ାରେ ଯେଉଁ ସମସ୍ତ କେଳିବନ ରହିଛି, ତହିଁରେ ଭଗବାନଙ୍କର ସେହି ସକଳ ଭକ୍ତ ବାସ କରନ୍ତି ଯେଉଁମାନେ ସ୍ୱୟଂ କାନ୍ତା ଭାବରେ କାନ୍ତରୂପୀ ଭଗବାନଙ୍କର ରସମାର୍ଗରେ ଉପାସନା କରନ୍ତି । ଶ୍ରୀଭଗବାନ୍ ଆତ୍ମଲୀଳା ଉପଯୋଗୀ ଏକ ମହାପୀଠ ପୃଥକ୍ ଭାବରେ ଗୋଲୋକ ମଧ୍ୟରେହିଁ ପ୍ରକାଶିତ କରନ୍ତି । ଏହି ପୀଠହିଁ ସହସ୍ରଦଳ କମଳ ଆକାର ମାଥୁର ମଣ୍ଡଳ । ଏହାର ଅନ୍ତର୍ବର୍ତ୍ତୀ ବିଭାଗଟି ଗୋକୁଳ ନାମରେ ପ୍ରସିଦ୍ଧ । ଏହି ପୀଠହିଁ ଶ୍ରୀବୃନ୍ଦାବନ ତତ୍ତ୍ୱର ରହସ୍ୟ । ଏହା ଭକ୍ତମାନଙ୍କ ପାଇଁ ଅନାଦିକାଳରୁ ଭଗବାନଙ୍କ ଅନାଦି ଇଚ୍ଛାରେ ରଚିତ ହୋଇଛି । ଜ୍ଞାନୀ ବା କର୍ମୀ ଏଠାରେ ପ୍ରବେଶ ପଥ ପାଆନ୍ତି ନାହିଁ । ଏଠାରେ ପୁରୁଷ ଓ ନାରୀ ସମସ୍ତେ କିଶୋର ବୟସ୍କ । ସେମାନେ ସମସ୍ତେ ଭଗବାନଙ୍କର ସ୍ୱରୂପ ଶକ୍ତିରୁ ପ୍ରକଟିତ ହୋଇଥିବାରୁ ଭଗବାନଙ୍କରହିଁ ଅଂଶ । ସୁଖମୟ ବସନ୍ତ ଏଠାରେ ନିତ୍ୟ ବିରାଜମାନ । ବନଭୂମି ନିରନ୍ତର ସୁକଣ୍ଠ ବିହଙ୍ଗମକୁଳର କାକଳୀ ଦ୍ୱାରା ମୁଖରିତ । ମନ୍ଦ ମନ୍ଦ ସମୀରଣ ସହ ପଦ୍ମରେଣୁ ବିକୀର୍ଣ୍ଣ ହୋଇଥିବାରୁ ସମଗ୍ର ଯୋଗପୀଠଟି ନିରନ୍ତର ମାଧୁର୍ଯ୍ୟମୟ ପଦ୍ମଗନ୍ଧରେ ସୁରଭିତ । ଏଠାରେ ଶୋକ ଅଥବା ଦୁଃଖ, ଜରା ଅଥବା ମୃତ୍ୟୁ, କ୍ରୋଧ, ମାତ୍ସର୍ଯ୍ୟ ଅଥବା ଅହଂକାର କିଛି ନାହିଁ । ଏହା ଗୁଣାତୀତ ବୃନ୍ଦାଦେବୀଙ୍କ ଦ୍ୱାରା ସତତ ସଂରକ୍ଷିତ ଥାଏ । ବୃନ୍ଦାବନର ଏହି ପୀଠହିଁ ରାଧା-ଗୋବିନ୍ଦଙ୍କର ଲୀଳାଭୂମି । ଏହା ଗୁହ୍ୟଠାରୁ ମଧ୍ୟ ଗୁହ୍ୟତର ଏବଂ ବାହ୍ୟ ଓ ଆନ୍ତର ଭାବରେ ଗୋଲୋକରେ ନିତ୍ୟ ପ୍ରତିଷ୍ଠିତ ।

### ଷୋଡ଼ଶ ସଖୀ

ଏହି ମହାପୀଠରେ ଧ୍ୱଜାବିତାନ ମଣ୍ଡିତ ମାଣିକ୍ୟମୟ ମଣ୍ଡପ ଶୋଭା ପାଉଥାଏ, ଯାହାର କେନ୍ଦ୍ରସ୍ଥଳରେ ନାନା ରତ୍ନଖଚିତ ଅଷ୍ଟକୋଣ ଯୋଗପୀଠ ପ୍ରତିଷ୍ଠିତ । ଏହା ସହସ୍ରସ୍ତମ୍ଭ ଦ୍ୱାରା ବିଧୃତ ଏବଂ ଅସଂଖ୍ୟ ତୋରଣାବଳୀରେ ଶୋଭିତ । ଏହା ଉପରେ ମାଣିକ୍ୟମୟ ସିଂହାସନରେ ଅଷ୍ଟଦଳ କମଳ – ଯାହାର କର୍ଣ୍ଣିକାରେ ଓ କେଶରରାଜିରେ ଶ୍ରୀଗୋବିନ୍ଦ ପ୍ରିୟତମ ଭକ୍ତମାନଙ୍କ ସଙ୍ଗେ ବିହାର କରନ୍ତି । ରାଧାଗୋବିନ୍ଦଙ୍କର ଯୁଗଳ ମୂର୍ତ୍ତି ଏହି କର୍ଣ୍ଣିକାର ଉପରେ ପରସ୍ପର ଜଡ଼ିତ ଭାବେ ଭୁବନ ମୋହନ ସୌନ୍ଦର୍ଯ୍ୟରେ ଦିଗ୍‌ଦିଗନ୍ତ ଆଲୋକିତ କରି ପ୍ରକାଶ ପାଉ ଥାଆନ୍ତି ଏହି ଗୌରତେଜଃ ରାଧା ଓ ଶ୍ୟାମତେଜଃ ଶ୍ରୀକୃଷ୍ଣ । ଜଳରେ ମାଧୁର୍ଯ୍ୟ ପରି, ବାୟୁରେ ସ୍ପର୍ଶ ପରି, ଚନ୍ଦ୍ରରେ ଜ୍ୟୋତ୍ସ୍ନା ପରି, ଅଗ୍ନିରେ ଦାହିକାଶକ୍ତି ପରି – ଶ୍ରୀକୃଷ୍ଣ ସ୍ୱରୂପରେ ରାଧାରୂପ ସ୍ୱରୂପ ଶକ୍ତି ଅଭିନ୍ନ ରୂପେ ବିରାଜ କରନ୍ତି । ମେଘ କୋଳରେ ଯେପରି ସୌଦାମିନୀ ପ୍ରକାଶ ପାଏ – ଏହା ଠିକ୍ ସେହିପରି । କମଳର ଅଷ୍ଟଦଳରେ ଲଳିତାଦି ଅଷ୍ଟସଖୀ ନିଜ ନିଜର ସ୍ୱଭାବରେ ଅବସ୍ଥିତ । ପୂର୍ବରେ ବିଶାଖା, ପଶ୍ଚିମରେ ଲଳିତା, ଉତ୍ତରରେ ଶ୍ରୀମତୀ ଏବଂ ଦକ୍ଷିଣରେ ପଦ୍ମା । ଅଗ୍ନିକୋଣରେ ଶୈବ୍ୟା, ନୈର୍ଋତ କୋଣରେ ଭଦ୍ରା, ବାୟୁ କୋଣରେ ଶ୍ୟାମଳା ଓ ଈଶାନ କୋଣରେ ହରିପ୍ରିୟା । ଏହି ଅଷ୍ଟଶକ୍ତିଙ୍କ ପାର୍ଶ୍ୱଦେଶରେ ଆହୁରି ଆଠଟି ଶକ୍ତିର ପ୍ରକାଶ ହୋଇଥାଏ, ଯଥା – ଚନ୍ଦ୍ରାବଳୀ (ଚନ୍ଦ୍ରରେଖା), ବୃନ୍ଦା, ବଦନସୁନ୍ଦରୀ, ଶ୍ରୀପ୍ରିୟା, ମଧୁମତୀ, ଶଶିଲେଖା, କୁଞ୍ଜରୀ ଏବଂ ସୁମୁଖା । ଏହି ଷୋଡ଼ଶ ଶକ୍ତିହିଁ ପ୍ରଧାନ । ଏହି ସକଳ ଶକ୍ତିଙ୍କର ନାମ ଏବଂ ସନ୍ନିବେଶ ବହୁ ପ୍ରକାରରେ ହୋଇପାରେ । ଏହି ଯୋଗପୀଠର ଯେଉଁସବୁ ସଂଜ୍ଞା ସିଦ୍ଧ ସମାଜରେ ପ୍ରଚଳିତ ଅଛି – ତନ୍ମଧ୍ୟେ ଆନନ୍ଦ ମଣ୍ଡପ, ସାମ୍ରାଜ୍ୟ ମଣ୍ଡପ, ସୌଭାଗ୍ୟ ମଣ୍ଡପ, ଶୃଙ୍ଗାର ମଣ୍ଡପ, ସୁରତ ମଣ୍ଡପ, ଶ୍ରୀରତ୍ନ ମଣ୍ଡପ, ମହାମାଧୁର୍ଯ୍ୟ ମଣ୍ଡପ ଓ ରାଧା ସୌଭାଗ୍ୟ ମଣ୍ଡପ – ଏହି ଆଠଟି ପ୍ରଧାନ । ଏହି ପୀଠରେ ରାଧାଗୋବିନ୍ଦଙ୍କର ଗୁହ୍ୟଲୀଳା, ଦିବ୍ୟ ଓ ଅଦିବ୍ୟ ସମଗ୍ର ଜଗତର ଦୃଷ୍ଟିର ଅଗୋଚରରେ ଅନୁଷ୍ଠିତ ହେଉଥାଏ । ଏହି ଲୀଳାର ଅବସାନରେ ରାଧା-ଗୋବିନ୍ଦ ଅଦ୍ୱୈୟ ଆତ୍ମସ୍ୱରୂପରେ ବିଶ୍ରାମ କରନ୍ତି । ସେତେବେଳେ ରାଧା ଅଥବା ଗୋବିନ୍ଦଙ୍କର କୌଣସି ବିଗ୍ରହ ପ୍ରତିଭାତ ହୁଏ ନାହିଁ । ଏକ ଅଖଣ୍ଡ ଓ ଆନନ୍ଦ ଚିନ୍ମୟ ରସର ସତ୍ତାରେ ବିଗ୍ରହଦ୍ୱୟ ଅସ୍ତମିତ ହୁଅନ୍ତି । ଏହି ଅଦ୍ୱୈୟ ରସଘନ ଭାବ ଆଶ୍ରୟ କରିହିଁ ମହା ଚୈତନ୍ୟର ଉନ୍ମେଷ ହୋଇଥାଏ । ...

ମହାବୃନ୍ଦାବନରେ ଯେଉଁ ସମସ୍ତ କ୍ରୀଡ଼ାବନ ରହିଛି, ସେଗୁଡ଼ିକର ପ୍ରତ୍ୟେକଟିରେ ନାନା ପ୍ରକାର କୁଞ୍ଜ ବିରାଜ କରୁଥାଆନ୍ତି । ଅନ୍ତରଙ୍ଗ ଭକ୍ତଗଣଙ୍କର ତୃପ୍ତି ପାଇଁ ଶ୍ରୀରାଧା-ଗୋବିନ୍ଦଙ୍କ କୁଞ୍ଜଲୀଳା ଏହି ସକଳ କୁଞ୍ଜରେ ଅନୁଷ୍ଠିତ ହୁଏ । ସକଳ କୁଞ୍ଜହିଁ ସ୍ୱତଃସିଦ୍ଧ, ଅର୍ଥାତ୍ କୌଣସି ବିଶିଷ୍ଟ କୁଞ୍ଜର

ଲୀଳାରେ ଅନ୍ୟ କୁଞ୍ଜ ସହିତ କୌଣସି ସମ୍ପର୍କ ନ ଥାଏ, ପୁଣି କୁଞ୍ଜସବୁର ପରସ୍ପରର ସମ୍ବନ୍ଧ ରୂପେ ମଧ୍ୟ ଭଗବତ୍ ଲୀଳା ହୋଇଥାଏ । ସେଇଥିପାଇଁ ଯଦିଓ ବାହ୍ୟ ଦୃଷ୍ଟିରେ ଗୋଟିଏ କୁଞ୍ଜ ସହ ଅନ୍ୟ ଏକ କୁଞ୍ଜର କୌଣସି ସମ୍ପର୍କ ନାହିଁ, ତଥାପି ପ୍ରତି କୁଞ୍ଜ ସହ ପ୍ରତି କୁଞ୍ଜର ଗୁପ୍ତ ସମ୍ବନ୍ଧ ରହିଛି ଏବଂ ଅତ୍ୟନ୍ତ ଗୁପ୍ତ ସଂଚାରରେ ମାର୍ଗ ମଧ୍ୟ ରହିଛି । ଗୋଟିଏ ଗୋଟିଏ ବନ ଭାବାନୁଯାୟିନୀ ପ୍ରକୃତିର ଗୋଟିଏ ଗୋଟିଏ ପ୍ରତୀକ । ଭାବ ଅନନ୍ତ ବୋଲି କେଳି କାନନର ସଂଖ୍ୟା ବାସ୍ତବରେ ଅନନ୍ତ । ଯେପରି ପ୍ରକୃତି ମୂଳ ସ୍ୱରୂପରେ ଅଭିନ୍ନ ହେଲେ ମଧ୍ୟ ବିଳାସର ବୈଶିଷ୍ଟ୍ୟ ଅନୁସାରେ ତହିଁରେ ଆସ୍ୱାଦନର ବୈଚିତ୍ର୍ୟ ରହିଥାଏ, ସେହିପରି ବନ ଏକ ହେଲେ ମଧ୍ୟ ତହିଁରେ ବିଭିନ୍ନ କୁଞ୍ଜ ଅନ୍ତର୍ଗତ ହୋଇଥାଏ ଓ ଏକହିଁ ବନର ଅନ୍ତର୍ଗତ ବିଭିନ୍ନ କୁଞ୍ଜରେ ବିଭିନ୍ନ ପ୍ରକାର ମାଧୁର୍ଯ୍ୟ ରସର ଆସ୍ୱାଦନ ହୋଇଥାଏ ।

## ଶ୍ୟାମକୁଣ୍ଡ, ରାଧାକୁଣ୍ଡ, ଗୋବର୍ଦ୍ଧନ ଓ ଯମୁନା

ଶ୍ରୀବୃନ୍ଦାବନର ବର୍ଣ୍ଣନା ପ୍ରସଙ୍ଗରେ ଶ୍ୟାମକୁଣ୍ଡ, ରାଧାକୁଣ୍ଡ, ଗୋବର୍ଦ୍ଧନ ପର୍ବତ ଓ ଯମୁନା ସମ୍ପର୍କରେ ସଂକ୍ଷେପରେ କିଛି କହିବା ଆବଶ୍ୟକ । ଶ୍ୟାମକୁଣ୍ଡ ଓ ରାଧାକୁଣ୍ଡ ସ୍ୱରୂପତଃ ପରସ୍ପରଠାରୁ ପୃଥକ୍ ଭାବରେ ଅବସ୍ଥିତ ହେଲେ ମଧ୍ୟ ଉଭୟ ମଧ୍ୟରେ ସଂଯୋଗ ରହିଥାଏ । ପୂର୍ବରେ ଶ୍ୟାମକୁଣ୍ଡ ଓ ପଶ୍ଚିମରେ ରାଧାକୁଣ୍ଡ ଅବସ୍ଥିତ । ଉଭୟ କୁଣ୍ଡର ସଂଯୋଗ ସେତୁ ଏକ କୁଣ୍ଡରୁ ଅନ୍ୟ କୁଣ୍ଡକୁ ଜଳ ସଞ୍ଚାର କରିବା ପାଇଁ ବିଦ୍ୟମାନ ରହିଛି । ରାଧାକୁଣ୍ଡ ହେଉଛି ଚତୁଷ୍କୋଣ ବିଶିଷ୍ଟ ଏକ ସରୋବର ଯେଉଁଥିରେ ସ୍ୱଚ୍ଛ ଜଳରାଶି ନିରନ୍ତର ଶୋଭା ପାଉଥାଏ । ଏହାର ଚାରିଦିଗରେ ଚାରିଟି ଘାଟ ଏବଂ ମଣିମୟ ମନ୍ଦିର ସ୍ଥାପିତ । ପ୍ରତିଘାଟର ଦୁଇ ପାର୍ଶ୍ୱରେ ରତ୍ନମୟ କୁଟୀର । ଚାରିଦିଗର ଭୂମିରୁ ଜଳକୁ ଓହ୍ଲାଇବା ପାଇଁ ମଣିରତ୍ନମୟ ସୋପାନ-ଶ୍ରେଣୀ ସ୍ତରକୁ ସ୍ତର ବିନ୍ୟସ୍ତ ହୋଇରହିଛି । ରାଧାକୁଣ୍ଡର ଆଠ ଦିଗରେ ଆଠଟି କୁଞ୍ଜ ରହିଛି । ପୂର୍ବରେ କଦମ୍ବ କୁଞ୍ଜ, ପଶ୍ଚିମରେ ଆମ୍ର କୁଞ୍ଜ, ଦକ୍ଷିଣରେ ଚମ୍ପକ କୁଞ୍ଜ, ଉତ୍ତରରେ ଗୋକୁଳ କୁଞ୍ଜ । ସେହିପରି ଅଗ୍ନି, ନୈର୍ଋତ, ବାୟୁ ଓ ଈଶାନ କୋଣରେ ଚାରିଟି ପୃଥକ୍ ମାଧବୀ କୁଞ୍ଜ ଶୋଭା ପାଆନ୍ତି । ରାଧାକୁଣ୍ଡର ପୂର୍ବଦିଗରେ ଶ୍ୟାମକୁଣ୍ଡ – ସେତୁ ଦ୍ୱାରା ଉଭୟ କୁଣ୍ଡର ସଂଗମ । କୁଣ୍ଡର ଚତୁଃପାର୍ଶ୍ୱରେ, ପ୍ରତି କୁଞ୍ଜକୁ ବେଷ୍ଟନ କରି ପୁଷ୍ପବନ ରହିଛି । ଅସଂଖ୍ୟ ବର୍ଣ୍ଣ ଓ ନାନା ସୁଗନ୍ଧ ବିଶିଷ୍ଟ ସୁନ୍ଦର ପୁଷ୍ପ ସବୁ ସମୟରେ ପ୍ରସ୍ଫୁଟିତ ହେଉଥାଆନ୍ତି । ଛଅ ଋତୁର ପୁଷ୍ପ ଓ ଫଳ ଏକତ୍ର ଭାବରେ ସବୁ ସମୟରେ ଦେଖିବାକୁ ମିଳେ । ଏହି ସକଳ ବନ ଓ ଉପବନରେ ନାନା ଜାତିର ପକ୍ଷୀମାନେ ନିରନ୍ତର ଭଗବାନଙ୍କ ଗୁଣଗାନ କରୁଥାଆନ୍ତି । ଅସଂଖ୍ୟ ପ୍ରକାରର ଲତା ବିତାନ ମଧ୍ୟ ଶୋଭା ପାଉଥାଏ । କୁଣ୍ଡର ସଲିଳରେ ବିଭିନ୍ନ ବର୍ଣ୍ଣର, ଅର୍ଥାତ୍ ଶ୍ୱେତ, ନୀଳ, ରକ୍ତ, ପୀତ ଆଦି ନାନା ବର୍ଣ୍ଣର ପଦ୍ମ ଫୁଟି ରହିଥାଆନ୍ତି । ହଂସ- ହଂସୀ, ଚକ୍ରବାକ-ଚକ୍ରବାକୀ, ଡାହୁକ-ଡାହୁକୀ ଆଦି ପକ୍ଷୀ କ୍ରୀଡ଼ା କରୁଥାଆନ୍ତି । ଉତ୍ତର ଦିଗର ଘାଟରେ ଅନଙ୍ଗ ମଞ୍ଜରୀଙ୍କ କୁଞ୍ଜ । ତାହା ନିକଟରେ ଲଳିତାଙ୍କ କୁଞ୍ଜ । ଏହି କୁଞ୍ଜଟିକୁ ରାଜ ପାଟଧାମ କୁଞ୍ଜ କୁହାଯାଏ ଓ ଏହି କୁଞ୍ଜରେ ମଧ୍ୟାହ୍ନ ସମୟରେ ରାଧାକୃଷ୍ଣ ବିଶ୍ରାମ କରନ୍ତି । ଏଠାରେ ସେବାର ଉପଯୋଗୀ ଯାବତୀୟ ଦ୍ରବ୍ୟ ସମ୍ଭାର ସର୍ବଦା ରହିଥାଏ । ଏହି କୁଞ୍ଜର ଅପର ନାମ ଯାହା ଭକ୍ତ ସମାଜରେ ବିଶେଷ ପ୍ରସିଦ୍ଧ – ଲଳିତା-ନନ୍ଦଦା କୁଞ୍ଜ । ଏହାର ବାହାରେ ଆଠ ଦିଗରେ ଆଠଟି କୁଞ୍ଜ । ଗୋଟିଏ ଗୋଟିଏ କୁଞ୍ଜର ବର୍ଣ୍ଣ ଗୋଟିଏ ଗୋଟିଏ ପ୍ରକାରର । ତେଣୁ ଆଠ ଦିଗରେ ନିରନ୍ତର ଆଠ ପ୍ରକାରର ବର୍ଣ୍ଣ ଖେଳା କରୁଥାଏ । ଯେଉଁ କୁଞ୍ଜରେ ଯେଉଁ ବର୍ଣ୍ଣ ପ୍ରତିଭାସିତ ହୁଏ, ସେଠାକାର ତରୁଲତା, ପଶୁପକ୍ଷୀ ସମସ୍ତେହିଁ ସେହି ବର୍ଣ୍ଣଧାରଣ କରନ୍ତି । ରାଧାକୃଷ୍ଣ ସେହି କୁଞ୍ଜରେ ପ୍ରବେଶ କରିବା ସମୟରେ ସେହି ବର୍ଣ୍ଣରେ ରଞ୍ଜିତ ହୋଇ ପ୍ରକାଶିତ ହୁଅନ୍ତି । ସିଦ୍ଧ ଭକ୍ତଗଣଙ୍କର ଦୃଷ୍ଟି ଅନୁସାରେ ଏହି ଅଷ୍ଟ କୁଞ୍ଜର ବିନ୍ୟାସ ଏହି ପ୍ରକାରର – ପୂର୍ବରେ ଚିତ୍ରାଙ୍କର କୁଞ୍ଜ, ପଶ୍ଚିମରେ ତୁଙ୍ଗବିଦ୍ୟାଙ୍କର କୁଞ୍ଜ, ଉତ୍ତରରେ ଲଳିତାଙ୍କ କୁଞ୍ଜ, ଦକ୍ଷିଣରେ ଚମ୍ପକଲତାଙ୍କର କୁଞ୍ଜ, ଅଗ୍ନିକୋଣରେ ଇନ୍ଦୁରେଖାଙ୍କର, ନୈର୍ଋତ କୋଣରେ ରଙ୍ଗଦେବୀଙ୍କର, ବାୟୁକୋଣରେ ସୁଦେବୀଙ୍କର ଏବଂ ଈଶାନ କୋଣରେ ବିଶାଖାଙ୍କର କୁଞ୍ଜ ଶୋଭା ପାଉଥାଏ । ଲଳିତା ଓ ବିଶାଖାଙ୍କୁ ବାଦ୍ ଦେଇ ଚିତ୍ରାଙ୍କର ଚିତ୍ରବର୍ଣ୍ଣ, ଇନ୍ଦୁରେଖାଙ୍କର ଶ୍ୱେତବର୍ଣ୍ଣ, ଚମ୍ପକଲତାଙ୍କର ପୀତ ବର୍ଣ୍ଣ, ରଙ୍ଗଦେବୀଙ୍କର ଶ୍ୟାମବର୍ଣ୍ଣ, ତୁଙ୍ଗବିଦ୍ୟାଙ୍କର ଲୋହିତ ବର୍ଣ୍ଣ ଓ ସୁଦେବୀଙ୍କର ହରିତ୍ ବର୍ଣ୍ଣ ।

ରାଧାକୁଣ୍ଡ ପରି ଶ୍ୟାମକୁଣ୍ଡର ମଧ୍ୟ ଆଠଟି ନର୍ମ ସଖାଙ୍କର ଆଠଟି କୁଞ୍ଜ ଅଛି । ଶ୍ୟାମକୁଣ୍ଡର ବାୟୁକୋଣର ଘାଟ ହେଉଛି ମାନସ ପାବନ ଘାଟ, ଏଠାରେ ସ୍ୱୟଂ ରାଧା ସ୍ନାନ

କରନ୍ତି । ଉତ୍ତର ଦିଗର ଘାଟ ମଧୁର ଘାଟ, ଏଠାରେ ଲଳିତା ସ୍ନାନ କରନ୍ତି; ଈଶାନ କୋଣସ୍ଥିତ ଉଜ୍ଜ୍ୱଳ ଘାଟରେ ବିଶାଖା ସ୍ନାନ କରନ୍ତି । ଠିକ୍ ସେହିପରି ଅର୍ଜୁନ, ଗନ୍ଧର୍ବ, କୋକିଳ, ବିଦଗ୍ଧ, ସନନ୍ଦ ପ୍ରଭୃତି ସଖାଙ୍କର ଘାଟରେ ନିଜ ନିଜର ସଖୀ ସ୍ନାନ କରନ୍ତି । ସଖା ଓ ସଖୀଙ୍କ ଭିତରେ ବନ୍ଧନସୂତ୍ର ଏଥିରୁ ବୁଝାଯାଏ ।

ଗୋବର୍ଦ୍ଧନ ପର୍ବତ ଅପ୍ରାକୃତ ଲୀଳାର ଏକ ବିଶେଷ କ୍ଷେତ୍ର । ଏହା ସହିତ ଏଥିରୁ ନିଃସୃତ ମାନସ ଗଙ୍ଗାର ସର୍ବଶେଷ ସମ୍ବନ୍ଧ ରହିଛି । ବୃନ୍ଦାବନ ତଳବାହିନୀ ଶ୍ରୀଯମୁନା ମଧ ବିଶେଷ ଉଲ୍ଲେଖଯୋଗ୍ୟ । ବିରଜା ଭେଦ ନହେଲେ ଯେପରି ବୈକୁଣ୍ଠ ଧାମରେ ପ୍ରବେଶ ହୋଇ ପାରିବ ନାହିଁ ସେହିପରି ଯମୁନା ଭେଦ ନକରି ପାରିଲେ ସ୍ୱୟଂ ଭଗବାନଙ୍କ ଧାମରେ ପ୍ରବେଶ କରି ହେବ ନାହିଁ । ଆଧ୍ୟାତ୍ମିକ ଦୃଷ୍ଟିରେ ଯମୁନା ସୁଷୁମ୍ନାର ଅନ୍ୟ ନାମ । ଏହା ବୃହତ୍ ବ୍ରହ୍ମସଂହିତାରେ ସ୍ପଷ୍ଟଭାବରେ ଉଲ୍ଲିଖିତ ହୋଇଛି । ସୁଷୁମ୍ନାକୁ ଆଶ୍ରୟ ନକରି ଯେପରି ଯୋଗୀର ସଞ୍ଚାର ସମ୍ଭବ ନୁହେଁ ଠିକ୍ ସେହିପରି ଯମୁନାକୁ ଆଶ୍ରୟ ନ କଲେ ଭଗବାନଙ୍କ ନିତ୍ୟଲୀଳାର ସ୍ଥାନ ଆତ୍ମପ୍ରକାଶ କରେ ନାହିଁ । ଯମୁନା ସୂର୍ଯ୍ୟକନ୍ୟା ବୋଲି ପ୍ରସିଦ୍ଧ । କାଳାତ୍ମକ ଯମ ମଧ ସୂର୍ଯ୍ୟଙ୍କ ତନୟ । ସୁତରାଂ କାଳର ଅତୀତ ନିତ୍ୟଧାମ କାଳଶକ୍ତି ଯମୁନାର ପରପାରରେ ଅବସ୍ଥିତ – ଏହା ସ୍ୱାଭାବିକ ।

It is only in union with the Divine and in the Divine that harmony and peace can be established.

(CWM, Vol. 14, p. 184) – The Mother

*With best compliments from :*

**SRI JAGANNATH RICE MILL**

**MAITAPUR, BALASORE (ODISHA)**

অন্তরাল জগত্ :

# শরীরর বাহারকু চালিযিবা

## শ্রীমা

হঁ, (রাতিরে) মুঁ বাহারকু চারিআড়ে চালিযাএ, মুঁ তন্নতন্ন করি পরীক্ষা করে এবং সবু প্রকারর জিনিষ দেখিবাকু পাএ ! তাহা ক'ণ তুমে কল্পনা করিপারিব নাহিঁ। কিন্তু প্রত্যেক থর যেতেবেলে মো পক্ষরে সম্ভব হুএ, মুঁ নিজকু প্রশ্ন করিথাএ – বহুত বহুত প্রশ্ন, মুঁ যাহা দেখিছি সেসবু পরীক্ষা করিবা পাইঁ এহিসবু প্রশ্ন করিথাএ। বর্ষ বর্ষ ধরি মুঁ এহি কার্য্য করিঅছি; সম্ভবতঃ ১৯০৪ মসিহারে, অর্থাত্ ৫০ বর্ষ পূর্বে মুঁ রাতিরে সচেতন ভাবরে এহিপরি কার্য্য আরম্ভ করিথিলি, এবং অদ্যাবধি মুঁ তাহা বন্দ করি নাহিঁ। হঁ, বর্ত্তমান মধ্য মুঁ যাহা দেখে সে বিষয়রে নিশ্চিত হেবা পাইঁ মুঁ সর্বদা নিজকু বাস্তব প্রশ্ন সবু পচারিথাএ। সাধারণতঃ লোকমানে সবু জাণিছন্তি বোলি যেপরি বিশ্বাস করন্তি ও সেমানঙ্কর কেবেহেলে ভুল্ হেব নাহিঁ এবং সেমানে সবু বুঝি পারিছন্তি বোলি ভাবন্তি, মোর সেপরি কেবেহেলে নিশ্চিততা আসে নাহিঁ।

*

জণে অসাধারণ ভবিষ্যত্ বিষয় জাণি পারুথিবা অলৌকিক শক্তিবিশিষ্ট ব্যক্তিঙ্কু মুঁ জাণিথিলি। দিনে সেহি ভদ্রমহিলাঙ্কর এক অপরেসন্ হেলা এবং তাঙ্কু ক্লোরোফর্ম দিআযাইথিলা; সে তাঙ্ক শরীরর বাহারকু চালি যাইথিলে। সেঠারে উপস্থিত থিবা ব্যক্তিমানঙ্ক মনরে কি প্রকার ভাবনা থিলা হঠাত্ সে তাহা দেখিবাকু আরম্ভ করিথিলে। সুপ্ত অবস্থারে মধ্য তাঙ্কর কথা কহিবার অভ্যাস থিলা এবং সে সেহি অচেত অবস্থারে খুব্ পাটি করি কথা কহিবাকু আরম্ভ করি দেইথিলে। সে কহিথিলে অমুক অমুক ব্যক্তিঙ্কর কেতেক দুশ্চিন্তা রহিথিলা এবং অন্য জণঙ্কর সমাধান করিবা পাইঁ এক সমস্যা থিলা, যাহারকি সমাধান এহি প্রকার হোইথিলা।

এহা থিলা এক অসাধারণ ঘটণা, যাহাকি প্রতিভাসম্পন্ন ব্যক্তিমানঙ্ক পক্ষরে ঘটিথাএ, এবং সেমানঙ্ক সংখ্যা অধিক নুহেঁ। ক্লোরোফর্ম ব্যবহার করি মধ্য সচেতন রহুথিবা ব্যক্তিঙ্ক সংখ্যা আমে যাহা ভাবু তা'ঠারু যথেষ্ট অধিক। কিন্তু সাধারণতঃ ক্লোরোফর্ম ব্যবহার করি সারিবা পরে যেতেবেলে ব্যক্তি জাগ্রত্ হুএ সেতেবেলে সে অস্বস্তিবোধ করে এবং তাহার শরীর বাহারে হোইথিবা অনুভূতিমানঙ্কু কেবল অস্পষ্ট ভাবরে মনে পকাইথাএ। এঠারে ক'ণ এপরি কেহি অছন্তি যে কি দুর্ঘটণাগ্রস্ত হেবা ভলি হঠাত্ মূর্চ্ছিত হোইছন্তি ? তুমে তুমর শরীরকু দেখুছ, নুহেঁ কি ? এবং তুমে নিজকু পচার, ''কিন্তু সেহি হাস্যাস্বদ অবস্থারে সেঠারে সে ক'ণ করুছি ?'' এবং তুমে তা' ভিতরকু ধসেই পশি যাঅ ! থরে প্যারিসরে মো ক্ষেত্ররে এহিপরি ঘটিথিলা। মুঁ দিনে এক উত্তম রাত্রি-ভোজন করিথিলি এবং তা'পরে মোর মনে হুএ মুঁ এক সভাগৃহকু যাইথিলি। সেঠারে অনেক লোক জমা হোইথিলে। সে সময়রে বহুত গরম হেউথিলা। রাত্রির উত্তম ভোজন শেষ করি সেঠারে মুঁ ঠিআ হোইথিলি। হঠাত্ মোতে বহুত অস্বস্তি লাগিলা। মো সঙ্গরে যেউঁ ব্যক্তি থিলে মুঁ তাঙ্কু কহিলি, ''মোতে সঙ্গে সঙ্গে এঠারু বাহারকু যিবাকু হেব।'' বাহারকু যিবা পরে 'ত্রোকাদেরো' স্কোয়াররে মুঁ সম্পূর্ণ মূর্চ্ছিত হোইগলি। মুঁ সেঠারে শরীর বাহারকু যাই দেখিলি মোর শরীর প্রসারিত হোই পড়ি রহিছি। মোতে এহা এতে হাস্যাস্বদ বোধ হেলা যে মুঁ সঙ্গে সঙ্গে শরীর ভিতরকু ধসেই পশি যাইথিলি এবং তাকু খুব্ ভর্ত্সনা করি কহিথিলি, ''তু মো সঙ্গে এপরি খেল আউ খেলিবু নাহিঁ।''

*

যেতেবেলে জণে এ প্রকার গুহ্য বিদ্যা সম্পর্কীয় শৃঙ্খলা মধ্যদেই গতি করে সেতেবেলে সে তা'র

ଶରୀରକୁ ତ୍ୟାଗ କରିବାକୁ ସକ୍ଷମ ହୁଏ ଓ ପ୍ରାଣିକ ସ୍ତରକୁ ଚାଲିଯାଏ ଏବଂ ସେଠାରେ ଖୁବ୍ ସଚେତନ ଭାବରେ ଚଳପ୍ରଚଳ ହୋଇ ପ୍ରାଣଜଗତରେ କାର୍ଯ୍ୟ କରେ; ତା'ପରେ ପ୍ରାଣସତ୍ତାକୁ ସୁପ୍ତ ଅବସ୍ଥାରେ ପରିତ୍ୟାଗ କରି ମାନସିକ ସ୍ତରକୁ ଚାଲିଯାଏ, ସେଠାରେ ମଧ୍ୟ ସେହି ପ୍ରକାର ସମ୍ପର୍କ ରଖି ବେଶ୍ ସଚେତନ ଭାବରେ ମାନସିକ ଜଗତରେ ଅବସ୍ଥାନ କରି କାର୍ଯ୍ୟ କରେ – କାରଣ ମାନସିକ ଜଗତରେ ମାନସିକ ସତ୍ତା ସହିତ ସମ୍ପର୍କ ଥାଏ, ଯେଉଁଭଳି ଭୌତିକ ଜଗତରେ ଭୌତିକ ସତ୍ତା ସହିତ ସମ୍ପର୍କ ରହିଥାଏ, ଏବଂ ନିୟମିତ ଶୃଙ୍ଖଳାର ସହିତ ଏହା ଅଗ୍ରଗତି କରିଥାଏ । ମୁଁ ଜଣେ ସ୍ତ୍ରୀ ଲୋକଙ୍କୁ ଜାଣିଥିଲି ଯିଏକି ଏହି ପନ୍ଥାରେ ଶିକ୍ଷା ପାଇଥିଲେ, ଯାହାଙ୍କର କି ଅତି ଅସାଧାରଣ ବ୍ୟକ୍ତିଗତ ପ୍ରତିଭା ରହିଥିଲା ଏବଂ ଯିଏକି ତାଙ୍କ ସତ୍ତାର ସମସ୍ତ ଅବସ୍ଥାରେ ସଚେତ ରହି ପାରୁଥିଲେ । ସେ ତାଙ୍କ ଶରୀରରୁ ବାହାରି ବାର ଥର ପର୍ଯ୍ୟନ୍ତ ବାହାରକୁ ଯିବାକୁ ସକ୍ଷମ ହେଉଥିଲେ । କହିବାକୁ ଗଲେ, ବ୍ୟକ୍ତିଗତ ଚେତନାର ଶୀର୍ଷ ସ୍ଥାନରେ ପହଞ୍ଚିବା ପର୍ଯ୍ୟନ୍ତ କ୍ରମାଗତ ଭାବରେ ବାରଟି ଶରୀରରୁ ବାହାରକୁ ଚାଲି ଯାଉଥିଲେ । ଏହାକୁ କୁହାଯାଇ ପାରେ ନିରାକାରର ଦ୍ୱାରଦେଶ । ସେ ପ୍ରତ୍ୟେକ କଥା ସ୍ମରଣ କରି ପାରୁଥିଲେ ଏବଂ ତନ୍ନତନ୍ନ କରି ଏହାକୁ ବିସ୍ତୃତ ରୂପେ ବର୍ଣ୍ଣନା କରି ପାରୁଥିଲେ । ସେ ଥିଲେ ଜଣେ ଇଂରେଜୀ ମହିଳା, ଏପରିକି ମୁଁ ଗୋଟାଏ ବହି ଇଂରାଜୀରୁ ଅନୁବାଦ କରିଥିଲି ଯେଉଁଥିରେ କି ସେ ଏହି ରାଜ୍ୟମାନଙ୍କରେ ଯାହାସବୁ ଦେଖିଥିଲେ ଏବଂ କରିଥିଲେ ସେ ବିଷୟରେ ବର୍ଣ୍ଣନା କରାଯାଇଅଛି ।

(Glimpses of the Mother's Life, p. 66)

Far-wandering seekers on the Eternal's path
Brought to these quiet founts their spirit's thirst
And spent the treasure of a silent hour
Bathed in the purity of the mild gaze
That, uninsistent, ruled them from its peace,
And by its influence found the ways of calm.

*(Savitri)* – Sri Aurobindo

ଶାଶ୍ୱତର ପଥ ପରେ ଦୂର-ଭ୍ରାମ୍ୟମାଣ ସନ୍ଧାନୀ ସକଳ
ଏହି ନିସ୍ତବ୍ଧ ନିର୍ଝରସବୁ ପାଖକୁ ଆନୟନ କଲେ
ସେମାନଙ୍କ ଚୈତନ୍ୟର ତୃଷ୍ଣା
ଏବଂ ଏକ ନିରବ ମୁହୂର୍ତ୍ତର ଐଶ୍ୱର୍ଯ୍ୟ କଲେ ବ୍ୟୟ
ସେ ମୃଦୁ ଦୃଷ୍ଟିପାତର ନିର୍ମଳତାରେ କଲେ ଅବଗାହନ
ଯାହା, ବିନା ବାଧ୍ୟତାରେ, ଆପଣାର ଶାନ୍ତିରୁ କରୁଥାଏ
ସେମାନଙ୍କୁ ଶାସନ,
ଏବଂ ନିଜର ପ୍ରଭାବ ଯୋଗେ ଖୋଜି ନେଇଥାଏ
ପ୍ରଶାନ୍ତିର ପଥ ।

*(ସାବିତ୍ରୀ)* – ଶ୍ରୀଅରବିନ୍ଦ

ଶେଷ ପୃଷ୍ଠା :

# ଦିବ୍ୟ ଉପସ୍ଥିତି

## ଶ୍ରୀ ବିଶ୍ୱମ୍ଭର ସାମନ୍ତ

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

### (୫)

ଗତ ସଂଖ୍ୟାମାନଙ୍କରେ ଆମେ ଆଲୋଚନା କରିଥିଲୁ ଯେ ଆମ ଭିତରେ ଦିବ୍ୟ ଉପସ୍ଥିତିର ଉପଲବ୍ଧି ଓ ଆମର ଆଧାରଶୁଦ୍ଧି କିପରି ପରସ୍ପର ସହ ଘନିଷ୍ଠ ଭାବରେ ସମ୍ପର୍କିତ । ଆବଶ୍ୟକ ଆଧାରଶୁଦ୍ଧି ନହେଲେ ଆମେ ଦିବ୍ୟ ଉପସ୍ଥିତିର କୌଣସି ପ୍ରତ୍ୟକ୍ଷ ଉପଲବ୍ଧି ପାଇ ପାରିବୁ ନାହିଁ । ମଝିରେ ମଝିରେ ହୁଏତ ତା'ର କିଛି ଝଲକ ମିଳିଲା ପରେ ତାହା ପୁଣି କେଉଁଆଡ଼େ ଦୂରେଇଗଲା ପରି ଲାଗେ । ପ୍ରକୃତରେ ତାହା ଆମଠାରୁ ଦୂରେଇ ଯାଏ ନାହିଁ, ଆମେ ନିଜେ ଅହଂ ଓ କାମନା-ବାସନା ଆଦି ଅଶୁଦ୍ଧିର ଆକର୍ଷଣ ବା ଚାପରେ ତା'ଠାରୁ ଦୂରେଇ ଯାଉ । ଏପରିକି ବେଳେବେଳେ ସେହି ଅଶୁଦ୍ଧିଗୁଡ଼ିକ ଆଉ ଚାପ ପରି ଲାଗେ ନାହିଁ, ମନେହୁଏ ତାହାହିଁ ଆମ ଜୀବନର ସ୍ୱାଭାବିକ ଅଙ୍ଗ ଓ ସେତେବେଳେ ତା'ର ସଂଶୋଧନ ପାଇଁ ଆମ ପ୍ରଚେଷ୍ଟାରେ ଶିଥିଳତା ଆସେ । ଆମେ ନିଜକୁ କହୁ ଯେ ସେହି ଦିବ୍ୟ ଉପସ୍ଥିତିର ପ୍ରତ୍ୟକ୍ଷ ଉପଲବ୍ଧି ଓ ସେଥିପାଇଁ ଆଧାର-ଶୁଦ୍ଧିର ପ୍ରଚେଷ୍ଟା କେବଳ ଯୋଗୀ, ଋଷିମାନଙ୍କ କାମ ଏବଂ ଆମେ ସେଥିପାଇଁ ଯୋଗ୍ୟ ବା ସମର୍ଥ ନୋହୁଁ । ବିଶେଷ କରି ଦିବ୍ୟ ରୂପାନ୍ତରର ଲକ୍ଷ୍ୟ ରଖିଥିବା ପୂର୍ଣ୍ଣଯୋଗର ସାଧନାରେ ଯେତେବେଳେ ଅବଚେତନା ଓ ନିଶ୍ଚେତନା ଭିତରୁ ଗୋଟିକ ପରେ ଗୋଟିଏ ଅଶୁଦ୍ଧି ଉଠି ଆସି ଆମ ଦେହ, ପ୍ରାଣ ଓ ମନ ଉପରେ ତାହାର ପ୍ରଭାବ ବିସ୍ତାର କରେ, ଆମକୁ କବଳିତ କରି ନିଜର ଯନ୍ତ୍ର ରୂପେ ବ୍ୟବହାର କରେ, ସେତେବେଳେ ଆମ ସତ୍ତାର ଗୋଟିଏ ଅଂଶ, ସାଧନା ପାଇଁ ଅଭୀପ୍ସା ରଖିଥିବା ସେହି ଅଂଶଟି ହତାଶା ଓ ଅବସାଦରେ କାତର ହୋଇପଡ଼େ, ତାହାକୁ ଏକପ୍ରକାର ନୈରାଶ୍ୟବାଦ ଗ୍ରାସ କରେ ଓ ତାକୁ ଲାଗେ ଆଧାରଶୁଦ୍ଧି ପାଇଁ ଏହି ସଂଗ୍ରାମର ଶେଷ ନାହିଁ । ଆମେ ତ ଏତେ ନିର୍ବୋଧ ନୋହୁଁ ଯେ ଭାବିବୁ ଆମର ଅଶୁଦ୍ଧିଗୁଡ଼ିକ ସେହିପରି ରହି ଚାଲିଥିବ ଓ ଆମେ ଚେତନାର ସେହି ରାଜ୍ୟରେ ଅନାୟାସରେ ପ୍ରବେଶ କରିବୁ ଯେଉଁଠି ଦିବ୍ୟ ଉପସ୍ଥିତି ନିତ୍ୟ ବିରାଜମାନ ।

ତା'ହେଲେ କ'ଣ ଦିବ୍ୟ ଉପସ୍ଥିତିର ପ୍ରତ୍ୟକ୍ଷ ଉପଲବ୍ଧି ପାଇଁ ସିଧା କୌଣସି ଯତ୍ନ ଓ ପ୍ରୟାସରେ ଏକାଗ୍ର ନହୋଇ ଆମକୁ ଅପେକ୍ଷା କରିବାକୁ ହେବ ଆମ ଭିତରେ ଥିବା ସମସ୍ତ ଅଶୁଦ୍ଧିଗୁଡ଼ିକ ସମ୍ପୂର୍ଣ୍ଣ ଦୂର ହେବା ପର୍ଯ୍ୟନ୍ତ ? କାମ ଓ କ୍ରୋଧ ଆଦିର ବାରଂବାର ଆକ୍ରମଣରେ ବିଚଳିତ ଜଣେ ସାଧକଙ୍କୁ ଶ୍ରୀଅରବିନ୍ଦ ଲେଖିଥିଲେ, "If one had to wait for an absolute purity free from all possibility of these attacks before beginning to realise the Divine, nobody would ever be able to realise. It is as the realisation progresses, that the fundamental transformation takes place."

(CWSA, Vol. 31, p. 601)

ଅର୍ଥାତ୍, ''ଭଗବାନଙ୍କୁ ଉପଲବ୍ଧି କରିବା ଆରମ୍ଭ ହେବା ପୂର୍ବରୁ ଯଦି ଜଣକୁ ଏହିସବୁ ଆକ୍ରମଣରୁ ସମ୍ପୂର୍ଣ୍ଣ ମୁକ୍ତ ଏକ ଅଖଣ୍ଡ ଶୁଦ୍ଧି ପାଇଁ ଅପେକ୍ଷା କରିବାକୁ ପଡ଼ନ୍ତା, ତା'ହେଲେ କେହି ମଧ୍ୟ କେବେହେଲେ କୌଣସି ଦିବ୍ୟ ଉପଲବ୍ଧି ପାଇଁ ସକ୍ଷମ ହୁଅନ୍ତେ ନାହିଁ । ଉପଲବ୍ଧିର ଅଗ୍ରଗତି ସଙ୍ଗରେହିଁ ମୌଳିକ ରୂପାନ୍ତରର ପ୍ରକ୍ରିୟା ଆଗେଇ ଚାଲୁଥାଏ ।''

ତେଣୁ ଦିବ୍ୟ ଉପସ୍ଥିତିର ଉପଲବ୍ଧି ପାଇଁ ଆମର ସକ୍ରିୟ ଅଭୀପ୍ସା ଓ ପ୍ରଚେଷ୍ଟା ଭିତରେହିଁ ଆମେ ଆଧାରଶୁଦ୍ଧିର ପ୍ରୟୋଜନୀୟତା ଓ ପ୍ରକ୍ରିୟା ସମ୍ପର୍କରେ କ୍ରମଶଃ ସଚେତ ହେଉ ଓ ଆମ ଆଧାର ଭିତରୁ ସମସ୍ତ ଅଶୁଦ୍ଧି ଦୂର କରିବା ପାଇଁ ସଚେଷ୍ଟ ହେଉ । କିନ୍ତୁ ନିଜର ପ୍ରଚେଷ୍ଟା ଅପେକ୍ଷା ଆମ ଆଧାରକୁ ଶୁଦ୍ଧ କରି ଗଢ଼ି ତୋଳିବା ପାଇଁ ମା'ଙ୍କ ଶକ୍ତିକୁ ଆବାହନ କରିବା, ନିଜର ଅଶୁଦ୍ଧିଗୁଡ଼ିକ ଉପରେ ମନୋନିବେଶ କରିବା ଅପେକ୍ଷା ନିଜ ଭିତରର ଦିବ୍ୟ ଉପସ୍ଥିତି ଉପରେ ଏକାଗ୍ର ରହିବା ହେଉଛି ଆଧାରଶୁଦ୍ଧିର ଅଧିକ ପ୍ରଶସ୍ତ ବାଟ । ଯେତେବେଳେ ଆମ ସାଧନାର ସମସ୍ତ ଅଗ୍ରଗତି ଓ ସାଫଲ୍ୟର ଭାର ଆମେ ମା'ଙ୍କୁ ଅର୍ପଣ କରିଛୁ ଏବଂ ସେ ତାହା ଗ୍ରହଣ କରିଛନ୍ତି ବୋଲି ନିର୍ଭର

ପ୍ରତିଶ୍ରୁତି ଦେଇଛନ୍ତି, ସେତେବେଳେ ଆମ ଅଶୁଦ୍ଧିଗୁଡ଼ିକୁ ମଧ୍ୟ ତାଙ୍କ ଆଗରେ ରଖି ତାହାର ପ୍ରତିକାର ଓ ସଂଶୋଧନ ପାଇଁ ତାଙ୍କର ଶକ୍ତି ପାଖରେ ପ୍ରାର୍ଥନା ଜଣାଇବାରେ ଆମର କୌଣସି ଦ୍ୱିଧା, କୁଣ୍ଠା ବା ଇତସ୍ତତଃ ଭାବ ରହିବ କାହିଁକି ? ଏକ ପ୍ରଚଳିତ ସଂସ୍କାର ରହିଛି ଯେ କୌଣସି ଅଶୁଦ୍ଧି ନେଇ ଦିବ୍ୟ ଉପସ୍ଥିତିର ନିକଟକୁ ଯିବା ସଙ୍ଗତ ନୁହେଁ । କିନ୍ତୁ ସ୍ୱୟଂ ମା' କହିଛନ୍ତି ଯେ ତାଙ୍କ ନିକଟକୁ ଗଲାବେଳେ ନିଜର ଅଶୁଦ୍ଧିଗୁଡ଼ିକୁ କିଛି ସମୟ ପାଇଁ ଚାପି ରଖି ଛୋଟ ସାଧୁଟିଏ ସାଜି ନଆସି ବରଂ ନିଜ ସ୍ୱଭାବରେ ରହିଥିବା ଦୋଷ, ତ୍ରୁଟି ଓ ଅଶୁଦ୍ଧିଗୁଡ଼ିକୁ ନିଜ ଚେତନାର ସମ୍ମୁଖଭାଗରେ ରଖି ତାଙ୍କ ପାଖକୁ ଆସିବାକୁ ସେ ଅଧିକ ପସନ୍ଦ କରନ୍ତି । କାରଣ ତା'ହେଲେ ସେଗୁଡ଼ିକ ଉପରେ ତାଙ୍କର ଶକ୍ତି ଅଧିକ ଫଳପ୍ରଦ ଭାବରେ କ୍ରିୟା କରିବ । ତାଙ୍କ ନିକଟରେ ଆମ ନିଜର ଶୁଦ୍ଧଭାବ ଓ ସଦ୍‌ଗୁଣଗୁଡ଼ିକର ଅର୍ପଣ ଅପେକ୍ଷା ନିଜ ଅଶୁଦ୍ଧିଗୁଡ଼ିକୁ ଅର୍ପଣ ଓ ନିବେଦନ କରିବାରେ ସେ ଅଧିକ ସନ୍ତୋଷ ଲାଭ କରନ୍ତି । ସେହିପରି ଆମ ଭିତରେ ଥିବା ଦିବ୍ୟ ଉପସ୍ଥିତି ଆଗରେ ମଧ୍ୟ ଆମ ଦେହ, ପ୍ରାଣ ଓ ମନର ଅଶୁଦ୍ଧିଗୁଡ଼ିକୁ ଖୋଲି ଧରିବାକୁ ହେବ ଓ ଆମେ ଯେତେ ଯେତେ ସେହି ଦିବ୍ୟ ଉପସ୍ଥିତିର ଆଲୋକ ଭିତରକୁ ପ୍ରବେଶ କରୁଥିବୁ ଓ ସେହି ଆଲୋକ ଯେତେ ଯେତେ ଆମ ବାହ୍ୟ ସତ୍ତାକୁ ଅଧିକାର କରୁଥିବ ଆମର ଅଶୁଦ୍ଧିଗୁଡ଼ିକ ସେତେ ଅଧିକ ତହିଁରେ ଆପେ ଆପେ ମିଳାଇ ନିଶ୍ଚିହ୍ନ ହୋଇ ଯାଉଥିବ । ତେଣୁ ନିଜର ଅଶୁଦ୍ଧିଗୁଡ଼ିକ ସମ୍ପର୍କରେ ସଚେତ ହୋଇ ତାହାକୁ ଦିବ୍ୟ ଆଲୋକ ଆଗରେ ଅକପଟ ଭାବରେ ରଖି ପାରିବାହିଁ ପ୍ରଧାନ କଥା, ସେଗୁଡ଼ିକୁ ଦୂର କରିବାର କାମଟି ସେହି ଆଲୋକରହିଁ ।

ଆଉ ମଧ୍ୟ ଆମର ଏହି ଦୃଢ଼ ବିଶ୍ୱାସ ରହିବା ଉଚିତ ଯେ ଆମ ଚେତନାରୁ ଅଶୁଦ୍ଧିର ସମସ୍ତ ଆବରଣ, ସମସ୍ତ ଅନ୍ଧକାର ଦୂର କରିଦେଇ ତହିଁରେ ନିଜର ଦିବ୍ୟ ସ୍ୱରୂପ ଓ ଦିବ୍ୟ ଉପସ୍ଥିତିକୁ ପ୍ରକଟ କରିବା ପାଇଁ ସ୍ୱୟଂ ମା'ଙ୍କ ତରଫରୁହିଁ ଏକ ଅବିରାମ ପ୍ରୟତ୍ନ ଚାଲିଛି । ସେ ଆମର ଅଶୁଦ୍ଧିଗୁଡ଼ିକୁ ଦେଖି ପାରୁଛନ୍ତି ଓ ତାହା ଦୂର କରିବା ପାଇଁ ଶକ୍ତି ଯୋଗାଇ ଦେଉଛନ୍ତି । ସେହି ଶକ୍ତି ପ୍ରତି ଗ୍ରହଣଶୀଳ ହେବାର ଆମ ସାମର୍ଥ୍ୟଟି ମଧ୍ୟ ଆସିଥାଏ ତାଙ୍କରି ଠାରୁ । ତେଣୁ ଅନ୍ୟାନ୍ୟ ଅଗ୍ରଗତି ପରି ଆଧାରଶୁଦ୍ଧିରେ ସମସ୍ତ ଅଗ୍ରଗତି ପାଇଁ ଆମକୁ ମା'ଙ୍କ ଉପରେହିଁ ନିର୍ଭର କରିବାକୁ ହେବ । ନିର୍ଭରତାର ଭାବରେ ଜଟିଳତା କିଛି ନାହିଁ । ପ୍ରଚେଷ୍ଟାର କ୍ଷେତ୍ରରେ ସିନା ଆମକୁ ସଂଘର୍ଷ କରିବାକୁ ପଡ଼େ, କିନ୍ତୁ ଆମ ଭିତରେ ରହିଥିବା ମା'ଙ୍କ ଦିବ୍ୟ ଉପସ୍ଥିତି ଉପରେ ଏକ ନିଶ୍ଚିତ ନିର୍ଭରତାର ଭାବ ରଖି ସବୁକିଛି ସମସ୍ୟାର ସମାଧାନର ଭାର ତାହାରି ଉପରେ ଛାଡ଼ି ଦେଲେ ଆମେ ଯେଉଁ ନିରୁଦ୍‌ବିଗ୍ନ, ଶାନ୍ତ ସମର୍ପଣର ଅବସ୍ଥା ଲାଭ କରିବୁ, ତା'ର ପଟାନ୍ତର ନାହିଁ ।

## (୬)

ଦିବ୍ୟ ଉପସ୍ଥିତି ସମ୍ପର୍କରେ ଆମର ଚୈତ୍ୟସତ୍ତା ସର୍ବଦା ସଚେତ ଥାଏ । କିନ୍ତୁ ଆମର ମନ, ପ୍ରାଣ ଓ ଦେହର, ନା ଦିବ୍ୟ ଉପସ୍ଥିତି ସମ୍ପର୍କରେ, ନା ଚୈତ୍ୟସତ୍ତା ସମ୍ପର୍କରେ କୌଣସି ପରିଷ୍କାର ଧାରଣା ବା ଅନୁଭବ ଥାଏ । ଯଦି ଆମର ଚୈତ୍ୟ ଚେତନା ନିଜର ସ୍ପର୍ଶ ଦ୍ୱାରା ଏମାନଙ୍କୁ ଦିବ୍ୟ ଉପସ୍ଥିତି ସମ୍ପର୍କରେ ସଚେତ କରାଇବାକୁ ନିୟତ ପ୍ରୟାସ କରୁ ନଥା'ନ୍ତା ତା'ହେଲେ ଆମେ ଚିରକାଳ ପାଇଁ ସେ ସମ୍ପର୍କରେ ଅଜ୍ଞ ରହିଯାଇଥା'ନ୍ତୁ । ଅହଂ ଓ କାମନା-ବାସନାର ଜୀବନ ଛଡ଼ା ଆଉ ଯେ କିଛି ଜୀବନ ଓ ସତ୍ୟ ରହିଛି ତାହା ଜାଣନ୍ତୁ ନାହିଁ । ତେଣୁ ଯେତେବେଳେ ଆମର ଗତାନୁଗତିକ ଜୀବନ ସମ୍ପର୍କରେ ଏକ ବିସ୍ୱାଦର ଭାବ ଆସେ, ତାହା ଏକ ଅର୍ଥହୀନ ପୁନରାବୃତ୍ତି ପରି ମନେହୁଏ, ସେତେବେଳେ ବୁଝିବାକୁ ହେବ ଆମ ଭିତରେ ଚୈତ୍ୟ ଚେତନାର କେଉଁଠି ଏକ ଗୋପନ ସ୍ପର୍ଶ ଲାଗିଛି । ସେହି ସ୍ପର୍ଶ ଫଳରେହିଁ ଆମେ ନୂତନ କିଛି ସତ୍ୟକୁ ଖୋଜୁଛୁ, ବର୍ତ୍ତମାନର ଜୀବନରେ ସନ୍ତୁଷ୍ଟ ନରହି ନୂତନ କିଛି ସତ୍ୟର ଆଲୋକରେ ଆମ ଜୀବନକୁ ନୂତନ ଭାବେ ପୁନର୍ଗଠିତ କରିବାକୁ ଚାହୁଁଛୁ ।

ଯେତେବେଳେ ଆମ ମନ ଓ ପ୍ରାଣରେ ଏହି ଚୈତ୍ୟ ଚେତନାର ସ୍ପର୍ଶ ଲାଗେ ସେତେବେଳେ ଝାପ୍ସା ଭାବରେ ଆମ ଭିତରେ ଏକ ଧାରଣାର ଉଦୟ ହୁଏ ଯେ ଏହି ଦୃଶ୍ୟମାନ ଜଗତର ଅନ୍ତରାଳରେ, ଏହି ଗତାନୁଗତିକ ଜୀବନ-ପ୍ରବାହର ପଶ୍ଚାତରେ ଏହାକୁ ରୂପ ଦେଇ ଚାଳିତ କରୁଥିବା ଏକ ବିଜ୍ଞତା, ଏକ ଚିରନ୍ତନ ସତ୍ୟ ରହିଛି । ତାହାକୁ ଆମେ ଭଗବାନ୍, ଦିବ୍ୟ ସତ୍ୟ, ଆତ୍ମା ବା ବ୍ରହ୍ମ ଆଦି ଯେଉଁ ନାମରେ କହୁନା କାହିଁକି । ସେତେବେଳେ ମନେହୁଏ ସେହି ସତ୍ୟ ଓ ତାହାର ଦିବ୍ୟ ଉପସ୍ଥିତି ଅନନ୍ତ ଭାବରେ ସର୍ବତ୍ର ପୂରି ରହିଛି କିନ୍ତୁ ଆମେ ତାହାକୁ

ଦେଖିପାରୁ ନାହୁଁ ବା ଉପଲବ୍ଧି କରିପାରୁ ନାହୁଁ । ସେଇ ରହସ୍ୟକୁ ବୁଝିବାର ଶକ୍ତି ମଧ୍ୟ ଆମର ନାହିଁ; ତେଣୁ ଆମେ ସେହି ଦିବ୍ୟ ସତ୍ୟ ପାଖରେ ଶରଣାପନ୍ନ ହେଉ ସେସବୁର ରହସ୍ୟ ଆମକୁ ବୁଝାଇ ଦେବା ପାଇଁ । ବଙ୍ଗଳାର ଭକ୍ତକବି ରଜନୀକାନ୍ତଙ୍କ ଲେଖା କବିତାର ସେହି ଧାଡ଼ିଗୁଡ଼ିକ ମନେପଡ଼େ, –

‘ଆଛ ଅନଲ, ଅନୀଲେ, ଚିର ନଭୋ ନୀଲେ,
ଭୂଧରେ, ସଲିଲେ ଗହନେ,
ଆଛ ବିଟପି ଲତାୟ, ଜଲଦେର ଗାୟ,
ଶଶୀ, ତାରକାୟ ତପନେ –
ଆମି ନୟନେ ବସନ ବାନ୍ଧିଆ,
କେନ ମରି ଗୋ ଆନ୍ଧାରେ କାନ୍ଦିୟା,
ଆମି ଜାନିନାଇ କିଛୁ, ବୁଝିନାଇ କିଛୁ,
ଦାଓ ହେ ଦେଖାୟେ ବୁଝାଏ ।’’

ଅର୍ଥାତ୍, ‘‘ତୁମେ ଅଗ୍ନିରେ, ବାୟୁରେ, ଆକାଶର ନୀଳିମାରେ, ପର୍ବତରେ, ଜଳରେ, ଗଛଲତାରେ, ମେଘରେ, ଚନ୍ଦ୍ର, ତାରକା ଓ ସୂର୍ଯ୍ୟରେ ସର୍ବତ୍ର ବ୍ୟାପୀ ରହିଛ, ମୁଁ କାହିଁକି ଆଖି ଉପରେ ଲୁଗା ବାନ୍ଧି ଅନ୍ଧାରରେ କାନ୍ଦି ମରିବି ? ମୁଁ କିଛି ଜାଣି ନାହିଁ ବା ବୁଝି ନାହିଁ, ମତେ ଦେଖାଇ ବୁଝାଇ ଦିଅ ।’’

କିନ୍ତୁ ଭଗବାନଙ୍କ ତରଫରୁ ତାଙ୍କ ଦିବ୍ୟ ଉପସ୍ଥିତି ସମ୍ପର୍କରେ ଆମକୁ ବୁଝାଇବା ପାଇଁ ଯେତେ ଚେଷ୍ଟା ହେଲେ ମଧ୍ୟ ଆମେ ତାହା ବୁଝି ପାରିବୁ ନାହିଁ ଯେପର୍ଯ୍ୟନ୍ତ ଆମେ ଆମର ସୀମିତ ମନ, ପ୍ରାଣକୁ ନେଇ ନିଜକୁ ଭଗବାନଙ୍କଠାରୁ ଅଲଗା, ବିଶ୍ୱଜଗତଠାରୁ ଅଲଗା ଏକ ପୃଥକ୍ ‘ମୁଁ’ ବୋଧରେ ବନ୍ଦୀ କରି ରଖିଥିବୁ । ନିଜର ସମସ୍ତ ସୀମା ଓ ସଂକୀର୍ଣ୍ଣତାକୁ ଦୂର କରି ଦେଇ ନିଜର ଚେତନାକୁ ଏକ ଅନନ୍ତ ପ୍ରସାର ଭିତରେ ବିକଶିତ ଓ ବ୍ୟାପ୍ତ ନକଲେ ଆମେ ଭଗବାନଙ୍କ ଦିବ୍ୟ ଉପସ୍ଥିତିର ଆନନ୍ତ୍ୟକୁ ବୁଝିବୁ କିପରି ? ତାହାକୁ ନିଜ ଚେତନାରେ ଧାରଣ କରିବୁ କିପରି ? ଆମେ ତାଙ୍କ ପାଖରେ ନିଜକୁ ସମର୍ପଣ କରି ଦେଇଛୁ, ତାଙ୍କର ଶରଣାପନ୍ନ ହୋଇଛୁ । ଠିକ୍ କଥା । କିନ୍ତୁ ମା’ଙ୍କର କୃପା ଓ ଶକ୍ତି ଆମ ବ୍ୟକ୍ତି-ଚେତନାର ସୀମାଗୁଡ଼ିକୁ, ଆମର ‘ମୁଁ’ତ୍ୱ-ବୋଧର ସଂକୀର୍ଣ୍ଣତା ସବୁକୁ ଭାଙ୍ଗି ଦେଇ ତାହାକୁ ବିଶ୍ୱଚେତନା ସଙ୍ଗେ, ବ୍ୟକ୍ତି ଓ ବିଶ୍ୱ ଚେତନାକୁ ଅତିକ୍ରମ କରି ରହିଥିବା ବିଶ୍ୱାତୀତ, ଅନନ୍ତ ଭଗବତ୍ ଚେତନା ସଙ୍ଗେ ମିଳିତ ଓ ଏକ କରିଦେବା ପାଇଁ କ୍ରିୟା କରୁଥିବା ବେଳେ ଆମେ ତାଙ୍କର ସେହି ଉଦ୍ୟମ ସହିତ ସହଯୋଗ ନକରି ନିଜର କାମନା-ବାସନା ଓ ‘ମୁଁ’ତ୍ୱକୁ ଜାବୁଡ଼ି ଧରି ରହିଲେ ଚଳିବ କିପରି ?

ସେହି ସହଯୋଗର ପ୍ରଧାନ କଥା ହେଲା ଆମ ତରଫରୁ ତୀବ୍ର ଅଭୀପ୍ସା, ସଙ୍କଳ୍ପ ଓ ସମର୍ପଣ । ଦିବ୍ୟ ଉପସ୍ଥିତିର ପ୍ରତ୍ୟକ୍ଷ ଉପଲବ୍ଧି ଗୋଟିଏ ଦିନରେ ହୋଇଯିବ ନାହିଁ । ସେଥିପାଇଁ ବର୍ଷ ବର୍ଷ ଧରି ଧୈର୍ଯ୍ୟର ସହିତ ଅପେକ୍ଷା କରିବାକୁ ପଡ଼ିବ । କିନ୍ତୁ ଅଭୀପ୍ସା, ସଙ୍କଳ୍ପ ଓ ସମର୍ପଣ ପାଇଁ ତ ଅପେକ୍ଷା କରିବାର କିଛି ନାହିଁ । ଏହି ମୁହୂର୍ତ୍ତରୁ, ବର୍ତ୍ତମାନଠାରୁ ଆମେ ତାହା ଆରମ୍ଭ କରିପାରୁ ଓ ସବୁ ସମୟରେ ସେଗୁଡ଼ିକୁ ପୋଷଣ କରିବା ପାଇଁ ସଜାଗ ଓ ସଚେଷ୍ଟ ହୋଇପାରୁ । ଶ୍ରୀଅରବିନ୍ଦ ଯେପରି କହିଛନ୍ତି :

“Will, aspiration, surrender are things that you must do yourself – although even in doing them you must call in the Divine Power to help your will, aspiration and surrender and make them effective.”

(CWSA, Vol. 28, p. 138)

ଅର୍ଥାତ୍, ‘‘ସଙ୍କଳ୍ପ, ଅଭୀପ୍ସା ଓ ସମର୍ପଣର କାମଗୁଡ଼ିକୁ ତୁମ ନିଜକୁହିଁ କରିବାକୁ ହେବ – ଯଦିଓ ଏପରିକି ସେଗୁଡ଼ିକ କରିବାରେ ମଧ୍ୟ ଭଗବତ୍ ଶକ୍ତିକୁ ଆବାହନ କରିବାକୁ ହେବ, ତୁମର ସେହି ସଙ୍କଳ୍ପ, ଅଭୀପ୍ସା ଓ ସମର୍ପଣକୁ ସହାୟତା କରି ଫଳପ୍ରଦ କରିବା ନିମନ୍ତେ ।’’

ତେଣୁ ଆମର ଅଭୀପ୍ସା, ସଙ୍କଳ୍ପ ଓ ସମର୍ପଣ ଯେତିକି ଘନ ଓ ନିବିଡ଼ ହେଉଥିବ, ଦିବ୍ୟ ଉପସ୍ଥିତି ମଧ୍ୟ ନିଜର ସତ୍ୟକୁ ନିଜର ମହିମା ଓ ଐଶ୍ୱର୍ଯ୍ୟକୁ ଆମ ଆଗରେ ସେତିକି ଅଧିକ ଖୋଲି ଦେଉଥିବ । ତାହା ଆମ ପାଇଁ ଏକ ନୈର୍ବ୍ୟକ୍ତିକ ଶାନ୍ତି, ଜ୍ଞାନ, ଆଲୋକ, ପ୍ରସାର ଓ ଆନନ୍ଦ ଆଦି ରୂପେ ଆସିପାରେ, ବା ଏସବୁର ପଛରେ, ଏସବୁର ଉତ୍ସ ରୂପେ ବିରାଜମାନ ଏକ ବ୍ୟକ୍ତିକ ଦିବ୍ୟସତ୍ତାର ଉପସ୍ଥିତି ରୂପେ ଆସିପାରେ । ଆମ ପାଇଁ ମା’ଙ୍କ ଦିବ୍ୟ ଉପସ୍ଥିତି ଉପରେ ଏକାଗ୍ର ହେବା ଓ ତାହାର ପ୍ରତ୍ୟକ୍ଷ ଉପଲବ୍ଧି ପାଇଁ ଅଭୀପ୍ସା ଓ ଯତ୍ନ କରିବା ନିଶ୍ଚୟ ଅଧିକ ପ୍ରେରଣାଦାୟୀ । ଶ୍ରୀଅରବିନ୍ଦଙ୍କ କଥାରେ :

“The Divine Presence is felt as that of one who is the living source and essence of that light etc., ... The Mother’s Presence is

still more concrete, definite, personal – it is not that of Someone unknown, of a Power or Being, but of one who is known, intimate, loved, to whom one can offer all the being in a living concrete way.”

(CWSA, Vol. 32, p. 173-174)

ଅର୍ଥାତ୍, ‘‘ଦିବ୍ୟ ଉପସ୍ଥିତି ଅନୁଭୂତ ହୁଏ ଏପରି ଜଣଙ୍କର ଉପସ୍ଥିତି ରୂପେ ଯେ କି ସେହି ଦିବ୍ୟ ଆଲୋକ ଆଦିର ଜୀବନ୍ତ ଉତ୍ସ ଓ ସାରମର୍ମ, ... ମା’ଙ୍କ ଦିବ୍ୟ ଉପସ୍ଥିତି ଆହୁରି ଅଧିକ ଇନ୍ଦ୍ରିୟଗ୍ରାହ୍ୟ ରୂପେ ବାସ୍ତବ, ସୁନିର୍ଦ୍ଦିଷ୍ଟ ଓ ବ୍ୟକ୍ତିକ; କାରଣ ଏହା ଅଜଣା କୌଣସି ଦିବ୍ୟ ଶକ୍ତି ବା ସତ୍ତାଙ୍କର ଉପସ୍ଥିତି ନୁହେଁ, ପରନ୍ତୁ ଏହି ଦିବ୍ୟ ଉପସ୍ଥିତି ଏପରି ଜଣଙ୍କର ଯାହାଙ୍କୁ ଆମେ ଜାଣୁ, ଯେ ଆମର ଅନ୍ତରଙ୍ଗ ଓ ପ୍ରେମାସ୍ପଦା, ଯାହାଙ୍କୁ ଆମେ ଏକ ଜୀବନ୍ତ ଓ ସୁନିର୍ଦ୍ଦିଷ୍ଟ ରୂପେ ଆମର ସମଗ୍ର ସତ୍ତାକୁ ଅର୍ପଣ କରିଦେଇ ପାରୁ ।’’

## (୭)

ମା’ଙ୍କ ଦିବ୍ୟ ଉପସ୍ଥିତି ଯେ ଆମ ସଙ୍ଗରେ ସବୁ ସମୟରେ ରହି ଆମ ଚେତନାକୁ ଭଗବତ୍ ଅଭିମୁଖୀ କରାଉଛି, ଏହା ବରାବର ସ୍ମରଣ ରଖିବା ଉଚିତ । କେବଳ ଆମର ଜାଗ୍ରତ ଅବସ୍ଥାରେ ନୁହେଁ ଆମର ନିଦ୍ରା ଓ ସ୍ୱପ୍ନ ଅବସ୍ଥାରେ ମଧ୍ୟ ମାଙ୍କ ଦିବ୍ୟ ଉପସ୍ଥିତି ଆମର ସହାୟତା କରିଥାଏ । ଜଣେ ସାଧକଙ୍କୁ ମା’ ଲେଖିଥିଲେ, ‘‘ଯଦି ତୁମର ସ୍ୱପ୍ନଗୁଡ଼ିକ ସୂକ୍ଷ୍ମ-ଭୌତିକ ସ୍ତରରେ ହେଉଥାଏ ତେବେ ତା’ର କାରଣ ହେଉଛି, ଅନେକ ସମୟରେ ରାତ୍ରିରେ ମୁଁ ସେଠାରେ କ୍ରିୟା କରିଥାଏ ।’’ ଆଉ ଏକ ପତ୍ରରେ ଲେଖିଥିଲେ, ‘‘ବର୍ତ୍ତମାନ ପାଇଁ ମୋର ଉପଦେଶ ହେଉଛି ରାତ୍ରିରେ, ନିଦ୍ରା ସମୟରେ ମୋତେ ଭେଟିବା ପାଇଁ ଏକ ଅଭୀପ୍ସା ସହ ଶୋଇବା ପୂର୍ବରୁ କେବଳ ଟିକେ ଏକାଗ୍ର ହୁଅ ।’’ ମା’ଙ୍କର ଏହି ଯେଉଁ ଦିବ୍ୟ ଉପସ୍ଥିତି ଆମ ସଙ୍ଗେ ସଙ୍ଗେ ରହି ଆମର କଲ୍ୟାଣ ସାଧନ ନିମନ୍ତେ, ସାଧନାରେ ଆମର ଅଗ୍ରଗତି ନିମନ୍ତେ ସଦାତତ୍ପର, ଆମେ ସେ ସମ୍ପର୍କରେ ସଚେତ ହେବା ପାଇଁ କେତେ ଟିକେ ଚେଷ୍ଟା କରୁ ?

ଯାହାଙ୍କୁ ଜାଣିଲେ ଆମେ ସବୁକିଛି ଜାଣିବୁ, ଯାହାଙ୍କୁ ପାଇଲେ ଆମେ ସବୁକିଛି ପାଇବୁ, ମା’ଙ୍କର ସେହି ଦିବ୍ୟ ଉପସ୍ଥିତି ଆମ ଭିତରେ ସଦାସର୍ବଦା ବିଦ୍ୟମାନ ହୋଇ ରହିଥିଲେ ମଧ୍ୟ ତାହାକୁ ପ୍ରତ୍ୟକ୍ଷଭାବେ ଉପଲବ୍ଧି କରିବା ପାଇଁ ଆମେ କାହିଁକି ତାହାକୁହିଁ ଆମ ଜୀବନର ପ୍ରଥମ ଓ ପ୍ରଧାନ ଲକ୍ଷ୍ୟ ରଖୁନା, ଏହାହିଁ ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ । ଯେଉଁମାନେ ଏହା ବିଶ୍ୱାସ କରନ୍ତି ନାହିଁ ସେମାନଙ୍କ କଥା ଅଲଗା, କିନ୍ତୁ ଯେଉଁମାନେ ଏହା ବିଶ୍ୱାସ କରନ୍ତି ଓ ପୂର୍ଣ୍ଣଯୋଗର ଲକ୍ଷ୍ୟ ଓ ପଥ ଗ୍ରହଣ କରିଛନ୍ତି, ସେମାନେ କାହିଁକି ନିଜର ସମସ୍ତ ଚେତନା, ଜୀବନ ଓ କର୍ମକୁ ଏହି ଲକ୍ଷ୍ୟ ଦିଗରେ ଚାଳିତ କରିବା ପାଇଁ ଏକ ସଚେତ ଦୃଢ଼ ସଙ୍କଳ୍ପ ନ ନିଅନ୍ତି ? ଆମେ ସମସ୍ତେ କହୁଥାଉ ବା ହୁଏତ ମନରେ ଭାବୁଥାଉ ଯେ ଆମେ ଏହି ସଙ୍କଳ୍ପ ନେଇଛୁ, କିନ୍ତୁ ପ୍ରକୃତରେ ଆମର ଭାବନା, ଆବେଗ ଓ ଆଚରଣରେ ସେହି ସଙ୍କଳ୍ପ ଅନୁଯାୟୀ ଆମର ଜୀବନ-ପ୍ରବାହକୁ ସେହି ଧାରାରେ କେତେଟା ଚାଳିତ କରୁ ? ତାତ୍ତ୍ୱିକ ଆଲୋଚନା, ପୁସ୍ତକ ପାଠ, ସମ୍ମିଳନୀ ଓ ଭାଷଣ ଆଦି ପାଇଁ ଆମେ ଯେତେଟା ଉତ୍ସାହ ଦେଖାଉ, ମା’ଙ୍କ ଦିବ୍ୟ ଉପସ୍ଥିତିର ପ୍ରତ୍ୟକ୍ଷ ଉପଲବ୍ଧି ପାଇଁ ଆମର ବାସ୍ତବ ଜୀବନ, କର୍ମ ଓ ଆଚରଣରେ ତାହାର ଏକ-ଶତାଂଶ ଉତ୍ସାହ ରହିଲେ ଆମେ ଅନେକ ଦୂର ଆଗେଇ ଯାଇପାରନ୍ତୁ । ଶ୍ରୀମା ଯେପରି କହିଥିଲେ ସମୁଦ୍ର ଗୋଟାକର ତତ୍ତ୍ୱ ଅପେକ୍ଷା ବିନ୍ଦୁଏ ଅଭ୍ୟାସ ଅଧିକ ମୂଲ୍ୟବାନ୍ ।

ଆମର ମନେହୁଏ ଏ ଦିଗରେ ପ୍ରଧାନ ବାଧାଟି ଆସେ ଯେତେବେଳେ ଆମେ ଭାବୁ – ସତରେ କ’ଣ ମା’ଙ୍କ ଦିବ୍ୟ ଉପସ୍ଥିତିକୁ ପ୍ରତ୍ୟକ୍ଷ କରିହେବ ? ଆମର କ’ଣ ସେତିକି ଶୁଦ୍ଧି ଓ ସାମର୍ଥ୍ୟ ଅଛି ? ଆତ୍ମ-ବିଶ୍ୱାସର ଏହି ଅଭାବଟିକୁ ଘୋଡ଼ାଇବାକୁ ଯାଇ ଆମେ ନିଜକୁ ପ୍ରବୋଧନା ଦେଉ ଯେ ଆମେ ତ ମା’ଙ୍କ ପାଖରେ ନିଜକୁ ସମର୍ପଣ କରି ଦେଇଛୁ, ତେଣିକି ମା’ ଜାଣନ୍ତି ସେ ଆମ ପାଇଁ କ’ଣ କରିବେ ବା ନ କରିବେ । ଯଦି ସତରେ ସବୁ ସମୟରେ ଆମେ ଆମର ସମଗ୍ର ଚେତନା ଓ ସତ୍ତା ଦେଇ ଏହି ଭାବଟି ଉପରେ ଏକାଗ୍ର ଓ ଆତ୍ମସ୍ଥ ରହି ପାରନ୍ତୁ ତା’ହେଲେ ତାହା ନିଶ୍ଚୟ ସାଧନାର ସବୁଠୁ ଉଚ୍ଚକୋଟିର ଭାବ । କିନ୍ତୁ ପ୍ରକୃତରେ ତାହା ହୁଏ ନାହିଁ । ସାରା ଦିନରେ ଥରେ ଅଧେ ଏହି ସମର୍ପଣ କଥା ମନକୁ ଆଣି ଆମେ ମନଦେଇ ଲାଗିଥାଉ ଆମର ଛୋଟ ଛୋଟ କାମନା-ବାସନା, ଅହଂ ଓ ଅଭିଳାଷ ଆଦିର ପୂରଣ ପାଇଁ । ସେହିଗୁଡ଼ିକ ପଛରେହିଁ ଶ୍ରାନ୍ତକ୍ଳାନ୍ତ ହୋଇ ଧାଇଁ ଥାଉ । ମା’ କହିଛନ୍ତି ଆମର ପ୍ରାର୍ଥନାକୁ

ସୁନିର୍ଦ୍ଦିଷ୍ଟ ରୂପ ଦେବାକୁ । "... you should formulate your prayer I" — ''... ତୁମର ପ୍ରାର୍ଥନାକୁ ନିର୍ଦ୍ଦିଷ୍ଟ ରୂପ ଦିଅ ।'' ତେଣୁ ଆମେ ଯେ ମା'ଙ୍କ ଦିବ୍ୟ ଉପସ୍ଥିତିକୁ ପ୍ରତ୍ୟକ୍ଷ ଭାବରେ ଉପଲବ୍ଧି କରିବାକୁ ଚାହୁଁ — ନିର୍ଦ୍ଦିଷ୍ଟ ଭାବରେ ଏହି ପ୍ରାର୍ଥନାଟି ଜଣାଇବାକୁ ହେବ ଏବଂ ପ୍ରତିଟି ମୁହୂର୍ତ୍ତରେ ସଜାଗ ଓ ସତର୍କ ରହି ଏ ଦିଗରେ କେଉଁ ବାଧାଗୁଡ଼ିକ କିପରି ଆସୁଛି ତାହାକୁ ଦୂର କରିବା ପାଇଁ ଓ କେଉଁ ସହାୟତାଗୁଡ଼ିକ କିପରି ମିଳୁଛି ତାହାକୁ ଆଦରି ନେବା ପାଇଁ ସଚେତ ଉଦ୍ୟମ ଓ ଯତ୍ନ କରିବାକୁ ହେବ ।

ଆମେ ଯେ ମା'ଙ୍କର ଦିବ୍ୟ ଉପସ୍ଥିତିକୁ ଆମର ସମଗ୍ର ଇନ୍ଦ୍ରିୟାନୁଭୂତି ଦେଇ ପ୍ରତ୍ୟକ୍ଷଭାବେ ଉପଲବ୍ଧି କରିପାରିବୁ, ମା'ଙ୍କୁ ଦର୍ଶନ କରିପାରିବୁ, ତାଙ୍କ ସ୍ପର୍ଶ ପାଇପାରିବୁ, ତାଙ୍କର ବାଣୀ ଶୁଣି ପାରିବୁ, ଏ ସମ୍ପର୍କରେ ଆମର ତିଳେମାତ୍ର ସନ୍ଦେହ ରହିବା ଉଚିତ ନୁହେଁ । ସ୍ୱୟଂ ମା' ଏ ସମ୍ପର୍କରେ ଅତି ସ୍ପଷ୍ଟ ଭାବରେ କହିଛନ୍ତି —

"I am always with you, and to become conscious of the inner Presence is one of the most important points of the Sadhana. Ask X, he will tell you that the Presence is not a matter of faith or of mental imagination, it is a fact, absolutely concrete and as real and tangible to the consciousness as the most material phenomenon." (CWM, Vol. 16, p. 160)

ଅର୍ଥାତ୍, ''ମୁଁ ତୁମ ସଙ୍ଗରେ ସର୍ବଦା ରହିଛି, ଏବଂ ଏହି ଆନ୍ତର ଦିବ୍ୟ ଉପସ୍ଥିତି ସମ୍ପର୍କରେ ସଚେତ ହେବା ହେଉଛି ସାଧନାର ଏକ ଅତି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । 'ଏକ୍ସ'ଙ୍କୁ ପଚାର, ସେ ତୁମକୁ କହିଦେବେ ଯେ ଏହି ଦିବ୍ୟ ଉପସ୍ଥିତି କେବଳ ଏକ ବିଶ୍ୱାସର ବା ମାନସିକ କଳ୍ପନାର ବିଷୟ ନୁହେଁ । ଏହା ଏକ ବାସ୍ତବ ସତ୍ୟ, ସମ୍ପୂର୍ଣ୍ଣ ସୁନିର୍ଦ୍ଦିଷ୍ଟ ଓ ଚେତନା ପାଇଁ ବସ୍ତୁ ଜଗତରେ ରହିଥିବା ସ୍ଥୂଳ ଜଡ଼ ଜିନିଷ ପରି ବାସ୍ତବ ଓ ବୋଧଗମ୍ୟ ।''

ଦିବ୍ୟ ଉପସ୍ଥିତିର ଏହି ପ୍ରତ୍ୟକ୍ଷ ଉପଲବ୍ଧି ସେତିକି ପୂର୍ଣ୍ଣାଙ୍ଗ ହୁଏ ଆମ ଚେତନା ଓ ସତ୍ତାର ଯେତିକି ଅଧିକ ଅଂଶ ଏଥିରେ ଭାଗ ନିଅନ୍ତି । ମା'ଙ୍କ କଥାରେ,

"To have the perception of the Presence, the participation of feeling is indispensable, and when sensation collaborates, then the perception becomes concrete and tangible."
(19 December, 1968) (CWM, Vol. 16, p. 391)

ଅର୍ଥାତ୍, ''ଦିବ୍ୟ ଉପସ୍ଥିତିକୁ ପ୍ରତ୍ୟକ୍ଷ କରିବାକୁ ହେଲେ ତହିଁରେ ଭାବାନୁଭୂତିର ଅଂଶଗ୍ରହଣ ଅପରିହାର୍ଯ୍ୟ, ଏବଂ ଯେତେବେଳେ ତା' ସଙ୍ଗରେ ସଂବେଦନ ବା ଇନ୍ଦ୍ରିୟାନୁଭୂତି ସହଯୋଗ କରେ ସେତେବେଳେ ସେହି ପ୍ରତ୍ୟକ୍ଷଟି ପୂରା ସୁନିର୍ଦ୍ଦିଷ୍ଟ ଓ ଇନ୍ଦ୍ରିୟ ବୋଧଗମ୍ୟ ହୁଏ ।''

(ସମାପ୍ତ)

ସର୍ବଦା ସେ ତୁମ ମଧ୍ୟରେ ଓ ତୁମେ ତାଙ୍କ ମଧ୍ୟରେ; ଏହାହିଁ ହେବ ତୁମର ନିରନ୍ତର, ସହଜ ଓ ସ୍ୱାଭାବିକ ଅନୁଭୂତି ଯେ ତୁମର ସମସ୍ତ ଚିନ୍ତା, ସମସ୍ତ ଦୃଷ୍ଟି ଓ କର୍ମ, ତୁମର ପ୍ରତିଟି ନିଃଶ୍ୱାସ-ପ୍ରଶ୍ୱାସ, ପ୍ରତ୍ୟେକଟି ଗତିବୃତ୍ତି ତାଙ୍କରିଠାରୁହିଁ ଆସିଛି, ସେସମସ୍ତ ତାଙ୍କରି । ତୁମେ ଜାଣିବ ଏବଂ ଦେଖିବ ଓ ଅନୁଭବ କରିବ ଯେ ଦିବ୍ୟଜନନୀ ତାଙ୍କ ନିଜ ସତ୍ତାରୁହିଁ ତୁମକୁ ଏକ ବ୍ୟକ୍ତି ବିଶେଷ ଓ ଶକ୍ତିରୂପେ ନିଜେହିଁ ଗଢ଼ିଛନ୍ତି, ଲୀଳା ନିମନ୍ତେ ନିଜଠାରୁ ବାହାରକୁ ପ୍ରକଟ କରି ଧରିଛନ୍ତି, ତେବେ ବି ସର୍ବଦାହିଁ ତୁମେ ତାଙ୍କ ମଧ୍ୟରେ ନିରାପଦରେ ରହିଛ, ତାଙ୍କରି ସତ୍ତାର ତୁମେ ସତ୍ତା, ତାଙ୍କରି ଚେତନାର ତୁମେ ଚେତନା, ତାଙ୍କରି ଶକ୍ତିର ତୁମେ ଶକ୍ତି, ତାଙ୍କରି ଆନନ୍ଦର ତୁମେ ଆନନ୍ଦ ।

— ଶ୍ରୀଅରବିନ୍ଦ



କାରାମୁକ୍ତି ପରେ ଶ୍ରୀଅରବିନ୍ଦ, ମେ, ୧୯୦୯

ଶ୍ରୀଅରବିନ୍ଦଙ୍କ କଲିକତା ଜୀବନର ସଂକ୍ଷିପ୍ତ ବିବରଣୀ ସହ ସେହି ସମୟସୀମା ଭିତରେ ତାଙ୍କର ଶ୍ରୀପାଦ ସ୍ପର୍ଶ କରିଥିବା ବିଭିନ୍ନ ସ୍ଥାନ ଓ ନିକଟ ସାନ୍ନିଧ ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କର ଫଟୋଚିତ୍ରର ଏକ ସମାହାର ।

(ସପ୍ତମ ପର୍ବ)



୬, କଲେଜ ସ୍କୋୟାର,
ଶ୍ରୀଯୁକ୍ତ କୃଷ୍ଣ କୁମାର ମିତ୍ରଙ୍କର ବାସଭବନ

୬ ମେ, ୧୯୦୯ । ଶେଷ ଅପରାହ୍ଣରେ ଶ୍ରୀଅରବିନ୍ଦ ଚିତ୍ତରଞ୍ଜନଙ୍କ ପରିବାରବର୍ଗଙ୍କ ଠାରୁ ବିଦାୟ ନେଇ ମଉସା କୃଷ୍ଣ କୁମାର ମିତ୍ରଙ୍କ ବାସଭବନକୁ ଆସିଲେ । ସାଥିରେ ଥିଲେ ମଉସାଙ୍କ ପୁଅ ସୁକୁମାର ଓ ଭଉଣୀ ସରୋଜିନୀ । ମିତ୍ର ମହାଶୟ ଏବେ ବି ନିର୍ବାସିତ ଥା'ନ୍ତି । ଶ୍ରୀଅରବିନ୍ଦ ଘରେ ପହଞ୍ଚିବା ମାତ୍ରେ ପରିବାରବର୍ଗଙ୍କୁ ଆଚ୍ଛନ୍ନ ରଖିଥିବା ବିଷାଦ ଦୂରେଇଗଲା । ସେତେବେଳେ ପରିବାରବର୍ଗଙ୍କ ମଧ୍ୟରେ ଶ୍ରୀଅରବିନ୍ଦଙ୍କର ମାତୃ-ସହୋଦରା ମାଉସୀ ଲୀଳାବତୀ ଦେବୀ ତଥା ମିତ୍ର-ଦମ୍ପତିଙ୍କ ପୁତ୍ର କନ୍ୟା – ସୁକୁମାର, କୁମୁଦିନୀ (ଡାକନାମ 'ରତ୍ନ') ଓ ବାସନ୍ତୀ ଏବଂ ସରୋଜିନୀ ।

ମିତ୍ର ମହାଶୟଙ୍କ ବାସଭବନର ତଳ ମହଲାରେ ପରିବାରବର୍ଗ ବସବାସ କରୁଥିଲେ ଏବଂ ଉପର ମହଲାରେ ଥିଲା ତାଙ୍କରି ଦ୍ୱାରା ସମ୍ପାଦିତ ଓ ପ୍ରକାଶିତ 'ସଞ୍ଜୀବନୀ' ପତ୍ରିକାର ଅଫିସ । (ଏବେ ପିତାଙ୍କ ଅନୁପସ୍ଥିତିରେ ସୁକୁମାର ପତ୍ରିକା ପ୍ରକାଶନର ଦାୟିତ୍ୱ ତୁଲାଉଥିଲେ ।) ଏବଂ ଏହି ଅଫିସ ପାଖକୁ ଲାଗି ଦୁଇଟି କକ୍ଷରେ ଶ୍ରୀଅରବିନ୍ଦଙ୍କ ରହିବା ନିମିତ୍ତ ବନ୍ଦୋବସ୍ତ କରାଯାଇଥିଲା । ସେ ସେହିଠାରେ ଲେଖାଲେଖି କରୁଥିଲେ ଏବଂ ଆଗନ୍ତୁକ ବ୍ୟକ୍ତିମାନଙ୍କ ସହିତ ସାକ୍ଷାତ୍ କରୁଥିଲେ । ...

ଠିକ୍ ପରଦିନଠାରୁ ଦଳ ଦଳ ବହୁ ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ଗହଣରେ ଜାତିଧର୍ମନିର୍ବିଶେଷରେ ଆବାଳବୃଦ୍ଧବନିତା ତାଙ୍କୁ ଦର୍ଶନ କରିବା ନିମିତ୍ତ ତାଙ୍କ ବାସଭବନକୁ ଆସୁଥିଲେ; କେବେ କେବେ ସାମନା ରାସ୍ତାରେ ଏକତ୍ର ହେଉଥିଲେ । ତେଣୁ ଶ୍ରୀଅରବିନ୍ଦ ତାଙ୍କ କକ୍ଷ ସାମନା ବାଲ୍‌କୋନିରେ ସେମାନଙ୍କୁ ଦର୍ଶନ ଦେଇ ବିଦାୟ ଦେଉଥିଲେ । ପରିବେଶରେ ଭରି ରହୁଥିଲା ଶ୍ରଦ୍ଧା ଓ ଭକ୍ତିର ଅଭୂତପୂର୍ବ ଉଚ୍ଛ୍ୱାସ । ...



ପଶ୍ଚାତରେ ଦଣ୍ଡାୟମାନ ଶ୍ରୀଅରବିନ୍ଦ, ସରୋଜିନୀ ଓ ବାରୀନ୍; ସମ୍ମୁଖରେ ବସିଛନ୍ତି (ବାମରୁ ଡାହାଣକୁ) କୃଷ୍ଣ କୁମାରଙ୍କର ଜ୍ୟେଷ୍ଠା କନ୍ୟା କୁମୁଦିନୀ (ବସୁ), ପୁତ୍ର ସୁକୁମାର, ସ୍ତ୍ରୀ ଲୀଳାବତୀ ଦେବୀ ଓ କନିଷ୍ଠା କନ୍ୟା ବାସନ୍ତୀ (ଚକ୍ରବର୍ତ୍ତୀ) । (ଖୁବ୍ ସମ୍ଭବତଃ ୧୯୦୩ର ଫଟୋଗ୍ରାଫ୍)

ଶ୍ରୀଅରବିନ୍ଦଙ୍କ କାରାମୁକ୍ତିର ଠିକ୍ ପରଦିନ ମାସିକ ବେଙ୍ଗଲୀ ପତ୍ରିକା 'ଭାରତୀ'ର ସମ୍ପାଦକ ସ୍ୱର୍ଣ୍ଣକୁମାରୀ ଦେବୀ ସମ୍ପାଦକୀୟ ପୃଷ୍ଠାରେ ପ୍ରକାଶ କରିଥିବା ବିବରଣୀରୁ କିୟଦଂଶ ଉଦ୍ଧାର କରୁଛୁ :

''... ମୁକ୍ତିର ପରଦିନ କଲିକତାର ଛାତ୍ରଗଣ ଶ୍ରୀଅରବିନ୍ଦଙ୍କ ସହିତ ସାକ୍ଷାତ୍ କରିବାକୁ ଯାଇଥିଲେ । କିନ୍ତୁ ତାଙ୍କର ଦେହ, ମନର ଅବସନ୍ନତାବଶତଃ ସେ ତଳକୁ ନଆସି ଦ୍ୱିତଳର ବାଲ୍‌କୋନିରୁ ଯୋଡ଼ ହସ୍ତରେ ସେମାନଙ୍କୁ ଏହି ମର୍ମରେ କହିଥିଲେ : ... ତାଙ୍କର ବିପଦ ଓ ଦୁର୍ଗତିର ଦିନରେ ତାଙ୍କ ସ୍ୱଦେଶବାସୀଙ୍କର ସ୍ନେହ ଓ ସହାନୁଭୂତିରୁ ସେ ମୁହୂର୍ତ୍ତକ ପାଇଁ ବି ବଞ୍ଚିତ ହୋଇ ନାହାନ୍ତି; ଏହାକୁହିଁ ସେ ପରମ ସୌଭାଗ୍ୟ ବୋଲି ଜ୍ଞାନ କରନ୍ତି ଏବଂ ଏହାରି ଦ୍ୱାରାହିଁ ସେ ସକଳ କଷ୍ଟ ଓ ଲାଞ୍ଛନା ମଧ୍ୟରେ ଅପୂର୍ବ ଆନନ୍ଦ ଓ ଶାନ୍ତି ଅନୁଭବ କରିଅଛନ୍ତି ।

''ଆମେମାନେ ବି ତାଙ୍କୁ ଦେଖିବାକୁ (ଉପର ମହଲାକୁ) ଯାଇଥିଲୁ । ତାଙ୍କର ସୌମ୍ୟମୂର୍ତ୍ତି ଦର୍ଶନରେ ହୃଦୟ ଆନନ୍ଦପୂର୍ଣ୍ଣ ହୋଇଯାଏ । ଏକ ବର୍ଷ ଧରି ଜେଲରେ କେତେ ନା କେତେ କଷ୍ଟଭୋଗ କରି ଅଛନ୍ତି, ତଜ୍ଜନିତ ଦେହ କ୍ଳାନ୍ତ, ମନ ଅବସନ୍ନ ତଥାପି ମୁଖମଣ୍ଡଳରେ ପ୍ରଫୁଲ୍ଲ ଭାବ, ଅଧରରେ ବାଳକୋଚିତ ସରଳ ହାସ୍ୟ ବିରାଜିତ । ...''



১১২ ভারতী। জ্যৈষ্ঠ, ১৩১৬

## অরবিন্দ ঘোষ।

একদিন পরে গত ৬ই মে তারিখে আলিপুরে বোমার মকদ্দমা শেষ হইল। ৩৬ জন বিচারাধীনের মধ্যে ১৭ জনকে মুক্তিদান করিয়া বিচারপতি বিচ্‌ক্রফ্‌ট দেশের আবালবৃদ্ধ সকলেরই ধন্যবাদের পাত্র হইয়াছেন। অনেক বালককেই যে পুলিশ এই মকদ্দমায় বৃথা জড়িত করিয়াছে;—বিশেষতঃ অরবিন্দ যে সম্পূর্ণ নিরপরাধ এই বিশ্বাসে এতদিন দেশের সকলেই ভগবানকে আকুলভাবে ডাকিয়া, এই বিচার নিষ্পত্তির দিকে উৎগ্রীবভাবে চাহিয়া ছিলেন। এই আকুল প্রার্থনা গ্রাহ্য হইল, আজ আমাদের আনন্দের দিন! বিধাতা অরবিন্দকে অগ্নি পরীক্ষায় উত্তীর্ণ করিয়াছেন। তিনি যাহাকে ভালবাসেন তাহাকে কষ্ট দিয়া নিজের কাছেই টানিয়া লন। অরবিন্দের বিদ্যাবুদ্ধি অপরিসীম; তিনি ইচ্ছা করিলে, সুখে স্বচ্ছন্দে মহাসম্মানে সংসারযাত্রা নির্ব্বাহ করিতে পারিতেন। সকলেই জানেন তিনি সিভিল সার্ভিসে পাস হইয়াছিলেন কেবল অশ্বপরিচালনে ফেল হওয়াতে সে কর্ম্ম লাভ করেন নাই। কিন্তু ইহা সত্ত্বেও গবর্ণমেণ্ট ইহাকে অন্য উচ্চপদ দান করিতে চাহেন। অরবিন্দ তাহা গ্রহণ না করিয়া প্রথমে বরদারাজ-কর্ম্মচারী হইয়া পরে দেশের কাজে পূর্ণভাবে জীবনদানবাসনায় সে কর্ম্মও ত্যাগ করিয়া কলিকাতায় আগমন করেন। এখানে শত কষ্টকে তুচ্ছজ্ঞান করিয়া মাতৃপূজায় আত্মোৎসর্গ করিয়াছিলেন। তাঁহার আদর্শ তাঁহার শিক্ষা কেবল বঙ্গদেশের মধ্যে নহে—ভারতবর্ষে নবধর্ম্ম নবযুগ, নবজীবন সঞ্চার করিয়াছে।—তাঁহার জীবন ভারতে অতুলকীর্ত্তি। মাতৃভূমি ইহাঁর নিকট জড়পদার্থ নহে, আত্মাবন্ত পদার্থ। তিনি তাঁহার পত্নীকে একখানি পত্রে এসম্বন্ধে যাহা লিখিয়াছেন তাহা অতি সুন্দর। স্থানান্তরে আমরা তাহার কিয়দংশ মাত্র উদ্ধৃত করিয়া দেখাইতেছি;— "* * * অন্য লোকে স্বদেশকে একটা জড় পদার্থ, কতগুলা মাঠ, ক্ষেত্র, পর্ব্বত, নদী বলিয়া জানে, আমি স্বদেশকে মা বলিয়া জানি, ভক্তি করি, পূজা করি। মার বুকের উপর বসিয়া যদি একটা রাক্ষস রক্তপানে উদ্যত হয় তাহা হইলে ছেলে কি করে? নিশ্চিন্ত ভাবে আহার করিতে বসে, স্ত্রী পুত্রের সঙ্গে আমোদ করিতে বসে, না মাকে উদ্ধার করিতে দৌড়িয়া যায়? আমি জানি এই পতিত জাতিকে উদ্ধার করিবার বল আমার আছে, শারীরিক বল নাই, তরবারি বা বন্দুক নিয়া আমি যুদ্ধ করিতে যাইতেছি না, ক্ষাত্রতেজ একমাত্র তেজ নহে, ব্রহ্মতেজও আছে, সেই তেজ জ্ঞানের উপর প্রতিষ্ঠিত, এই ভাব নূতন নহে, আজকালকার নহে, এই ভাব নিয়া আমি জন্মিয়াছিলাম, এই ভাব আমার মজ্জাগত, ভগবান এই মহাব্রত সাধন করিতে আমাকে পৃথিবীতে পাঠাইয়াছিলেন, চৌদ্দ বৎসর বয়সে বীজটা অঙ্কুরিত হইতে লাগিল আঠার বৎসর বয়সে দৃঢ়-প্রতিষ্ঠ ও অচল হইয়াছিল। * *"

তাঁহার মুক্তির পরদিন কলিকাতার ছাত্রগণ অরবিন্দের সহিত সাক্ষাৎ করিতে গিয়াছিলেন। কিন্তু তাঁহার দেহ মনের অবসন্নতাবশতঃ তিনি দ্বিতলের বারাণ্ডা হইতে ক্ষমা ভিক্ষা করিয়া বলিয়াছিলেন যে "তাঁহার বিপদ ও দুর্গতির দিনে তাঁহার স্বদেশবাসীর স্নেহ ও সহানুভূতি হইতে যে তিনি মুহূর্ত্তের জন্যও বঞ্চিত হন নাই, ইহাই তিনি পরম সৌভাগ্য বলিয়া জ্ঞান করেন এবং ইহাতেই তিনি সকল কষ্ট ও লাঞ্ছনার মধ্যে অপূর্ব্ব আনন্দ ও শান্তি অনুভব করিয়াছেন।" আমরাও তাঁহাকে দেখিতে গিয়াছিলাম। ইহাঁর সৌম্যমূর্ত্তি দর্শনে হৃদয় আনন্দপূর্ণ হয়। এক বৎসর ধরিয়া জেলে কত না কষ্ট ভোগ করিয়াছেন, তজ্জনিত দেহ ক্লান্ত মন অবসন্ন তথাপি মুখে প্রফুল্ল ভাব—অধরে বালকের ন্যায় সরল হাস্য বিরাজিত দেখিলাম।— বিচারে যাঁহারা দণ্ডনীয় হইয়াছেন হাইকোর্টে তাঁহাদের আপিল হইতেছে। আশা করি জষ্টিস মহোদয় এই অর্ব্বাচীন বালকদিগের প্রতি দয়াধর্ম্ম প্রকাশে প্রকৃত ন্যায়নীতিরই প্রতিষ্ঠা করিবেন।


কলিকাতা, ২০ কর্ণওয়ালিস ষ্ট্রীট, কান্তিক প্রেসে শ্রীহরিচরণ মান্না দ্বারা মুদ্রিত ও ৯৯, ওল্ড বালিগঞ্জ রোড হইতে শ্রীসতীশচন্দ্র মুখোপাধ্যায় দ্বারা প্রকাশিত।

ଜ୍ୟେଷ୍ଠ, ୧୩୧୬ (ମେ, ୧୯୦୯), 'ଭାରତୀ'ର ସମ୍ପାଦକୀୟ ପୃଷ୍ଠାରେ 'ଅରବିନ୍ଦ ଘୋଷ' ଶିରୋନାମାରେ ମୁଦ୍ରିତ କଥାବସ୍ତୁର ଅବିକଳ ପ୍ରତିଲିପି



ସ୍ୱର୍ଣ୍ଣକୁମାରୀ ଦେବୀ (୧୮୮୫-୧୯୩୨) : ମହର୍ଷି ଦେବେନ୍ଦ୍ରନାଥ ଠାକୁରଙ୍କର କନ୍ୟା; ରବୀନ୍ଦ୍ରନାଥଙ୍କର ସାନ ଭଉଣୀ । ବଙ୍ଗଳାର ପ୍ରଥମ ନାରୀ ଲେଖିକା ହିସାବରେ ୧୯୨୭ରେ କଲିକତା ବିଶ୍ୱବିଦ୍ୟାଳୟରୁ 'ଜଗତ୍ତାରିଣୀ' ସ୍ୱର୍ଣ୍ଣ ପଦକ ପୁରସ୍କାର ପାଇଥିଲେ ।

ଏହି ସମୟରେ ଯୁଗପତ୍ ସ୍ଥାନୀୟ ବିଭିନ୍ନ ସଂବାଦପତ୍ରରେ ('ଦି ବେଙ୍ଗଲୀ', 'ଅମୃତ ବଜାର ପତ୍ରିକା', 'ଦି ଷ୍ଟେଟ୍‌ସମ୍ୟାନ୍', 'ବସୁମତି', 'ବଙ୍ଗ ବନ୍ଧୁ' ଇତ୍ୟାଦି ଅନ୍ୟତମ) ଜନସାଧାରଣଙ୍କର ଆଶ୍ୱସ୍ତି ଓ ଆନନ୍ଦ ଏବଂ ଶ୍ରୀଅରବିନ୍ଦଙ୍କ ପ୍ରତି ଅକୁଣ୍ଠ ସମ୍ମାନ ନିବେଦନ ତତ୍କାଳୀନ ଭାରତରେ ଅପୂର୍ବ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଶ୍ରୀଅରବିନ୍ଦ ମାତ୍ର ଅଢ଼େଇ ବର୍ଷ ପ୍ରକାଶ୍ୟ ରାଜନୀତିରେ ଓ ପ୍ରଚାର-ବିମୁଖ ଭାବରେ ନିଜର ଦାୟିତ୍ୱ ତୁଲାଇ ଥିଲେ । ତଥାପି ତାଙ୍କ ପ୍ରତି ଏହି ବିପୁଳ ସାର୍ବଜନୀନ ଉଚ୍ଛ୍ୱାସ ଯେ ଅପ୍ରତ୍ୟାଶିତ, କହିବା ବାହୁଲ୍ୟ ମାତ୍ର ।



# BABU AUROBINDO GHOSE'S LETTER.

To the Editor of the "Bengalee."

Sir,—Will you kindly allow me to express through your columns my deep sense of gratitude to all who have helped me in my hour of trial? Of the innumerable friends, known and unknown, who have contributed each his mite to swell my defence fund it is impossible for me now even to learn the names, and I must ask them to accept this public expression of my feeling in place of a private gratitude. Since my acquittal many telegrams and letters of congratulation have reached me and they are too numerous for me to reply to them individually. The love which my countrymen have heaped on me in return for the little I have been able to do for them, amply repays any apparent trouble or misfortune my public activity may have brought upon me. I attribute my escape to no human agency, but first of all to the protection of the Mother of us all who has never been absent from me but always held me in Her arms and shielded me from grief and disaster, and secondarily to the prayers of thousands which have been going up to Her on my behalf ever since I was arrested. If it is the love of my country which led me into danger, it is also the love of my countrymen which has brought me safe through it.

AUROBINDO GHOSE.

6, College Square, May 14.

'ଦି ବେଙ୍ଗଲୀ'ରେ ପ୍ରକାଶିତ ଶ୍ରୀଅରବିନ୍ଦଙ୍କ ଚିଠିର ଅବିକଳ ପ୍ରତିଲିପି

ଶ୍ରୀଅରବିନ୍ଦଙ୍କର କାରାମୁକ୍ତି ପରେ ଦେଶବାସୀଙ୍କଠାରୁ ଗଭୀର ଶ୍ରଦ୍ଧା ଓ କୃତଜ୍ଞତାପୂର୍ବକ ଚିଠି ଓ ଟେଲିଗ୍ରାମର ସ୍ତୂପ ଦେଖି ସେ 'ଦି ବେଙ୍ଗଲୀ' ଓ 'ଅମୃତ ବଜାର ପତ୍ରିକା'ର ସମ୍ପାଦକଙ୍କୁ ସର୍ବସାଧାରଣାର୍ଥେ ସ୍ୱୀୟ ହୃଦୟାନୁଭବର କୃତଜ୍ଞତା ପ୍ରକାଶ କରି ଏକ ପତ୍ର ଲେଖି ଛପାଇବାକୁ ଅନୁରୋଧ କରିଥିଲେ । ଏହି ପତ୍ରଟି ''Babu Aurobindo Ghose's Letter'' ଶିରୋନାମାରେ ୧୪ ମେ, ୧୯୦୯ ରେ 'ଦି ବେଙ୍ଗଲୀ'ରେ ଏବଂ ୧୮ ମେ, ୧୯୦୯ରେ 'ଅମୃତ ବଜାର ପତ୍ରିକା'ରେ ପ୍ରକାଶ ପାଇଥିଲା । ...

ଶ୍ରୀଅରବିନ୍ଦଙ୍କ ପତ୍ରଟିର ମର୍ମାନୁବାଦ ଏହିପରି : ମୁଁ ମୋ ଦେଶବାସୀଙ୍କ ସକାଶେ ଯତ୍‌ସାମାନ୍ୟ କିଛି କରିଥିବାରୁ ସେମାନେ ମୋ ଉପରେ ଯେଉଁ ଶ୍ରଦ୍ଧା ଓଜାଡ଼ି ଦେଇଛନ୍ତି, ମୁଁ ଆପାତ ଦୃଷ୍ଟିରେ ଭୋଗିଥିବା ଦୁଃଖ ଦୁର୍ଯୋଗ ବାବଦରେ ତାହା ଯଥେଷ୍ଟ ପ୍ରତିଦାନ ! କୌଣସି ମାନବିକ ମାଧ୍ୟମକୁ ମୁଁ ମୋ ମୁକ୍ତିର ହେତୁ ଭାବରେ ଦେଖୁ ନାହିଁ । ସେଥିପାଇଁ ଦାୟୀ ପ୍ରଥମତଃ ଆମ ସଭିଙ୍କ ଜନନୀ, ଦିବ୍ୟ ଜନନୀ – ଯିଏ ମୋ'ଠାରୁ କେବେ ଅନୁପସ୍ଥିତ ରହି ନାହାନ୍ତି, ପରନ୍ତୁ ତାଙ୍କ ବାହୁ'ପରେ ଆଶ୍ରା ଓ ତାଙ୍କର ସୁରକ୍ଷା ଦେଇଛନ୍ତି ଏବଂ ପରୋକ୍ଷରେ ମୁଁ ଗିରଫ ହେବା ଦିନରୁ ତାଙ୍କ ପାଖକୁ ମୋ ତରଫରୁ ସହସ୍ର ସହସ୍ର ବ୍ୟକ୍ତିଙ୍କ ଊର୍ଦ୍ଧ୍ୱଗାମୀ ପ୍ରାର୍ଥନା । ଯଦି ଦେଶପ୍ରେମ ମୋତେ ବିପଦରେ ପକାଇଥିଲା, ମୋ ଦେଶବାସୀଙ୍କ ପ୍ରେମହିଁ ମୋତେ ସେଥିରୁ ନିରାପଦରେ ବାହାରକୁ ଆଣିଲା ।

ଏହି ସମୟକାଳରେ ପଣ୍ଡିଚେରୀରେ ଥିବା ଜାତୀୟତାବାଦୀ ଦଳର ଏକ ଗୋଷ୍ଠୀ ସେଠାରେ 'ଇଣ୍ଡିଆ' ନାମକ ଏକ ସାପ୍ତାହିକ ତାମିଲ ପତ୍ରିକା ପ୍ରକାଶ କରୁଥିଲେ । ସୁବ୍ରମନୀୟା ଭାରତୀ ଥିଲେ ଏହାର ସମ୍ପାଦକ । ଶ୍ରୀଅରବିନ୍ଦଙ୍କ କାରାମୁକ୍ତି ପରେ ୧୦ ମେ, ୧୯୦୯ରେ ସେମାନେ ତା'ର ମୁଖପତ୍ରରେ ଏକ ପ୍ରତୀକାତ୍ମକ କାର୍ଟୁନ୍ ଛପାଇ ତା'ର ନାମକରଣ କରିଥିଲେ 'ଗ୍ରହଣ ବିମୋଚନମ୍' ଏବଂ କବି ଭାରତୀ ଏଥିରେ ଘୋଷଣା କରିଥିଲେ ଯେ ସମଗ୍ର ମାନବଜାତି ସକାଶେ ଏକ ନବଯୁଗର ଉଷାକାଳ ଆଗତପ୍ରାୟ ଏବଂ ଏହି ନବଯୁଗର ଋଷି ହେଉଛନ୍ତି ଶ୍ରୀଅରବିନ୍ଦ ।



ସୁବ୍ରମନୀୟା ଭାରତୀ
(୧୮୮୨-୧୯୨୧)




୧୦ ମେ, ୧୯୦୯ରେ 'ଇଣ୍ଡିଆ'ରେ ପ୍ରକାଶିତ କାର୍ଟୁନ୍‌ର ଅବିକଳ ଚିତ୍ର

କାରାବାସ ପୂର୍ବରୁ ଶ୍ରୀଅରବିନ୍ଦଙ୍କର ବ୍ୟକ୍ତିଗତ ସହକାରୀ ରୂପେ କାର୍ଯ୍ୟ କରୁଥିବା ଅବିନାଶ ଭଟ୍ଟାଚାର୍ଯ୍ୟଙ୍କୁ ଆଜୀବନ ଦ୍ୱୀପାନ୍ତର ଦଣ୍ଡ ମିଳିଥାଏ । ତାଙ୍କ ଅନୁଜ ଉପେନ୍ଦ୍ର ବଡ଼ ବିବ୍ରତ ଅନୁଭବ କରୁଥା'ନ୍ତି । ସେ ୭ ମେ, ୧୯୦୯ରେ ଶ୍ରୀଅରବିନ୍ଦଙ୍କୁ ତାଙ୍କ ବାସଭବନରେ ସାକ୍ଷାତ୍ କରିଥିଲେ । ... ତାଙ୍କରି ଉକ୍ତିରୁ : ''... ସଂବାଦ ପାଇବା ମାତ୍ରେ ସେହି ଜ୍ୟୋତିର୍ମୟ ପୁରୁଷ (ଶ୍ରୀଅରବିନ୍ଦ) ମନ୍ଦହାସ୍ୟରେ କକ୍ଷ ଭିତରକୁ ପ୍ରବେଶ କରି ମୋ ସମ୍ମୁଖରେ ଚଉକିରେ ଉପବେଶନ କଲେ । ତାଙ୍କୁ ଦର୍ଶନ କରିବା ମାତ୍ରେ ମୋ ଅନ୍ତରରେ ବଡ଼ଭାଇଙ୍କ ସକାଶେ ଜମାଟ ବାନ୍ଧିଥିବା ସମସ୍ତ ଚିନ୍ତା ଅନ୍ତର୍ହିତ ହୋଇଗଲା, ... । ମୋଠାରୁ ମାଆ ତଥା ଘରର ଆନୁପୂର୍ବିକ ସମସ୍ତ ବିବରଣ ଶୁଣି ସେ ମୋତେ ମୃଦୁ ସ୍ୱରରେ ଅଥଚ ଭଙ୍ଗା ଭଙ୍ଗା ବଙ୍ଗଳା ଭାଷାରେ କହିଲେ, 'ସବୁ ଠିକ୍ ହୋଇଯିବ । ଘରେ ମା'ଙ୍କୁ ବୁଝାଇ କହିବ, ଅବି(ଅବିନାଶ) ପାଇଁ କିଛି ଭାବିବେ ନାହିଁ । ତା'ର ସାତ ବର୍ଷରୁ ବେଶୀ ଜେଲ ହେବ ନାହିଁ ।' ...




ଉପେନ୍ଦ୍ର ଚନ୍ଦ୍ର ଭଟ୍ଟାଚାର୍ଯ୍ୟ
(୧୮୯୨ – ୧୯୭୪)

''ଦିନେ ସୁକୁମାର-ଦା'ଙ୍କ ବାସଭବନକୁ ଯାଇ ଦେଖିଲି 'ସଞ୍ଜୀବନୀ' ଅଫିସର କାନ୍ଥରେ ଏକ ବିଜ୍ଞାପନ : 'ଶ୍ରୀ ଅରବିନ୍ଦ ଘୋଷଙ୍କର ସମ୍ପାଦନାରେ ୧୯ ଜୁନ୍ (୧୯୦୯)ରୁ 'କର୍ମଯୋଗିନ୍' ନାମରେ ଖଣ୍ଡିଏ ସାପ୍ତାହିକ ଇଂରାଜୀ ସଂବାଦପତ୍ର ବାହାରିବ ।' ଘରର ଆର୍ଥିକ ଅବସ୍ଥା ଶୋଚନୀୟ ଥିବାରୁ ଶ୍ରୀଅରବିନ୍ଦଙ୍କୁ ଏହି କାଗଜ ପ୍ରକାଶନରେ ମୋତେ ଗୋଟିଏ ଚାକିରି କରାଇ ଦେବାକୁ ଅନୁରୋଧ ଜଣାଇଲି । ... ଶ୍ରୀଅରବିନ୍ଦ ମୋତେ ସବୁକଥା ବୁଝାଇ ପ୍ରକାଶକ ଗିରିଜା ବାବୁଙ୍କୁ ସାକ୍ଷାତ୍ କରିବାକୁ କହିଲେ । (ନିର୍ବାସିତ ଶ୍ରୀଯୁକ୍ତ ଶ୍ୟାମ ସୁନ୍ଦର ଚକ୍ରବର୍ତ୍ତୀଙ୍କ ଅନୁଜ ଥିଲେ ଗିରିଜା ବାବୁ) ।'' ...

୧୪ନଂ. ଶ୍ୟାମ ବଜାର ଷ୍ଟ୍ରୀଟ୍‌ରେ ଥିଲା ଗିରିଜା ବାବୁଙ୍କର ବାସଭବନ ଏବଂ ଏହି ବାସଭବନର ପରିସର ମଧ୍ୟରେ ଥିଲା 'କର୍ମଯୋଗିନ୍' ଅଫିସ ତଥା ମୁଦ୍ରଣାଗାର (ନାରାୟଣ ପ୍ରେସ) । ... ଗିରିଜା ବାବୁ ଉପେନ୍ଦ୍ରଙ୍କୁ ଏହି ପ୍ରକାଶନରେ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଲେ । ...

ଉପେନ୍ଦ୍ରଙ୍କ ଉକ୍ତିରେ : ''... ଶ୍ରୀଅରବିନ୍ଦଙ୍କର ଲେଖାର ମାହାତ୍ମ୍ୟରୁ ଏବଂ ଗିରିଜା ବାବୁଙ୍କର କର୍ମ ନୈପୁଣ୍ୟରୁ ଅଳ୍ପଦିନ ଭିତରେହିଁ 'କର୍ମଯୋଗିନ୍' ସ୍ୱାବଲମ୍ବୀ ହୋଇ ଉଠିଲା । ...''



REGISTERED NO. C532.

SUBSCRIPTION RUPEES 5.

KARMAYOGIN

SINGLE COPY ANNAS 2.

A WEEKLY REVIEW
OF
National Religion, Literature, Science, Philosophy, &c.,

| Vol. I. | SATURDAY 6th NOVEMBER 1909. | No. 18. |
|---|---|---|

Contributors:—Sj. Aurobindo Ghose and others.


OFFICE :—14 SHAM BAZAR STREET, CALCUTTA.

Facsimile of the Cover of the Karmayogin

'କର୍ମଯୋଗିନ୍'ର ପ୍ରଚ୍ଛଦପଟରେ ଅବିକଳ ଚିତ୍ର : ପ୍ରଚ୍ଛଦପଟର ଉପରିଭାଗର ଠିକ୍ ମଝିରେ ବଡ଼ ଅକ୍ଷରରେ ଇଂରାଜୀରେ ଲେଖାଥିଲା 'KARMAYOGIN' ଏବଂ ବାମ ପାର୍ଶ୍ୱର କୋଣରେ ସଂସ୍କୃତ ଲିପିରେ 'ମାମନୁସ୍ମର ଯୁଧ୍ୟ ଚ' ଓ ଦକ୍ଷିଣ ପାର୍ଶ୍ୱର କୋଣରେ 'ଯୋଗଃ କର୍ମସୁ କୌଶଲମ୍' ଏବଂ ନିମ୍ନରେ 'ମୟି ସର୍ବାଣି କର୍ମାଣି ସଂନ୍ୟସ୍ୟାଧ୍ୟାତ୍ମଚେତସା । ନିରାଶୀର୍ନିର୍ମମୋ ଭୂତ୍ୱା ଯୁଧ୍ୟସ୍ୟ ବିଗତଜ୍ୱରଃ ॥' ପୁନଶ୍ଚ କେନ୍ଦ୍ରସ୍ଥଳରେ ଥିଲା କୁରୁକ୍ଷେତ୍ରର ରଣକ୍ଷେତ୍ରରେ ରଥାରୂଢ଼ କୃଷ୍ଣାର୍ଜୁନଙ୍କର ଛବି ।




୧୪ନଂ. ଶ୍ୟାମ ବଜାର ଷ୍ଟ୍ରୀଟ୍


স্প্রভাত

"যদিও মা তোর দিব্য আলোকে,
ঘেরে আছে আজি আঁধার ঘোর,
কেটে যাবে মেঘ, নবীন গরিমা
ভাতিবে আবার ললাটে তোর।"

দ্বিতীয় বর্ষ। | আষাঢ়, ১৩১৬ সাল। | ১২শ সংখ্যা।

'ସୁପ୍ରଭାତ' ମୁଖପତ୍ରର ଅବିକଳ ପ୍ରତିଲିପି


ভারতী।

৩২ বর্ষ] আশ্বিন ১৩১৬ [৬ষ্ঠ সংখ্যা


'ଭାରତୀ' ମୁଖପତ୍ରର ଅବିକଳ ପ୍ରତିଲିପି


৩৩শ খণ্ড, তৃতীয় সংখ্যা। ভারতী। ১৫১

কারাগৃহ ও স্বাধীনতা।


মনুষ্যমাত্রেই প্রায় বাহ্য অবস্থার দাস, স্থূলজগতের অনুভূতির মধ্যেই আবদ্ধ। মানসিক ক্রিয়াসকল সেই বাহিক অনুভূতিকেই আশ্রয় করে, বুদ্ধিও স্থূলের সংকীর্ণ সীমা লঙ্ঘন করিতে অক্ষম; প্রাণের সুখদুঃখ বাহ্য ঘটনার প্রতিধ্বনি মাত্র। এই দাসত্ব শরীরের আধি- সুখ, পরের বত দুঃখ গ্রহণ করিয়া অশেষ কষ্ট ও লাঞ্ছনা ভোগ করি। কেন না, প্রকৃতি হোক বা মনুষ্য হোক, যে আমাদের শরীরের উপর কিঞ্চিন্মাত্র আধিপত্য করিতে পারে কিম্বা নিজশক্তি অধিকারক্ষেত্রে আনিতে পারে, তাহারই প্রভাবের অধীন

'କାରାଗୃହ ଓ ସ୍ୱାଧୀନତା' (ଆଷାଢ଼, ୧୩୧୬)


আর্য্য আদর্শ ও গুণত্রয়।

আষাঢ় মাসের ভারতীতে কারাগৃহ ও স্বাধীনতা-বিষয়ক প্রবন্ধে আমি কয়েকজন নিরপরাধী কয়েদীর মানসিক ভাব বর্ণনা করিয়া ইহাই প্রতিপন্ন করিবার চেষ্টা করি- কামনাশূন্য হইয়া যে কর্ম্মে রত হয়, সে নিবৃত্ত; কর্ম্মত্যাগ নিবৃত্তি নয়। সেই জন্য ভারতের ঘোর তামসিক অবস্থা দেখিয়া স্বামী বিবেকানন্দ বলিতেন, "রজোগুণ চাই,

'ଆର୍ଯ୍ୟ ଆଦର୍ଶ ଓ ଗୁଣତ୍ରୟ' (ଶ୍ରାବଣ-ଭାଦ୍ର, ୧୩୧୬)


৪৫৮ ভারতী। অগ্রহায়ণ, ১৩১৬

স্বপ্ন।

একটী দরিদ্র লোক অন্ধকার কুটীরে বসিয়া নিজ শোচনীয় অবস্থা এবং ভগবানের রাজ্যে অন্যায় ও অবিচারের কথা ভাবিতেছিল। দরিদ্র অভিমানের বশীভূত হইয়া একবার ভাবিল প্রণাম করি, কিন্তু বালকের হাসিমুখ দেখিয়া কিছুতেই প্রণাম করিবার প্রবৃত্তি হইল না,—শেষে মুখ হইতে এই কথাই বাহির হইয়া গেল "ওরে কেষ্টা,

'ସ୍ୱପ୍ନ' (ଅଗ୍ରହାୟଣ, ୧୩୧୬)



କୁମୁଦିନୀ ବସୁ
(୧୮୮୨-୧୯୪୩)

ଏହି ସମୟକାଳରେ କୃଷ୍ଣ କୁମାରଙ୍କ କନ୍ୟା କୁମୁଦିନୀ ଏକ ମାସିକ ବଙ୍ଗଳା ପତ୍ରିକା 'ସୁପ୍ରଭାତ'ର ସମ୍ପାଦନା କରୁଥିଲେ । ଏହି 'ସୁପ୍ରଭାତ'ରେ ଧାରାବାହିକ ଭାବରେ କାରାଜୀବନର କାହାଣୀ ଲେଖିବାକୁ କୁମୁଦିନୀ ଶ୍ରୀଅରବିନ୍ଦଙ୍କୁ ସବିନୟ ଅନୁରୋଧ ଜଣାଇଲେ । ... କହିବାକୁ ଗଲେ ଜୁନ୍, ୧୯୦୯ର ପ୍ରାରମ୍ଭରୁ 'ସୁପ୍ରଭାତ'ରେ ଧାରାବାହିକ ଭାବରେ ଶ୍ରୀଅରବିନ୍ଦଙ୍କ ବର୍ଣ୍ଣିତ 'କାରାକାହିଣୀ' ପ୍ରକାଶ ପାଇବାକୁ ଆରମ୍ଭ କଲା । (ଏହି 'କାହିଣୀ' କିନ୍ତୁ ଅସମାପ୍ତ ରହି ଯାଇଥିଲା ।)

ଇତ୍ୟବସରେ ସ୍ୱର୍ଣ୍ଣକୁମାରୀ ଦେବୀ ଶ୍ରୀଅରବିନ୍ଦଙ୍କର ଅଭୂତପୂର୍ବ ବଙ୍ଗଳା ରଚନାର ଶୈଳୀ ଅବଗତ ହୋଇ 'ଭାରତୀ'ରେ ଲେଖା ଦେବାକୁ ତାଙ୍କୁ ସବିନୟ ଅନୁରୋଧ ଜଣାଇଲେ । ... ଏହି ପତ୍ରିକାରେ ଜୁନ୍, ୧୯୦୯ରେ ଶ୍ରୀଅରବିନ୍ଦଙ୍କର 'କାରାଗୃହ ଓ ସ୍ୱାଧୀନତା' ପ୍ରବନ୍ଧ; ଜୁଲାଇ, ୧୯୦୯ରେ ତାଙ୍କର 'ଆର୍ଯ୍ୟ ଆଦର୍ଶ ଓ ଗୁଣତ୍ରୟ' ପ୍ରବନ୍ଧ ଏବଂ ଖୁବ୍ ସମ୍ଭବତଃ ସେପ୍ଟେମ୍ବର, ୧୯୦୯ରେ 'ସ୍ୱପ୍ନ' ଗଳ୍ପଟି ପ୍ରକାଶିତ ହୋଇଥିଲା ।



ଅଶୋକ ନନ୍ଦୀ
(ବୟସ ୨୦)

ପରବର୍ତ୍ତୀ କାଳରେ ଶ୍ରୀଅରବିନ୍ଦଙ୍କ 'କାରାକାହିଣୀ' ପୁସ୍ତକରେ 'ଭାରତୀ'ରେ ପ୍ରକାଶିତ ପ୍ରଥମ ଦୁଇଟି ପ୍ରବନ୍ଧ ସହିତ ଆଲିପୁର ମୋକଦମାର ବିଚାରାଧୀନ ଆସାମୀ ଅଶୋକ ନନ୍ଦୀଙ୍କର ଯକ୍ଷ୍ମା (Phthisis) ରୋଗରେ ଅକାଳ ମୃତ୍ୟୁ ସମ୍ବନ୍ଧେ ଶ୍ରୀଅରବିନ୍ଦଙ୍କ ରଚିତ 'ନବଜନ୍ମ' ପ୍ରବନ୍ଧଟି ଅନ୍ତର୍ଭୁକ୍ତ ହୋଇଛି । ଏହା ପ୍ରଥମେ 'ଧର୍ମ' ପତ୍ରିକାରେ ୧୪ ଭାଦ୍ର, ୧୩୧୬ରେ 'ଅଶୋକ ନନ୍ଦୀ' ଶିରୋନାମାରେ ପ୍ରକାଶିତ ହୋଇଥିଲା ।



ଅମରେନ୍ଦ୍ର ଚାଟାର୍ଜୀ
(୧୮୮୦-୧୯୫୭)


ଦିନେ ଜୁଲାଇ, ୧୯୦୯ରେ ଉତ୍ତରପଡ଼ାର ବିପ୍ଳବୀ ଅମରେନ୍ଦ୍ର ଚାଟାର୍ଜୀ ଏବଂ ବେଙ୍ଗଲର ବିପ୍ଳବୀ ବାଘାଯତୀନ୍ ଉଭୟେ ସେମାନଙ୍କର କେତେ ଜଣ ସୁହୃଦ୍‌ଙ୍କୁ ସାଙ୍ଗରେ ଧରି 'କର୍ମଯୋଗିନ୍' ଅଫିସକୁ ଆସିଲେ । ... ଗିରିଜା ବାବୁ ଓ ଶ୍ରୀଅରବିନ୍ଦଙ୍କ ସହିତ ପରାମର୍ଶ କରି ସେମାନେ ସିଦ୍ଧାନ୍ତ ନେଲେ ଯେ 'କର୍ମଯୋଗିନ୍'ର ବଙ୍ଗଳା ସଂସ୍କରଣ ବାହାର କରିବେ । ... ଅଳ୍ପଦିନ ଭିତରେହିଁ ହାଓଡ଼ାରୁ ବଙ୍ଗଳା 'କର୍ମଯୋଗିନ୍' ପ୍ରକାଶ ପାଇବାକୁ ଲାଗିଲା । ସ୍ୱଭାବତଃ ଏହାପରେ କଲିକତାରେ ଇଂରାଜୀ 'କର୍ମଯୋଗିନ୍'ର ଚାହିଦା କମିଯାଇ ଏହାର ବଙ୍ଗଳା ସଂସ୍କରଣ ଆଦୃତ ହେବାକୁ ଲାଗିଲା । ... ଦିନେ ଗିରିଜା ବାବୁ ଶ୍ରୀଅରବିନ୍ଦଙ୍କୁ କହିଲେ ଯେ ଆପଣଙ୍କ ସମ୍ପାଦନାରେ ଗୋଟିଏ ବଙ୍ଗଳା କାଗଜ ବାହାର କଲେ ତାହା ଇଂରାଜୀ କାଗଜଠାରୁ ଅନେକ ବେଶୀ ପ୍ରସାର ଲାଭ କରିବ ବୋଲି ଆମର ଦୃଢ଼ ବିଶ୍ୱାସ । ... ତହିଁ ପରଦିନ ଶ୍ରୀଅରବିନ୍ଦ କାର୍ଯ୍ୟାଳୟକୁ ଆସିବା ମାତ୍ରେ ବଙ୍ଗଳା କାଗଜହିଁ ଯେ ନିଶ୍ଚିତ ରୂପେ ବାହାରିବ – ଏ କଥା ଠିକ୍ ହୋଇଗଲା । ... ଶ୍ରୀଅରବିନ୍ଦ କାଗଜଟିର ନାମକରଣ କଲେ 'ଧର୍ମ' ଏବଂ ପ୍ରଚ୍ଛଦପଟରେ ଏକ ପୂର୍ଣ୍ଣ ପ୍ରସ୍ଫୁଟିତ (ରେଖାଙ୍କିତ) ପଦ୍ମର ନିମ୍ନରେ 'ଗୀତା'ରୁ ''ଯଦା ଯଦା ହି ଧର୍ମସ୍ୟ ... ସମ୍ଭବାମି ଯୁଗେ ଯୁଗେ ॥'' ଶ୍ଲୋକ ଦ୍ୱୟର ସଂସ୍କୃତ ଲିପିରେ ଉଦ୍ଧୃତି କରିବାକୁ କହିଲେ । ...



'ବାଘାଯତୀନ୍'
(ଯତୀନ୍ଦ୍ର ନାଥ ମୁଖାର୍ଜୀ : ୧୮୭୯-୧୯୧୫)




'ଧର୍ମ'ର ପ୍ରଚ୍ଛଦପଟ



ধর্ম্ম।
সাপ্তাহিক পত্র।
সম্পাদক ও স্বত্বাধিকারী
শ্রীযুক্ত অরবিন্দ ঘোষ।
প্রতি সোমবার প্রকাশিত হয়।
বার্ষিক মূল্য।
সাধারণ সংস্করণ—কলিকাতা মফস্বল সর্ব্বত্র ডাক মাশুল সমেত ২৲ দুই টাকা মাত্র।
উত্তম সংস্করণ—সহর মফস্বল সর্ব্বত্র-ডাক-মাশুল সমেত ৪৲ চারি টাকা মাত্র।
নগদ মূল্য।
সাধারণ সংস্করণ প্রতি সংখ্যা ৶১০ দুই পয়সা মাত্র।
উত্তম সংস্করণ /০ এক আনা।
৶১৫ তিন পয়সার ডাক টিকিট পাঠাইলে একখণ্ড সাধারণ সংস্করণের ও /৫ পাঁচ পয়সার ডাকটিকিট পাঠাইলে একখণ্ড উত্তম সংস্করণের নমুনা পাঠান হয়।
১৪ নং শ্যামবাজার ষ্ট্রীট, কলিকাতা
ধর্ম্মের ম্যানেজিং এজেণ্ট কল্পতরু এজেন্সির নামে টাকা কড়ি ও চিঠিপত্র পাঠাইতে হইবে

ଧାରାବାହିକ କେତୋଟି ସଂଖ୍ୟାରେ ପ୍ରକାଶିତ 'ଧର୍ମ'ର ବିଜ୍ଞାପନ

ଉପେନ୍‌ଙ୍କ ଉକ୍ତିରେ : ''ଶ୍ରୀଅରବିନ୍ଦଙ୍କ ପୁଣ୍ୟ ଜନ୍ମଦିବସ ୧୫ ଅଗଷ୍ଟ ୧୯୦୯ରେ ସାପ୍ତାହିକ 'ଧର୍ମ' ପତ୍ରିକା ପ୍ରକାଶନର ଶୁଭାରମ୍ଭ କରାଯାଇ ଅଗଷ୍ଟ ୨୩ ତାରିଖରେ ଏହାର ପ୍ରଥମ ସଂଖ୍ୟା ପ୍ରକାଶ ପାଇଲା (୭ ଭାଦ୍ର, ୧୩୧୬ ସନ; ୧ମ ବର୍ଷ, ୧ମ ସଂଖ୍ୟା) । ଏଥିରେ ଶ୍ରୀଅରବିନ୍ଦଙ୍କ ସମ୍ପାଦକୀୟ ବ୍ୟତୀତ 'କାରାକାହିଣୀ'ରୁ କିଛି ଅଂଶ, 'ଗୀତାର ଭୂମିକା'ରୁ କିଛି ଅଂଶ ପ୍ରକାଶ ପାଇଥିଲା । ... ଅତି ଅଳ୍ପ ଦିନ ଭିତରେହିଁ ବଙ୍ଗଳା ଭାଷାକୁ ସେ ଅପୂର୍ବ ଦକ୍ଷତାର ସହିତ ଆୟତ୍ତ କରିନେଇ ଥିଲେ । ତାଙ୍କର ରଚନା କେବଳ ଭାବଗାମ୍ଭୀର୍ଯ୍ୟରେ ନୁହେଁ, ଭାଷାର ସୌକୁମାର୍ଯ୍ୟରେ ବି ସମୃଦ୍ଧ ଥିଲା । ... 'ଧର୍ମ' ପ୍ରକାଶ ପାଇବା ମାତ୍ରେହିଁ ଜନସାଧାରଣଙ୍କ ଭିତରେ ବେଶ୍ ଆଗ୍ରହ-ଉଦ୍ଦୀପନା ଜାଗି ଉଠିଲା ଏବଂ ଯଥେଷ୍ଟ ସଂଖ୍ୟକ ବିକ୍ରୟ ହେବାକୁ ଲାଗିଲା ।''



ଶ୍ୟାମ ବଜାର ଷ୍ଟ୍ରୀଟ୍‌ରେ ୧୪ନଂ. ବାସଭବନର ମୁଖ୍ୟ ଦ୍ୱାର

ଶ୍ରୀଅରବିନ୍ଦଙ୍କର କାରାମୁକ୍ତିର କିଛି ମାସ ଭିତରେ ଢାକା, କଲିକତା ଓ ସିମଲାର ସରକାରୀ କର୍ତ୍ତୃପକ୍ଷଗଣ ବିବ୍ରତ ଥିଲେ, ତା'ର କାରଣ ବର୍ତ୍ତମାନ ସେମାନଙ୍କର ଶତ୍ରୁଗଣଙ୍କ ଭିତରେ ସର୍ବାଧିକ ବିପଜ୍ଜନକ ବ୍ୟକ୍ତି ଅରବିନ୍ଦ ଏବେ ମୁକ୍ତ । ଅଧିକନ୍ତୁ ଭାରତ ସରକାର ଏବଂ ବେଙ୍ଗଲ ସରକାରଙ୍କ ସକାଶେ ତିନୋଟି ଅଗ୍ରଗାମୀ ପନ୍ଥା ଥିଲା : ପ୍ରଥମ, ରାଜଦ୍ରୋହମୂଳକ ଏକ ଅପରାଧରେ ଶ୍ରୀଅରବିନ୍ଦଙ୍କୁ ପୁଣି ଅଭିଯୁକ୍ତ କରି ମାମୁଲି ମୋକଦମା ଚଳାଇବା; ଦ୍ୱିତୀୟ, ଆଲିପୁର ମୋକଦମାରେ ମୁକ୍ତିଲାଭ ବିରୋଧରେ ଅପିଲ କରିବା ଏବଂ ତୃତୀୟଟି ଥିଲା ନିର୍ବାସନ ଦଣ୍ଡ ଦେବା । ...

୭ ଜୁଲାଇ, ୧୯୦୯ରେ ଜନ୍ ମର୍ଲେଙ୍କ ପାଖକୁ ଲିଖିତ ଏକ ପତ୍ରରେ ଲର୍ଡ଼ ମିଣ୍ଟୋ ଏହି ମର୍ମରେ ଲେଖିଥିଲେ : 'ମୋର ଏକମାତ୍ର ଆଶା ଓ ବିଶ୍ୱାସ ଯେ ଅରବିନ୍ଦ ପ୍ରଭୂତ ପରିମାଣରେ ଅପରାଧମୂଳକ କାର୍ଯ୍ୟ କରିବେ ଯଦ୍ୱାରା ଆମେ ତାଙ୍କ ବିରୋଧରେ ପୁଣି ମୋକଦମା ଦାଏର କରିପାରିବା ।' ତେଣୁ ଗୋଇନ୍ଦା ପୁଲିସଦଳ ଜନସାଧାରଣରେ ଶ୍ରୀଅରବିନ୍ଦଙ୍କର ପ୍ରତିଟି ଭାଷଣକୁ, କହିବାକୁ ଗଲେ ପ୍ରତିଟି ଉଚ୍ଚାରିତ ଶବ୍ଦକୁ ସାଙ୍କେତିକ ଧାରାରେ ନୋଟ କରି ନେଉଥିଲେ ଏବଂ ଉଚ୍ଚପଦସ୍ଥ କର୍ମଚାରିଗଣ ସେହିସବୁ ଲିଖିତ ପ୍ରତିଲିପିକୁ ତଥା 'କର୍ମୟୋଗିନ୍'ରେ ପ୍ରକାଶିତ ତାଙ୍କର ପ୍ରତ୍ୟେକଟି ପ୍ରବନ୍ଧର ବିଷୟବସ୍ତୁକୁ ଏକତ୍ର କରି ପୁଙ୍ଖାନୁପୁଙ୍ଖ ଭାବରେ ତଦନ୍ତ ଚଳାଇଥିଲେ । ...



ତଦାନୀନ୍ତନ ବେଙ୍ଗଲର ଛୋଟ ଲାଟ, ସାର୍ ଏଡ୍‌ୱାଡ୍ ବେକାର୍ (ବାମରୁ ଦ୍ୱିତୀୟ : ୧୮୫୭-୧୯୧୩) ତାଙ୍କର ଉପଦେଷ୍ଟା ମଣ୍ଡଳୀଙ୍କ ସହିତ । ସାର୍ ଫ୍ରେଜାରଙ୍କର ପରେ ସାର୍ ବେକାର୍ : ୧୯୦୮ରୁ ୧୯୧୧ ପର୍ଯ୍ୟନ୍ତ ବେଙ୍ଗଲର ଛୋଟ ଲାଟ ଥିଲେ ।





ବ୍ରିଟିଶ ପାର୍ଲିଆମେଣ୍ଟ୍



ବ୍ରିଟିଶ ପାର୍ଲିଆମେଣ୍ଟ୍



ଭାଇସ୍‌ରାୟ, ଲର୍ଡ଼ ମିଣ୍ଟୋ ତାଙ୍କର ଉପଦେଷ୍ଟାଗଣଙ୍କ ସହିତ

ପୁନଶ୍ଚ ଲର୍ଡ଼ ମିଣ୍ଟୋଙ୍କ ସକାଶେ ଶ୍ରୀଅରବିନ୍ଦଙ୍କୁ ନିର୍ବାସନ ଦଣ୍ଡ ଦେବା ଥିଲା ସହଜତମ । ... କିନ୍ତୁ ଜନ୍ ମର୍ଲେଙ୍କ ସକାଶେ ପ୍ରଶାସନିକ ଦୃଷ୍ଟିକୋଣରୁ ଶ୍ରୀଅରବିନ୍ଦଙ୍କ ସକାଶେ ଏହି ଧରଣର ପଦକ୍ଷେପ ନେବା ଥିଲା ଡାଇନାମାଇଟ୍ ସଦୃଶ ଅତ୍ୟନ୍ତ ବିପଜ୍ଜନକ । କାରଣ ଗତ ମେ, ୧୯୦୯ରେ ବ୍ରିଟିଶ ପାର୍ଲିଆମେଣ୍ଟରେ ଭାରତରେ ନ'ଜଣ ନିର୍ବାସିତଙ୍କ ସମ୍ବନ୍ଧେ ପ୍ରଶ୍ନ ଉତ୍ଥାପନ କରି ଲିବରାଲ୍ ପାର୍ଟି ଓ ଲେବର୍ ପାର୍ଟିର କେତେକ ମେମ୍ବର ତଥା କେତେକ ଆଇରିସ୍ ମେମ୍ବର ଏକତ୍ର ହୋଇ ପ୍ରଧାନ ମନ୍ତ୍ରୀଙ୍କ ସହିତ ପତ୍ର ବିନିମୟ ଆରମ୍ଭ କରିଦେଇଥିଲେ । ...

ଇତ୍ୟବସରେ ଭଗିନୀ ନିବେଦିତା ସରକାରୀ ମହଲରେ ଚାଲିଥିବା ପରିକଳ୍ପନା ସମ୍ବନ୍ଧେ ବିଶେଷ ସୂତ୍ରରୁ ଜାଣିପାରି ଶ୍ରୀଅରବିନ୍ଦଙ୍କୁ ଅନୁରୋଧ କଲେ ଯେ ସେ ବ୍ରିଟିଶ-ଭାରତର ବାହାରକୁ ଯାଇ କାର୍ଯ୍ୟ କରନ୍ତୁ ଯଦ୍ଦ୍ୱାରା ତାଙ୍କର କର୍ମଧାରା ଏକେବାରେ ବନ୍ଦ ହୋଇଯାଇ ନପାରେ । ...



ଭଗିନୀ ନିବେଦିତା (୧୮୬୭-୧୯୧୧)

କିନ୍ତୁ ଶ୍ରୀଅରବିନ୍ଦ 'କର୍ମୟୋଗିନ୍' ପତ୍ରିକାରେ ୩୧ ଜୁଲାଇ, ୧୯୦୯ରେ ଏକ ସ୍ୱାକ୍ଷରିତ ପ୍ରବନ୍ଧ ପ୍ରକାଶ କଲେ । ଫଳରେ ସରକାରୀ ମହଲରେ ତାଙ୍କର ନିର୍ବାସନ ଦଣ୍ଡର ପ୍ରସ୍ତାବ ଆଉ କେବେ ବି ଉଠି ନଥିଲା ।

ଉପରୋକ୍ତ ପ୍ରବନ୍ଧଟି ଥିଲା 'An Open Letter to My Countrymen' ('ମୋ ଦେଶବାସୀଙ୍କୁ ଏକ ଖୋଲା ଚିଠି') । ଉପେନ୍‌ଙ୍କର ସ୍ମୃତିକଥାରୁ ଉଦ୍ଧୃତି : ''... ଶ୍ରୀଅରବିନ୍ଦଙ୍କର ଏହି ପ୍ରବନ୍ଧଟି ଦେଶବାସୀଙ୍କ ମନ-ପ୍ରାଣ-ହୃଦୟରେ ଏକ ଅଭୂତପୂର୍ବ ଚାଞ୍ଚଲ୍ୟ ସୃଷ୍ଟି କଲା । ଅଳ୍ପ ସମୟ ଭିତରେହିଁ ଏହି ସଂଖ୍ୟାର ସମସ୍ତ କାଗଜ ବିକ୍ରୟ ହୋଇଗଲା । ... ଅନନ୍ୟୋପାୟ ହୋଇ ଆମେ ଶ୍ରୀଅରବିନ୍ଦଙ୍କର ଏହି ପ୍ରବନ୍ଧଟିକୁ କ୍ଷୁଦ୍ର ପୁସ୍ତିକାକାରରେ ଛପାଇ ବିକ୍ରୟ ଆରମ୍ଭ କଲୁ । ପୁସ୍ତିକାଟିର ନାମ ଦେଇଥିଲୁ ''Aurobindo Ghose's Political Will and Testament'' (''ଅରବିନ୍ଦ ଘୋଷଙ୍କର ରାଜନୈତିକ ଉଦ୍ଦେଶ୍ୟ ଏବଂ ଉଇଲ୍'') ।...



tion deprives the Congress of its free and representative character, it hampers aspiration and public opinion, it puts a premium on political hypocrisy. Even if we allow the argument of the Bengal Moderates, our fundamental objection to Article II is not removed. It is an exclusory clause, it limits the right of the people to elect any representative they choose, it sets up an authority over the electorate in the same way as the exclusory clauses of the Government Reform Councils Regulations, it is a sort of Congress Test Act arbitrary and undemocratic. The true democratic principle is that the man elected by the people must be recognised as a delegate, whatever his opinions. We shall always oppose any restriction of the freedom of election by the Government; how can we consistently do so, if we recognise a restriction in a popular assembly of our own making? And if this principle of exclusion is once admitted, where is it to stop? What guarantees us against the future introduction of a new clause demanding the signing of a declaration renouncing Boycott and passive resistance as a precondition of entrance into the Pandal?

It will be seen therefore that from whatever point of view it is taken, the refusal to accept Article II of the Convention rules was not only reasonable, but the Nationalists could not have taken any other course without committing political and moral suicide. The reasonableness of our position on the two other points is self-evident and need not be argued. The refusal of these liberal concessions even by the Bengal Moderates shows that the holding of an united Congress is impossible. The argument that the Convention cannot accept

the Moderate leaders give up their attachment to the Convention creed and constitution.

TO MY COUNTRYMEN.


Two decisive incidents have happened which make it compulsory on the Nationalist party to abandon their attitude of reserve and expectancy and once more assume their legitimate place in the struggle for Indian liberties. The Reforms, so long trumpeted as the beginning of a new era of constitutional progress in India, have been thoroughly revealed to the public intelligence by the publication of the Councils Regulations and the results of the elections showing the inevitable nature and composition of the new Councils. The negotiations for the union of Moderates and Nationalists in an United Congress have failed owing to the insistence of the former on the Nationalists subscribing to a Moderate profession of faith.

The survival of Moderate politics in India depended on two factors, the genuineness and success of the promised Reforms and the use made by the Constitutionalists of the opportunity given them by the practical suppression of Nationalist public activity. The field was clear for them to establish the effectiveness of the Moderate policy and the living force of the Moderate party. Had the Reforms been a genuine initiation of constitutional progress, the Moderate tactics might have received some justification from events. Or had the Moderates given proof of the power of carrying on a robust and vigorous agitation for popular rights, their strength and vitality as a political force might have been established, even

and vigour of the great movement inaugurated in 1905 was due to the union of Moderate and Nationalist on the platform of selfhelp and passive resistance. It was in order to provide an opportunity for the reestablishment of this union broken at Surat that the Nationalists gathered in force at Hughly in order to secure some basis and means of negotiation which might lead to united effort. The hand which we held out has been rejected. The policy of Lord Morley has been to rally the Moderates and coerce the Nationalists; the policy of the Moderate party led by Mr. Gokhale and Sir Pherozshah Mehta has been to play into the hands of that policy and give it free course and a chance of success. This alliance has failed of its object; the beggarly reward the Moderates have received has been confined to the smallest and least popular elements in their party. But the rejection of the alliance with their own countrymen by the insistence on creed and constitution shows that the Moderates mean to persist in their course even when all motive and political justification for it have disappeared. Discomfited and humiliated by the Government, they can still find no way to retrieve their position nor any clear and rational course to suggest to the Indian people whom they misled into a misunderstanding of the very limited promises held out by Lord Morley.

Separated from the great volume of Nationalist feeling in the country, wilfully shutting its doors to popularity and strength by the formation of electorates as close and limited as those of the Reformed Councils, self-doomed to persistence in a policy which has led to signal disaster, the

'କର୍ମୟୋଗିନ୍'ରେ ପ୍ରକାଶିତ
'An Open Letter to My Countrymen'
ପ୍ରବନ୍ଧର କିୟଦଂଶର ଅବିକଳ ପ୍ରତିଲିପି ।
(Vol. 1, No. 6, 31st July 1909)



କଲିକତାର ଗଭର୍ଣ୍ଣମେଣ୍ଟ୍ ହାଉସ୍



ରାଜା ପ୍ୟାରିମୋହନ
(୧୮୪୦-୧୯୨୩)

ଆଲିପୁର ବୋମା ଘଟଣା ପରଠାରୁ ଦେଶରେ ଚରମପନ୍ଥୀ ଦଳର କେହି ନେତା ନଥିଲେ । ଏହା ନିଷ୍କ୍ରିୟପ୍ରାୟ ହୋଇ ଉଠିଥିଲା । ... କାରାମୁକ୍ତି ପରେ ଶ୍ରୀଅରବିନ୍ଦ ଖୁବ୍ ସତର୍କତାପୂର୍ବକ ପରିସ୍ଥିତିର ପର୍ଯ୍ୟବେକ୍ଷଣ କରି ଦୃଢ଼ନିଶ୍ଚିତ ଥିଲେ ଯେ ସରକାରଙ୍କର ଚରମପନ୍ଥୀ ଦଳ ପ୍ରତି କଠୋର ଦମନନୀତି ସତ୍ତ୍ୱେ ଦେଶବ୍ୟାପୀ ସେହି ପ୍ରାରମ୍ଭିକ ବିଦ୍ରୋହର ତୀବ୍ର ଉତ୍ସାହ-ଉଦ୍ଦୀପନାର ବହ୍ନି କେବେହେଲେ ସମ୍ପୂର୍ଣ୍ଣ ନିର୍ବାପିତ ହୋଇଯାଇ ନାହିଁ; ବରଂ କେବଳ ଅବଦମିତ ହୋଇଛି ଏବଂ ସେହି ଅବଦମନ ଫଳରେ ତା'ର ତୀବ୍ରତା ବୃଦ୍ଧି ପାଇଛି । ଏହା ନିଶ୍ଚିତ ରୂପେ ପୁନର୍ବାର ପ୍ରବଳ ବେଗରେ ପ୍ରଜ୍ୱଳିତ ହୋଇଉଠିବ । ... ତେଣୁ ସେ ସ୍ଥିର କଲେ 'କର୍ମଯୋଗିନ୍' ଓ 'ଧର୍ମ'ରେ ଏ ସମ୍ବନ୍ଧରେ ତାଙ୍କର ଲେଖନୀ ରୀତିମତ ଚଳାଇବେ ଏବଂ ନିୟମିତ ଭାବରେ ପ୍ରତିଟି ସଭାସମିତିରେ ଯୋଗଦାନପୂର୍ବକ ଆବଶ୍ୟକସ୍ଥଳେ ଭାଷଣ ଦେବେ । ...

ଶ୍ରୀଅରବିନ୍ଦଙ୍କ ପ୍ରଥମ ଅଭିଭାଷଣଟି ଥିଲା ଉତ୍ତରପଡ଼ା ଜୟକୃଷ୍ଣ ସାଧାରଣ ଗ୍ରନ୍ଥାଗାରର ପ୍ରଶସ୍ତ ମଇଦାନରେ – ୩୦ ମେ, ୧୯୦୯, ରବିବାର, ଅପରାହ୍ଣ ସାଢ଼େ ୫ଟାରେ । ...



ରାଜେନ୍ଦ୍ରନାଥ
(ଡାକନାମ 'ମିଶ୍ରିବାବୁ')

ଅମରେନ୍ଦ୍ରନାଥଙ୍କ ସହିତ ଶ୍ରୀଅରବିନ୍ଦ ଅପରାହ୍ଣ ପ୍ରାୟ ୩ଟା ସମୟରେ ଉତ୍ତରପଡ଼ା ରେଳ ଷ୍ଟେସନରେ ପହଞ୍ଚିଲେ । ତାଙ୍କୁ ଷ୍ଟେସନରେ ଅଭ୍ୟର୍ଥନା କରିବାକୁ ଉତ୍ତରପଡ଼ାର ରାଜା ପ୍ୟାରିମୋହନ ଓ ତାଙ୍କର ଜ୍ୟେଷ୍ଠପୁତ୍ର ରାଜେନ୍ଦ୍ରନାଥଙ୍କ ସହିତ ଉତ୍ତରପଡ଼ାର ଗଣ୍ୟମାନ୍ୟ ବ୍ୟକ୍ତିଗଣ ଓ ସ୍ୱେଚ୍ଛାସେବକଗଣ ଉପସ୍ଥିତ ଥିଲେ । ଶ୍ରୀଅରବିନ୍ଦ ଟ୍ରେନ୍‌ରୁ ଓହ୍ଲାଇବା ମାତ୍ରେ ଦଶଟି ବାଣ ଫୁଟିବା ସହିତ 'ବନ୍ଦେ ମାତରମ୍' ଧ୍ୱନିରେ ରାଜା ତାଙ୍କୁ ମାଲ୍ୟାର୍ପଣ କଲେ ।

ଶ୍ରୀଅରବିନ୍ଦଙ୍କର ଦର୍ଶନ ଲାଭ ନିମିତ୍ତ ଉଦ୍‌ଗ୍ରୀବ ଉତ୍ତରପଡ଼ାର ଆବାଳବୃଦ୍ଧବନିତାଙ୍କୁ ଅପୂର୍ବ ସୁଯୋଗ ଦେବା ନିମିତ୍ତ ଇତିପୂର୍ବରୁ ଅମରେନ୍ଦ୍ରଙ୍କ ନିର୍ଦ୍ଦେଶରେ ସ୍ୱେଚ୍ଛାସେବକଗଣ ପଲ୍ଲିରାସ୍ତାରେ ଏକ ସୁପରିକଳ୍ପିତ ଶୋଭାଯାତ୍ରାର ବନ୍ଦୋବସ୍ତ କରିଥିଲେ । ଷ୍ଟେସନରୁ ଶ୍ରୀଅରବିନ୍ଦଙ୍କୁ ପାଛୋଟି ଆଣି ଅନତିଦୂରରେ ଥିବା ଅମରେନ୍ଦ୍ରଙ୍କର କକା ସୁରେନ୍ଦ୍ରନାଥଙ୍କ ବାସଭବନରେ ସ୍ୱଳ୍ପ କ୍ଷଣ ନିମନ୍ତେ ତାଙ୍କର ବିଶ୍ରାମ ଓ ଜଳଯୋଗର ବନ୍ଦୋବସ୍ତ ହୋଇଥିଲା । ...

ପ୍ରାୟ ୪ଟା ସମୟରେ ଏକ ବିପୁଳ ଶୋଭାଯାତ୍ରାରେ ଶ୍ରୀଅରବିନ୍ଦଙ୍କୁ ଜୟକୃଷ୍ଣ ଗ୍ରନ୍ଥାଗାର ଅଭିମୁଖେ ନିଆଯାଇଥିଲା । ଗାଁ ରାସ୍ତାରେ ତାଙ୍କୁ ଅଭ୍ୟର୍ଥନା ଜଣାଇବା ସକାଶେ ଗ୍ରାମବାସୀମାନେ ରାସ୍ତାକୁ ପତ୍ରପୁଷ୍ପରେ ସୁଶୋଭିତ



ସୁରେନ୍ଦ୍ରନାଥ



ସୁରେନ୍ଦ୍ରନାଥଙ୍କ ବାସଭବନର କିୟଦଂଶ



ଉତ୍ତରପଡ଼ା ଜୟକୃଷ୍ଣ ଗ୍ରନ୍ଥାଗାରର ସମ୍ମୁଖଭାଗ

କରିଥିଲେ; ପୁରନାରୀଗଣ ଶଙ୍ଖଧ୍ୱନି କରି ଶ୍ରୀଅରବିନ୍ଦଙ୍କ ଉପରେ ପୁଷ୍ପ ବୃଷ୍ଟି କରୁଥିଲେ । ...

ପ୍ରାୟ ୫ଟା ସମୟରେ ଅଭ୍ୟର୍ଥନା କମିଟି ଶ୍ରୀଅରବିନ୍ଦଙ୍କୁ ନେଇ ଗ୍ରନ୍ଥାଗାରର ଉପର ମହଲାରେ ଥିବା ଏକ ନିର୍ଦ୍ଦିଷ୍ଟ କକ୍ଷରେ ଉପବେଶନ କରାଇଲେ । ... ଏହି ଗ୍ରନ୍ଥାଗାରର ତଳ ମହଲାର ପଶ୍ଚାତରେ ଉନ୍ମୁକ୍ତ ବାରଣ୍ଡା ସମ୍ମୁଖରେ ଥିବା ଏକ ପ୍ରଶସ୍ତ ମଇଦାନରେ ଏହି ମହତୀ ସଭାର ଆୟୋଜନ କରାଯାଇଥିଲା । ଏହାର ପଶ୍ଚାତରେ ଥିଲା ପ୍ରବହମାନ ଗଙ୍ଗାନଦୀ । ...

ବିପୁଳ ଜନସମାବେଶରେ ସଭାକାର୍ଯ୍ୟ ଠିକ୍ ସାଢ଼େ ୫ଟାରେ ଆରମ୍ଭ ହୋଇ ରାତ୍ରି ପ୍ରାୟ ୮ଟାରେ ଶେଷ ହେଲା । ଏହି ଭାଷଣଟି ‘Uttarapara Speech’ (‘ଉତ୍ତର ପଡ଼ା ଅଭିଭାଷଣ’) ନାମରେ ବହୁ ପ୍ରସିଦ୍ଧ । ...

ଶ୍ରୀଅରବିନ୍ଦଙ୍କ ଭାଷଣ ପରେ ରାଜା ପ୍ୟାରିମୋହନଙ୍କ ବାସଭବନରେ ତାଙ୍କର ରାତ୍ରିଭୋଜନର ବନ୍ଦୋବସ୍ତ କରାଯାଇଥିଲା । ... ତା’ପରେ ଶ୍ରୀଅରବିନ୍ଦଙ୍କୁ ଘୋଡ଼ାଗାଡ଼ିରେ ବସାଇ ଅମରେନ୍ଦ୍ର ଷ୍ଟେସନ ଅଭିମୁଖେ ଯାତ୍ରାରମ୍ଭ କଲେ । ...



ଗ୍ରନ୍ଥାଗାରର ପଶ୍ଚାତରେ ଥିବା ଉନ୍ମୁକ୍ତ ବାରଣ୍ଡା ସମ୍ମୁଖରେ ନିର୍ମିତ ସଭାମଞ୍ଚ ଉପରୁ ଶ୍ରୀଅରବିନ୍ଦ ଭାଷଣ ଦେଇଥିଲେ ।



ଗ୍ରନ୍ଥାଗାରର ଉପର ମହଲାରେ ଶ୍ରୀଅରବିନ୍ଦଙ୍କ ନିମିତ୍ତ ନିଧାର୍ଯ୍ୟ କକ୍ଷର ବାଲ୍‌କୋନି । ଏହି କକ୍ଷରେ ଉପବେଶନ କଲେ ସାମନାରେ ପ୍ରବହମାନ ଗଙ୍ଗାନଦୀର ଅପର ପାର୍ଶ୍ୱରେ ଥିବା ଦକ୍ଷିଣେଶ୍ୱର ମନ୍ଦିର ଦୃଷ୍ଟିଗୋଚର ହୁଏ ।




ବାରଣ୍ଡା ସାମନାରେ ଥିବା ବିସ୍ତୃତ ମଇଦାନର କିୟଦଂଶ



ଉତ୍ତରପଡ଼ାର ରାଜବାଟୀ
(ଏହି ରାଜବାଟୀରେ ଯେଉଁ ସ୍ଥାନରେ ବସି ଶ୍ରୀଅରବିନ୍ଦ ରାତ୍ରି ଭୋଜନ କରିଥିଲେ, ଏବେ ବି ସେହି ନିର୍ଦ୍ଦିଷ୍ଟ ସ୍ଥାନଟି ପବିତ୍ର ପୀଠ ରୂପେ ସୁରକ୍ଷିତ)

ଶ୍ରୀଅରବିନ୍ଦଙ୍କର ଦ୍ୱିତୀୟ ଭାଷଣଟି ଥିଲା ୧୩ ଜୁନ୍, ୧୯୦୯, ରବିବାର, ଅପରାହ୍ଣ ୪ଟା, କଲିକତାର 'ବିଡ଼ନ୍ ସ୍କୋୟାର' ମଇଦାନରେ । ଏହି ଭାଷଣରୁ କିଛି ଉଦ୍ଧୃତି :


ତଦାନୀନ୍ତନ 'ବିଡ଼ନ୍ ସ୍କୋୟାର୍' ମଇଦାନ

''... ଶେଷରେ (ସରକାରଙ୍କର) ଏହି ଦମନ ଓ ଅତ୍ୟାଚାରର ପ୍ରକୃତ ରୂପ କ'ଣ ? ... ଅନ୍ୟ ଦେଶମାନଙ୍କୁ ସେମାନଙ୍କର ସ୍ୱାଧୀନତା ପାଇଁ ଯେମିତି ମୂଲ୍ୟ ଦେବାକୁ ପଡ଼ିଛି ତାହା ତୁଳନାରେ ଏହା କିଛି ବି ନୁହେଁ । ... ନିଜ ଲକ୍ଷ୍ୟ ଲାଭ ଦିଗରେ ପ୍ରଶଂସନୀୟ ଅଗ୍ରଗତି କରିବା ପୂର୍ବରୁ ସେମାନଙ୍କୁ ଏହା ଅପେକ୍ଷା ଅନେକ ଅଧିକ ଦୁଃଖଦୁର୍ଦ୍ଦଶା ଭୋଗ କରିବାକୁ ପଡ଼ିଛି । ଏହାହିଁ ହେଉଛି ଭଗବାନଙ୍କର ବିଧାନ । ... ଭାରତର ଭାଗ୍ୟାକାଶରେ ସୂର୍ଯ୍ୟ ଉଦିତ ହେବ ଏବଂ ସମଗ୍ର ଭାରତବର୍ଷକୁ ନିଜର କିରଣ ଓ ଆଲୋକରେ ଉଦ୍ଭାସିତ କରିଦେବ ଏବଂ ଆଲୋକର ସେହି ପ୍ଲାବନରେ ଭାରତ, ଏସିଆ ଓ ସାରା ପୃଥିବୀ ପରିପ୍ଲାବିତ ହୋଇଉଠିବ । ଭଗବାନ୍ ସେହି ଯେଉଁ ଗୌରବୋଜ୍ଜ୍ୱଳ ଦିବସଟିକୁ ଆମ ପାଇଁ ବିଧିନିର୍ଦ୍ଦିଷ୍ଟ କରି ରଖିଛନ୍ତି – ପ୍ରତ୍ୟେକଟି କ୍ଷଣ, ପ୍ରତ୍ୟେକଟି ମୁହୂର୍ତ୍ତ ଆମକୁ ତାହାରହିଁ ଅଧିକ ନିକଟବର୍ତ୍ତୀ କରି ଆଗେଇ ନେଉଛି ।'' (ସମଗ୍ର ଭାଷଣଟି ''The Sun of India's Destiny'' ଶିରୋନାମାରେ ପ୍ରକାଶିତ ।)

ଶ୍ରୀଅରବିନ୍ଦଙ୍କର ପରବର୍ତ୍ତୀ ଭାଷଣଟି ଥିଲା ପୂର୍ବବଙ୍ଗସ୍ଥ ବେକାରଗଞ୍ଜର ବରିଶାଲ ଜିଲ୍ଲାରେ – ୧୯ ଜୁନ୍, ୧୯୦୯, ଶନିବାର ଅପରାହ୍ଣରେ ।

କଲିକତାରୁ ଶ୍ରୀଅରବିନ୍ଦ କତିପୟ ବରେଣ୍ୟ ନେତା ଓ ପ୍ରତିନିଧିଗଣଙ୍କ ସହିତ ୧୬ ଜୁନ୍, ବୁଧବାରରେ ଯାତ୍ରାରମ୍ଭ କରି ଫରିଦ୍‌ପୁର, ପୂର୍ବବଙ୍ଗ ଓ ଆସାମ ଇତ୍ୟାଦି ସ୍ଥାନ ପରିଦର୍ଶନ କରି ୧୮ ତାରିଖ ସନ୍ଧ୍ୟାରେ ବରିଶାଲର ଝଲକାଟି ଷ୍ଟିମର ଘାଟରେ ପହଞ୍ଚିଲେ । ଝଲକାଟି ଓ ଆଖପାଖ ଗ୍ରାମର ନେତୃସ୍ଥାନୀୟ ସମ୍ଭ୍ରାନ୍ତ ବ୍ୟକ୍ତିଗଣଙ୍କ ସମେତ ପ୍ରାୟ ହଜାରେ ହେବେ ସ୍ଥାନୀୟ ଜନତା ଏକତ୍ରିତ ହୋଇ 'ବନ୍ଦେ ମାତରମ୍' ଧ୍ୱନିରେ ଚତୁର୍ଦ୍ଦିଗ କମ୍ପାଇ ଆଗନ୍ତୁକ ବ୍ୟକ୍ତିଙ୍କୁ ଷ୍ଟିମର ଘାଟରେ ସାଦର ଅଭ୍ୟର୍ଥନା ଜଣାଇଲେ । ଏବଂ ରୁଚିସମ୍ମତ ଭାବରେ ସଜ୍ଜିତ ବାବୁ ରାଜେନ୍ଦ୍ର ପାଲ ଚୌଧୁରୀଙ୍କ ବାସଭବନକୁ ପାଛୋଟି ନେଲେ । ରାଜେନ୍ଦ୍ର ବାବୁ ଶ୍ରୀଅରବିନ୍ଦଙ୍କୁ ମାଲ୍ୟାର୍ପଣ କଲେ । ବାବୁ ବନମାଳୀ ରାୟ ଏକ ସଂକ୍ଷିପ୍ତ ମର୍ମସ୍ପର୍ଶୀ ଭାଷଣରେ ଶ୍ରୀଅରବିନ୍ଦଙ୍କୁ ଅଭ୍ୟର୍ଥନା ଜଣାଇ ଏକ ନୂତନ ବସ୍ତ୍ର ଉପହାର ଦେଲେ । ...



ବ୍ରହ୍ମପୁତ୍ର ନଦୀ ବକ୍ଷରୁ ବରିଶାଲ ଅଞ୍ଚଳର ଏକ ସାଧାରଣ ଦୃଶ୍ୟ